




RNI REGD NO: 42041/83
www.sakalaepaper.com
/sakalanews
/sakalanews
www.thesakala.in

# ସକାଳ
THE SAKALA

PRINTED AT BHUBANESWAR ■ JEYPORE ■ SAMBALPUR ■ PANIKOILI

♦VOLUME- 41 ♦ISSUE-348 ♦BHUBANESWAR ♦FRIDAY ♦14 JUNE 2024 ♦PAGE-16 ♦₹ 6.00

♦ବର୍ଷ-୪୧ ♦ସଂଖ୍ୟା-୩୪୮ ♦ଭୁବନେଶ୍ୱର ♦ଶୁକ୍ରବାର ♦୧୪ ଜୁନ ୨୦୨୪ ♦ପୃଷ୍ଠା-୧୬ ♦ଟ.୬.୦୦







# ଖୋଲିଲା ଶ୍ରୀମନ୍ଦିର ଚାରିଦ୍ୱାର



■ **ପୁରୀ, ୧୩।୬ (ସମିସ):** ଏଣିକି ଶ୍ରୀମନ୍ଦିରର ସବୁ ଦ୍ୱାର ଦେଇ ପ୍ରବେଶ କରିପାରିବେ ଶ୍ରଦ୍ଧାଳୁ। ଗୁରୁବାର ଭକ୍ତଙ୍କ ନିମନ୍ତେ ଖୋଲିଛି ବଡ଼ଦେଉଳର ଚାରିଦ୍ୱାର। ରାଜ୍ୟରେ ବିଜେପିର ନୂଆ ସରକାରର ପ୍ରଥମ କ୍ୟାବିନେଟ ବୈଠକରେ ଏହି ପ୍ରସ୍ତାବ ଉପରେ ବାଜିଥିଲା ମୋହର। ସେହି ଅନୁଯାୟୀ, ଆଜି ସକାଳେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ, ଉପ-ମୁଖ୍ୟମନ୍ତ୍ରୀ କନକ ବର୍ଦ୍ଧନ ସିଂହଦେଓ ଓ ପ୍ରଭାତୀ ପରିଡ଼ାଙ୍କ ସମେତ ନୂତନ ମନ୍ତ୍ରି ପରିଷଦର ସମସ୍ତ ସଦସ୍ୟଙ୍କ ଉପସ୍ଥିତିରେ ଖୋଲିଥିଲା ଶ୍ରୀମନ୍ଦିରର ଚାରିଦ୍ୱାର। ସମସ୍ତେ ମହାପ୍ରଭୁଙ୍କୁ ଦର୍ଶନ କରିବା ସହ ଆଶୀର୍ବାଦ ନେଇଥିଲେ। ମୁଖ୍ୟମନ୍ତ୍ରୀ ମାଝୀ ମହାପ୍ରଭୁଙ୍କ ନିକଟରେ ରାଜ୍ୟବାସୀଙ୍କ ସୁଖ, ସମୃଦ୍ଧି କାମନା କରିବା ସହ ନୂଆ ସରକାର କିପରି ଲୋକଙ୍କ ସେବାରେ ସଠିକ ଢଙ୍ଗରେ ଆଗକୁ ବଢ଼ିବ ସେ ନେଇ ପ୍ରାର୍ଥନା କରିଥିଲେ।

କୋଭିଡ଼ ମହାମାରୀ ପରଠାରୁ ଶ୍ରୀମନ୍ଦିର ଦର୍ଶନ ବ୍ୟବସ୍ଥା ଉପରେ ବିଭିନ୍ନ ସମୟରେ ଲାଗୁ ହୋଇଥିଲା କଟକଣା। କେବଳ ସିଂହଦ୍ୱାର ଦେଇ ପ୍ରବେଶ କରୁଥିଲେ ଭକ୍ତ। ପରବର୍ତ୍ତୀ ସମୟରେ ପରିକ୍ରମା ପ୍ରକଳ୍ପ କାମ ପାଇଁ ଏହି କଟକଣା ଅବଧିକୁ ବଢ଼ାଇ ଦିଆଯାଇଥିଲା। ହେଲେ ଏହାକୁ ନେଇ ତୀବ୍ର ବିରୋଧ ହେବା ପରେ ୨୦୨୩ ଜୁଲାଇ ୨୪ ତାରିଖରେ କେବଳ ପୁରୀବାସୀଙ୍କୁ ପରିଚୟପତ୍ର ଦେଖାଇ ପଶ୍ଚିମଦ୍ୱାର ଦେଇ ଯିବାକୁ ଅନୁମତି ମିଳିଥିଲା ଏବଂ ଅନ୍ୟ ଭକ୍ତମାନେ ସିଂହଦ୍ୱାର ଦେଇ ଭିତରକୁ ଯାଉଥିଲେ। ଏଭଳି ବ୍ୟବସ୍ଥାକୁ ନେଇ ଅସନ୍ତୋଷ ବ୍ୟକ୍ତ କରିଆସୁଥିଲେ ଶ୍ରଦ୍ଧାଳୁ। କାରଣ ଗୋଟିଏ ଦ୍ୱାରରେ ପ୍ରବେଶ ଅନୁମତି ଥିବାରୁ ବାହାରେ ଘଣ୍ଟା ଘଣ୍ଟା ଧରି ଅପେକ୍ଷା କରିବାକୁ ପଡୁଥିଲା। ମହାପ୍ରସାଦ ପାଇଁ ଚାହୁଁଥିବା ଲୋକଙ୍କୁ ଆନନ୍ଦ ବଜାର ଭିତରକୁ ଉତ୍ତର ଦ୍ୱାର ବାଟେ ଛଡାଯାଉ ନ ଥିଲା। ଖରା, ବର୍ଷାରେ ଶ୍ରଦ୍ଧାଳୁମାନେ ବଡ଼ଦାଣ୍ଡରେ ଲମ୍ବା ଧାଡିରେ ଛିଡା ହେଉଥିଲେ। ଏହାର ସମାଧାନ ପାଇଁ ମରିଚିକୋଟ ଛକଠାରୁ ଶ୍ରୀମନ୍ଦିର ପ୍ରଶାସନ କାର୍ଯ୍ୟାଳୟ ପର୍ଯ୍ୟନ୍ତ ଏସି ଶେଡ୍ ମଧ୍ୟ ନିର୍ମାଣ କରାଯାଇଥିଲା। ହେଲେ ଏହାକୁ ନେଇ ସନ୍ତୁଷ୍ଟ ନ ଥିଲେ ଶ୍ରଦ୍ଧାଳୁ। ଶ୍ରୀମନ୍ଦିର ଚାରିଦ୍ୱାରରେ ପ୍ରବେଶ ଅନୁମତି ଦେବାଲାଗି ଦାବି କରିଆସୁଥିଲେ। ତେଣୁ ଚଳିତ ସାଧାରଣ ନିର୍ବାଚନରେ ପ୍ରଚାର ବେଳେ ଏହାକୁ ପ୍ରସଙ୍ଗ କରିଥିଲା ବିଜେପି। ଦାୟିତ୍ୱ ଗ୍ରହଣ କରିବାର ୬ ଘଣ୍ଟା ମଧ୍ୟରେ ଶ୍ରୀମନ୍ଦିର ଚାରିଦ୍ୱାର ଖୋଲାଯିବ ବୋଲି କହିଥିଲା। ରାଜ୍ୟରେ ବିଜେପି ଆସିବା ପରେ ବୁଧବାର ଅନୁଷ୍ଠିତ ପ୍ରଥମ କ୍ୟାବିନେଟ ବୈଠକରେ ଏହା ▶ପୃଷ୍ଠା-୯

**ମହାପ୍ରଭୁଙ୍କୁ ଦର୍ଶନ କଲେ ନୂଆ ମୁଖ୍ୟମନ୍ତ୍ରୀ ଓ ଦୁଇ ଉପମୁଖ୍ୟମନ୍ତ୍ରୀ**

**ମନ୍ତ୍ରିମଣ୍ଡଳର ଅନ୍ୟ ସଦସ୍ୟ ମଧ୍ୟ ମହାପ୍ରଭୁଙ୍କ ଆଶୀର୍ବାଦ ନେଲେ**

**ପରିକ୍ରମା ମାର୍ଗ ପ୍ରଦକ୍ଷିଣ କଲେ, ଚାରିଦ୍ୱାର ସ୍ଥିତି ପରଖିଲେ**



**ନିଟ୍ -ୟୁଜି ବିବାଦ**

# ଜୁନ୍ ୨୩ରେ ପୁଣି ପରୀକ୍ଷା

**ରଦ୍ଦ ହେବ ୧୫୬୩ ପ୍ରାର୍ଥୀଙ୍କ ସ୍କୋର କାର୍ଡ**

■ **ନୂଆଦିଲ୍ଲୀ, ୧୩।୬ (ଏଜେନ୍ସି):** ନିଟ୍ -ୟୁଜି ୨୦୨୪ ପରୀକ୍ଷା ଫଳାଫଳକୁ ନେଇ ବିବାଦ ଜାରି ରହିଥିବା ବେଳେ ଏହି ପ୍ରସଙ୍ଗରେ ଗୁରୁବାର କେନ୍ଦ୍ର ସରକାର ସୁପ୍ରିମକୋର୍ଟଙ୍କୁ ଏକ ବଡ଼ ନିଷ୍ପତ୍ତି ଶୁଣାଇଛନ୍ତି। ଚଳିତ ବର୍ଷ ପରୀକ୍ଷାର୍ଥୀଙ୍କ ମଧ୍ୟରୁ ଯେଉଁ ୧୫୬୩ ପ୍ରାର୍ଥୀଙ୍କୁ ଗ୍ରେସ ମାର୍କ ଦିଆଯାଇଥିଲା ତାହାକୁ ରଦ୍ଦ କରାଯିବା ସହିତ ସେମାନେ ଚାହିଁଲେ ଜୁନ ୨୩ରେ ପୁଣି ଥରେ ପରୀକ୍ଷା ଦେଇପାରିବେ ବୋଲି ନିଟ୍ ପରୀକ୍ଷା ଆୟୋଜନକାରୀ ସଂସ୍ଥା ଏନଟିଏ (ନ୍ୟାସନାଲ ଟେଷ୍ଟିଂ ଏଜେନ୍ସି) ସୁପ୍ରିମକୋର୍ଟଙ୍କୁ ଅବଗତ କରିଛି। ଜଷ୍ଟିସ୍ ବିକ୍ରମନାଥ ଏବଂ ଜଷ୍ଟିସ୍ ସନ୍ଦୀପ ମେହତାଙ୍କ ଦ୍ୱାରା ଗଠିତ ଅବସରକାଳୀନ ଖଣ୍ଡପୀଠ ଏହି ପ୍ରସଙ୍ଗରେ ଶୁଣାଣି କରୁଥିଲା ବେଳେ ଗୁରୁବାର ଏନଟିଏ କହିଛି ଯେ, ଗ୍ରେସ ମାର୍କ ପାଇଥିବା ୧୫୬୩ ପରୀକ୍ଷାର୍ଥୀଙ୍କ ସ୍କୋର କାର୍ଡ ରଦ୍ଦ କରାଯିବା ସହିତ ସେମାନେ ପାଇଥିବା ମୂଳ ମାର୍କ ସେମାନଙ୍କୁ ଜଣାଇ ଦିଆଯିବ। ଯଦି ଏହି ମୂଳ ମାର୍କକୁ ସେମାନେ ଗ୍ରହଣ କରନ୍ତି ▶ପୃଷ୍ଠା-୯

**ନାବାଳିକା ଯୌନ ଉତ୍ପୀଡ଼ନ ମାମଲା**

# ଗିରଫ ହେବେ ୟେଦୁରପ୍ପା



■ **ବେଙ୍ଗାଲୁରୁ, ୧୩।୬ (ଏଜେନ୍ସି):** କର୍ଣ୍ଣାଟକର ବରିଷ୍ଠ ବିଜେପି ନେତା ପୂର୍ବତନ ମୁଖ୍ୟମନ୍ତ୍ରୀ ବିଏସ୍ ୟେଦ୍ୟୁରାପ୍ପା ଜଣେ ୧୭ ବର୍ଷୀୟା ବାଳିକାକୁ ଯୌନ ଉତ୍ପୀଡ଼ନ ଦେଇଥିବା ଅଭିଯୋଗରେ ଗିରଫ ହୋଇପାରନ୍ତି। ବେଙ୍ଗାଲୁରୁ ପୁଲିସ୍ ନାବାଳିକାର ମା'ଙ୍କ ଲିଖିତ ଅଭିଯୋଗ ପାଇବା ପରେ ୟେଦ୍ୟୁରାପ୍ପାଙ୍କୁ ଅଭିଯୁକ୍ତ ଦର୍ଶାଇ ଗତ ମାର୍ଚ୍ଚ ୧୪ ତାରିଖରେ ମାମଲା ପଞ୍ଜିକୃତ କରିଛି। କ୍ରିମିନାଲ୍ ଇନ୍‌ଭେଷ୍ଟିଗେସନ୍ ଡିପାର୍ଟମେଣ୍ଟ ବା ସିଆଇଡି ବର୍ତ୍ତମାନ ଏହି ପ୍ରୋଟାକ୍ସନ୍ ଅଫ୍ ଚିଲଡ୍ରେନ୍ ଫ୍ରମ୍ ସେକ୍ସୁଆଲ୍ ଅଫେନ୍‌ସେସ୍ ବା ପୋକ୍‌ସୋ (ନାବାଳିକ/ନାବାଳିକାଙ୍କୁ ଯୌନ ଉତ୍ପୀଡ଼ନରୁ ସୁରକ୍ଷା) ମାମଲାର ତଦନ୍ତ ଚଳାଇଛି ଓ ଜେରାର ସମ୍ମୁଖୀନ ହେବା ନିମନ୍ତେ ସିଆଇଡି ଦପ୍ତରରେ ଯଥାଶୀଘ୍ର ହାଜର ହେବାକୁ ୟେଦ୍ୟୁରାପ୍ପାଙ୍କୁ ସମନ ଜାରି କରିଛି। ଏହା ବ୍ୟତୀତ ୟେଦ୍ୟୁରାପ୍ପାଙ୍କ ନାମରେ ଗିରଫ ପରୱାନା ଜାରି ନିମନ୍ତେ ସିଆଇଡି ଆଜି ବେଙ୍ଗାଲୁରୁର ସ୍ୱତନ୍ତ୍ର ଅଦାଲତଙ୍କୁ ଆବେଦନ କରିଛି।

ଅନ୍ୟପକ୍ଷରେ ୟେଦ୍ୟୁରପ୍ପା ଏବେ ଦିଲ୍ଲୀରେ ଥିବାବେଳେ ତାଙ୍କ ବିରୋଧରେ ପଞ୍ଜିକୃତ ପୋକ୍‌ସୋ ମାମଲା ରଦ୍ଦ କରାଯିବା ନିମନ୍ତେ ୟେଦ୍ୟୁରାପ୍ପାଙ୍କ ପକ୍ଷରୁ ଗତକାଲି କର୍ଣ୍ଣାଟକ ହାଇକୋର୍ଟରେ ପିଟିସନ୍ ଫାଇଲ୍ କରାଯାଇଛି। ତିନିଦିନ ତଳେ ସ୍ୱତନ୍ତ୍ର ଅଦାଲତରେ ନାବାଳିକାଙ୍କ ପରିବାର ପକ୍ଷରୁ ଓକିଲ ଏସ୍ ବାଲାନ ଏକ ରିଟ୍ ପିଟିସନ୍ ଫାଇଲ୍ କରିଛନ୍ତି। ସେଥିରେ ୟେଦ୍ୟୁରାପ୍ପାଙ୍କୁ ଗିରଫ କରାଯିବା ପ୍ରାର୍ଥନା ରହିଛି। ଅଦାଲତଙ୍କ ନଜରକୁ ଅଣାଯାଇଛି ଯେ ଗତ ମାର୍ଚ୍ଚ ୧୪ରେ ମାମଲା ପଞ୍ଜିକୃତ ହେଇଥିଲା। ଦୁଇ ମାସ ▶ପୃଷ୍ଠା-୯











# ମୋହନଙ୍କ ନାମରେ ନକଲି ଆକାଉଣ୍ଟ

**ସ୍ପଷ୍ଟୀକରଣ ଦେଲା ସୂଚନା ଓ ଲୋକସଂପର୍କ ବିଭାଗ**

■ **ଭୁବନେଶ୍ୱର, ୧୩।୬(ସମିସ):** କେହି ଦୁର୍ବୃତ୍ତ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କ ଫଟୋକୁ ବ୍ୟବହାର କରି ତାଙ୍କ ନାଁରେ ଏକ ଫେକ୍ 'ଏକ୍ସ' ଆକାଉଣ୍ଟ ଖୋଲିଛି। ସେହି ଆକାଉଣ୍ଟରେ '୫-ଟି' ଓ 'ମୋ ସରକାର' ବନ୍ଦ ସଂକ୍ରାନ୍ତ ଏକ ଫେକ୍ ନ୍ୟୁଜ୍ ପୋଷ୍ଟ କରାଯାଇଛି। ଏହାପରେ ସୂଚନା ଓ ଲୋକସଂପର୍କ ବିଭାଗ ପକ୍ଷରୁ ଏନେଇ ସ୍ପଷ୍ଟୀକରଣ ଦିଆଯାଇଛି। ଏଥିସହ ଫେକ୍ ଓ ପ୍ରକୃତ ଆଇଡିର ହୋମ୍ ପେଜ୍‌କୁ ପୋଷ୍ଟ କରାଯାଇଛି। ଏହି ପୋଷ୍ଟରୁ ଦେଖିବାକୁ ମିଳିଛି ଦୁଇଟି(ଫେକ୍ ଓ ପ୍ରକୃତ)ର ମାଷ୍ଟହେଡ୍ ସମାନ ରହିଥିଲା ବେଳେ ଫେକ୍ ଆକାଉଣ୍ଟର ୟୁଜର୍ସ ନାମ 'ମୋହନମାଝୀବିଜେପି' ଲେଖାଥିବା ବେଳେ ଅସଲ ଆକାଉଣ୍ଟ ହେଉଛି 'ମୋହନମୋଓଡ଼ିଶା'। ଏହି ସମାନ ୟୁଜର୍ସ ନାମରେ ମୁଖ୍ୟମନ୍ତ୍ରୀଙ୍କର ଫେସ୍‌ବୁକ୍ ଓ ଟ୍ୱିଟର୍ ଆକାଉଣ୍ଟ ମଧ୍ୟ ରହିଛି।

## ଲୋକକଥା



ଡବଲ ଇଞ୍ଜିନ ଶାସନ ଚାଲିଲା
ଖୋଲିଲେ ଚାରି ଦୁଆର,
ଧାନର ଏମ୍ଏସ୍‌ପି ବଢ଼େଇବା ପାଇଁ
ସନ୍ତକ କଲେ ସତ୍ୱର ।
ଅନେଇଚନ୍ତି ଭୋଟର,
ମହାନଦୀ ଶୋଷ ମେଣ୍ଟେଇବେ କେବେ
ହେଲାଣି ଫୁଲ ସର୍କାର !!



# ମାଟି ମା'ର ପର୍ବ ରଜ

ଉତ୍କଳର ପର୍ବପର୍ବାଣି ନିଜସ୍ୱ ମହିମାରେ ମହିମାନ୍ୱିତ। ଋତୁ ଅନୁସାରେ ଆମେ ଅନେକ ପର୍ବ ପାଳିଥାଉ। ସେମିତି ଗ୍ରୀଷ୍ମ ଓ ବର୍ଷା ଋତୁର ସନ୍ଧିକ୍ଷଣରେ ଭିଜାମାଟିର ବାସ୍ନା ନେଇ ଆସେ ଗଣପର୍ବ ରଜ। ଏହା ଓଡ଼ିଶାର ଏକାନ୍ତ ନିଜସ୍ୱ ଓ ଜାତୀୟ ପର୍ବ। ପୃଥିବୀ ବା ବସୁଧାମାତା ପ୍ରତି ସମ୍ମାନବୋଧ ଓ କୃତଜ୍ଞତା ରଜପର୍ବର ମୂଳତତ୍ତ୍ୱ। ଏହା ମାଟି ମା'ର ପର୍ବ। ପ୍ରଥମ ବର୍ଷାର ପହିଲି ପସରା ମାଟି ଛୁଇଁଲେ ଆର୍ଦ୍ର ହୋଇ ଉଠେ ଧରିତ୍ରୀ ମାତା। ସବୁଆଡ଼େ ଭରିଯାଏ ଶୀତଳତା। କୃଷି ନାହିଁ ତ ସଂସ୍କୃତି ନାହିଁ। ସେଥିପାଇଁ କୃଷି ପର୍ବ ରଜ ପ୍ରକୃତି ସର୍ଜନାର ସଙ୍କେତ ବହନ କରିଥାଏ। ସାରା ବିଶ୍ୱରେ ପ୍ରକୃତିକୁ ନେଇ ଏମିତି ଏକ ପର୍ବର ପରିକଳ୍ପନା ହୁଏତ ଆଉ କୋଉଠି ନ ଥିବ।



ଉତ୍କଳୀୟ ସଂସ୍କୃତିର ଆନନ୍ଦ ଉଲ୍ଲାସ, ସର୍ବାଧିକ ଲୋକପ୍ରିୟ ଓ ବୈଶିଷ୍ଟ୍ୟମୟ ଅବସର ରଜ। ବର୍ଷକରେ ଥରେ ଆସୁଥିବା ଏହି କୃଷିଭିତ୍ତିକ ପର୍ବକୁ ଗ୍ରାମାଞ୍ଚଳଠାରୁ ଆରମ୍ଭ କରି ସହରାଞ୍ଚଳ ପର୍ଯ୍ୟନ୍ତ ପ୍ରତିଟି ଓଡ଼ିଆ ପରିବାର ବେଶ୍ ଧୁମ୍‌ଧାମରେ ପାଳନ କରିଥାନ୍ତି। କୃଷି ଓଡ଼ିଶାର ମୁଖ୍ୟ ଜୀବିକା ହୋଇଥିବାରୁ ମାଟି ମା'କୁ ବିଶ୍ରାମ ଦେବା ଏହି ପର୍ବ ପାଳନର ମୁଖ୍ୟ ଉଦ୍ଦେଶ୍ୟ। ପ୍ରକୃତି ସୃଷ୍ଟି କରିଛି ବର୍ଷା ଆଉ ବର୍ଷାକୁ ସ୍ୱାଗତ କରି ସୃଷ୍ଟି ହୋଇଛି ରଜ ପର୍ବ।



ଜ୍ୟୋତିଷ ଶାସ୍ତ୍ର ଅନୁସାରେ, ସୂର୍ଯ୍ୟ ବୃଷ ରାଶିକୁ ତ୍ୟାଗକରି ଯେଉଁ ଦିନ ମିଥୁନ ରାଶିରେ ପ୍ରବେଶ କରନ୍ତି, ତା'ର ପୂର୍ବଦିନ ଓ ପରଦିନକୁ ମିଶାଇ ମୋଟ ତିନିଦିନ ଧରି ରଜପର୍ବ ପାଳନ କରାଯାଏ। ସାଧାରଣତଃ କୃଷକମାନେ ରଜସଂକ୍ରାନ୍ତି ପୂର୍ବରୁ କ୍ଷେତରେ ଧାନ ବୁଣି ବର୍ଷାର ଆଗମନକୁ ଅପେକ୍ଷା କରିଥାନ୍ତି। ଆଷାଢ଼ର ପ୍ରଥମ ବର୍ଷାରେ ପୃଥିବୀ ଶୀତଳ ହେବା ସହ ପ୍ରଜନନକ୍ଷମ ହୋଇଥାଏ। ପୃଥିବୀମାତାର ଏହି ଅବସ୍ଥାକୁ ରଜସ୍ୱଳା ନାରୀ ସହ ତୁଳନା କରି ପୂର୍ଣ୍ଣ ବିଶ୍ରାମ ଦିଆଯାଏ। ଏଥିସହିତ କୃଷି କର୍ମରୁ ଅବ୍ୟାହତି ନେଇ ଆନନ୍ଦ ଉଲ୍ଲାସରେ ମାତିଯାନ୍ତି କୃଷକ ସମାଜ। ବିଭିନ୍ନ ପ୍ରକାର ପିଠାପଣାରେ ମହକିଯାଏ ଓଡ଼ିଶାର ପୁରପଲ୍ଲୀ। ରଜପାନ ଖିଆ, ଦୋଳିରେ ଝୁଲିବା, ଲୁଡ଼ୁ, ତାସ୍ ଓ ବାଗୁଡ଼ି ଖେଳ ମଧ୍ୟରେ ପୂରି ଉଠେ ଓଡ଼ିଶାର ପୁରପଲ୍ଲୀ। ରଜ ତିନିଦିନ ମଧ୍ୟରୁ ପ୍ରଥମ ଦିନ ପହିଲି ରଜ, ଦ୍ୱିତୀୟ ଦିନ ରଜ ସଂକ୍ରାନ୍ତି ଏବଂ ତୃତୀୟ ଦିନ ଭୂମି ଦହନ। ଏହି ତିନି ଦିନ ପରେ ଶେଷ ଦିନ ବସୁମତୀ ସ୍ନାନ କରାଯାଇଥାଏ। ଯେପରି ଏକ ରଜସ୍ୱଳା ନାରୀ ମୋଟ ୪ ଦିନ ପାଇଁ ଅଛୁଆଁ ରୁହେ, ସେପରି ବସୁଧା ମାତାଙ୍କୁ ଏହି ଚାରିଦିନ ଅକ୍ଷତ ଓ ଅସ୍ପର୍ଶ୍ୟ କରି ରଖାଯାଏ। ଧରିତ୍ରୀ ନିଜେ ରଜସ୍ୱଳିତ ହୋଇ ନିଜ ସନ୍ତାନ ପାଇଁ ଶସ୍ୟ ଉତ୍ପାଦନକ୍ଷମତା ବଢ଼ାଏ। ଏହି ସମୟରେ ପୃଥିବୀ ମାତାକୁ ଆଘାତ ନ ଦେବା ପାଇଁ କୃଷାଣମାନେ ଖାଲି ପାଦରେ ଚାଲନ୍ତି ନାହିଁ। ଏହି ପର୍ବର ମୁଖ୍ୟ ଆକର୍ଷଣ ହେଉଛି ରଜପାନ ଓ ପୋଡ଼ପିଠା। ଘରେ ଘରେ ପୋଡ଼ପିଠା ସହିତ ବିଭିନ୍ନ ପ୍ରକାର ପିଠା ହୋଇଥାଏ। ଗାଁଠୁ ସହର ପୋଡ଼ପିଠାରେ ମହକି ଉଠେ ସାରା ଓଡ଼ିଶା। ନିୟମିତ ରୋଷେଇ କରିବା ହେଉଛି ମହିଳାଙ୍କ କାର୍ଯ୍ୟ। କିନ୍ତୁ ରଜରେ ଧରିତ୍ରୀ ମାତାଙ୍କୁ ଯେପରି ବିଶ୍ରାମ ଦିଆଯାଏ ସେପରି ଝିଅ, ବୋହୂମାନଙ୍କୁ ବିଶ୍ରାମ ଦିଆଯାଏ। ଝିଅ ବୋହୂମାନେ ଏକାଠି ହୋଇ ଦୋଳି ଖେଳିବା ସହ ଘରେ ବସି ତାସ୍ ଓ ଲୁଡୁ ଖେଳିଥାନ୍ତି। ଏହି ସମୟରେ ନୂଆ ବାହା ହୋଇଥିବା ଝିଅଟି ଘରୁ ରଜଭାର ଆସିଥାଏ। କୁଆଁରୀ ଝିଅମାନେ ଅତି ଆନନ୍ଦରେ ରଜରେ ନୂଆ ପୋଷାକ ପିନ୍ଧି, ମଥାରେ କୁଙ୍କୁମ, ପାଦରେ ଅଳତା ଓ ଅନ୍ୟ ଶୃଙ୍ଗାର କରି ରଜଦୋଳିର ଆନନ୍ଦ ଉଠାନ୍ତି। ଗାଁ ଗହଳିରେ ଝିଅମାନେ ଦୋଳି ଖେଳି ଗୀତ ଗାଉଥାନ୍ତି...

"ବନସ୍ତେ ଡାକିଲା ଗଜ,
ବରଷକେ ଥରେ ଆସିଛି ରଜ,
ଆସିଛି ରଜ ଲୋ ଘେନି ନୂଆ ସଜବାଜ ॥"
"ରଜ ଦୋଳି କଟ ମଟ,
ମୋ ଭାଇ ମଥାରେ ସୁନା-ମୁକୁଟ,
ସୁନା ମୁକୁଟ ଲୋ ଦିଶୁଥାଏ ଝଟଝଟ ॥"

ମାତୃଜାତି ମଧ୍ୟରେ ଉତ୍ସାହ, ଉନ୍ମାଦନା ଓ ନୂତନ ଶକ୍ତି ଜାଗ୍ରତ କରିବା ପାଇଁ ପାଳନ କରାଯାଇଥାଏ ରଜପର୍ବ। ଏହି ଦିନଗୁଡ଼ିକର ରୀତିନୀତିରେ ସମ୍ପୂର୍ଣ୍ଣ ଓଡ଼ିଆ ଘରର ଚଳଣି ପ୍ରତିଫଳିତ ହୋଇଥାଏ। କିନ୍ତୁ ଆଧୁନିକତାର ଛାପରେ ଯଦିଓ ପୂର୍ବଭଳି ରଜପର୍ବ ଗାଁରେ ଏକାଠି ପାଳନ କରିବାର ପରମ୍ପରା ଆଉ ନାହିଁ, ତଥାପି ରଜପର୍ବ ପାଇଁ ଉତ୍ସାହ କମିନାହିଁ।

## ଆଧୁନିକତାର ଛାପ





ଓଡ଼ିଆ ଜାତିର ଗଣପର୍ବ ରଜ ଆଉ ଗଣଙ୍କର ହୋଇ ରହିନାହିଁ। ଅଧିକାଂଶ କ୍ଷେତ୍ରରେ ଏହା ଶବ୍ଦ ଭିତରେ ଲୁକ୍କାୟିତ ହୋଇ ରହିଯାଇଛି। ରଜୋତ୍ସବର ପାରମ୍ପରିକ ମାଦକତା କମି କମି ଆସୁଛି। ପୂର୍ବରୁ ରଜ ଆସିଲେ ମାସକ ପୂର୍ବରୁ ଏଥିପାଇଁ ପ୍ରସ୍ତୁତି ଆରମ୍ଭ ହେଉଥିଲା। ନୂଆ ବାହା ହୋଇଥିବା ଝିଅ ଘରକୁ ରଜଭାର ଯିବା ପାଇଁ ବଜାରରୁ ଭଳିକିଭଳି ଫଳ କିଣାଯାଉଥିଲା। ଲୋକେ ମଧ୍ୟ ପରିବାରର ସମସ୍ତ ସଦସ୍ୟଙ୍କ ପାଇଁ ନୂଆ ପୋଷାକ କିଣୁଥିଲେ। ସହର ବଜାରରେ ରହୁଥିବା ଲୋକେ ଛୁଟି ନେଇ ଆସୁଥିଲେ ଗାଁରେ ପରିବାର ସହିତ ରଜ ପାଳିବା ପାଇଁ। ଏବେ ରଜ କହିଲେ ତିନି ଦିନରେ ତିନୋଟି ପୋଷାକ କିଣି ପିନ୍ଧିବା ଓ ହୋଟେଲଗୁଡ଼ିକରେ ପ୍ରସ୍ତୁତ ଭଳିକି ଭଳି ପିଠା ଓ ମିଠା ଖାଇବା ଭିତରେ ସୀମିତ ହୋଇଯାଇଛି। ଚୁଲି ପୋଡ଼ପିଠାର ସ୍ଥାନ ନେଇଛି ଓଭାନ୍ ଓ ପ୍ରେସର୍ କୁକର୍ ପିଠା। ପୂର୍ବରୁ ରଜରେ ତାସ୍ ଖେଳ, ବାଗୁଡ଼ି ଖେଳ ହେଉଥିଲା। ମୋବାଇଲ୍ ଜମାନାରେ ଆଉ ସେସବୁ ଦେଖିବାକୁ ମିଳୁନି। ସମସ୍ତେ ଡିଜାଟାଲ୍ ଦୁନିଆରେ ବ୍ୟସ୍ତ। ଏବେ ସହରଗୁଡ଼ିକରେ ହଜିଯାଉଥିବା ପରମ୍ପରାକୁ ପୁନର୍ଜୀବିତ କରିବା ପାଇଁ ରଜ ଉପଲକ୍ଷେ ପିଠା ପ୍ରତିଯୋଗିତା, ମେହେନ୍ଦି ପ୍ରତିଯୋଗିତା, ଦୋଳି ପ୍ରତିଯୋଗିତା, ରଜ ସମ୍ପର୍କୀୟ କୁଇଜ୍ ଆଦି ଆୟୋଜନ କରାଯାଉଛି। ସେହିଭଳି ପୂର୍ବଭଳି ଶିଳପୁଆ ନ ଥିବାରୁ ଏବେ ମହିଳାମାନେ ବସୁମତୀ ସ୍ନାନ ଦିନ ମନ୍ଦିର ଯାଇ ପୂଜା କରି ଆସୁଛନ୍ତି। ଯଦିଓ ଆଜି ଆଧୁନିକତାର ଛାପରେ ରଜ ପର୍ବ ତା'ର ପ୍ରାଧାନ୍ୟ ହରାଇଛି, ଏବେବି ଏହା ଉତ୍କଳୀୟ ସାଂସ୍କୃତିକ ଧାରାର ଏକ ଅଂଶ ହୋଇ ରହିଛି।



## ସବୁରି ମନ ରଜ ପାନ



ପ୍ରଚଣ୍ଡ ରୌଦ୍ରତାପରେ ମୌସୁମୀର ଆଗମନରେ, ପକ୍ୱ ଆମ୍ବ, ପଣସର ବାସ୍ନାରେ ଆସିଥାଏ ରଜ। ରଜ ପାଇଁ ଗାଁଠୁ ସହର ଉତ୍ସବମୁଖର। ରଜରେ ଘରେ ଘରେ ପିଠାପଣା, ଦୋଳିଖେଳ ସହ ରଜ ପାନର ମଜା ଉଠାଇଥାନ୍ତି ଲୋକେ। ଯେମିତି ସଜବାଜ ହେବା, ପୋଡ଼ପିଠା ଖାଇବା ଆଉ ଦୋଳି ଖେଳିବା ରଜ ସହ ଅଙ୍ଗାଙ୍ଗୀ ଭାବେ ଜଡ଼ିତ, ଠିକ୍ ସେମିତି ପାନଖିଆ ବି ଏହି ଗଣପର୍ବର ଏକ ବିଶେଷ ଆକର୍ଷଣ। ଅନ୍ୟ ଦିନମାନଙ୍କରେ ପାନ ନ ହେଲେ ନାହିଁ, କିନ୍ତୁ ରଜରେ ଝିଅମାନେ ପାନ ଖାଇବା ଥୟ। ଖିଲିପାନ ବିନା ତ ରଜ ଅଧୁରା। ସେଥିପାଇଁ ତ କୁହାଯାଏ "ବାଇଶି ମସଲା ଗୁଆ ଗୁଜୁରାତି ଆଉ ଚୂନ, ଖୋସାରେ ମାରି ଗୋଟେ ଲବଙ୍ଗ ମୁନ, ରଜ ବଜାରରେ ଖିଲିଖିଲି ହସେ ଖିଲିପାନ"। ମହାପ୍ରଭୁ ଜଗନ୍ନାଥ ତ ବିନା ପାନରେ ଶୁଅନ୍ତି ନାହିଁ। ରଜରେ ଘରେ ଘରେ ନାନା ପ୍ରକାର ବ୍ୟଞ୍ଜନ ପ୍ରସ୍ତୁତ ହୋଇଥାଏ। ରଜରେ ଆମେ ଅନେକ ପ୍ରକାର ଗରିଷ୍ଠ ଖାଦ୍ୟ, ବିଭିନ୍ନ ପ୍ରକାରର ପିଠା ଖାଇଥାଉ, ତେଣୁ ଏହାକୁ ହଜମ କରିବାକୁ ରଜରେ ମୁଖ୍ୟତଃ ପାନକୁ ଗୁରୁତ୍ୱ ଦିଆଯାଇଥାଏ। ଅନେକ ମଧ୍ୟ କୁହନ୍ତି ଆଗକାଳରେ ଲିପ୍‌ଷ୍ଟିକ୍ ନ ଥିବାରୁ ଓଠ ନାଲି କରିବାକୁ ଝିଅମାନେ ପାନ ଖାଉଥିଲେ। ସେଇଥିପାଇଁ ତ ପ୍ରତି ବର୍ଷ ରଜ ଆସିଲେ ଜମି ଉଠେ ପାନ ବଜାର। ପାନରେ ଗୁଆ, ପାନମଧୁରୀ, କେଶର, ରଙ୍ଗିନ ଶୁଖିଲା ନଡ଼ିଆ, ଖଜୁର, ଗୁଲକନ୍ଦ ପକାଇ ତ୍ରିକୋଣିଆ କରି ଲବଙ୍ଗମାରି ଦୋକାନୀମାନେ ଗ୍ରାହକମାନଙ୍କୁ ଦିଅନ୍ତି। ଏବେ ଲୋକେ ଅନ୍‌ଲାଇନ୍‌ରେ ଅର୍ଡର କରି ଘରେବସି ରଜପାନ ପାଇପାରୁଛନ୍ତି।



## ୩୩ ହଜାର ଫୁଟ ଉଚ୍ଚରେ ଷ୍ଟଣ୍ଟ ସିନ୍ କରିବେ ସଲମାନ୍



ବଲିଉଡ୍‌ର ଦବଙ୍ଗ ଖାନ୍ ସଲମାନ୍ ଖାନ୍ ଶେଷଥର ପାଇଁ ସ୍ୱାଏ ୟୁନିଭର୍ସର 'ଟାଇଗର୍-୩'ରେ ଦେଖାଯାଇଥିଲେ। ସେ ଜୁନ୍ ୧୮ ତାରିଖରୁ 'ସିକନ୍ଦର' ଫିଲ୍ମର ସୁଟିଂ ଆରମ୍ଭ କରିବେ। ଏହି କଥାଚିତ୍ରଟିର ନିର୍ଦ୍ଦେଶନା ଦେଉଛନ୍ତି ଏଆର ମୁରୁଗାଦୋସ। ସେ ଅମିର୍ ଖାନ୍‌ଙ୍କ ସୁପର୍‌ହିଟ୍ ଫିଲ୍ମ 'ଗଜନୀ'ର ନିର୍ଦ୍ଦେଶନା ଦାୟିତ୍ୱରେ ଥିଲେ। ତେବେ ସଲମାନ୍ ମୁମ୍ବାଇରୁ ଏହାର ସୁଟିଂ ଆରମ୍ଭ କରିବେ। ଏଥିରେ ସେ ଏରୋପ୍ଲେନ୍‌ରେ ଏକ ଆକ୍ସନ୍ ସିନ୍ କରୁଥିବାର ଦେଖାଯିବେ। ସଲମାନ୍ ସମୁଦ୍ର ପୃଷ୍ଠରୁ ୩୩ହଜାର ଫୁଟ ଉଚ୍ଚରେ ବିମାନରେ ଏହି ଆକ୍ସନ୍ ସିନ୍ କରିବେ। ଫିଲ୍ମର ନିର୍ମାତା ନିକଟରେ ଏ ସମ୍ପର୍କରେ ସୂଚନା ଦେଇଛନ୍ତି। ଏଥିରେ ସଲମାନ୍‌ଙ୍କ ବିପକ୍ଷରେ ଦେଖାଯିବେ ନେସନାଲ୍ କ୍ରସ୍ ରଶ୍ମିକା ମନ୍ଦାନା। ଏହାର ପ୍ରଯୋଜନା ଦାୟିତ୍ୱରେ ଉଭୟ ସଲମାନ୍ ଓ ସାଜିଦ୍ ନାଡିୟାଡୱାଲା ରହିଛନ୍ତି। ଏହାପୂର୍ବରୁ ଏହି ଯୋଡ଼ି 'କିକ୍' ଫିଲ୍ମ ନିର୍ମାଣ କରିଥିଲେ। 'ସିକନ୍ଦର' ୨୦୨୫ ଇଦ୍ ଅବସରରେ ଆସିବ। ସଲମାନ୍‌ଙ୍କ କାମ କଥା କହିବାକୁ ଗଲେ, ସେ ଏହି ଫିଲ୍ମ ବ୍ୟତୀତ 'ନୋ ଏଣ୍ଟ୍ରି-୨' ଓ 'ଦବଙ୍ଗ-୪'ରେ ମଧ୍ୟ ନଜର ଆସିବେ।

## ଆଜିର ଇତିହାସ

- ୧୯୦୭- ନରୱେରେ ମହିଳାଙ୍କୁ ମତଦାନ ଅଧିକାର ମିଳିଲା।
- ୧୯୧୮ - ବ୍ୟାସକବି ଫକୀର ମୋହନ ସେନାପତିଙ୍କ ମୃତ୍ୟୁ।
- ୧୯୩୪-ଭିଏନାରେ ବେନିତୋ ମୁସୋଲିନୀ ଓ ହିଟଲର୍‌ଙ୍କ ସାକ୍ଷାତ।
- ୧୯୪୯-ଭିଏତନାମ୍ ରାଷ୍ଟ୍ର ଗଠନ କରାଗଲା।
- ୧୯୬୨-ପ୍ୟାରିସ୍ ୟୁରୋପୀୟ ମହାକାଶ ଅନୁସନ୍ଧାନ ସଂଗଠନର ସ୍ଥାପନା କରାଗଲା।
- ୨୦୦୪- ଗୋବି ମରୁଭୂମିରୁ ଏକ ବିଶାଳକାୟ ଡାଇନୋସର୍‌ର ଜୀବାଶ୍ମ ଠାବ କରାଗଲା।
- ୨୦୦୯-ପାକିସ୍ତାନର ଇସ୍ତାନବୁଲ୍‌ରେ ପ୍ରଥମ ଅନ୍ତଃରାଷ୍ଟ୍ରୀୟ ମାଲଗାଡ଼ି ସେବା ଆରମ୍ଭ ହେଲା।

## ଆଜିର ରାଶିଫଳ

**ମେଷ:** ଦିନଟି ଭଲରେ କଟିବ। ପରିବାରର ସହଯୋଗ ମିଳିବ। ଦାମ୍ପତ୍ୟ ଜୀବନ ସୁଖମୟ ହେବ। ଘରେ ପୂଜାପାଠର ଆୟୋଜନ କରିବେ। ଯାନବାହନ କିଣିପାରନ୍ତି। ଆୟ ଅନୁସାରେ ବ୍ୟୟ ହେବ।

**ବୃଷ:** ନୂତନ ଜମି କ୍ରୟ କରିପାରନ୍ତି। ଆଇଟି ଓ ବ୍ୟାଙ୍କ କ୍ଷେତ୍ରରେ ସଫଳତା ମିଳିବ। କୌଣସି ଶୁଭ ସମାଚାର ପ୍ରାପ୍ତ ହେବ। ସେୟାର ବଜାରରେ ନିବେଶ କରିବେ। କଳା ଓ ସାହିତ୍ୟ ପ୍ରତି ରୁଚି ବଢ଼ିବ।

**ମିଥୁନ:** ଛାତ୍ରଛାତ୍ରୀ ପଢ଼ାରେ ମନ ଦେବେ। ବ୍ୟବସାୟରେ ପରିବର୍ତ୍ତନ ଆସିବ। ସ୍ୱାସ୍ଥ୍ୟରେ ଉନ୍ନତି ପରିଲକ୍ଷିତ ହେବ। ଧାର୍ମିକ ପୁସ୍ତକ ପ୍ରତି ରୁଚି ବଢ଼ିବ। ରାଜନୀତିରେ ସକ୍ରିୟ ରହିପାରନ୍ତି।

**କର୍କଟ :** ଦିନଟି ବ୍ୟସ୍ତତା ଭିତରେ କଟିବ। ଛାତ୍ରଛାତ୍ରୀ ପଢ଼ାରେ ମନୋନିବେଶ କରିବେ। ଉଚ୍ଚଶିକ୍ଷା ପାଇଁ ଅନୁକୂଳ ସମୟ। କଥାବାର୍ତ୍ତାରେ ମଧୁରତା ରଖିବେ। ଅଯଥା ଖର୍ଚ୍ଚରୁ ଦୂରେଇ ରୁହନ୍ତୁ।

**ସିଂହ:** ପରିବାର ସହ ଯାତ୍ରାଯୋଗ ରହିଛି। ଘରକୁ ଅତିଥି ଆଗମନ କରିବେ। ଦିନଟି ହସଖୁସିରେ ଅତିବାହିତ କରିବେ। ଆର୍ଥିକ ସ୍ଥିତିରେ ଉନ୍ନତି ପରିଲକ୍ଷିତ ହେବ।

**କନ୍ୟା:** ପରିବାରରେ କୌଣସି ସଦସ୍ୟଙ୍କୁ ନେଇ ଚିନ୍ତାରେ ରହିବେ। ବ୍ୟବସାୟକୁ ଆଗକୁ ବଢ଼ାଇବାରେ ସଫଳ ହେବେ। ବନ୍ଧୁଙ୍କ ଦ୍ୱାରା ଧନପ୍ରାପ୍ତି ଯୋଗ ରହିଛି। ଜୀବନସାଥୀଙ୍କ ସହଯୋଗ ରହିବ।

**ତୁଳା:** ବ୍ୟସ୍ତତା ଭିତରେ ପରିବାର ପାଇଁ ସମୟ ବାହାର କରିବେ। ମନ ପ୍ରସନ୍ନ ରହିବ। ମନପସନ୍ଦର କୌଣସି କାର୍ଯ୍ୟ କରିବେ। ବିବାହକୁ ନେଇ ଶୁଭ ସମାଚାର ମିଳିବ। ବିଦ୍ୟାର୍ଥୀ କୃତକାର୍ଯ୍ୟ ହେବେ।

**ବିଛା:** ବରିଷ୍ଠ ଅଧିକାରୀଙ୍କ ସହ କଥାବାର୍ତ୍ତା ସମୟରେ ସଂଯମତା ରକ୍ଷା କରନ୍ତୁ। ପ୍ରଶାସନିକ କ୍ଷେତ୍ରରେ ସଫଳତା ପାଇବେ। ବୈବାହିକ ଜୀବନରେ ମନୋମାଳିନ୍ୟ ଆସିବ।

**ଧନୁ:** ପ୍ରେମ ଜୀବନରେ ପ୍ରଗାଢ଼ତା ଆସିବ। ନୂଆ ଯାନବାହନ କିଣିବାର ଯୋଗ ଅଛି। କୌଣସି ନୂଆ କାମ ମିଳିବ। କାମ ପାଇଁ ପ୍ରଶଂସିତ ହେବେ। ମହିଳାମାନେ ଘରକାମରେ ବ୍ୟସ୍ତ ରହିପାରନ୍ତି।

**ମକର:** ରାଜନୀତିରେ କ୍ୟାରିୟର ପାଇଁ ଭଲ ସମୟ ରହିବ। ନୂଆ ଲୋକଙ୍କୁ ଭେଟିବାର ସୁଯୋଗ ଜୁଟିବ। ପ୍ରତିଯୋଗିତାମୂଳକ ପରୀକ୍ଷା ପାଇଁ ପ୍ରସ୍ତୁତି କରିବେ। ଅଟକି ରହିଥିବା କାର୍ଯ୍ୟ ପୂରଣ ହେବ।

**କୁମ୍ଭ:** ସଫଳତା ପାଇଁ ଅଧିକ ପରିଶ୍ରମ କରିବେ। ପରିବାରର ସହଯୋଗ ମିଳିବ। ଚାକରିରେ ପଦୋନ୍ନତି ସମ୍ଭାବନା ରହିଛି। ଶିକ୍ଷା କ୍ଷେତ୍ରରେ ସଫଳତା ପ୍ରାପ୍ତି ହେବ। ଦାମ୍ପତ୍ୟ ଜୀବନ ସୁଖମୟ ହେବ।

**ମୀନ:** ବିବାହ ସ୍ଥିର ହେବ। ଫୋନ୍‌ରେ କଥାବାର୍ତ୍ତାରେ ଅଧିକ ସମୟ ଅତିବାହିତ କରିବେ। କୌଣସି ନୂଆ ବିଷୟ ପ୍ରତି ଆଗ୍ରହ ବଢ଼ିବ। ବିଦେଶ ଯାତ୍ରା ଯୋଗ ରହିବ।

ସକାଳ
THE SAKALA
PRINTED AT BHUBANESWAR ■ JEYPORE ■ SAMBALPUR ■ PANIKOILI



ସ୍ୱଦେଶ ଫେରିବେ ଗିଲ୍

▶କ୍ରୀଡ଼ା ପୃଷ୍ଠାରେ...

♦VOLUME- 41 ♦ISSUE-348 ♦BHUBANESWAR ♦FRIDAY ♦14 JUNE 2024 ♦PAGE-16 ♦₹ 6.00

♦ବର୍ଷ-୪୧ ♦ସଂଖ୍ୟା-୩୪୮ ♦ଭୁବନେଶ୍ୱର ♦ଶୁକ୍ରବାର ♦୧୪ ଜୁନ ୨୦୨୪ ♦ପୃଷ୍ଠା-୧୬ ♦ଟ.୬.୦୦

## ମୌସୁମୀର ଅଭିମାନ

# ଏଥର ତତଲା ରଜ

■ ଭୁବନେଶ୍ୱର,୧୩।୬(ସମିସ): ଅଭିମାନ କରିଛି ମୌସୁମୀ। ଚାରି ରାଜ୍ୟ ଡେଇଁ ସପ୍ତାହ ତଳେ ଓଡ଼ିଶାର ମାଲକାନଗିରି ଜିଲ୍ଲା ନିକଟରେ ଅଟକି ଯାଇଛି। ଆଗକୁ ବଢ଼ିବା ପରିବର୍ତ୍ତେ ମାଲକାନଗିରିର ଅରଣ୍ୟ ମଧ୍ୟରେ ମନମାରି ବସିଛି। ମୌସୁମୀ ଅବର୍ତ୍ତମାନରେ ଗୁଳୁଗୁଳିରେ ଅଥୟ ହୋଇଛି ସାରା ରାଜ୍ୟ ଓ ଗରମରେ ଆଉଟୁପାଉଟୁ ହେଉଛି ଏସନ ରଜ।

ବର୍ତ୍ତମାନ ରାଜ୍ୟର ଅଧିକାଂଶ ସ୍ଥାନରେ ତାତି ସାଙ୍ଗକୁ ଗୁଳୁଗୁଳିର ପ୍ରଭାବ ଅଧିକ ରହୁଛି। ମୁଖ୍ୟତଃ ବର୍ଷା ଅଭାବ ପାଇଁ ଏହି ସମସ୍ୟା ଉପୁଜିଥିବା ବେଳେ ଏହି ସ୍ଥିତି ଆହୁରି ୪-୫ ଦିନ ପର୍ଯ୍ୟନ୍ତ ଜାରି ରହିବା ନେଇ ସମ୍ଭାବନା ରହିଛି। ଯେହେତୁ ମୌସୁମୀର ପ୍ରଭାବ ଦୁର୍ବଳ, ତେଣୁ ବର୍ଷାର ଆଶଙ୍କା କମ୍। ଫଳରେ ଅଧିକାଂଶ ସ୍ଥାନରେ ଗ୍ରୀଷ୍ମ ଲହରୀ ସହିତ ଉଷ୍ମ ଓ ଆର୍ଦ୍ର ପାଣିପାଗ ସ୍ଥିତି ସୃଷ୍ଟି ହୋଇଛି। ଗୁରୁବାର ରାଜ୍ୟର ୧୮ଟି ସହରରେ ତାପମାତ୍ରା ୪୦ ଡିଗ୍ରୀ କିମ୍ବା ଏହାଠାରୁ ଅଧିକ ରେକର୍ଡ କରାଯାଇଥିବା ବେଳେ ୪୩.୪ ଡିଗ୍ରୀ ଝାରସୁଗୁଡ଼ା ରାଜ୍ୟର ସବୁଠୁ ଉତ୍ତପ୍ତ ସହର ପାଲଟିଛି।

ପାଣିପାଗ କେନ୍ଦ୍ରର ସୂଚନା ଅନୁଯାୟୀ ଶୁକ୍ରବାର କେନ୍ଦୁଝର, ମୟୂରଭଞ୍ଜ, ଝାରସୁଗୁଡ଼ା, ସମ୍ବଲପୁର, ସୁନ୍ଦରଗଡ଼, ବୌଦ୍ଧ, ସୋନପୁର ଓ ବରଗଡ଼ରେ ଗ୍ରୀଷ୍ମ ଲହରୀ ଆଶଙ୍କା ରହିଛି। ସେହିପରି ବାଲେଶ୍ୱର, ଭଦ୍ରକ, ଯାଜପୁର,



**୪୦ ଡିଗ୍ରୀ ଉପରେ ୧୮ ସହର ତାପମାତ୍ରା**

**ଆହୁରି ୪ ଦିନ ପର୍ଯ୍ୟନ୍ତ ରହିପାରେ ଅନୁରୂପ ସ୍ଥିତି**

କେନ୍ଦ୍ରାପଡ଼ା, କଟକ, ଜଗତସିଂହପୁର, ପୁରୀ, ଖୋର୍ଦ୍ଧା, ନୟାଗଡ଼, ଗଞ୍ଜାମ ଓ ଗଜପତି ଜିଲ୍ଲାରେ ପ୍ରବଳ ଗୁଳୁଗୁଳି ନେଇ ପାଣିପାଗ କେନ୍ଦ୍ର କହିଛି। ଅନ୍ୟପଟେ ମୟୂରଭଞ୍ଜ, କେନ୍ଦୁଝର, ପୁରୀ, ଖୋର୍ଦ୍ଧା, ନୟାଗଡ଼, ଗଞ୍ଜାମ, ଗଜପତି, ସୋନପୁର, ବୌଦ୍ଧ, ନୂଆପଡ଼ା, ବଲାଙ୍ଗିର, କଳାହାଣ୍ଡି, କନ୍ଧମାଳ, ନବରଙ୍ଗପୁର, ରାୟଗଡ଼ା, କୋରାପୁଟ ଓ ମାଲକାନଗିରିରେ ବିଜୁଳି ଘଡ଼ଘଡ଼ି ସହ ବର୍ଷା ଆଶଙ୍କା ରହିଛି। ଏହି ଜିଲ୍ଲାଗୁଡ଼ିକରେ ବର୍ଷା ସାଙ୍ଗକୁ ପବନର ବେଗ ୩୦-୪୦ କିମି ପର୍ଯ୍ୟନ୍ତ ପହଞ୍ଚିବା ନେଇ ପାଣିପାଗ କେନ୍ଦ୍ର କହିଛି। ସେହିପରି କୋରାପୁଟ, ଗଜପତି, ରାୟଗଡ଼ା ଓ ନବରଙ୍ଗପୁରର କିଛି ଅଞ୍ଚଳରେ ପ୍ରବଳ ବର୍ଷା ନେଇ ପାଣିପାଗ କେନ୍ଦ୍ର ଆକଳନ କରିଛି। ଭୁବନେଶ୍ୱର ଆଞ୍ଚଳିକ ପାଣିପାଗ କେନ୍ଦ୍ର ନିର୍ଦ୍ଦେଶ ମନୋରମା ମହାନ୍ତି କହିଛନ୍ତି, ମୌସୁମୀ ମାଲକାନଗିରି ଓ କୋରାପୁଟ ଜିଲ୍ଲାର କିଛି ଅଞ୍ଚଳକୁ ଛୁଇଁଛି। ଆଗାମୀ ୩ରୁ ୪ ଦିନ ଭିତରେ ମୌସୁମୀ ଆଗକୁ ବଢ଼ିବା ପାଇଁ ସ୍ଥିତି ଅନୁକୂଳ ରହିଛି।

ଅନ୍ୟପକ୍ଷରେ, ପାଣିପାଗ ବିଶେଷଜ୍ଞ ପ୍ରଫେସର ସୁରେନ୍ଦ୍ରନାଥ ପଶୁପାଳକ କହିଛନ୍ତି ଯେ ପଶ୍ଚିମ ଓଡ଼ିଶାରେ ଜୁନ୍ ୧୬ ପର୍ଯ୍ୟନ୍ତ, ଉତ୍ତର ଆଭ୍ୟନ୍ତରରେ ୧୭ ପର୍ଯ୍ୟନ୍ତ ଓ ଉପକୂଳରେ ୧୮ ପର୍ଯ୍ୟନ୍ତ ତାପମାତ୍ରା ୪୦ ଡିଗ୍ରୀ ଉପରେ ରହିବ। ୧୮ ପରେ ଉପକୂଳ ଓ ଉତ୍ତରରେ ୩୨ ଡିଗ୍ରୀରୁ କିଛି ଅଧିକ ରହିବାବେଳେ, ଦକ୍ଷିଣ ଆଭ୍ୟନ୍ତରୀଣରେ ୩୦ ଡିଗ୍ରୀରୁ କମ୍ ରହିପାରେ। ଆସନ୍ତା ୪ ଦିନ ପର୍ଯ୍ୟନ୍ତ ରାଜ୍ୟର ବିଭିନ୍ନ ସ୍ଥାନରେ ଘଡ଼ଘଡ଼ି ସହ ପ୍ରାକ୍ ମୌସୁମୀ ବର୍ଷା ହେବ। ବିଶେଷ କରି ଦକ୍ଷିଣ ଆଭ୍ୟନ୍ତରୀଣ ଓ ଛତିଶଗଡ଼ ସୀମାନ୍ତବର୍ତ୍ତୀ ଜିଲ୍ଲାରେ ଏହି ବର୍ଷା ହେବାର ସମ୍ଭାବନା ଅଧିକ ରହିଛି। ବର୍ତ୍ତମାନ ରାଜ୍ୟକୁ ଉତ୍ତର-ପଶ୍ଚିମା ପବନ ବହୁଛି। ▶ପୃଷ୍ଠା-୯

## ଓଡ଼ିଶାରେ ଗ୍ରୀଷ୍ମ ଲହରୀ ଦିନ ସଂଖ୍ୟା ସାରା ଦେଶରେ ଅଧିକ

■ ଭୁବନେଶ୍ୱର,୧୩।୬(ସମିସ): ଏ ବର୍ଷ ଗ୍ରୀଷ୍ମ ଲହରୀ ଦିନ ସଂଖ୍ୟା ସାରା ଦେଶ ତୁଳନାରେ ଓଡ଼ିଶାରେ ଅଧିକ ଅନୁଭୂତ ହୋଇଛି। ୧ ମାର୍ଚ୍ଚରୁ ୯ ଜୁନ୍ ମଧ୍ୟରେ ରାଜ୍ୟରେ ୨୭ ଦିନ ଗ୍ରୀଷ୍ମ ଲହରୀ ସ୍ଥିତି ଅନୁଭୂତ ହୋଇଛି। ଯାହାକି ସାରା ଦେଶରେ ସର୍ବାଧିକ ବୋଲି ଭାରତୀୟ ପାଣିପାଗ ବିଭାଗ ତଥ୍ୟରୁ ଜଣାପଡ଼ିଛି। ଏହି ସମୟ ମଧ୍ୟରେ ରାଜସ୍ଥାନରେ ୨୩ ଦିନ ଗ୍ରୀଷ୍ମ ଲହରୀ ସ୍ଥିତି ସୃଷ୍ଟି ହୋଇଥିବା ବେଳେ ଏହି ରାଜ୍ୟ ତାଲିକାର ଦ୍ୱିତୀୟ ସ୍ଥାନରେ ରହିଛି। ସେହିପରି ଦିଲ୍ଲୀ ଓ ଉତ୍ତର ପ୍ରଦେଶ ଆଦିରେ ୨୦ ଦିନ ଲେଖାଏଁ ଗ୍ରୀଷ୍ମ ଲହରୀ ହୋଇଥିବା ବେଳେ ଉତ୍ତରାଖଣ୍ଡରେ ସର୍ବନିମ୍ନ ୨ ଦିନ ଗ୍ରୀଷ୍ମ ଲହରୀ ସ୍ଥିତି ସୃଷ୍ଟି ହୋଇଛି। ଓଡ଼ିଶାରେ ଏତେ ସଂଖ୍ୟକ ଗ୍ରୀଷ୍ମ ଲହରୀ ଦିନ ଏହା ପୂର୍ବରୁ ୧୯୯୮ ମସିହାରେ ଅନୁଭୂତ ହୋଇଥିଲା। ଯାହାକି ଗତ ୨୬ ବର୍ଷ ପରେ ଏହି ରେକର୍ଡ ଭଙ୍ଗ ହୋଇଛି। କାରଣ ୯ ଜୁନ୍ ପରେ ମଧ୍ୟ ଗତ ୪ ଦିନ ହେବ ରାଜ୍ୟର ବିଭିନ୍ନ ସ୍ଥାନରେ ଗ୍ରୀଷ୍ମ ଲହରୀ ସ୍ଥିତି ଜାରି ରହିଛି।

ଚଳିତ ବର୍ଷ ଓଡ଼ିଶାରେ ଏପ୍ରିଲ ମାସରେ ୧୫-୩୦ ତାରିଖ ପର୍ଯ୍ୟନ୍ତ ଲଗାତାର ୧୬ ଦିନ ଧରି ଗ୍ରୀଷ୍ମ ଲହରୀ ସ୍ଥିତି ସୃଷ୍ଟି ହୋଇଥିବା ବେଳେ ଏହି ମାସରେ ମୋଟ୍ ୧୮ ଦିନ ଗ୍ରୀଷ୍ମ ଲହରି ସ୍ଥିତି ସୃଷ୍ଟି ହୋଇଛି। ଯାହାକି ଏପ୍ରିଲ୍ ମାସରେ ଗ୍ରୀଷ୍ମ ଲହରୀ ଦିନ ସଂଖ୍ୟାରେ ତୃତୀୟ ସର୍ବାଧିକ ରହିଛି। ▶ପୃଷ୍ଠା-୯

# ରଣେନ୍ଦ୍ର କାମଚଳା ବାଚସ୍ପତି

**୧୮ ଓ ୧୯ରେ ବିଧାୟକଙ୍କ ଶପଥ**

**୨୦ରେ ହେବ ବାଚସ୍ପତି ନିର୍ବାଚନ**

**ବାଚସ୍ପତି ଦୌଡ଼ର ସର୍ବାଗ୍ରେ ସୁରମା**



■ ଭୁବନେଶ୍ୱର, ୧୩।୬ (ସମିସ): ବରିଷ୍ଠ ବିଜେଡି ନେତା ତଥା ୮ଥର ବିଧାୟକ ରଣେନ୍ଦ୍ର ପ୍ରତାପ ସ୍ୱାଇଁଙ୍କୁ ପ୍ରୋ-ଟେମ ସ୍ପିକର(କାମଚଳା ବାଚସ୍ପତି) ଭାବେ ନିଯୁକ୍ତି ଦେଇଛନ୍ତି ରାଜ୍ୟପାଳ ରଘୁବର ଦାସ। ଆସନ୍ତା ଶୁକ୍ରବାର ୯ଟା ୩୦ ମିନିଟରେ କାମଚଳା ବାଚସ୍ପତି ଶ୍ରୀ ସ୍ୱାଇଁଙ୍କୁ ରାଜ୍ୟପାଳ କାମଚଳା ବାଚସ୍ପତି ଭାବେ ଶପଥ ପାଠ କରାଇବେ। ସେହିପରି ୧୮ ଓ ୧୯ ତାରିଖରେ ନବ ନିର୍ବାଚିତ ବିଧାୟକଙ୍କୁ କାମଚଳା ବାଚସ୍ପତି ଶ୍ରୀ ସ୍ୱାଇଁ ପଦ ଓ ଗୋପନୀୟତାର ଶପଥପାଠ କରାଇବେ ବୋଲି ସୂଚନା ମିଳିଛି। ଏହାପରେ ଆସନ୍ତା ୨୦ ତାରିଖରେ ବାଚସ୍ପତି ନିର୍ବାଚନ ହେବ ବୋଲି ଜଣାପଡ଼ିଛି। ସପ୍ତଦଶ ବିଧାନସଭାର ବାଚସ୍ପତି ଦୌଡ଼ରେ ରଣପୁର ବିଜେପି ବିଧାୟିକା ତଥା ପୂର୍ବତନ ମନ୍ତ୍ରୀ ସୁରମା ପାଢ଼ୀ ସର୍ବାଗ୍ରେ ରହିଛନ୍ତି। ତାଙ୍କ ନାମ ଏକପ୍ରକାର ଚୂଡ଼ାନ୍ତ ହୋଇଥିବା ନେଇ ଦଳୀୟ ସୂତ୍ରରୁ ଜଣାପଡ଼ିଛି। ଏହା ପୂର୍ବରୁ ଷୋଡ଼ଶ ବିଧାନସଭାର ଶେଷାର୍ଦ୍ଧରେ ବରିଷ୍ଠ ବିଜେଡି ବିଧାୟିକା ପ୍ରମିଳା ମଲ୍ଲିକ ଓଡ଼ିଶାର ପ୍ରଥମ ମହିଳା ବାଚସ୍ପତି ଭାବେ ନିର୍ବାଚିତ ହୋଇଥିଲେ।

# ମୋବାଇଲ ନମ୍ବର ଉପରେ ଲାଗିବ ଟିକସ !

■ ନୂଆଦିଲ୍ଲୀ, ୧୩।୬ (ଏଜେନ୍ସି): ଉପଭୋକ୍ତା ବ୍ୟବହାର କରୁଥିବା ମୋବାଇଲ ନମ୍ବର ଉପରେ ଲାଗିବ ଟିକସ। କେବଳ ମୋବାଇଲ୍ ନମ୍ବର ନୁହେଁ; ଅପରେଟର ଅର୍ଥାତ୍ ଫୋନ୍ ଚଳାଉଥିବା କମ୍ପାନୀର ଲ୍ୟାଣ୍ଡ ଲାଇନ୍ ଉପରେ ମଧ୍ୟ ଟିକସ ଲାଗିବ। ଯଦି ଟେଲିକମ୍ ନିୟନ୍ତ୍ରଣ ସଂସ୍ଥା ଟ୍ରାଇର ପ୍ରସ୍ତାବ ଲାଗୁ ହୁଏ, ତେବେ ଏହି ବ୍ୟବସ୍ଥା ଖୁବ୍ ଶୀଘ୍ର କାର୍ଯ୍ୟକାରୀ ହୋଇପାରେ। ଫୋନ୍ ନମ୍ବରଗୁଡ଼ିକ 'ବହୁ ମୂଲ୍ୟବାନ ସାର୍ବଜନୀକ ସଂସାଧନ' ବୋଲି ଟ୍ରାଇ ଅନୁଭବ କରୁଛି। ତେଣୁ ଏଥିପାଇଁ ମୋବାଇଲ୍ ଅପରେଟରମାନଙ୍କ ଉପରେ ଟିକସ ଲଗାଯାଇ ପାରିବ। ▶ପୃଷ୍ଠା-୯

**ଗ୍ରାମୀଣ ଡାକ ସେବକ ଚାକିରି ପାଇଁ ଜାଲ୍ ପ୍ରମାଣପତ୍ର**

# ରାଜ୍ୟର ୬୭ ସ୍ଥାନରେ ସିବିଆଇ ଚଢ଼ଉ

■ ଭୁବନେଶ୍ୱର, ୧୩।୬ (ସମିସ): ଗ୍ରାମୀଣ ଡାକ ସେବକ ନିଯୁକ୍ତି ପରୀକ୍ଷାରେ ଜାଲ୍ ପ୍ରମାଣପତ୍ର ଦେଇ ଚାକିରି ଆବେଦନ କରିବା ଘଟଣାରେ ରାଜ୍ୟବ୍ୟାପୀ ହୋଇଛି ସିବିଆଇ ଚଢ଼ଉ। ସିବିଆଇ ପକ୍ଷରୁ କଳାହାଣ୍ଡି, ନୂଆପଡ଼ା, ରାୟଗଡ଼ା, ବାଲେଶ୍ୱର, ଭଦ୍ରକ ଆଦି ଜିଲ୍ଲାର ୬୭ ସ୍ଥାନରେ ଚଢ଼ଉ କରାଯାଉଛି। ଏହି ଚଢ଼ଉରେ ସିବିଆଇର ୧୨୨ ଅଫିସରଙ୍କ ସମେତ ୨୦୪ ଅଫିସର ସାମିଲ ହୋଇଛନ୍ତି। ସେହିପରି ଚଢ଼ଉ ବିଭିନ୍ନ ବିଭାଗର ଆଉ ୮୨ ଜଣ ଅଧିକାରୀ ମଧ୍ୟ ସାମିଲ ରହିଛନ୍ତି। ଭୁବନେଶ୍ୱରସ୍ଥିତ ଡାକ ସେବା ନିର୍ଦ୍ଦେଶାଳୟ ପକ୍ଷରୁ ମିଳିଥିବା ଅଭିଯୋଗ ଆଧାରରେ ସିବିଆଇ ଏହି ଚଢ଼ଉ କରିଥିବା ସୂଚନା ମିଳିଛି।

ସୂଚନାଯୋଗ୍ୟ, ୨୦୨୩ ମସିହା ଜାନୁଆରୀ ୨୭ରେ ଗ୍ରାମୀଣ ଡାକ ସେବା(ଜିଡିଏସ୍)ର ୧୩୮୨ ପଦ ପାଇଁ ନିଯୁକ୍ତି ପ୍ରକ୍ରିୟା ଆରମ୍ଭ ହୋଇଥିଲା। ଯେକୌଣସି ଅଧିକୃତ ବୋର୍ଡରୁ ୧୦ ପାସ୍ ସହ ସ୍ଥାନୀୟ ଭାଷା ଉପରେ ଦଖଲ ରହିବା ଜରୁରୀ ବୋଲି ଚାକିରି ପାଇଁ ସର୍ବନିମ୍ନ ଯୋଗ୍ୟତା ରଖାଯାଇଥିଲା। ନିୟମ ଅନୁସାରେ ଆଶାୟୀଙ୍କୁ ସର୍ଭରରେ ନିଜର ଦଶମ ପାସ୍ ପ୍ରମାଣପତ୍ର ଓ ମାର୍କସିଟ୍ ଦାଖଲ କରିବାକୁ କୁହାଯାଇଥିଲା। ଦଶମ ପରୀକ୍ଷାରେ ରଖିଥିବା ମାର୍କ ଆଧାରରେ ଚୟନପ୍ରକ୍ରିୟା ହେବାର ଥିଲା। ଚୟନ ହୋଇଥିବା ଆଶାୟୀଙ୍କୁ ଏସ୍ଏମ୍ଏସ୍ ଏବଂ ଇ-ମେଲ୍ ଜରିଆରେ ଏ ସମ୍ପର୍କରେ ଅବଗତ କରାଯାଇଥିଲା। ଯୋଗ୍ୟ ଆଶାୟୀଙ୍କୁ ୧୫ ଦିନ ମଧ୍ୟରେ ଉପଯୁକ୍ତ ଅଧିକାରୀଙ୍କ ନିକଟରେ ହାଜର ହୋଇ କାଗଜପତ୍ର କାମ କରିବାକୁ କୁହାଯାଇଥିଲା। ତେବେ ଯାଞ୍ଚ ସମୟରେ ଓଡ଼ିଶାର ବିଭିନ୍ନ ଡିଭିଜନର ୬୩ ଜଣ ଆଶାୟୀ ନକଲି ପ୍ରମାଣପତ୍ର ଦାଖଲ କରିଥିବା ସୂଚନା ମିଳିଥିଲା। ତଦନ୍ତ ବେଳେ ଜଣାପଡ଼ିଥିଲା, ବାଲେଶ୍ୱର, ମୟୂରଭଞ୍ଜ, କଳାହାଣ୍ଡି ଓ ବ୍ରହ୍ମପୁରର ଏହି ୬୩ ଜଣ ଆଶାୟୀ ଆହ୍ଲାବାଦ, ପଶ୍ଚିମବଙ୍ଗ ବୋର୍ଡ, କୋଲକାତା, ଝାଡ଼ଖଣ୍ଡ ଏକାଡେମୀ କାଉନସିଲରୁ ସାର୍ଟିଫିକେଟ ଦାଖଲ କରିଥିଲେ। ଏକ ଆନ୍ତଃରାଜ୍ୟ ରାକେଟ୍ ଏସବୁ ନକଲି ଓ ଜାଲ ସାର୍ଟିଫିକେଟ ପ୍ରସ୍ତୁତ କରି ଏହି ପିଲାଙ୍କୁ ▶ପୃଷ୍ଠା-୯

**କାନକଟା ଘାଟିରେ ଦୁର୍ଘଟଣା**

## ୨ ମୃତ; ଜଣେ ଗୁରୁତର

■ ପାତ୍ରପୁର, ୧୩।୬ (ସମିସ): ଗଜପତି ଜିଲ୍ଲା କାନକୁଟା ଘାଟିରେ ଗୁରୁବାର ରାତିରେ ଏକ ମର୍ମନ୍ତୁଦ ଦୁର୍ଘଟଣା ଘଟିଛି। ଏକ ପିକ୍ଅପ୍ ଓଲଟି ୨ ଜଣଙ୍କ ମୃତ୍ୟୁ ଘଟିଥିବା ବେଳେ ଜଣେ ଗୁରୁତର ଆହତ ହୋଇଛନ୍ତି। ମୃତକ ହେଲେ, ଗଞ୍ଜାମ ଜିଲ୍ଲା ଖାରିଆଗୁଡ଼ା ଫାଣ୍ଡି ନୀଳାଦ୍ରିଚନ୍ଦ୍ରପୁର ଗ୍ରାମର ଲିଟୁ ସାହୁ(୩୫) ଓ କୁରେଶୁ ବାଡ଼ତ୍ୟା (୪୪)। ଗୁରୁତର ପ୍ରମୋଦ ସାହୁଙ୍କୁ ତୁରୁବୁଡ଼ି ଡାକ୍ତରଖାନାରେ ଭର୍ତ୍ତି କରାଯାଇଛି।

ସୂଚନା ଅନୁଯାୟୀ, ନୀଳାଦ୍ରିଚନ୍ଦ୍ରପୁର ଗ୍ରାମର ଲିଟୁ, କୁରେସୁ ଓ ପ୍ରମୋଦ ଏକ ପିକ୍ଅପ୍ ଭ୍ୟାନ୍‌ରେ ଆମ୍ବ ଲୋଡ୍ କରି ରାମଗିରିରୁ ଗ୍ରାମକୁ ଫେରୁଥିଲେ। ଗଞ୍ଜାମ-ଗଜପତି ଜିଲ୍ଲା ସୀମାନ୍ତ କାନକଟା ଘାଟି ନିକଟରେ ଭ୍ୟାନ୍‌ଟି ଭାରସାମ୍ୟ ହରାଇ ଖାଇକୁ ଓଲଟି ପଡ଼ିଥିଲା। ଫଳରେ ଘଟଣାସ୍ଥଳରେ ଲିଟୁ ଓ କୁରେସୁଙ୍କ ମୃତ୍ୟୁ ଘଟିଥିବା ବେଳେ ପ୍ରମୋଦ ଗୁରୁତର ଆହତ ହୋଇଥିଲେ। ଖବର ପାଇ ଖାରିଆଗୁଡ଼ା ଫାଣ୍ଡି ପୁଲିସ ଘଟଣାସ୍ଥଳରେ ପହଞ୍ଚି ମୃତଦେହ ଜବତ କରିବା ସହ ତଦନ୍ତ ଚଳାଇଛି।

# ୬ ମନ୍ତ୍ରୀ ପଦ ପାଇଁ ୩୦ ଆଶାୟୀ

■ ଭୁବନେଶ୍ୱର, ୧୩।୬ (ସମିସ): ରାଜ୍ୟରେ ଆରମ୍ଭ ହୋଇଛି ବିଜେପି ସରକାର। ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଏବଂ ନୂଆ ମନ୍ତ୍ରିମଣ୍ଡଳ ଶପଥ ଗ୍ରହଣ କରିଛନ୍ତି। ତେବେ ମନ୍ତ୍ରିମଣ୍ଡଳରେ ମୁଖ୍ୟମନ୍ତ୍ରୀଙ୍କୁ ମିଶାଇ ୨୨ ଜଣ ମନ୍ତ୍ରୀ ରହିପାରିବାର ବ୍ୟବସ୍ଥା ଥିବାବେଳେ ସରକାରରେ ଏବେ ୧୬ ଜଣଙ୍କୁ ସାମିଲ କରାଯାଇଛି। ଅବଶିଷ୍ଟ ୬ ମନ୍ତ୍ରୀ ପଦ ଉପରେ ଅନେକ ଆଶାୟୀଙ୍କ ଆଖି ଲାଖି ରହିଛି। ଏପରିକି ମନ୍ତ୍ରିମଣ୍ଡଳ ଶପଥ ନେବାର ୨୪ ଘଣ୍ଟା ପରେ ବି ବିଭାଗ ବଣ୍ଟନ ହୋଇ ନ ଥିବାରୁ ଆଉ ଏକ ପର୍ଯ୍ୟାୟରେ କିଛି ମନ୍ତ୍ରୀ ଶପଥ ନେଇ ପାରନ୍ତି ବୋଲି ମଧ୍ୟ ଚର୍ଚ୍ଚା ଆରମ୍ଭ ହୋଇଛି। ଅନ୍ୟପକ୍ଷରେ ଷୋଡ଼ଶ ବିଧାନସଭାରେ ବିରୋଧୀ ଦଳ ନେତା ଦାୟିତ୍ୱ ତୁଲାଇଥିବା ବରିଷ୍ଠ ବିଧାୟକ ଜୟ ନାରାୟଣ ମିଶ୍ରଙ୍କୁ





**ମୁଖ୍ୟ ସଚେତକ ପଦ ଉପରେ ନଜର**

ସ୍ଥାନ ନ ମିଳିବାକୁ ନେଇ ମଧ୍ୟ ବିଭିନ୍ନ ଆଲୋଚନା ଚାଲିଛି।

ଓଡ଼ିଶା ବିଧାନସଭାର ସଭ୍ୟ ସଂଖ୍ୟା ୧୪୭ ହୋଇଥିବା ବେଳେ ନିୟମାନୁଯାୟୀ ଏହାର ୧୫ପ୍ରତିଶତ ଅର୍ଥାତ୍ ସର୍ବାଧିକ ୨୨ଜଣ ମନ୍ତ୍ରୀ ହୋଇପାରିବେ। ପୂର୍ବତନ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ମନ୍ତ୍ରିମଣ୍ଡଳରେ ମଧ୍ୟ ନବୀନଙ୍କୁ ଲଗାଇ ▶ପୃଷ୍ଠା-୯

### ଦଳଡିଆଁ ନିରାଶ

ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ବୁଧବାର ଶପଥ ଗ୍ରହଣ କରିଥିବା ବେଳେ ରାଜ୍ୟରେ ପ୍ରଥମଥର ପାଇଁ ବିଜେପି ସରକାର ଗଠନ କରିଛନ୍ତି। ମୁଖ୍ୟମନ୍ତ୍ରୀଙ୍କ ସହ ମୋଟ ୧୬ ମନ୍ତ୍ରୀ ଶପଥ ଗ୍ରହଣ କରିଥିବା ବେଳେ ଏକ ରୋଚକ ତଥ୍ୟ ସାମ୍ନାକୁ ଆସିଛି। ମନ୍ତ୍ରିମଣ୍ଡଳରେ ବିଜେପି ସମ୍ପୂର୍ଣ୍ଣ ଭାବେ ନିଜ ଦଳର ନେତାଙ୍କୁ ସାମିଲ କରିଥିବା ବେଳେ ଦଳଡିଆଁ ସମ୍ପୂର୍ଣ୍ଣ ଭାବେ ନିରାଶ ହୋଇଛନ୍ତି। ଅନ୍ୟ ଦଳରୁ ଆସି ବିଜେପି ସାଧାରଣ ନିର୍ବାଚନ ଅବ୍ୟବହିତ ପୂର୍ବରୁ ବହୁ ବରିଷ୍ଠ ନେତା ସାମିଲ ହୋଇଥିଲେ। ବିଜେପି ସେମାନଙ୍କୁ ଟିକଟ ଦେଇଥିବା ବେଳେ ସେମାନଙ୍କ ମଧ୍ୟରୁ କେତେକ ମଧ୍ୟ ବିଜୟ ଲାଭ କରିଛନ୍ତି। ତେବେ ସେମାନଙ୍କ ମଧ୍ୟରୁ ଜଣେ ହେଲେ ବିଧାୟକଙ୍କୁ ମନ୍ତ୍ରୀ କରାଯାଇ ନାହିଁ ଓ ରାଜ୍ୟରେ ଖାଣ୍ଟି ବିଜେପି ସରକାର ଗଠନ ହୋଇଥିବା କୁହାଯାଉଛି।

**ଇନ୍ଦ୍ରପ୍ରସ୍ଥ ହୋଟେଲରୁ ପୁଲିସ କର୍ମଚାରୀଙ୍କ ମୃତଦେହ ଉଦ୍ଧାର ଘଟଣା**

# ରତ୍ନପଥର ପାଇଁ ହତ୍ୟା; ୬ ଗିରଫ



**ଝାଡ଼ଖଣ୍ଡରୁ ଦୁଇ ମୁଖ୍ୟ ଅଭିଯୁକ୍ତ ଗିରଫ**

**ହୀରା ସଦୃଶ ପଥର ଓ ବନ୍ଧୁକ ଜବତ**

**ରତ୍ନପଥର କାରବାରରେ ଜଡ଼ିତ ଥିଲେ ମୃତ ଶଙ୍କର: ଏସ୍‌ପି**



■ ବଲାଙ୍ଗିର, ୧୩।୬ (ସମିସ): ବଲାଙ୍ଗିର ରେଳଷ୍ଟେସନ ନିକଟରେ ଥିବା ହୋଟେଲ ଇନ୍ଦ୍ରପ୍ରସ୍ଥରେ ଗତ ମେ'୧୬ ତାରିଖରେ ପୁଲିସ କର୍ମଚାରୀ ଶଙ୍କର ବେହେରାଙ୍କ ମୃତ୍ୟୁ ଘଟଣାର ପର୍ଦ୍ଦାଫାସ ହୋଇଛି। ରତ୍ନପଥର କାରବାରରେ ଉକ୍ତ ପୁଲିସ କର୍ମଚାରୀ ଜଡ଼ିତ ଥିବା ଓ ସେଥିପାଇଁ ରତ୍ନପଥର ମାଫିଆମାନେ ତାଙ୍କୁ ହତ୍ୟା କରିଥିବା ଏସ୍‌ପି ଋଷିକେଶ ଖିଲାରୀ ସୂଚନା ଦେଇଛନ୍ତି। ଏହି ଘଟଣାରେ ୬ ଜଣଙ୍କୁ ଗିରଫ କରାଯିବା ସହ ସେମାନଙ୍କ ନିକଟରୁ ଏକ ବନ୍ଧୁକ, ହୀରା ଭଳି ଦେଖାଯାଉଥିବା ପଥର ମଧ୍ୟ ଜବତ କରାଯାଇଥିବା ଏସପି କହିଛନ୍ତି।ଗୁରୁବାର ଅନୁଷ୍ଠିତ ସାମ୍ବାଦିକ ସମ୍ମିଳନୀରେ ଏସପି ସୂଚନା ଦେଇ କହିଛନ୍ତି ଯେ ଏହି ଘଟଣାରେ ୬ ଅଭିଯୁକ୍ତଙ୍କୁ ଗିରଫ କରାଯାଇଛି। ସେମାନେ ହେଲେ ଝାଡ଼ଖଣ୍ଡର କୋଡ଼ରମାର ପଙ୍କଜ କୁମାର(୨୫), କୋଡ଼ରମା ଜିଲ୍ଲା ଜୟନଗର ଥାନାସ୍ଥିତ ହିରୋଡିହର ସୂରଜ କୁମାର ବର୍ଣ୍ଣୱାଲ, ଅନୁଗୁଳ ଜିଲ୍ଲା ଆଠମଲ୍ଲିକ ଥାନା ଅର୍ନ୍ତଗତ ସରଗିସେଣୀ ଗ୍ରାମର କୃଷ୍ଣ ମେହେରା(୪୨), ବୌଦ୍ଧ ଥାନା ଇଚ୍ଛାପୁରର ମନୋରଞ୍ଜନ ସାଥୁଆ, ସୋନପୁର ଜିଲ୍ଲା ନନ୍ଦନମାଳର ନିତାଇ କର(୫୯) ଓ ବଲାଙ୍ଗିର ଜିଲ୍ଲା ପାଟଣାଗଡ଼ ଥାନା ଅର୍ନ୍ତଗତ ବରପଦର ଗ୍ରାମର ରୋହିତ ସା(୩୭)। ପୁଲିସ ସେମାନଙ୍କଠାରୁ ଗୋଟିଏ ବନ୍ଧୁକ, ଗୋଟିଏ ହୀରା ଭଳି ପଥର, ଦୁଇଟି କାର୍, ତିନୋଟି ବାଇକ୍, ଦୁଇଟି ଛୁରୀ, ଦୁଇ ପ୍ୟାକେଟ ଷ୍ଟେରାଇଲ ପାଉଡ଼ର ଲାଗିଥିବା ଗ୍ଲୋବ୍, ଇଂଜେକ୍ସନ ସିରିଞ୍ଜ ଏବଂ ୪ଟି ମୋବାଇଲ ଜବତ କରିଛି। ରତ୍ନପଥର କାରବାର ମାମଲାରେ ଏହି ହତ୍ୟାକାଣ୍ଡ ଘଟିଥିବାବେଳେ ଝାଡ଼ଖଣ୍ଡରୁ ଗିରଫ ହୋଇଥିବା ଦୁଇଜଣ ଘଟଣାର ମୁଖ୍ୟ ଅଭିଯୁକ୍ତ ବୋଲି ଏସପି କହିବା ସହିତ ଏହି କାରବାରରେ ସୋନପୁର ଥାନାରେ କନଷ୍ଟେବଲ ଥିବା ମୃତ ଶଙ୍କରଙ୍କ ସମ୍ପୃକ୍ତି ଥିବା କହିଛନ୍ତି।

ମେ' ୧୬ ତାରିଖ ଦିନ ବଲାଙ୍ଗିର ରେଳଷ୍ଟେସନ ନିକଟରେ ଥିବା ଇନ୍ଦ୍ରପ୍ରସ୍ଥ ହୋଟେଲର ରୁମ ନଂ ୨୧୨ରୁ ସନ୍ଦେହଜନକ ଅବସ୍ଥାରେ ଶଙ୍କରଙ୍କ ମୃତଦେହ ଉଦ୍ଧାର ହୋଇଥିଲା। ହୋଟେଲ ଭିତରୁ ଜଣେ ପୁଲିସ କର୍ମଚାରୀଙ୍କ ମୃତଦେହ ଉଦ୍ଧାର ହେବା ଘଟଣା ଚାରିଆଡ଼େ ଚାଞ୍ଚଲ୍ୟ ଖେଳାଇଥିଲା। ତାଙ୍କୁ କିଏ ଏବଂ କାହିଁକି ହତ୍ୟା କରି ଫେରାର ମାରିଲା, ▶ପୃଷ୍ଠା-୯



## ଜମ୍ମୁ-କାଶ୍ମୀର ସ୍ଥିତି ସମୀକ୍ଷାକଲେ ମୋଦୀ

# ଆତଙ୍କବାଦ ନିପାତ ପାଇଁ ପୂର୍ଣ୍ଣ କ୍ଷମତା ଉପଯୋଗ କର

ନୂଆଦିଲ୍ଲୀ,୧୩।୬(ଏଜେନ୍ସି)



ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଗୁରୁବାର ଏକ ଉଚ୍ଚସ୍ତରୀୟ ବୈଠକରେ ଜମ୍ମୁ-କାଶ୍ମୀର ସ୍ଥିତି ସମୀକ୍ଷା କରିଛନ୍ତି। ଆତଙ୍କବାଦ ବିରୋଧରେ ପୂର୍ଣ୍ଣ କ୍ଷମତା ଉପଯୋଗ କରି କାର୍ଯ୍ୟ କରିବାକୁ ସେ ନିର୍ଦ୍ଦେଶ ଦେବା ସହିତ ଏଥିପାଇଁ ଆବଶ୍ୟକ ପଦକ୍ଷେପ ପାଇଁ ତ୍ୱରିତ ଉପାୟରେ କାର୍ଯ୍ୟ କରିବାକୁ କହିଛନ୍ତି। ମୋଦୀଙ୍କୁ ଏହି କେନ୍ଦ୍ର ଶାସିତ ଅଞ୍ଚଳର ସାଂପ୍ରତିକ ସୁରକ୍ଷା ବ୍ୟବସ୍ଥା ସମ୍ପର୍କରେ ବରିଷ୍ଠ ଅଧିକାରୀମାନେ ଅବଗତ କରିଥିଲେ। ଏହାପରେ ବିଭିନ୍ନ ଦିଗରେ ସମୀକ୍ଷା କରି ପ୍ରଧାନମନ୍ତ୍ରୀ ମୋଦୀ ଜାତୀୟ ସୁରକ୍ଷା ପରାମର୍ଶଦାତା ଅଜିତ ଡୋଭାଲ, ଗୃହମନ୍ତ୍ରୀ ଅମିତ ଶାହଙ୍କ ସହ ଆଲୋଚନା କରି ଏଭଳି ନିର୍ଦ୍ଦେଶ ଦେଇଥିବା ଜଣାପଡ଼ିଛି। ଉଲ୍ଲେଖଯୋଗ୍ୟ ଯେ, କିଛି ଦିନର ବ୍ୟବଧାନରେ ଜମ୍ମୁ-କାଶ୍ମୀରର ବିଭିନ୍ନ ଅଞ୍ଚଳରେ ଆତଙ୍କବାଦୀ ଆକ୍ରମଣ ଘଟଣା ବୃଦ୍ଧି ପାଇବେ ସହିତ କାଶ୍ମୀର ଉପତ୍ୟକାରେ ପୁଣି ଅରାଜକତା ସୃଷ୍ଟି ହେବା ଭଳି ପରିସ୍ଥିତି ଦେଖାଯାଇଛି। କେବଳ ଗତ ୪ ଦିନ ମଧ୍ୟରେ କାଶ୍ମୀର ଉପତ୍ୟକାର ରିଆସି,କଠୁଆ ଏବଂ ଦୋଦା ଜିଲ୍ଲାରେ ଆତଙ୍କବାଦୀ ଆକ୍ରମଣ ହୋଇଛି। ରିଆସି ଜିଲ୍ଲାରେ ଏକ ପର୍ଯ୍ୟଟକ ବସ୍‌କୁ ଆତଙ୍କବାଦୀମାନେ ନିଶାଣ କରି ଆକ୍ରମଣ କରିଥିଲା ବେଳେ ଏହି ଘଟଣାରେ ୯ ଜଣଙ୍କ ମୃତ୍ୟୁ ହୋଇଥିଲା। ଏହା ପରେ ପରେ ଅନ୍ୟ ଏକ ଘଟଣାରେ ଆତଙ୍କବାଦୀଙ୍କ ଆକ୍ରମଣରେ ଜଣେ ସିଆରପିଏଫ ଯବାନଙ୍କ ମୃତ୍ୟୁ ହେବା ସହିତ ୫ ଯବାନ ଆହତ ହୋଇଥିଲେ। ଏହାବ୍ୟତୀତ କଠୁଆ ଜିଲ୍ଲାରେ ମଧ୍ୟ ଆତଙ୍କବାଦୀମାନେ ଏକ ଘର ଉପରେ ଆକ୍ରମଣ କରିଥିଲେ।

ଏହି ସମସ୍ତ ଘଟଣାରେ ଲସ୍କର-ଏ-ତୋଏବା ଆତଙ୍କୀ ସଂଗଠନର ହାତ ରହିବା ସହିତ କିଛି ବିଦେଶୀ ଆତଙ୍କବାଦୀମାନେ ଆକ୍ରମଣରେ ସାମିଲ ରହିଥିବା ସୁରାକ ମିଳିବା ପରେ ସୁରକ୍ଷାବଳ ପକ୍ଷରୁ ବିଭିନ୍ନ ସ୍ଥାନରେ ସର୍ଚ୍ଚ ଅପରେସନ ଜାରି ରହିଛି। ଯେକୌଣସି ମତେ ଆତଙ୍କବାଦୀମାନଙ୍କୁ ନିପାତ କରିବା ଲକ୍ଷ୍ୟରେ ସୁରକ୍ଷାକର୍ମୀମାନେ ଅପରେସନ ଚଳାଇଛନ୍ତି। ବର୍ତ୍ତମାନ କାଶ୍ମୀର ଉପତ୍ୟକାରେ ସୁରକ୍ଷା ବଳ ପକ୍ଷରୁ ଗ୍ରହଣ କରାଯାଇଥିବା ପଦକ୍ଷେପକୁ ପ୍ରଧାନମନ୍ତ୍ରୀ ପ୍ରଶଂସା କରିଥିଲେ ହେଁ ଆତଙ୍କବାଦୀଙ୍କ ବିରୋଧରେ ପୂର୍ଣ୍ଣ କ୍ଷମତା ସହ କାର୍ଯ୍ୟ କରିବାକୁ ନିର୍ଦ୍ଦେଶ ଦେଇଛନ୍ତି।

### ଜମ୍ମୁ-କାଶ୍ମୀର ପୁଲିସ ଦ୍ୱାରା ୫୦ ସନ୍ଦିଗ୍ଧ ଅଟକ

ଗତ ରବିବାର ରିଆସି ଜିଲ୍ଲାରେ ଏକ ପର୍ଯ୍ୟଟକ ବସ୍‌କୁ ନିଶାଣ କରି ଆତଙ୍କବାଦୀମାନେ ଗୁଳି ଚାଳନା କରିବାରୁ ଏହି ଘଟଣାରେ ୯ ଜଣଙ୍କ ମୃତ୍ୟୁ ହୋଇଥିଲା। ଏହି ଘଟଣା ପଛରେ କିଛି ପାକିସ୍ତାନୀ ଆତଙ୍କବାଦୀ ସାମିଲ ରହିଥିବା ସୁରାକ ମିଳିବା ପରେ ସୁରକ୍ଷାକର୍ମୀଙ୍କ ନିଦ ହଜିଯାଇଛି। ଗତ ୪ ଦିନ ହେଲା କାଶ୍ମୀର ଉପତ୍ୟକାର ବିଭିନ୍ନ ସ୍ଥାନରେ ସୁରକ୍ଷାବଳ ପକ୍ଷରୁ ସର୍ଚ୍ଚ ଅପରେସନ ଜାରି ରହିବା ସହିତ ବିଭିନ୍ନ ସ୍ଥାନରେ ଚଢଉ କରାଯାଇଛି। ଏହିକ୍ରମରେ ଗୁରୁବାର ଜମ୍ମୁ-କାଶ୍ମୀର ପୁଲିସ ପକ୍ଷରୁ ୫୦ ସନ୍ଦିଗ୍ଧ ବ୍ୟକ୍ତିଙ୍କୁ ଅଟକ ରଖାଯାଇ ପଚରାଉଚରା ଆରମ୍ଭ କରାଯାଇଥିବା ଜଣାପଡ଼ିଛି।

### ଜମ୍ମୁ-କାଶ୍ମୀରକୁ ନେଇ ପାକ୍-ଚୀନର ମିଳିତ ବିବୃତିକୁ ଭାରତର ପ୍ରତ୍ୟାଖ୍ୟାନ

ଜମ୍ମୁ-କାଶ୍ମୀର ପ୍ରସଙ୍ଗରେ ଉଭୟ ପାକିସ୍ତାନ ଏବଂ ଚୀନ ଗତ ୭ ତାରିଖରେ ଜାରି କରିଥିବା ମିଳିତ ବିବୃତିକୁ ଭାରତ ଦୃଢ ହସ୍ତରେ ଖଣ୍ଡନ କରିଛି। ଜମ୍ମୁ-କାଶ୍ମୀର ଭରତର ଅବିଚ୍ଛେଦ୍ୟ ଅଙ୍ଗ ହୋଇ ରହିଛି ଏବଂ ରହିବ। ଏହି ପ୍ରସଙ୍ଗରେ ଅନ୍ୟ କୌଣସି ରାଷ୍ଟ୍ର ମନ୍ତବ୍ୟ ଦେବାର ଅଧିକାର ନାହିଁ ବୋଲି ବୈଦେଶିକ ମନ୍ତ୍ରାଳୟ ପକ୍ଷରୁ ଉଭୟ ପାକିସ୍ତାନ ଏବଂ ଚୀନ୍‌କୁ ଚେତାଇ ଦିଆଯାଇଛି। ଉଲ୍ଲେଖଯୋଗ୍ୟ ଯେ, ଜମ୍ମୁ କାଶ୍ମୀରର ସାଂପ୍ରତିକ ସ୍ଥିତିକୁ ନେଇ ପାକିସ୍ତାନ ଜୁନ୍ ୭ ତାରିଖରେ ଚୀନକୁ ଅବଗତ କରିବା ସହିତ ଏଠାକାର ସମସ୍ୟାର ସମାଧାନ ହେବା ଜରୁରୀ ବୋଲି ପାକିସ୍ତାନ କହିଥିଲା। ଏହାପରେ ଏଠାକାର ସମସ୍ୟାର ସମାଧାନ ଜାତିସଂଘ ଚୁକ୍ତି ଏବଂ ଭାରତ-ପାକିସ୍ତାନ ମଧ୍ୟରେ ସ୍ୱାକ୍ଷରିତ ପୂର୍ବ ଚୁକ୍ତି ଅନୁସାରେ ହେବା ଉଚିତ ବୋଲି ଚୀନ କହିଥିଲା। ଉଭୟ ଦେଶ ଏକ ମିଳିତ ବିବୃତିରେ ଏହା କହିଥିଲା ବେଳେ ଭାରତ ଏହାର ଦୃଢ ଜବାବ ରଖିଛି। କେବଳ ଜମ୍ମୁ କାଶ୍ମୀରର କଥା ନୁହେଁ, ପାକିସ୍ତାନ ବେଆଇନ ଭାବେ ମାଡି ବସିଥିବା କାଶ୍ମୀର ଅଂଶରୁ ହଟିଯିବା ଦରକାର ବୋଲି ବୈଦେଶିକ ମନ୍ତ୍ରାଳୟ ପକ୍ଷରୁ କୁହାଯାଇଛି।

## ମୁଖ୍ୟମନ୍ତ୍ରୀ ଭାବେ ଶପଥ ନେଲେ ପେମା ଖାଣ୍ଡୁ



ଇଟାନଗର, ୧୩।୬(ଏଜେନ୍ସି): ଅରୁଣାଚଳ ପ୍ରଦେଶରେ ବିଜେପି ଲଗାତାର ତୃତୀୟ ଥର ସରକାର ଗଢ଼ିଛି ଓ ପେମା ଖାଣ୍ଡୁ ପୁନର୍ବାର ମୁଖ୍ୟମନ୍ତ୍ରୀ ହୋଇଛନ୍ତି। ଗତକାଲି ତାଙ୍କୁ ବିଜେପି ବିଧାୟକ ଦଳର ନେତା ଭାବେ ନିର୍ବାଚିତ କରାଯାଇଥିଲା। ଆଜି ଇଟାନଗରର ଡିକେ କନଭେନସନ୍ ସେଣ୍ଟର୍‌ରେ ଆୟୋଜିତ ଏକ ସମାରୋହରେ ପୂର୍ବାହ୍ନ ୧୧ଟାରେ ସେ ମୁଖ୍ୟମନ୍ତ୍ରୀ ଭାବେ ଶପଥଗ୍ରହଣ କରିଛନ୍ତି। ଖାଣ୍ଡୁଙ୍କୁ ଏବଂ ଅନ୍ୟ ୧୧ ମନ୍ତ୍ରୀଙ୍କୁ ହିମାଚଳ ପ୍ରଦେଶ ରାଜ୍ୟପାଳ ଅବସରପ୍ରାପ୍ତ ଲେଫଟନାଣ୍ଟ ଜେନେରାଲ କେଟି ପରନାଏକ ଶପଥପାଠ କରାଇଥିଲେ। ଖାଣ୍ଡୁ ତୃତୀୟ ଥର ମୁଖ୍ୟମନ୍ତ୍ରୀ ହୋଇଛନ୍ତି। ତାଙ୍କ ମନ୍ତ୍ରିମଣ୍ଡଳରେ ଚୌନା ମିଇନ ପୁଣି ଥରେ ଉପମୁଖ୍ୟମନ୍ତ୍ରୀ ହେଇଛନ୍ତି। ଖାଣ୍ଡୁଙ୍କ ଶପଥଗ୍ରହଣ ଉତ୍ସବରେ କେନ୍ଦ୍ର ଗୃହ ମନ୍ତ୍ରୀ ଅମିତ ଶାହ, କେନ୍ଦ୍ର ସ୍ୱାସ୍ଥ୍ୟମନ୍ତ୍ରୀ ଜେପି ନଡ୍ଡା, କେନ୍ଦ୍ର ସଂସଦୀୟ ବ୍ୟାପାର ମନ୍ତ୍ରୀ କିରନ ରିଜିଜୁଙ୍କ ସମେତ ବହୁ ମାନ୍ୟଗଣ୍ୟ ବ୍ୟକ୍ତି ଉପସ୍ଥିତ ଥିଲେ। ୬୦ ଆସନ ବିଶିଷ୍ଟ ଅରୁଣାଚଳ ପ୍ରଦେଶ ବିଧାନସଭାକୁ ପେମା ଖାଣ୍ଡୁ ଓ ଚୌନା ମିଇନଙ୍କ ସମେତ ବିଜେପିର ୧୦ ବିଧାୟକ ପ୍ରାର୍ଥୀ ନିର୍ଦ୍ୱନ୍ଦ୍ୱରେ ନିର୍ବାଚିତ ହୋଇଥିଲେ।

■ ଏନ୍‌ଏସ୍‌ଏ ଅଜିତ ଡୋଭାଲଙ୍କ କାର୍ଯ୍ୟକାଳ ବୃଦ୍ଧି

## ପଦ ବଜାୟ ରଖିଲେ ପିଏମ୍‌ଓ ପ୍ରମୁଖ ସଚିବ ପିକେ ମିଶ୍ର

ନୂଆଦିଲ୍ଲୀ,୧୩।୬(ଏଜେନ୍ସି)

କେନ୍ଦ୍ରରେ ନରେନ୍ଦ୍ର ମୋଦୀଙ୍କ ନେତୃତ୍ୱରେ ତୃତୀୟ ପାଳି ସରକାର କାର୍ଯ୍ୟାରମ୍ଭ କରିଛି। ଏହି ପାଳିରେ ଜାତୀୟ ସୁରକ୍ଷା ପରାମର୍ଶଦାତା ଅଜିତ ଡୋଭାଲଙ୍କ କାର୍ଯ୍ୟକାଳ ବୃଦ୍ଧି କରାଯାଇଛି। ଅଜିତ ଡୋଭାଲଙ୍କୁ ତୃତୀୟ ଥର ପାଇଁ ଭାରତର ଜାତୀୟ ସୁରକ୍ଷା ପରାମର୍ଶଦାତା ଭାବେ ନିଯୁକ୍ତ କରାଯାଇଛି ।ବୟସାଧିକ କାରଣରୁ ଅଜିତ ତାଙ୍କ ପଦ ଛାଡିବାକୁ ଚାହିଁଛନ୍ତି ବୋଲି କିଛି ଦିନ ହେଲା ଚର୍ଚ୍ଚା ହୋଇଥିଲା ବେଳେ ସେ ତାଙ୍କ ପଦବୀରୁ ଅବ୍ୟାହତି ନେଇପାରନ୍ତି ବୋଲି କୁହାଯାଉଥିଲା। କିନ୍ତୁ ଗୁରୁବାର ଏହା ଭୁଲ ପ୍ରମାଣିତ ହୋଇଛି। ଅଜିତଙ୍କୁ ତୃତୀୟ ଥର ପାଇଁ ଏନଏସଏ ଭାବେ ନିଯୁକ୍ତ କରିବାକୁ କେନ୍ଦ୍ର କ୍ୟାବିନେଟ୍ ଅନୁମୋଦନ କରିଛି। ଅଜିତଙ୍କ ବ୍ୟତୀତ ପ୍ରଧାନମନ୍ତ୍ରୀଙ୍କ ପ୍ରମୁଖ ସଚିବ ରହିଥିବା ଡ. ପ୍ରମୋଦ କୁମାର ମିଶ୍ରଙ୍କ କର୍ଯ୍ୟକାଳ ମଧ୍ୟ ବୃଦ୍ଧି କରାଯାଇଛି ।ସେ କ୍ୟାବିନେଟ୍ ପ୍ୟାହା ସହ ପୂର୍ବଭଳି



ପିଏମଓ ପ୍ରମୁଖ ସଚିବ ଭାବେ କାର୍ଯ୍ୟ କରିବେ। ୧୯୬୮ ବ୍ୟାଚ୍ ଆଇପିଏସ୍ ଭାବେ ଅଜିତ ଡୋଭାଲ ପ୍ରଧାନମନ୍ତ୍ରୀ ମୋଦୀଙ୍କ ଅତ୍ୟନ୍ତ ବିଶ୍ୱସ୍ତ ଅଧିକାରୀ ଭାବେ ଦୀର୍ଘ ଦିନ ଧରି କାର୍ଯ୍ୟ କରିଆସିଛନ୍ତି। ଆତଙ୍କବାଦୀ ନିରୋଧୀ କାର୍ଯ୍ୟ ଏବଂ ଆଣବିକ ଶକ୍ତି ପ୍ରୟୋଗ କ୍ଷେତ୍ରରେ ତାଙ୍କର ଦୃଢ ଅଭିଜ୍ଞତା ରହିଛି। ସେହିପରି ୧୯୭୨ ବ୍ୟାଚ୍ ଗୁଜରାଟ କ୍ୟାଡର ଆଇଏଏସ୍ ଅଧିକାରୀ ଭାବେ ଡ. ମିଶ୍ର ମଧ୍ୟ ମୋଦୀଙ୍କ ସହ ବହୁ ଦଶନ୍ଧି ଧରି କାର୍ଯ୍ୟ କରିଆସିଛନ୍ତି। ଗୁଜରାଟ ବ୍ୟତୀତ କେନ୍ଦ୍ରରୁ କୃଷି ସଚିବ ଭାବେ ଅବସର ନେବା ପରେ ଡ. ମିଶ୍ର ପ୍ରଧାନମନ୍ତ୍ରୀ ମୋଦୀଙ୍କ ସହ ପ୍ରାୟ ୧୦ ବର୍ଷ ଧରି କାର୍ଯ୍ୟ କରିଥିଲା ବେଳେ ତାଙ୍କର କର୍ମ ନୈପୁଣ୍ୟ ଏବଂ ଦକ୍ଷତା ଉପରେ ମୋଦୀଙ୍କ ଯଥେଷ୍ଟ ବିଶ୍ୱାସ ରହିଛି।



## ସିକ୍କିମ ବନ୍ୟାରେ ଭାସିଗଲା ଶହଶହ ଘର; ୩ ମୃତ

ଗ୍ୟାଙ୍ଗଟକ, ୧୩।୬(ଏଜେନ୍ସି): ସିକ୍କିମରେ ଅନେକ ଦିନ ଧରି ପ୍ରବଳ ବର୍ଷା ଲାଗିରହି ତିସ୍ତା ନଦୀରେ ବଡ଼ ବନ୍ୟା ଆସିଛି। ବନ୍ୟା ଜଳ ନଦୀବନ୍ଧ ଡେ଼ଇଁ ଜନବସତି ଭିତରେ ପ୍ରବେଶ କରିବାରୁ ଦକ୍ଷିଣ ସିକ୍କିମର ଶହଶହ ବାସଗୃହ ଭାଙ୍ଗି ନଷ୍ଟ ହୋଇଯାଇଛି ଓ ବିସ୍ତୀର୍ଣ୍ଣ ଅଞ୍ଚଳ ଜଳପ୍ଲାବିତ ହୋଇଛି। ବିଭିନ୍ନ ସ୍ଥାନରେ ଭୂସ୍ଖଳନ ଘଟି ନାହିଁନଥିବା କ୍ଷୟକ୍ଷତି ଘଟିଛି। ଭୂସ୍ଖଳନ କାରଣରୁ ଉତ୍ତର ସିକ୍କିମ ବାହ୍ୟ ଜଗତରୁ ବିଚ୍ଛିନ୍ନ ହେଇଛି। ସିକ୍କିମକୁ ପଶ୍ଚିମବଙ୍ଗର କାଲିମପଙ୍ଗକୁ ଯୋଡୁଥିବା ତଥା ସିକ୍କିମର ଜୀବନରେଖା କୁହାଯାଉଥିବା ୧୦ ନମ୍ବର ଜାତୀୟ ରାଜପଥର ଏକ ବଡ଼ ଅଂଶ ଭୂସ୍ଖଳନ ଘଟି ପୋତି ହୋଇଯାଇଥିବାରୁ ସେ ପଥରେ ଯାତାୟାତ ବନ୍ଦ ରହିଛି। ପୁଣି ସିକ୍କିମକୁ ଦାର୍ଜିଲିଂ ସହ ଯୋଡୁଥିବା ସଡ଼କ ବନ୍ୟା ଜଳରେ ବୁଡ଼ି ରହିଥିବାରୁ ସେ ମାର୍ଗରେ ମଧ୍ୟ ଚଳାଚଳ ବନ୍ଦ ହୋଇଛି। ଭୂସ୍ଖଳନରେ ଉତ୍ତର ସିକ୍କିମର ଦୁଇଟି ଗ୍ରାମ ନିଶ୍ଚିହ୍ନ ହେଇଯାଇଛି। ୩ଜଣ ମରିଥିବା ଓ ଅନେକ ବ୍ୟକ୍ତି ନିଖୋଜ ଥିବା ସରକାରୀ ଭାବେ କୁହାଯାଇଛି।

## ଜୁଲାଇରେ ଆସିପାରେ ପୂର୍ଣ୍ଣାଙ୍ଗ ବଜେଟ

ନୂଆଦିଲ୍ଲୀ,୧୩।୬(ଏଜେନ୍ସି): ଆସନ୍ତା ୨୪ ତାରିଖରେ ଅଷ୍ଟାଦଶ ସଂସଦର ପ୍ରଥମ ଅଧିବେଶନ ଅନୁଷ୍ଠିତ ହେବ। ଏଥିପାଇଁ ବିଜ୍ଞପ୍ତି ପ୍ରକାଶ କରାଯାଇସାରିଛି। ଏହି ସ୍ୱତନ୍ତ୍ର ଅଧିବେଶନରେ ନବ ନିର୍ବାଚିତ ସାଂସଦମାନେ ଶପଥ ନେବା ସହିତ ଲୋକସଭା ବାଚସ୍ପତିଙ୍କ ମଧ୍ୟ ନିର୍ବାଚିତ କରାଯିବ।



ଏହାପରେ ପରେ ମୋଦୀ ସରକାର ୩.୦ର ପ୍ରଥମ ତଥା ୨୦୨୪-୨୫ ଆର୍ଥିକ ବର୍ଷର ପୂର୍ଣ୍ଣାଙ୍ଗ ବଜେଟ୍ ଉପସ୍ଥାପନ କରାଯିବ ବୋଲି ସୂଚନା ମିଳିଛି। ଏହିକ୍ରମରେ ଜୁନ ୧୭ ସୁଦ୍ଧା ଅର୍ଥ ମନ୍ତ୍ରାଳୟ ପକ୍ଷରୁ ଅନ୍ୟ ବିଭିନ୍ନ ମନ୍ତ୍ରାଳୟ ଏବଂ କେନ୍ଦ୍ରୀୟ ଅଂଶୀଦାରଙ୍କୁ ନେଇ ପରାମର୍ଶମୂଳକ ବଜେଟ ବୈଠକ ବସିବ ବୋଲି ମଧ୍ୟ ସୂଚନା ମିଳିଛି। ଜୁନ ୨୪ ରୁ ଜୁଲାଇ ୩ ତାରିଖ ପର୍ଯ୍ୟନ୍ତ ସ୍ୱତନ୍ତ୍ର ୮ ଦିନିଆ ଅଧିବେଶନ ଶେଷ ହେବା ପରେ ସେହି ମାସ ମଧ୍ୟ ଭାଗରେ ପୂର୍ଣ୍ଣ ବଜେଟ ଉପସ୍ଥାପନ ହେବ ବୋଲି କୁହାଯାଇଛି।

## ପ୍ରଥମଥର ପାଇଁ ଉତ୍ତରପ୍ରଦେଶରୁ ଲୋକସଭାରେ ପହଞ୍ଚିବେ ଦମ୍ପତି ସାଂସଦ

ନୂଆଦିଲ୍ଲୀ,୧୩।୬(ଏଜେନ୍ସି): ଆସନ୍ତା ୨୪ ତାରିଖରୁ ସଂସଦର ସ୍ୱତନ୍ତ୍ର ଅଧିବେଶନ ଆରମ୍ଭ ହେବାକୁ ଯାଉଛି। ତେବେ ଏହି ଅଧିବେଶନରେ କିଛି ନୂଆ କଥା ଦେଖିବାକୁ ମିଳିବ। ପ୍ରଥମଥର ପାଇଁ ଉତ୍ତରପ୍ରଦେଶରୁ ନିର୍ବାଚିତ ହୋଇଥିବା ଏକ ଦମ୍ପତି ସାଂସଦଙ୍କୁ ସଂସଦରେ ଦେଖିବାକୁ ମିଳିବ ବୋଲି ଏବେ ଠାରୁ ଚର୍ଚ୍ଚା ଆରମ୍ଭ ହୋଇଛି। ଏହି ଦୁଇ ସାଂସଦ ହେଲେ ସମାଜବାଦୀ ପାର୍ଟି(ସପା) ମୁଖ୍ୟ ଅଖିଲେଶ ଯାଦବ ଓ ତାଙ୍କ ପତ୍ନୀ ଡିମ୍ପଲ ଯାଦବ ।



ଉତ୍ତରପ୍ରଦେଶ ରାଜନୈତିକ ଇତିହାସରେ ଅନ୍ୟ କୌଣସି ଦମ୍ପତି ଲୋକସଭାରେ ପହଞ୍ଚିବା ପୂର୍ବରୁ ଦେଖାଯାଇ ନାହିଁ। ଅଖିଲେଶ ଓ ଡିମ୍ପଲ ଏହ ପୂର୍ବରୁ ୧୭ତମ ଲୋକସଭାର ସଦସ୍ୟ ଥିଲେ। କିନ୍ତୁ ଅବଧି ଭିନ୍ନ ରହିଥିଲା। ୨୦୨୯ ରେ ଅଖିଲେଶ ଆଜମଗଡ଼ରୁ ବିଜୟୀ ହୋଇଥିବା ବେଳେ ଡିମ୍ପଲଙ୍କୁ କନୌଜରେ ବିଜେପିର ସୁବ୍ରତ ପାଠକଙ୍କୁ ଠାରୁ ପରାସ୍ତ ହେବାକୁ ପଡ଼ିଥିଲା। ଏହାପରେ ସେ ମୈନପୁରୀ ଆସନରେ ଉପ ନିର୍ବାଚନରେ ବିଜୟୀ ହୋଇଥିଲେ। ତେବେ ୨୦୨୪ ନିର୍ବାଚନରେ ଅଖିଲେଶ କନୌଜରୁ ବିଜୟୀ ହେବା ସହିତ ଡିମ୍ପଲ ତାଙ୍କ ଲୋକସଭା କ୍ଷେତ୍ରରୁ ବିଜୟୀ ହୋଇଛନ୍ତି। ଉଲ୍ଲେଖଯୋଗଙ୍ୟ ଯେ, ଏହାପୂର୍ବରୁ ବିହାରରୁ ଦମ୍ପତି ସାଂସଦ ଭାବେ ପପୁ ଯାଦବ ଏବଂ ତାଙ୍କ ପତ୍ନୀ ରଞ୍ଜିତ ରଞ୍ଜନ ଲୋକସଭାରେ ପହଞ୍ଚିଥିଲେ।

## ଅନଲାଇନରେ ଆସିଥିବା ଆଇସ୍‌କ୍ରିମରୁ ବାହାରିଲା କଟା ଆଙ୍ଗୁଳି

ମୁମ୍ବାଇ, ୧୩।୬(ଏଜେନ୍ସି): ଆଜିକାଲି ଖାଦ୍ୟ ପଦାର୍ଥ ଠାରୁ ଆରମ୍ଭ କରି ପୋଷାକ ସବୁ କିଛି ଅନଲାଇନରେ ମଗାଇବା ଏକ ସାଧାଣର ପ୍ରକ୍ରିୟା ହୋଇଯାଇଛି। ସମସ୍ତେ ଘରେ ବସି ଅନଲାଇନରେ ସବୁ କିଛି ଅରାମରେ ପାଇବାକୁ ଅଭ୍ୟସ୍ତ ହେବାରେ ଲାଗିଛନ୍ତି। କିନ୍ତୁ ମୁମ୍ବାଇର ଜଣେ ଡାକ୍ତର ଅନଲାଇଲରେ ଆଇସ୍‌କ୍ରିମ ମଗାଇ ସେଥିରୁ ଯାହା ପାଇଛନ୍ତି ତାହା କେବଳ



ସେହି ଡାକ୍ତର ନୁହନ୍ତି, ସମସ୍ତଙ୍କୁ ବିସ୍ମିତ କରିଛି। ମୁମ୍ବାଇର ମାଲାଡ୍ ଅଞ୍ଚଳରେ ରହୁଥିବା ୨୬ ବର୍ଷୀୟ ଡାକ୍ତର ବ୍ରନଣ୍ଡନ ଫେରାଓ ଅନଲାଇନରେ ଆଇସକ୍ରିମ ମଗାଇଥିଲେ। କିନ୍ତୁ ସେହି ଆଇସକ୍ରିମକୁ ଖାଇବାକୁ ବସିଥିଲା ବେଳେ ସେଥିରୁ ମଣିଷ ହାତର କଟା ଆଙ୍ଗୁଳି ବାହାରିବା ପରେ ସେ ସ୍ତବ୍ଧ ହୋଇଯାଇଥିଲେ। ଆଇସକ୍ରିମ୍‌ରେ ରହିଥିବା ବାଦାମ ଖଣ୍ଡ ଭାବି ଖାଇଲା ବେଳେ ଭିନ୍ନ ଅନୁଭବ ହେବାରୁ ସେ ଆଇସକ୍ରିମକୁ ଖୋଲି ଦେଖିଥିଲେ। ହେଲେ ତାହା ବାଦାମ କିମ୍ବା ଅନ୍ୟ କିଛି ନୁହେଁ, ବରଂ ଏକ କଟା ଆଙ୍ଗୁଳି ବୋଲି ଜାଣିବା ପରେ ନିଜକୁ ବିଶ୍ୱାସ କରିପାରି ନଥିଲେ। ଘଟଣା ସମ୍ପର୍କରେ ସେ ପୁଲିସକୁ ଜଣାଇବା ପରେ ପୁଲିସ ଘଟଣାର ଯାଞ୍ଚ ଆରମ୍ଭ କରିଛି। ଏହି ଘଟଣାଟି ଏବେ ସୋସିଆଲ ମିଡିଆରେ ଭାଇରାଲ ହୋଇଛି।

## ଜି-୭ ରାଷ୍ଟ୍ରମୁଖ୍ୟଙ୍କ ଶୀର୍ଷ ସମ୍ମିଳନୀ
# ଇଟାଲୀ ଗସ୍ତରେ ପ୍ରଧାନମନ୍ତ୍ରୀ ମୋଦୀ

ନୂଆଦିଲ୍ଲୀ, ୧୩।୬(ଏଜେନ୍ସି)

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଆଜି ଆମେରିକା, କାନାଡା, ଇଂଲଣ୍ଡ, ଫ୍ରାନ୍ସ, ଜର୍ମାନୀ, ଜାପାନ ଓ ଇଟାଲୀ ଏହି ୭ଦେଶକୁ ନେଇ ଗଠିତ ଜି-୭ ନେତୃବୃନ୍ଦଙ୍କ ୫୦ତମ ଶୀର୍ଷ ସମ୍ମିଳନୀରେ ଯୋଗ ଦେବାକୁ ଏକ ଉଚ୍ଚ ସ୍ତରୀୟ ପ୍ରତିନିଧି ଦଳକୁ ସଙ୍ଗରେ ନେଇ ଇଟାଲୀ ଅଭିମୁଖେ ଯାତ୍ରା କରିଛନ୍ତି। ବୈଦେଶିକ ବ୍ୟାପାର ମନ୍ତ୍ରୀ ଏସ୍ ଜୟଶଙ୍କର, ଜାତୀୟ ସୁରକ୍ଷା ପରାମର୍ଶଦାତା ଭାବେ ସଦ୍ୟ ପୁନଃନିଯୁକ୍ତ ଅଜିତ ଡେଭାଲ ମଧ୍ୟ ପ୍ରଧାନମନ୍ତ୍ରୀ ମୋଦୀଙ୍କ ସହ ଇଟାଲୀ ଯାଇଛନ୍ତି। ଆସନ୍ତାକାଲି ଜି-୭ ଶୀର୍ଷ ସମ୍ମିଳନୀର ଆଉଟ୍ ରିଚ୍ ସମ୍ପାନ ଆରମ୍ଭ ହେଉଛି। ଏହି ସମ୍ମିଳନୀରେ କୃତ୍ରିମ ବୁଦ୍ଧିମତ୍ତା(ଏଆଇ), ଶକ୍ତି, ଆଫ୍ରିକା, ଜଳବାୟୁ ପରିବର୍ତ୍ତନ ଓ ମଧ୍ୟପ୍ରାଚ୍ୟ ପରିସ୍ଥିତି ଉପରେ ମତ ବିନିମୟ ସାଙ୍ଗକୁ ସବିଶେଷ ଚର୍ଚ୍ଚା ହେବାର ଏଜେଣ୍ଡା ରହିଛି। ଜି-୭ ଦେଶ ଓ ଆଉଟ୍ ରିଚ୍ ଦେଶଙ୍କ ମଧ୍ୟରେ ୧୩ରୁ ଆରମ୍ଭ ହେଇ ୧୫ ଯାଏ ତିନି ଦିନ




ଧରି ଚାଲିବାକୁ ଥିବା ଏହି ଶୀର୍ଷ ସମ୍ମଳନୀରେ ରୁଷ୍-ୟୁକ୍ରେନ୍ ଓ ଇସ୍ରାଏଲ-ହମାସ ଯୁଦ୍ଧ ମଧ୍ୟ ଅନ୍ୟତମ ମୁଖ୍ୟ ପ୍ରସଙ୍ଗ ଭାବେ ଆଲୋଚିତ ହେବ। ତୃତୀୟ ଥର ପ୍ରଧାନମନ୍ତ୍ରୀ ଭାବେ ଦାୟିତ୍ୱ ଗ୍ରହଣ ପରେ ଏହା ହେଉଛି ମୋଦୀଙ୍କ ପ୍ରଥମ ବିଦେଶ ଗସ୍ତ। ମୋଦୀ କ୍ରମାଗତ ଭାବେ ଗତ ୫ଟି ଜି-୭ ଶୀର୍ଷ ସମ୍ମିଳନୀରେ ଅଂଶ ଗ୍ରହଣ କରିଥିବା ବେଳେ ଭାରତ ୧୦ଟି ଜି-୭ଶୀର୍ଷ ସମ୍ମିଳନୀରେ ଭାଗ ନେଇଛି। ସଦ୍ୟତମ ସମ୍ମିଳନୀକୁ ମିଶାଇଲେ ଭାରତ ୧୧ଟି ଜି-୭ ସମ୍ମିଳନୀରେ ଭାଗନେଇଛି। ଭାରତ କ୍ରମାଗତ ଭାବେ ଜି-୭ ଶୀର୍ଷ ସମ୍ମିଳନୀରେ ଭାଗ ନେଉଥିବାରୁ ଏହା ପ୍ରମାଣିତ ହୋଇଛି ଯେ ବିଶ୍ୱରେ ସୁରକ୍ଷା, ଶାନ୍ତି, ପରିବେଶ ସୁରକ୍ଷା, ବିକାଶ ଆଦି ପ୍ରସଙ୍ଗରେ ଭାରତର ଆଭିମୁଖ୍ୟକୁ ବିଶ୍ୱର ବିକଶିତ ଦେଶମାନେ ଗୁରୁତ୍ୱ ଦେଉଛନ୍ତି। କିଛି ମାସ ତଳେ ଭାରତ ଜି-୨୦ ଦେଶଙ୍କ ସମ୍ମିଳନୀରେ ଅଧ୍ୟକ୍ଷତା କରି ଗ୍ଲୋବାଲ୍ ସାଉଥ୍ ବିକାଶ ନେଇ ଅନେକ ପ୍ରସ୍ତାବକୁ ଜି-୨୦ ଦେଶଙ୍କ ମଧ୍ୟରେ ସହମତି ଯୋଗାଡ଼ି ପାରିତ କରିବାକୁ ସମର୍ଥ ହୋଇଥିଲା। ସଦ୍ୟତମ ଜି-୭ ଶୀର୍ଷ ସମ୍ମିଳନୀରେ ମଧ୍ୟ ଭାରତ ଗ୍ଲୋବାଲ୍ ସାଉଥ୍ ବିକାଶ, ସୁରକ୍ଷା, ଶାନ୍ତି ଓ ସ୍ଥିରତା ପ୍ରସଙ୍ଗ ଉପସ୍ଥାପନ କରିବ ବୋଲି ପ୍ରଧାନମନ୍ତ୍ରୀ ମୋଦୀଙ୍କ ସଙ୍ଗରେ ଇଟାଲୀ ଯାଇଥିବା ବୈଦେଶିକ ବ୍ୟାପାର ସଚିବ ବିନୟ କ୍ୱାତ୍ରା କହିଛନ୍ତି। ଇଟାଲୀ ରହଣୀ ଭିତରେ ପ୍ରଧାନମନ୍ତ୍ରୀ ମୋଦୀ ଭାଟିକାନ୍‌ରେ ପୋପ୍ ଫ୍ରାନ୍‌ସେସଙ୍କୁ ଭେଟିବା ଓ ଇଟାଲୀ ପ୍ରଧାନମନ୍ତ୍ରୀ ଜିଓର୍ଜିଆ ମିଲୋନିଙ୍କ ସହ ଦ୍ୱିପାକ୍ଷିକ ବୈଠକ କରିବାର କାର୍ଯ୍ୟକ୍ରମ ଚୂଡ଼ାନ୍ତ ହେଇସାରିଥିବା ବେଳେ ଆମେରିକା ରାଷ୍ଟ୍ରପତି ଜୋ ବାଇଡେନଙ୍କୁ ଭେଟିବା ସମ୍ପର୍କରେ କୌଣସି ଖବର ଏଯାଏଁ ମିଳି ନାହିଁ।

# ‘ହମାରେ ବାରାହ’ ଚଳଚ୍ଚିତ୍ର ମୁକ୍ତିଲାଭ ଉପରେ ସୁପ୍ରିମ୍‌କୋର୍ଟଙ୍କ ରୋକ୍

ବେଙ୍ଗାଲୁରୁ, ୧୩।୬(ଏଜେନ୍ସି)

ବଲିଉଡ୍ ଫିଲ୍ମ ‘ହମାରେ ବାରାହ’ର ମୁକ୍ତଲାଭ (ରିଲିଜ୍) ଉପରେ ସୁପ୍ରିମ୍‌କୋର୍ଟ ଆଜି ରହିତାଦେଶ(ଷ୍ଟେ) ଦେଇଛନ୍ତି। ଆସନ୍ତାକାଲି ଏହି ଫିଲ୍ମ ରିଲିଜ୍ ହୋଇଥା’ନ୍ତା। ଏହି ଫିଲ୍ମରେ ଇସଲାମ୍ ଧର୍ମ ଭାବନା ପ୍ରତି ଅପମାନଜନକ ବିଷୟବସ୍ତୁ ଥିବା ନେଇ ଯେଉଁ ପିଟିସନ୍ ବିଚାରାଧୀନ ରହିଛି ତାହା ଉପରେ ତ୍ୱରିତ ନିଷ୍ପତ୍ତି ନେବାକୁ ବମ୍ବେ ହାଇକୋର୍ଟଙ୍କୁ ସୁପ୍ରିମ୍‌କୋର୍ଟ କହିଛନ୍ତି। ଏହି ଫିଲ୍ମର ମୁକ୍ତିଲାଭ ଉପରେ ରୋକ୍ ଲଗାଇବେ ନାହିଁ ବୋଲି ବମ୍ବେ ହାଇକୋର୍ଟଙ୍କ ନିଷ୍ପତ୍ତିକୁ ଚ୍ୟାଲେଞ୍ଜ୍ କରି ସୁପ୍ରିମ୍‌କୋର୍ଟରେ ଦାଖଲ କରାଯାଇଥିବା ଏକ ପିଟିସନର ବିଚାରକରି ସୁପ୍ରିମକୋର୍ଟ ଏହି ରାୟ ଦେଇଛନ୍ତି। ଶୁଣାଣୀ ବେଳେ ଫିଲ୍ମ ନିର୍ମାତାଙ୍କ ଓକିଲ ସୁପ୍ରିମକୋର୍ଟଙ୍କୁ କହିଥିଲେ, ବମ୍ବେ ହାଇକୋର୍ଟଙ୍କ ନିର୍ଦ୍ଦେଶ ଅନୁଯାୟୀ ଫିଲ୍ମର ପ୍ରମୋସ୍‌ନାଲ୍ ମ୍ୟାଟେରିଆଲ୍‌ରୁ ସମସ୍ତ ଆପତ୍ତିଜନକ ଦୃଶ୍ୟ ଓ ସଂଳାପ ବାଦ୍ ଦିଆଯାଇଛି। ସୁପ୍ରିମ୍‌କୋର୍ଟ ଏହାକୁ ଅଗ୍ରାହ୍ୟ କରି କହିଥିଲେ, ଆଜି ସକାଳେ ଆମେ ଫିଲ୍ମର ଟିଜର୍ ଦେଖିଛୁ। ସେଥିରେ ଆପତ୍ତିଜନକ ଦୃଶ୍ୟ ଓ ସଂଳାପ ରହିଛି। ତୁମେ କିଛି ବି ବାଦ୍ ଦେଇନାହଁ। ଫିଲ୍ମର ମୁକ୍ତିଲାଭ ଉପରେ ରୋକ୍ ଲାଗିଲେ ନିର୍ମାତାଙ୍କର ବଡ଼ ଆର୍ଥିକ କ୍ଷତି ହେବ ବୋଲି ଦର୍ଶାଯିବାରୁ ସୁପ୍ରିମ୍‌କୋର୍ଟ କହିଥିଲେ, ଟିଜର୍‌ରେ ଯଦି ଏତେ ଆକ୍ରମକ ଓ ଅପ୍ରିୟ(ଅଫେନ୍‌ସିଭ୍) ସିନ୍ ରହିଛି ତେବେ ଫିଲ୍ମରେ କ’ଣ ନଥିବ। ଯଦି ତୁମେ ସବୁ ଆପତ୍ତିଜନକ ସିନ୍ ହଟାଇଥିବା କହୁଛ, ତା’ହେଲେ ତୁମେ ସେଥିରେ ଆପାତତଃ ବିଫଳ ହେଇଛ। ଏଠାରେ ଉଲ୍ଲେଖଯୋଗ୍ୟ, ‘ହମାରେ ବାରାହ’ ଫିଲ୍ମରେ ଇସଲାମ୍ ବିରୋଧୀ ତତ୍ତ୍ୱ ରହିଛି, ମୁସ୍‌ଲିମ୍‌ଙ୍କୁ ଅପନିନ୍ଦିତ କରାଯାଇଛି ଓ କୋରାନର ଆୟାତ ବା ଭର୍ସେସ୍’ର ଅଶୁଦ୍ଧ ଉଚ୍ଚାରଣ ଓ ଅବାଞ୍ଛିତ ଉପସ୍ଥାପନ ରହିଥିବା ଦର୍ଶାଇ ଫାଇଲ୍ କରାଯାଇଥିବା ପିଟିସନ୍‌ର ବିଚାର କରି ବମ୍ବେ ହାଇକୋର୍ଟ ଫିଲ୍ମଟିର ମୁକ୍ତିଲାଭ ଉପରେ ରୋକ୍ ଲଗାଇଥିଲେ କିନ୍ତୁ ତା’ର ଦିନକ ପରେ ଫିଲ୍ମଟିର ସମୀକ୍ଷା ବା ତର୍ଜମା ନିମନ୍ତେ ଏକ କମିଟି ଗଢ଼ିବାକୁ ସେଣ୍ଟ୍ରାଲ ବୋର୍ଡ ଅଫ୍ ଫିଲ୍ମ ସାର୍ଟିଫିକେସନ୍’କୁ ନିର୍ଦ୍ଦେଶ ଦେଇଥିଲେ। ପରେ ଫିଲ୍ମଟିର କେତେକ ସଂଳାପ ଓ ଦୃଶ୍ୟକୁ ବାଦ୍ ଦେବା ସର୍ତ୍ତରେ ବମ୍ବେ ହାଇକୋର୍ଟ ଫିଲ୍ମଟିର






ମୁକ୍ତିଲାଭ ଉପରେ ଲଗାଇଥିବା ରୋକ୍‌କୁ ପ୍ରତ୍ୟାହାର କରିନେଇଥିଲେ। ଅନ୍ୟ ପକ୍ଷରେ କର୍ଣ୍ଣାଟକ ସରକାର ଏହି ଫିଲ୍ମ ଉପରେ ବ୍ୟାନ୍ ଲଗାଇଛନ୍ତି। ସରକାରଙ୍କ ପକ୍ଷରୁ ଏ ନେଇ କୁହାଯାଇଛି ଯେ ଫିଲ୍ମଟି ପ୍ରଦର୍ଶିତ ହେଲେ ସାମ୍ପ୍ରଦାୟିକ ବିଦ୍ୱେଷ ସୃଷ୍ଟିର ସମ୍ଭାବନାକୁ ଦୃଷ୍ଟିରେ ରଖି କର୍ଣ୍ଣାଟକ ସିନେମା(ନିୟନ୍ତ୍ରଣ) ଆଇନ-୧୯୬୪ ଅନୁଯାୟୀ ଫିଲ୍ମର ମୁକ୍ତିଲାଭ ଓ ପ୍ରସାରଣ ଉପରେ ଅନ୍ୟୂନ ଦୁଇ ସପ୍ତାହ କିମ୍ବା ପରବର୍ତ୍ତୀ ଆଦେଶ ଯାଏଁ ବ୍ୟାନ୍ ଲାଗୁ କରାଯାଇଛି। ଫିଲ୍ମର ଟ୍ରେଲର୍ ଦେଖି ସଂଖ୍ୟାଲଘୁଙ୍କ ଅନେକ ସଂଗଠନ ଏହାର ପ୍ରଦର୍ଶନ/ପ୍ରସାରଣ ଉପରେ ରୋକ୍ ଲଗାଯିବା ପାଇଁ ରାଜ୍ୟର କଂଗ୍ରେସ ସରକାରଙ୍କୁ ଅନୁରୋଧ କରିଥିବାରୁ ଏହି ପଦକ୍ଷେପ ନିଆଯାଇଛି। ‘ହମାରେ ବାରାହ’ ଫିଲ୍ମରେ ଭିନ୍ନ ଭିନ୍ନ ଚରିତ୍ରରେ ଅନ୍ନୁ କପୁର, ମନୋଜ ଯୋଶୀ, ପରିତୋଷ ତ୍ରିପାଠୀ ଓ ପାର୍ଥ ସାମ୍ଥାନ ପ୍ରମୁଖ ଅଭିନେତା ଅଭିନୟ କରିଛନ୍ତି। ଏହି ଫିଲ୍ମ ଜନସଂଖ୍ୟା ବୃଦ୍ଧିଜନିତ ଉତ୍କଟ ସାମାଜିକ ସମସ୍ୟା ଉପରେ ଆଧାରିତ ବିଷୟବସ୍ତୁକୁ ନେଇ ନିର୍ମିତ ହୋଇଛି। କମଲ ଚନ୍ଦ୍ରାଙ୍କ ଦ୍ୱାରା ନିର୍ଦ୍ଦେଶିତ ଏହି ଫିଲ୍ମର ପୂର୍ବ ଟାଇଟଲ୍ ଥିଲା ‘ହମ୍ ଦୋ ହମାରା ବାରାହ’। ସେଣ୍ଟ୍ରାଲ ବୋର୍ଡ ଅଫ୍ ଫିଲ୍ମ ସାର୍ଟିଫିକେସନ୍ ଏହି ଟାଇଟଲ୍ ବଦଳାଇବାକୁ କହିବାରୁ ଫିଲ୍ମର ନୂଆ ଟାଇଟଲ୍ ରହିଛି ‘ହମାରେ ବାରାହ’।

## ଗଢ଼ା ଚାଲିଛି ତିନିରଥ...

# ଖଞ୍ଜାଗଲା ଦଣ୍ଡା ଫ୍ରେମ୍



**ପୁରୀ,୧୩।୬(ସମିସ):** ପାଖେଇ ଆସୁଛି ରଥଯାତ୍ରା। ଏଥିପାଇଁ ପ୍ରଶାସନିକ ପ୍ରସ୍ତୁତି ଜୋର୍ ଧରିଥିବା ବେଳେ ରଥ ନିର୍ମାଣ କାମ ମଧ୍ୟ ଦ୍ରୁତଗତିରେ ଚାଲିଛି। ଗୁରୁବାର ତଳେ ଦଣ୍ଡାଫ୍ରେମ ଖଞ୍ଜାଯାଇଛି। ପ୍ରଥମେ ତିନିରଥର ପାଞ୍ଚଦଣ୍ଡାରେ ଆଗିଆଣୀ ଓ ପଛିଆଣୀ ମୁହାଁଟ ସଂଯୋଗ କରାଯାଇଛି। ଏହାପରେ କୁଡୁକା ସଂଯୋଗ ହୋଇ ପାର୍ଶ୍ୱ ଦଣ୍ଡା ସଂଯୋଗ କରାଯାଇଛି। ପରେ ଏଥିରେ ପାର୍ଶ୍ୱ ମୁହାଁଟ ସଂଯୋଗ କରାଯାଇଥିଲା। ଏହାପରେ ଗୁଜ ପୋତାଯାଇ ସେଥିରେ ନିରାଡି ଥୁଆଯାଇଛି। ଏହାକୁ ତଳେ ସେଟିଙ୍ଗ କରାଯାଇ ନମ୍ବରିଂ କରାଯିବା ପରେ ଖୋଲାଯିବ। ଅଖ ଉପରେ ଏହି ଦଣ୍ଡା ଫ୍ରେମ୍ ଫିଟିଙ୍ଗ କରାଯିବ। ଏହା ରଥର ସମ୍ପୂର୍ଣ୍ଣ ଭାରକୁ ବହନ କରିବ। ଦଣ୍ଡା ଉପରେ ଗରଗରା ପଡ଼ି ଚାରିନାହାକା ଉଠିବ। ତେବେ ଅନ୍ୟାନ୍ୟ କାମ ମଧ୍ୟରେ ତିନିରଥର ଆଗ ଆଣି ଏବଂ ପଛ ଆଣି ଢମକର ଚଉପଟ କାର୍ଯ୍ୟ ଶେଷ ପର୍ଯ୍ୟାୟରେ ପହଞ୍ଚିଥିବା ବେଳେ ପ୍ରତି ରଥର ଦୁଇଟି ଲେଖାଏଁ ଧୂଳି ଦଣ୍ଡା ନିର୍ମାଣ ସରିଛି। ଏତଦ୍‌ବ୍ୟତୀତ ମହାପ୍ରଭୁଙ୍କ ଅନବସର ଗୃହ ପ୍ରସ୍ତୁତ ପାଇଁ ତାଳଧ୍ୱଜ ରଥର ମୁଖ୍ୟ ମହାରଣାଙ୍କ ତତ୍ତ୍ୱାବଧାନରେ ୩ଟି ୨୦ ଫୁଟିଆ ଅଣସର ଗୟଳ ଚଉପଟ ହୋଇଛି। କରତୀ ସେବକମାନେ ଦର୍ପଦଳନ ରଥର ପୋଲ ଗୟଳ ଚିରଟ କରୁଛନ୍ତି। ରୂପକାର ସେବକମାନେ ସମସ୍ତ ସାଲଗୁଜ ଏବଂ ତିଖ ଗୁଜରେ ନୃସିଂହ ରୂପ ଖୋଦେଇ ଶେଷ କରିବା ପରେ ତିନିରଥର ସିଂହାସନରେ ପୂର୍ଣ୍ଣ କୁମ୍ଭ, ପଦ୍ମ, ଗଜ ମାଳ, ଡାଳିଲତା ଖୋଦେଇ କରୁଛନ୍ତି। ଦୋଳବେଦୀ ପରିସରରେ କମାର ସେବକମାନେ ଆଗ ପାତେଳି ଓ ଦୁଆର ବେଢ଼ା କଣ୍ଟା ତିଆରି କରୁଛନ୍ତି।

# ଦଳୀୟ ନେତାଙ୍କୁ ଦମ୍ଭ ଦେଲେ ନବୀନ



■ ବର୍ତ୍ତମାନ ଆରାମ ନୁହେଁ; କାମ କରିବାର ପ୍ରକୃଷ୍ଟ ସମୟ
■ ନିଷ୍ଠାର ସହ ରାଜ୍ୟବାସୀଙ୍କ ସେବା କରିବାକୁ ପରାମର୍ଶ
■ ରାଜ୍ୟ ସ୍ୱାର୍ଥ ପ୍ରସଙ୍ଗରେ କୌଣସି ସାଲିସ୍ କରାଯିବ ନାହିଁ

**ଭୁବନେଶ୍ୱର, ୧୩।୬(ସମିସ):** ଦୀର୍ଘ ୨୫ ବର୍ଷ ଧରି ଅପରାଜେୟ ବିଜୁ ଜନତା ଦଳର ଅପ୍ରତ୍ୟାଶିତ ପରାଜୟ ଅନେକଙ୍କୁ ହତବମ୍ଭ କରିଛି। ଦଳର ନେତା ଓ କର୍ମୀଙ୍କଠାରୁ ଆରମ୍ଭ କରି ସାଧାରଣ ଭୋଟର ବି ଏହାକୁ ବିଶ୍ୱାସ କରିପାରୁ ନାହାନ୍ତି। ପରାଜୟର ଧକ୍କାରୁ ଅନେକ ନେତା ଏବେ ବି ବାହାରି ପାରୁ ନାହାନ୍ତି। ପ୍ରତିଦିନ ଦଳର ବହୁ ବରିଷ୍ଠ ଓ କନିଷ୍ଠ ନେତା, ବିଜୟୀ ଓ ପରାଜିତ ପ୍ରାର୍ଥୀ, ଦଳୀୟ କର୍ମକର୍ତ୍ତା ନବୀନ ନିବାସରେ ବିଜେଡି ସୁପ୍ରିମୋ ନବୀନ ପଟ୍ଟନାୟକଙ୍କୁ ଭେଟୁଛନ୍ତି। ଜଣକ ପରେ ଜଣେ ବ୍ୟକ୍ତିଗତ ଭାବରେ ନବୀନଙ୍କ ସହ ଆଲୋଚନା କରୁଛନ୍ତି। ଏହି କ୍ରମରେ ଦଳର ବହୁ ବରିଷ୍ଠ ନେତା ନବୀନ ନିବାସରେ ଦଳର ସୁପ୍ରିମୋଙ୍କୁ ଭେଟି ଆଗାମୀ କାର୍ଯ୍ୟକ୍ରମ ଓ ପଦକ୍ଷେପ ସମ୍ପର୍କରେ ଆଲୋଚନା କରିଛନ୍ତି। ନବୀନ ଏହି ଅବସରରେ ଦଳୀୟ ନେତାମାନଙ୍କୁ ଦମ୍ଭ ଦେବା ସହ ବର୍ତ୍ତମାନ ଆରାମ ନୁହେଁ, ନିଷ୍ଠାର ସହ ରାଜ୍ୟବାସୀଙ୍କ ପାଇଁ କାର୍ଯ୍ୟ କରିବାକୁ ପରାମର୍ଶ ଦେଇଇଛନ୍ତି।

ଗୁରୁବାର ନବୀନ ନିବାସରେ ନବୀନଙ୍କୁ ପୂର୍ବତନ ମନ୍ତ୍ରୀ ପ୍ରଫୁଲ୍ଲ ମଲ୍ଲିକ, ଉଷା ଦେବୀ, ପ୍ରଦୀପ ଅମାତ ଏବଂ ରଘୁନାଥ ମହାନ୍ତି ସାକ୍ଷାତ କରିଛନ୍ତି। ନବୀନ ଜଣ ଜଣ କରି ସମସ୍ତ ବରିଷ୍ଠ ନେତାଙ୍କ ସହ ବ୍ୟକ୍ତିଗତ ଭାବେ ନିର୍ବାଚନ ଫଳାଫଳ ସମ୍ପର୍କରେ ଆଲୋଚନା କରିଛନ୍ତି। ଏହି ଅବସରରେ ରାଜ୍ୟ ଓ ରାଜ୍ୟବାସୀ ସ୍ୱାର୍ଥ ସମ୍ବଳିତ ପ୍ରସଙ୍ଗରେ ସାଲିସ ନ କରିବାକୁ ମଧ୍ୟ ପରାମର୍ଶ ଦେଇଛନ୍ତି। ନବୀନ ନିବାସରୁ ବାହାରିବା ପରେ ଗଣମାଧ୍ୟମକୁ ପ୍ରତିକ୍ରିୟା ଦେଇ ଶ୍ରୀ ମଲ୍ଲିକ ଓ ଶ୍ରୀ ଅମାତ କହିଛନ୍ତି ଯେ ଦଳର ସଭାପତି ଆମକୁ ରାଜ୍ୟର ଲୋକମାନଙ୍କର ସେବା ନିଷ୍ଠାର ସହ କରିବାକୁ ପରାମର୍ଶ ଦେଇଛନ୍ତି। କ୍ଷମତାରୁ ଗଲେ ମଧ୍ୟ ଲୋକଙ୍କର ସେବା ଯେପରି ବିଜେଡି ଏବଂ ଏହାର ନେତୃବୃନ୍ଦ ସମାନ ନିଷ୍ଠାର ସହ କରିପାରିବେ, ସେନେଇ ଯତ୍ନବାନ ହେବାକୁ ନବୀନ ପରାମର୍ଶ ଦେଇଛନ୍ତି। ସୁପ୍ରିମୋ ଆମକୁ କହିଛନ୍ତି ଯେ ଲୋକଙ୍କ ପାଖକୁ ଯାଅ, ଲୋକଙ୍କ ସହ ଯୋଡ଼ି ହୋଇ ରୁହ। ସେମାନଙ୍କ ପାଇଁ ସମ୍ପୂର୍ଣ୍ଣ ନିଷ୍ଠାର ସହ କାମ କର। ନବୀନଙ୍କ ଏପରି ପରାମର୍ଶ ଆମର ଆତ୍ମବିଶ୍ୱାସକୁ ବହୁଗୁଣିତ କରିବା ସହ ସାଧାରଣ ଲୋକଙ୍କ ସେବା କରିବାକୁ ଅଧିକ ବଳ ଯୋଗାଇଛି ବୋଲି ଉପରୋକ୍ତ ନେତାଏ ମତପ୍ରକାଶ କରିଛନ୍ତି।

ସୂଚନାଯୋଗ୍ୟ ଯେ ଚଳିତ ନିର୍ବାଚନରେ ବିଜେଡିର ପରାଜୟ ପରେ ନିଜେ ନବୀନ ଦଳୀୟ ନେତାଙ୍କ ସହ ଆଲୋଚନା କରୁଛନ୍ତି। ପ୍ରତିଦିନ ରାଜ୍ୟର କୋଣ ଅନୁକୋଣରୁ ବିଜେଡି ନେତାଙ୍କ ସହ ନିର୍ବାଚିତ ପ୍ରତିନିଧିମାନଙ୍କ ସହ ନବୀନ ୱାନ୍ ଟୁ ୱାନ୍ ଆଲୋଚନା କରି ପରାଜୟର ସମୀକ୍ଷା କରୁଛନ୍ତି। ଏହାସହ ଆଗାମୀ ଦିନରେ ବିଜେଡି ଯେପରି ଏକ ଗଠନମୂଳକ ବିରୋଧୀ ଦଳର ଭୂମିକା ନିର୍ବାହ କରିପାରିବ, ରାଜ୍ୟସ୍ୱାର୍ଥକୁ ସର୍ବାଗ୍ରେ ରଖି ନିଜର ଲଢ଼େଇ ଜାରି ରଖିବ ସେନେଇ କାର୍ଯ୍ୟ କରିବାକୁ ନବୀନ ପରାମର୍ଶ ଦେଉଥିବା ଜଣାପଡ଼ିଛି।

## ସଙ୍କଳ୍ପ ପତ୍ରର ସମସ୍ତ ପ୍ରତିଶ୍ରୁତି ପୂରଣ ହେବ: ମୁଖ୍ୟମନ୍ତ୍ରୀ

**ଭୁବନେଶ୍ୱର,୧୩।୬(ସମିସ):** ସାଧାରଣ ଲୋକଙ୍କ ମନରେ ସରକାରଙ୍କ ପ୍ରତି ଭରଷା ସୃଷ୍ଟି କରିବା ପାଇଁ ଆମ ସଂକଳ୍ପ ପତ୍ରରେ ଦିଆଯାଇଥିବା ପ୍ରତିଶ୍ରୁତି ଗୁଡ଼ିକ ହେଉଛି ପ୍ରଧାନମନ୍ତ୍ରୀ ମୋଦୀଙ୍କ ଗ୍ୟାରେଣ୍ଟି। ସାଧାରଣ ଲୋକଙ୍କ ହିତକୁ ଆଖି ଆଗରେ ରଖି ଏସବୁ ସ୍ଥାନୀତ କରାଯାଇଛି। ଖୁବଶୀଘ୍ର ଏହି ପ୍ରତିଶ୍ରୁତି ଗୁଡ଼ିକ ପୂରଣ କରାଯିବ ବୋଲି କହିଛନ୍ତି ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝି।

ଗତକାଲି କ୍ୟାବିନେଟ୍‌ରେ ଶ୍ରୀମନ୍ଦିର ଚାରି ଦ୍ୱାରା ଖୋଲାଯିବା ନିଷ୍ପତ୍ତି ପରେ ଶ୍ରୀ ମାଝୀ ଓ ମନ୍ତ୍ରିମଣ୍ଡଳର ସଦସ୍ୟଙ୍କ ଉପସ୍ଥିତିରେ ଗୁରୁବାର ପ୍ରତ୍ୟୁଷରୁ ଶ୍ରୀମନ୍ଦିରର ଚାରି ଦ୍ୱାର ଖୋଲା ଯାଇଛି । ସାଧାରଣ ଲୋକଙ୍କ ଗହଣରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଶ୍ରୀମନ୍ଦିର ଭିତରକୁ ପ୍ରବେଶ କରିଛନ୍ତି। ବୁଧବାର ବିଳମ୍ବିତ ରାତ୍ରୀରେ ମୁଖ୍ୟମନ୍ତ୍ରୀ ଓ ତାଙ୍କ ମନ୍ତ୍ରିମଣ୍ଡଳର କିଛି ସଦସ୍ୟ ପୁରୀରେ ପହଞ୍ଚିଥିଲେ। ମୁଖ୍ୟମନ୍ତ୍ରୀଙ୍କୁ ପୁରୀ ଯିବା ବାଟରେ ସ୍ଥାନେ ସ୍ଥାନେ ଉଚ୍ଛସିତ ସମ୍ବର୍ଦ୍ଧନା ପ୍ରଦାନ କରାଯାଇଥିଲା। ସେହିପରି ପୁରୀରୁ ଫେରିବା ସମୟରେ ମୁଖ୍ୟମନ୍ତ୍ରୀ ଉତ୍କଳମଣି ପଣ୍ଡିତ ଗୋପବନ୍ଧୁଙ୍କ ଜନ୍ମସ୍ଥଳୀ ସୁଆଣ୍ଡୋ ଯାଇଥିଲେ । ସେଠାରେ ଉତ୍କଳମଣି ପଣ୍ଡିତ ଗୋପବନ୍ଧୁଙ୍କ ପ୍ରତି ଶ୍ରଦ୍ଧାସୁମନ ଅର୍ପଣ କରି ସୁଆଣ୍ଡୋ ଗ୍ରାମ ବୁଲି ଲୋକଙ୍କ ସହିତ ମିଶିଥିଲେ। ସେଠାରେ ସାଧାରଣ ଲୋକଙ୍କୁ ଦିଆଯାଇଥିବା ପ୍ରତିଶ୍ରୁତିକୁ ଖୁବ୍ ଶୀଘ୍ର ପୂରଣ କରାଯିବ ବୋଲି ଆଶ୍ୱାସନା ଦେଇଥିଲେ।

## ହାଇକୋର୍ଟଙ୍କ ନିର୍ଦ୍ଦେଶକୁ ଉଲ୍ଲଂଘନ

# ଗର୍ଭଗୃହରେ ପଶିଲେ ଭକ୍ତ

**ପୁରୀ,୧୩।୬(ସମିସ):** ଶ୍ରୀମନ୍ଦିରରେ ହାଇକୋର୍ଟଙ୍କ ନିର୍ଦ୍ଦେଶକୁ ଉଲ୍ଲଂଘନ। ସୁରକ୍ଷା ଓ ଶୃଙ୍ଖଳା ଦୃଷ୍ଟିରୁ ଶ୍ରୀମନ୍ଦିର ଗର୍ଭଗୃହକୁ ଭକ୍ତଙ୍କ ପ୍ରବେଶ ଉପରେ ହାଇକୋର୍ଟଙ୍କ କଟକଣା ରହିଥିବା ବେଳେ ଗୁରୁବାର ୪ଦ୍ୱାର ଖୋଲିବା ପରେ କିଛି ଭକ୍ତ ଗର୍ଭଗୃହକୁ ପ୍ରବେଶ କରିଥିବା ସାଧାରଣରେ ଅଭିଯୋଗ ହୋଇଛି।

ପୂର୍ବରୁ ଭକ୍ତମାନେ ଗର୍ଭଗୃହକୁ ପ୍ରବେଶ କରିପାରୁଥିଲେ। ରତ୍ନସିଂହାସନ ପରିକ୍ରମା କରିବା ସହ ମହାପ୍ରଭୁଙ୍କୁ ସ୍ପର୍ଶ କରିପାରୁଥିଲେ। ମନଖୋଲା ଦର୍ଶନ ଲଭିବା ସହ ଆତ୍ମତୃପ୍ତି ଅନୁଭବ କରୁଥିଲେ। କିନ୍ତୁ ଶ୍ରୀମନ୍ଦିର ସଂସ୍କାର କମିସନଙ୍କ ସୁପାରିସ ଆଧାରରେ ୨୦୧୬ ମସିହାରେ ଯେତେବେଳେ ଜଗମୋହନ ମରାମତି ହେଲା ସେ ସମୟରୁ ଭକ୍ତଙ୍କ ସୁରକ୍ଷା ଓ ଶୃଙ୍ଖଳା ଆଣିବା ପାଇଁ ହାଇକୋର୍ଟଙ୍କ ଆଦେଶକ୍ରମେ ଗର୍ଭଗୃହ ଦର୍ଶନକୁ ବନ୍ଦ ରଖାଯାଇଛି। କିନ୍ତୁ ହାଇକୋର୍ଟ ଭିତରକାଠରୁ ଭକ୍ତ ମହାପ୍ରଭୁଙ୍କ ଦର୍ଶନ କରିପାରିବେ ବୋଲି ଆଦେଶ ଦେଇଥିଲେ। ସେବେଠାରୁ ଭିତରକାଠ ନିକଟରୁ ଭକ୍ତ ଦର୍ଶନ କରିଆସୁଛନ୍ତି।

ନୂଆ ସରକାରଙ୍କ ପ୍ରଥମ କ୍ୟାବିନେଟ ନିଷ୍ପତ୍ତିକ୍ରମେ ଚାରିଦ୍ୱାର ଖୋଲିବା ପରିପ୍ରେକ୍ଷୀରେ ଗୁରୁବାର ସକାଳେ ମୁଖ୍ୟମନ୍ତ୍ରୀ ଓ ଅନ୍ୟ ମନ୍ତ୍ରୀମାନେ ଶ୍ରୀମନ୍ଦିରକୁ ଦର୍ଶନ ପାଇଁ ଯାଇଥିଲେ। ମହାପ୍ରଭୁଙ୍କ ମଙ୍ଗଳ ଆଳତି ଦର୍ଶନ କରିବା ପରେ କିଛି ନେତା, କର୍ମୀଙ୍କ ସମେତ ଭକ୍ତ ବି ଗର୍ଭଗୃହକୁ ପ୍ରବେଶ କରିଥିଲେ। ଗର୍ଭଗୃହ ଭିତରେ ଦର୍ଶନ ବାରଣ ଥିବା ବେଳେ କିଭଳି ଓ କେଉଁ ପରିସ୍ଥିତିରେ ସଂଖ୍ୟାଧିକ ଲୋକ ପ୍ରବେଶ କଲେ ତାହା ଏବେ ସାଧାରଣରେ ପ୍ରଶ୍ନବାଚୀ ସୃଷ୍ଟି କରିଛି।

ଶ୍ରୀମନ୍ଦିରରେ ବ୍ରାହ୍ମଣ ସେବା କରୁଥିବା ପୁରୀର ଭଜରାମ ପାଢ଼ୀ କହିଛନ୍ତି, ମୁଖ୍ୟମନ୍ତ୍ରୀ ଭିତରକାଠ ପାଖରେ ଛିଡ଼ା ହୋଇ ଦର୍ଶନ କରିଥିଲେ। ମଙ୍ଗଳ ଆଳତି ସରିବା ପରେ ମୁଖ୍ୟମନ୍ତ୍ରୀଙ୍କୁ ଛାଡି ଅନ୍ୟ ନେତା ଓ ଭକ୍ତ ଗର୍ଭଗୃହକୁ ପ୍ରବେଶ କରିଥିଲେ। ସେଠାରେ ଉପସ୍ଥିତ ସେବାୟତ ବି ଅଟକାଇ ନ ଥିଲେ। ୮ ବର୍ଷ ହେଲା ଗର୍ଭଗୃହ ଦର୍ଶନ ବନ୍ଦ ରହିଛି। ହେଲେ ଜୋର୍ ଜବରଦସ୍ତି ଗର୍ଭଗୃହକୁ ପ୍ରବେଶ କରିବା ଅନ୍ୟାୟ। ମନ୍ଦିର ଭିତରେ ବି ରାଜନୀତି ହେଉଛି ଏହା ଠିକ୍ ନୁହେଁ। ଆଇନ କାନୁନ ସମସ୍ତଙ୍କ ପାଇଁ ସମାନ ହେବା ଦରକାର ବୋଲି କହିଛନ୍ତି ଶ୍ରୀ ପାଢ଼ୀ। ସେହିପରି ଭିତରେ ମହାପ୍ରଭୁଙ୍କୁ ଦର୍ଶନ କରି ଭାବବିହ୍ୱଳିତ ହୋଇଯାଇଥିବା ଜଣେ ମହିଳା ଭକ୍ତ ଏକ ବୈଦ୍ୟୁତିକ ଗଣମାଧ୍ୟମ ପ୍ରତିନିଧିଙ୍କ ପ୍ରଶ୍ନର ଉତ୍ତର ଦେଇ କହିଥିଲେ ଯେ, ଚାରିଦ୍ୱାର ଖୋଲିବା ନେଇ ବହୁତ ଖୁସି। ଆଜି ଆମକୁ ଭିତର ସିଂହାସନ ପାଖକୁ ଛାଡ଼ିଲେ। କେତେବର୍ଷ ହେଲାଣି ସିଂହାସନ ପାଖକୁ ଯାଇପାରୁ ନ ଥିଲୁ ବୋଲି ମହିଳା ଜଣଙ୍କ ପ୍ରତିକ୍ରିୟା ଦେଇଛନ୍ତି। ହେଲେ ଏହି ଘଟଣାରେ ମନ୍ଦିର, ଜିଲ୍ଲା ଏବଂ ପୁଲିସ ପ୍ରଶାସନର କୌଣସି ଅଧିକାରୀ ମୁହଁ ଖୋଲିନାହାନ୍ତି।

## ରାଜ୍ୟ ଅତିଥି ଭବନ ପାଲଟିଲା ମୁଖ୍ୟମନ୍ତ୍ରୀଙ୍କ ଅସ୍ଥାୟୀ କାର୍ଯ୍ୟାଳୟ

**ଭୁବନେଶ୍ୱର,୧୩।୬(ସମିସ):** ଆଜି ରାଜ୍ୟ ସରକାରଙ୍କ ଅତିଥି ଭବନ(ଗେଷ୍ଟ ହାଉସ)ରୁ ନୂଆ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ସରକାରୀ କାର୍ଯ୍ୟ ଆରମ୍ଭ କରିଛନ୍ତି। ପ୍ରଥମ ଦିନରେ ବିଭିନ୍ନ ସଂଗଠନ, ଅନ୍ୟ ଦଳର ନେତାମାନେ ମଧ୍ୟ ମୁଖ୍ୟମନ୍ତ୍ରୀଙ୍କୁ ସୌଜନ୍ୟମୂଳକ ସାକ୍ଷାତ, ଆଲୋଚନା କରିଛନ୍ତି। ସୂଚନା ଅନୁସାରେ ଆଜି ରାଜ୍ୟ ଅତିଥି ଭବନର ପ୍ରଥମ ମହଲାରେ ନବନିଯୁକ୍ତ ମୁଖ୍ୟମନ୍ତ୍ରୀ ଶ୍ରୀ ମାଝୀ ରାଜ୍ୟ ସରକାରଙ୍କ ବିଭିନ୍ନ ବିଭାଗର ସଚିବମାନଙ୍କୁ ଡାକି ଆଲୋଚନା କରିଛନ୍ତି। ଏହାସହିତ ବିଧାନସଭାର ଅଧିବେଶନ ଆରମ୍ଭ ନେଇ ପ୍ରାରମ୍ଭିକ ଭାବେ ସଂସଦୀୟ ବ୍ୟାପାର ବିଭାଗର ସଚିବ ଜି.ମାଥିଭାଥାନନ୍ ଓ ବିଧାନସଭା ସଚିବ ଦାଶରଥୀ ଶତପଥୀଙ୍କ ସହ ବିଚାରବିମର୍ଶ କରିଥିବା ଜଣାପଡ଼ିଛି। ମୁଖ୍ୟମନ୍ତ୍ରୀଙ୍କ କାର୍ଯ୍ୟାଳୟ ନୂଆ ମୁଖ୍ୟମନ୍ତ୍ରୀଙ୍କୁ ସ୍ୱାଗତ ପାଇଁ ସଜେଇ ହେଉଥିବାରୁ ଶ୍ରୀ ମାଝୀ ଏବେ ଅସ୍ଥାୟୀ ଭାବେ ରାଜ୍ୟ ଅତିଥି ଭବନର ପ୍ରଥମ ମହଲାରୁ ନିଜର କାର୍ଯ୍ୟ ଜାରି ରଖିବେ ବୋଲି ସୂଚନା ମିଳିଛି।

## ଏସ୍‌ସିବିରେ ବିରଳ ଅସ୍ତ୍ରୋପଚାର

# ଯୁବକଙ୍କ ଛାତିରୁ କଢ଼ାଗଲା ୫ କେଜିର ଟ୍ୟୁମର

■ ଉପକୃତ ହେଲେ ଛତିଶଗଡ଼ର ଅସିତ୍ ଲାକ୍ରା
■ ସ୍ପିଣ୍ଡିଲ୍ ସେଲ୍ ଟ୍ୟୁମରରେ ଆକ୍ରାନ୍ତ ଥିଲେ
■ କର୍କଟ ଚିହ୍ନଟ ପାଇଁ ନମୁନା ପଠାଗଲା

**କଟକ,୧୩।୬(ସମିସ):** ଏସ୍‌ସିବି ମେଡିକାଲରେ ଏକ ବିରଳ ଅସ୍ତ୍ରୋପଚାର ହୋଇଛି। ପ୍ଲାଷ୍ଟିକ ସର୍ଜରୀ ବିଭାଗର ବରିଷ୍ଠ ପ୍ରଫେସର ଡାକ୍ତର ଅରୁଣ ଚୌଧୁରୀଙ୍କ ତତ୍ତ୍ୱାବଧାନରେ ହୋଇଥିବା ଅସ୍ତ୍ରୋପଚାର ଦ୍ୱାରା ଛତିଶଗଡ଼ର ଜଣେ ଯୁବକଙ୍କ ଛାତିରୁ ୫ କେ.ଜି ଓଜନର ଟ୍ୟୁମର କଢ଼ାଯାଇଛି। ଏହାକୁ ସ୍ପିଣ୍ଡିଲ୍ ସେଲ୍ ଟ୍ୟୁମର କୁହାଯାଉଛି। ଯାହାକି କ୍ୱଚିତ ଲୋକଙ୍କ ନିକଟରେ ଦେଖାଯାଏ। ଏସ୍‌ସିବି ଡାକ୍ତରୀ ଦଳ ଦ୍ୱାରା ଏହି ବିରଳ ଅସ୍ତ୍ରୋପଚାର ସଫଳ ହୋଇଛି। କର୍କଟ ଚିହ୍ନଟ ନିମନ୍ତେ ଟ୍ୟୁମରର କିଛି ନମୁନା ପାଥୋଲୋଜିକୁ ପଠାଯାଇଛି। ଯୁବକ ଜଣକ ସେଣ୍ଟ୍ରାଲ ଆଇସିୟୁରେ ଥିବା ବେଳେ ତାଙ୍କ ସ୍ୱାସ୍ଥ୍ୟାବସ୍ଥା ସ୍ୱାଭାବିକ ଅଛି ବୋଲି ପ୍ରଫେସର ଡାକ୍ତର ଚୌଧୁରୀ କହିଛନ୍ତି।

ମିଳିଥିବା ସୂଚନା ମୁତାବକ, ଛତିଶଗଡ଼ ବାଲବା ସିମଦେଶ ଅଞ୍ଚଳର ୨୫ବର୍ଷୀୟ ଅସିତ ଲାକ୍ରା। ତାଙ୍କ ଛାତି, ଗଳା, କାନ୍ଧରେ ସ୍ପିଣ୍ଡିଲ୍ ସେଲ୍ ଟ୍ୟୁମର ମାଡି ଯାଇଥିଲା। ଅସିତଙ୍କ ଶ୍ୱାସନଳୀ ଓ ଖାଦ୍ୟ ନଳୀ ମଧ୍ୟ ପ୍ରଭାବିତ ହୋଇଥିଲା। ରାଞ୍ଚିର ରାଜେନ୍ଦ୍ର ମେଡିକାଲ ଇନଷ୍ଟିଚ୍ୟୁଟ ଅଫ ମେଡିକାଲ ସାଇନ୍ସରେ ପ୍ରଥମେ ତାଙ୍କୁ ଭର୍ତ୍ତି କରାଯାଇଥିଲା। ସେଠାକାର ଡାକ୍ତରଙ୍କ ପରାମର୍ଶକ୍ରମେ ଅସିତ ଆଚାର୍ଯ୍ୟ ହରିହର ସ୍ନାତକୋତ୍ତର କର୍କଟ ପ୍ରତିଷ୍ଠାନ(ଏଏଚ୍‌ପିଜିଆଇସି)କୁ ଆସିଥିଲେ। ଗତ ୨୭ ତାରିଖରେ ଅସିତଙ୍କୁ ଏସ୍‌ସିବି ପ୍ଲାଷ୍ଟିକ ସର୍ଜରୀ ବିଭାଗକୁ



ସ୍ଥାନାନ୍ତର ହୋଇଥିଲେ। ଅସ୍ତ୍ରୋପଚାର ନିମନ୍ତେ ଏସ୍‌ସିବିରେ ସ୍ୱତନ୍ତ୍ର ଡାକ୍ତରୀ ଦଳ ଗଠନ ହୋଇଥିଲା। ପ୍ରଫେସର ଡାକ୍ତର ଚୌଧୁରୀଙ୍କ ସମେତ ଡାକ୍ତର ବି. ମିଶ୍ର, ଡାକ୍ତର ଏସ୍ ରାଉତରାୟ, ଡାକ୍ତର ଡି.କେ ସାହୁ, ଷ୍ଟାଫ ନର୍ସ ଏସ୍ ଦାସ, ନିଶ୍ଚେତକ ଡାକ୍ତର ଶୁଭଶ୍ରୀ ମିଶ୍ର, ଡାକ୍ତର ପି ସାମଲ ଦଳରେ ରହିଥିଲେ। ପ୍ରାୟ ୫ ଘଣ୍ଟା ଧରି ଅସ୍ତ୍ରୋପଚାର କରାଯିବା ସହ ସଫଳତା ପୂର୍ବକ ଅସିତଙ୍କ ଛାତିରୁ ୫ କେଜି ଓଜନର ଟ୍ୟୁମର କଢ଼ାଯାଇଥିଲା। ତାଙ୍କ ଉଭୟ ଜଙ୍ଘରୁ ମାଂସ ନେଇ ସ୍କିନ୍ ଗ୍ରାଫ୍ଟିଂ କରାଯାଇଥିଲା। ତେବେ ଦୀର୍ଘଦିନର ଟ୍ୟୁମର ଯୋଗୁଁ ଅସିତ୍ କର୍କଟ ଆକ୍ରାନ୍ତ ହୋଇଛନ୍ତି କି ନାହିଁ ତାହା ଜାଣିବା ନିମନ୍ତେ ଏବେ ଡାକ୍ତରୀ ଦଳ ଉଦ୍ୟମ କରୁଛନ୍ତି।

# ଏମ୍‌କେସିଜି ମେଡିକାଲରେ ପ୍ରଥମ ସଫଳ ଲେଜର୍ ଥେରାପି ଚିକିତ୍ସା

● ଅସ୍ତ୍ରୋପଚାରର କିଛି ସମୟ ପରେ ନିଜ ଗୋଡ଼ରେ ଚାଲିଲେ ରୋଗୀ
● ସିଟିଭିଏସ୍ ବିଭାଗର ଡାକ୍ତରୀ ଟିମ୍‌କୁ ବିଭିନ୍ନ ମହଲରୁ ପ୍ରଶଂସା

**ବ୍ରହ୍ମପୁର,୧୩।୬(ସମିସ):** ଏମ୍‌କେସିଜି ମେଡିକାଲ କଲେଜ ଓ ହସ୍ପିଟାଲରେ ପ୍ରଥମ ଥର ପାଇଁ ଶିରାପ୍ରଶିରା ଜନିତ(ଭେରିକସ ଭେନ୍) ରୋଗରେ ପୀଡ଼ିତ ରୋଗୀଙ୍କ ସଫଳ ଲେଜର ଅସ୍ତ୍ରୋପଚାର କରାଯାଇଛି। ସିଟିଭିଏସ(କାର୍ଡିଓ ଥେରାସିସ ଓ ଭାସକୁଲାର ସର୍ଜରୀ) ବିଭାଗର ଡାକ୍ତରମାନେ ଏଣ୍ଡୋଭେନସ ଲେଜର ଏବାଲାସନ ଥେରାପି(ଇଭିଏଲଟି) ମେସିନ ସାହାଯ୍ୟରେ ରୋଗୀଙ୍କ ଅସ୍ତ୍ରୋପଚାର କରିଛନ୍ତି। ସବୁଠୁ ବଡ଼ କଥା ହେଲା ଅସ୍ତ୍ରୋପଚାରର କିଛି ସମୟ ପରେ ରୋଗୀମାନେ ନିଜ ଗୋଡ଼ରେ ଚାଲିବାରେ



ସକ୍ଷମ ହେବା ସହ ଘଟଣା ଦିନ ହିଁ ଘରକୁ ଫେରିଛନ୍ତି ରୋଗୀ। ଏହି ସଫଳ ଅସ୍ତ୍ରୋପଚାର ଏମକେସିଜି ମେଡିକାଲର ଡାକ୍ତରଙ୍କ ଦକ୍ଷତାକୁ ପୁଣିଥରେ ସାମ୍ନାକୁ ଆଣିଛି। ଯାହାକୁ ନେଇ ବିଭିନ୍ନ ମହଲରେ ପ୍ରଶଂସା କରାଯାଇଛି। କିନ୍ତୁ ଏହି ଅସ୍ତ୍ରୋପଚାର ପାଇଁ ଆବଶ୍ୟକ ହେଉଥିବା ଇଭିଏଲଟି ମେସିନ ଏମକେସିଜିରେ ଉପଲବ୍ଧ ନଥିଲା। ଏହି ମେସିନ ପ୍ରସ୍ତୁତ କରୁଥିବା ଏକ ଘରୋଇ କମ୍ପାନୀ ନିଜ ଆଡୁ ଡେମୋ ବା ପରୀକ୍ଷାମୂଳକ ଭାବେ ପ୍ରଦର୍ଶନ କରିବା ପାଇଁ ଏମମକେସିଜି ମେଡିକାଲକୁ ପ୍ରଦାନ କରିଥିଲା। ସେହିକ୍ରମରେ ସିଟିଭିଏସ ବିଭାଗ ଓ ନିଶ୍ଚେତକ ବିଭାଗର ଡାକ୍ତରଙ୍କୁ ନେଇ ଗଠିତ ଏକ ଟିମ୍ ଦୁଇଜଣ ରୋଗୀଙ୍କ ଅସ୍ତ୍ରୋପଚାର ପାଇଁ ପ୍ରସ୍ତୁତି ଆରମ୍ଭ କରିଥିଲେ। ଅସ୍ତ୍ରୋପଚାର ଟିମ୍‌ରେ ସିଟିଭିଏସ ବିଭାଗର ଡାକ୍ତର ସାରଦା ସାହୁଙ୍କ ସମେତ ଡା. ବେରିୟନ ସ୍ୱାଇଁ, ଡା. ପ୍ରଦୀପ୍ତ ସାହୁ, ଡା. ପ୍ରଭାତ କୁମାର ପାଣିଗ୍ରାହୀ, ନିଶ୍ଚେତକ ବିଭାଗ ଡା. ଜ୍ୟୋତ୍ସ୍ନା, ଡା. ଜୟନ୍ତ ପଟ୍ଟନାୟକଙ୍କ ସମେତ ନର୍ସିଂ ଅଫିସର ସାମିଲ ଥିଲେ। ଏମକେସିଜି ମେଡିକାଲକୁ ଇଭିଏଲଟି ମେସିନ ଯୋଗାଇଦେବାକୁ ଉପରିସ୍ଥ ଅଧିକାରୀଙ୍କ ଜରିଆରେ ସରକାରଙ୍କୁ ପ୍ରସ୍ତାବ ଦିଆଯିବ ବୋଲି ବିଭାଗ ପକ୍ଷରୁ ସୂଚନା ଦିଆଯାଇଛି।

ସୂଚନାଯୋଗ୍ୟ ଯେ, ବ୍ରହ୍ମପୁରର ଜଣେ ୩୫ ବର୍ଷୀୟ ରୋଗୀ ଓ ଦିଗପହଣ୍ଡିର ୪୦ ବର୍ଷୀୟ ଅନ୍ୟଜଣେ ରୋଗୀଙ୍କ ଗୋଡ଼ରେ ଶିରାପ୍ରଶିରା ଅଙ୍କାବଙ୍କା ହୋଇଯାଇଥିଲା। ଯଦ୍ୱାରା ସେମାନଙ୍କ ଆଣ୍ଠୁଗଣ୍ଠି ବ୍ୟଥା ସହିତ ଅନ୍ୟ ସମସ୍ୟାକୁ ନେଇ ଉଭୟେ ଯନ୍ତ୍ରଣା ଅନୁଭବ କରୁଥିଲେ। ଉଭୟେ ରୋଗର ଉପଚାର ପାଇଁ ଏମକେସିଜି ମେଡିକାଲକୁ ଆସିଥିଲେ। ଏହାପରେ ଏହି ଦୁଇ ରୋଗୀଙ୍କ ଗୋଡ଼ରେ ଅଙ୍କାବଙ୍କା ହୋଇ ରହିଥିବା ଶିରାପ୍ରଶିରା(ଭେରିକସ ଭେନ୍)କୁ ଲେଜର ଅସ୍ତ୍ରୋପଚାର ଦ୍ୱାରା କରିବାକୁ ସିଟିଭିଏସ ବିଭାଗ ପକ୍ଷରୁ ପଦକ୍ଷେପ ନିଆଯାଇଥିଲା। ସିଟିଭିଏସ ବିଭାଗରେ ଗତ ବୁଧବାର ଦିନ ଉଭୟ ରୋଗୀଙ୍କ ଅସ୍ତ୍ରୋପଚାର କରାଯାଇଥିଲା। ଜଣେ ରୋଗୀଙ୍କ ଅସ୍ତ୍ରୋପଚାର ପାଇଁ ୩୦ମିନଟ ସମୟ ଲାଗିଥିଲା। ଆଉ ଅସ୍ତ୍ରୋପଚାର ହେବାର କିଛି ସମୟ ପରେ ରୋଗୀମାନେ ପୂର୍ବଭଳି ଚାଲିବାକୁ ଲାଗିଥିଲେ। ଏପରିକି ଅସ୍ତ୍ରୋପଚାର ଦିନ ହିଁ ଡାକ୍ତରଖାନାରୁ ଉଭୟେ ଡିସଚାର୍ଜ ହୋଇ ନିଜନିଜ ଘରକୁ ସେମାନେ ଫେରିଥିଲେ ବୋଲି ସିଟିଭିଏସ ବିଭାଗର ଡାକ୍ତର ସାରଦା ସାହୁ କହିଛନ୍ତି।

# ଆଜି ରଜ: ଏବେ ବନସ୍ତରେ ନୁହେଁ, ଜନବସତିରେ ଗଜ

**ଭୁବନେଶ୍ୱର, ୧୩।୬(ସମିସ):** ବନସ୍ତେ ଡ଼ାକିଲା ଗଜ... ବରଷକ ଥରେ ଆସିଛି ରଜ। କାହିଁ କେତେ ପୁରୁଣା ଓ ରଜ ଦୋଳି ବେଳର ଗୀତ ଆଜି ଆଉ ଶୁଭୁନାହିଁ। ଦୋଳି ଲାଗିବାକୁ ସହରରେ ଗଛ ନାହିଁ; ଆଉ ବନସ୍ତ ଛାଡ଼ି ଗଜ ଜନବସତିମୁହାଁ ହୋଇଛି। ତତ୍‌କାଳୀନ ସମୟର ସ୍ଥିତିକୁ ଲକ୍ଷ୍ୟ କରି କବି ମାଗୁଣି ମହାପାତ୍ର ଲେଖିଥିବା ଏହି ରଜ ଗୀତ ଆଜି ଏକପ୍ରକାର ପ୍ରାସଙ୍ଗିକତା ହରାଇଛି। ରାଜ୍ୟର ଅଧିକାଂଶ ସ୍ଥାନରେ ହାତୀ-ମଣିଷ ଲଢ଼େଇ ବଢୁଛି। ଏହି ସମସ୍ୟା ଏବେ ରାଜ୍ୟ ପାଇଁ ଆହ୍ୱାନପୂର୍ଣ୍ଣ ପରିସ୍ଥିତି ସୃଷ୍ଟି କରିଥିବା ବେଳେ ଆଗକୁ ଏହା ଆହୁରି ଜଟିଳ ହେବା ନେଇ ବନ୍ୟପ୍ରାଣୀ ବିଶେଷଜ୍ଞମାନେ ଚେତାବନୀ ଦେଇଛନ୍ତି।



■ ଖାଦ୍ୟ ଅଭାବ, ଜଙ୍ଗଲରେ ପୂରୁନି ହାତୀଙ୍କ ପେଟ
■ ରାଜ୍ୟରେ ୫ ବର୍ଷ ମଧ୍ୟରେ ମରିଛନ୍ତି ୪୦୩ ହାତୀ

ସାଧାରଣତଃ ଗୋଟିଏ ହାତୀ ଦିନକୁ ୧ କୁଇଣ୍ଟାଲ୍‌ରୁ ଦେଢ଼ କୁଇଣ୍ଟାଲର ଖାଦ୍ୟ ଆବଶ୍ୟକତା କରିଥାଏ। ୨୦୦-୨୫୦ ଲିଟର ପାଣି ପିଇଥାଏ। ଜଙ୍ଗଲରେ ହାତୀମାନେ ଶିଆଳି, ଡିମ୍ବିରି, କୁମ୍ଭୀ, ତାଳ, ଆମ୍ବ ଓ ପଣସ ଭଳି ଖାଦ୍ୟ ଖାଉଥିବା ବେଳେ ବାଉଁଶକୁ ପ୍ରମୁଖ ଖାଦ୍ୟ ଭାବେ ଖାଇଥାନ୍ତି। ପୂର୍ବରୁ ରାଜ୍ୟର ବିଭିନ୍ନ ଜଙ୍ଗଲରେ ବ୍ୟାପକ ବାଉଁଶ ମିଳୁଥିଲା। ହେଲେ ଏବେ ଜଙ୍ଗଲରେ ହାତୀଙ୍କୁ ଖାଇବା ପାଇଁ ଆବଶ୍ୟକୀୟ ପରିମାଣରେ ବାଉଁଶ ମିଳୁ ନାହିଁ। ହାତୀଙ୍କ ପାଇଁ ଜଙ୍ଗଲରେ ଖାଦ୍ୟାଭାବ ସମସ୍ୟା ସୃଷ୍ଟି ହୋଇଛି। ଜଙ୍ଗଲରେ ହାତୀମାନଙ୍କୁ ଆବଶ୍ୟକ ଖାଦ୍ୟ ପଦାର୍ଥ ମିଳିପାରୁ ନ ଥିବାରୁ ସେମାନେ ଜଙ୍ଗଲରୁ ବାହାରି ଆସୁଛନ୍ତି। କ୍ଷେତ ଉଜାଡୁଛନ୍ତି, ଗାଁରେ ପଶୁଛନ୍ତି। ଏଥିପାଇଁ ଅନେକ ସମୟରେ ହାତୀ-ମଣିଷଙ୍କ ମଧ୍ୟରେ ଘମାଘୋଟ୍ ଲଢ଼େଇ ହେଉଛି ଓ ଏଥିରେ ଲୋକଙ୍କ ଜୀବନ ଯାଉଛି। ସେଭ୍ ଏଲିଫ୍ୟାଣ୍ଟ ଫାଉଣ୍ଡେସନ ଟ୍ରଷ୍ଟର ଟ୍ରଷ୍ଟି ତଥା ପୂର୍ବତନ ଆଇଏଫ୍ଏସ୍ ଅଧିକାରୀ ଜିତଶତ୍ରୁ ମହାନ୍ତି କହିଛନ୍ତି ଯେ ଜଙ୍ଗଲରେ ପ୍ରଚୁର ମାତ୍ରାରେ ଖାଦ୍ୟ ଉପଲବ୍ଧ କରାଇଲେ ହାତୀମାନେ ଆଉ ବାହାରକୁ ଆସିବେ ନାହିଁ। ରାଜ୍ୟ ସରକାର ଏ ଦିଗରେ ବିଭିନ୍ନ ପଦକ୍ଷେପ ଗ୍ରହଣ କରୁଥିବା ବେଳେ ସେଭ୍ ଏଲିଫ୍ୟାଣ୍ଟ ଫାଉଣ୍ଡେସନ ଟ୍ରଷ୍ଟ ମଧ୍ୟ ସିଡ୍‌ବଲ୍ ଜରିଆରେ ଶାଳିଆ ବାଉଁଶ ଚାରା ରୋପଣ ପାଇଁ କାର୍ଯ୍ୟ କରୁଛି। ବାଉଁଶ ବୁଦା ବଢ଼ିବା ପାଇଁ ୪-୫ ବର୍ଷ ସମୟ ଆବଶ୍ୟକ ହୋଇଥାଏ। ତେଣୁ ଏହି ସମୟ ମଧ୍ୟରେ ବ୍ୟାପକ ଚାରା ରୋପଣ ଲଗାଯାଇପାରିଲେ ହାତୀଙ୍କ ଦ୍ୱାରା ହେଉଥିବା କ୍ଷୟକ୍ଷତି ହ୍ରାସ ପାଇପାରିବ ବୋଲି ସେ କହିଛନ୍ତି। ମୁଖ୍ୟତଃ ଜଙ୍ଗଲରେ ଖାଦ୍ୟାଭାବ ସାଙ୍ଗକୁ ଏପ୍ରିଲ, ମେ ଏବଂ ଜୁନ୍ ମାସରେ ରାଜ୍ୟରେ ଉତ୍ପାଦନ ହେଉଥିବା ଅଧିକାଂଶ ଫଳ ପାଚୁଥିବା ବେଳେ ହାତୀମାନେ ଏହାକୁ ଖାଇବାକୁ ଆସୁଛନ୍ତି ଓ ଏହି ସମୟରେ ଲୋକମାନେ ଫଳ ସଂଗ୍ରହ କରିବାକୁ ଯାଇ ମୃତ୍ୟୁମୁଖରେ ପଡୁଛନ୍ତି।

ଅନ୍ୟପଟେ ନିକଟରେ ରାଜ୍ୟ ସରକାରଙ୍କ ପକ୍ଷରୁ ହାତୀ ଗଣନା ରିପୋର୍ଟ ପ୍ରକାଶ ପାଇଛି। ଏଥିରେ ଓଡ଼ିଶାରେ ମୋଟ୍ ୨୦୯୮ ହାତୀ ଥିବା ଦର୍ଶାଯାଇଛି। ଅନ୍ୟପଟେ ଗତ ୫ ବର୍ଷ ମଧ୍ୟରେ ରାଜ୍ୟରେ ୪୦୩ ହାତୀଙ୍କ ମୃତ୍ୟୁ ହୋଇଛି। ଯଦିଓ ଗତ ୭ ବର୍ଷ ପୂର୍ବେ ହୋଇଥିବା ହାତୀ ଗଣନା ଓ ନିକଟରେ ପ୍ରକାଶ ପାଇଥିବା ରିପୋର୍ଟରେ ହାତୀଙ୍କ ସଂଖ୍ୟା ଆଉ ୧୨୨ ଟି ବୃଦ୍ଧି ହୋଇଛି, ହେଲେ ଏତେ ସଂଖ୍ୟକ ହାତୀ ମୃତ୍ୟୁ ଚିନ୍ତାର କାରଣ ସାଜିଛି। ୨୦୧୭ ମସିହାରେ ଯେଉଁ ହାତୀ ଗଣନା କରାଯାଇଥିଲା ସେଥିରେ ମୋଟ ୧୯୭୬ ଟି ହାତୀ ରହିଥିଲା। ହାତୀଙ୍କ ସୁରକ୍ଷା ସୁନିଶ୍ଚିତ ସହ ସେମାନଙ୍କ ବଂଶ ବୃଦ୍ଧି କରାଇବା ପାଇଁ ହେଲେ ଜଙ୍ଗଲରେ ଅଧିକ ପରିମାଣରେ ଖାଦ୍ୟ ମହଜୁଦ କରିବା ପାଇଁ ବିଭିନ୍ନ ସମୟରେ ବନ୍ୟପ୍ରାଣୀ ବିଶେଷଜ୍ଞମାନେ ଦାବି କରି ଆସୁଛନ୍ତି।



## ଆସ୍‌ପଣ୍ଡ ଧୂଳିରୁ ବଢୁଛି ଅସନ୍ତୋଷ



**ବଇଣ୍ଡା, ୧୩।୬ (ସମିସ):** ଅନୁଗୋଳ ଜିଲ୍ଲା କିଶୋରନଗର ବ୍ଲକ ବଇଣ୍ଡା ଅଞ୍ଚଳରେ ଏବେ କିଛିମାସ ହେବ ଆସପଣ୍ଡ ଧୂଳି ଉଡ଼ିବାକୁ ନେଇ ଅଞ୍ଚଳବାସୀ ଅସ୍ତବ୍ୟସ୍ତ ହୋଇ ପଡୁଛନ୍ତି। ବିଶେଷ କରି ଏହାର ଏକ ସ୍ଥାୟୀ ସମାଧାନ କରାଯାଉ ନଥିବା ଯୋଗୁଁ ଗ୍ରାମବାସୀଙ୍କ ମଧ୍ୟରେ ଅସନ୍ତୋଷ ଦେଖାଦେବା ସହ ଆଗାମୀ ଦିନରେ ଏକ ବଡ଼ ଆନ୍ଦୋଳନ କରାଯିବ ବୋଲି ବଇଣ୍ଡା ଗ୍ରାମବାସୀ ନିଷ୍ପତ୍ତି ନେଇଛନ୍ତି। ଏ ନେଇ ଗୁରୁବାର ଦିନ ଅଞ୍ଚଳବାସୀଙ୍କ ପକ୍ଷରୁ ଏକ ଅଭିଯୋଗ ପତ୍ର ମାଧ୍ୟମରେ ଅନୁଗୋଳ ଜିଲ୍ଲାପାଳଙ୍କୁ ଅବଗତ କରାଇଛନ୍ତି। ଅଞ୍ଚଳବାସୀ ତାଙ୍କ ଅଭିଯୋଗ ପତ୍ରରେ ଉଲେଖ କରିଛନ୍ତି ଯେ, ବଇଣ୍ଡା ଠାରେ ଜାତୀୟ ରାଜପଥର ରାସ୍ତା କାମ ଚାଲୁଛି। ବିଶେଷ କରି ବଇଣ୍ଡାଠାରେ ଫ୍ଲାଏ ଓଭର ବ୍ରିଜ ନିର୍ମାଣ ହେଉଥିବା ଯୋଗୁଁ ଏହି ଓଭର ବ୍ରିଜରେ ଆସପଣ୍ଡ ବ୍ୟବହାର କରାଯାଉଛି। ଗୋଟିଏ ପାର୍ଶ୍ୱରେ ଫ୍ଲାଏ ଓଭର ବ୍ରିଜ କାମ ୮୦ ପ୍ରତିଶତ ସରି ଆସିଥିବା ବେଳେ ଅନ୍ୟ ପଟରେ ଫ୍ଲାଏ ଓଭରର ରାସ୍ତା କାମ ଆରମ୍ଭ କରାଯାଉଛି। ଏଥି ପାଇଁ ପ୍ରତେକ ଦିନ ଟ୍ରକ ଓ ହାଇୱା ମାଧ୍ୟମରେ ଟ୍ରିପ ଟ୍ରିପ ଆସପଣ୍ଡ ଅଣାଯାଇ ରାସ୍ତାରେ ଗଛିତ କରାଯାଉଥିବା ବେଳେ ସାମାନ୍ୟ ପବନ ବହିଲେ ରାସ୍ତା ସାରା ଆସପଣ୍ଡ ଗୁଡିକ ଉଡୁଛି। ଫଳରେ ଏହି ଆସପଣ୍ଡ ଉଡ଼ି ବିଭିନ୍ନ ଜଳଖିଆ ଦୋକାନ ସହ ଅନ୍ୟ ଦୋକାନ, ସ୍ଥାନୀୟ ପୋଖରୀ, ଖୋଲା କୂଅଗୁଡିକରେ ପଡୁଛି। ଯାହା ଫଳରେ ବଇଣ୍ଡା ଅଞ୍ଚଳପୂରା ପରିବେଶ ଦୂଷିତ ହୋଇ ଯାଉଛି। ପୋଖରୀ ଓ ଖୋଲା କୂଅରେ ଆସପଣ୍ଡ ପଡୁଥିବା ଯୋଗୁଁ ଗାଇଗୋରୁଙ୍କ ସହ ଲୋକେ ପାଣି ପିଇବା ପାଇଁ ବ୍ୟବହାର କରି ବିଭିନ୍ନ ରୋଗରେ ଆକ୍ରାନ୍ତ ହେଉଛନ୍ତି। ଏହିପରି ଏହି ଧୂଳିଗୁଡିକ ନାକରେ ପଶି ଯାଉଥିବା ଯୋଗୁଁ ନିଃଶ୍ୱାସ ନେବାରେ ସମସ୍ୟା ସୃଷ୍ଟି ହେଉଥିବା ଅଞ୍ଚଳବାସୀ ଅଭିଯୋଗ କରିଛନ୍ତି। ଆସପଣ୍ଡ ଉପରେ ମାଟି କିମ୍ବା ପାଣି ପକାଇ ଶୀଘ୍ର ସମତଳ କରିବା ପାଇଁ ନିୟମ ଥିଲେ ମଧ୍ୟ ଠିକାସଂସ୍ଥା ପକ୍ଷରୁ ପଦକ୍ଷେପ ନିଆଯାଉ ନଥିବାରୁ ଏଭଳି ସମସ୍ୟା ଦେଖାଦେଉଥିବା ଗ୍ରାମବାସୀ ଅଭିଯୋଗ କରିଛନ୍ତି। ଏହି ସମସ୍ୟା ଦୀର୍ଘ ୬ ମାସ ହେବ ଲାଗି ରହିଥିବା ବେଳେ ଏହାର ସ୍ଥାୟୀ ସମାଧାନ ପାଇଁ ଅଂଚଳବାସୀଙ୍କ ପକ୍ଷରୁ ତା ୦୪/୦୪/୨୦୨୪ ରେ ଏକ ଅଭିଯୋଗ ପତ୍ର ମାଧ୍ୟମରେ ରାଜ୍ୟପାଳଙ୍କୁ ଅବଗତ କରାଯାଇଥିଲେ ମଧ୍ୟ ଠିକସଂସ୍ଥା ଏଥି ପ୍ରତି ଦୃଷ୍ଟି ଦେଉ ନଥିବା ଅଭିଯୋଗ ହୋଇଛି। ତୁରନ୍ତ ଏଥିପ୍ରତି ଜିଲ୍ଲା ପ୍ରଶାସନ ପଦକ୍ଷେପ ନେବାକୁ ସାଧାରଣରେ ଦାବି ହୋଇଛି।

### ଜିଲ୍ଲାସ୍ତରୀୟ ପ୍ରାକୃତିକ ବିପର୍ଯ୍ୟୟ ପ୍ରଶମନ କମିଟି ବୈଠକ

# ସମ୍ଭାବ୍ୟ ବନ୍ୟା ପରିସ୍ଥିତିରେ ମୁକାବିଲା ଲାଗି ପ୍ରାକ୍ ପ୍ରସ୍ତୁତି ଉପରେ ଗୁରୁତ୍ୱ




**ଅନୁଗୋଳ, ୧୩।୬ (ସମିସ):** ଆସନ୍ତା ମୌସୁମୀ ବର୍ଷାକୁ ଦୃଷ୍ଟିରେ ରଖି ବନ୍ୟାର ସଠିକ୍ ମୁକାବିଲା ନିମନ୍ତେ ଏକ ଜିଲ୍ଲାସ୍ତରୀୟ ପ୍ରାକୃତିକ ବିପର୍ଯ୍ୟୟ ପ୍ରଶମନ କମିଟିବୈଠକ ଆଜି ପୂର୍ବାହ୍ନରେ ଜିଲ୍ଲା ପରିଷଦ ସମ୍ମିଳନୀ କକ୍ଷଠାରେ ଅନୁଷ୍ଠିତ ହୋଇଯାଇଛି। ଏହି ବୈଠକକୁ ଜିଲ୍ଲାପାଳ ମହମ୍ମଦ ଅଦାଲ୍ ଅଖତର ଅଧ୍ୟକ୍ଷତା କରିଥିବା ବେଳେ ନବନିର୍ବାଚିତ ଢେଙ୍କାନାଳ ସାଂସଦ ରୁଦ୍ର ନାରାୟଣ ପାଣି, ଅନୁଗୋଳ ବିଧାୟକ ପ୍ରତାପ ଚନ୍ଦ୍ର ପ୍ରଧାନ, ତାଳଚେର ବିଧାୟକ ବ୍ରଜକିଶୋର ପ୍ରଧାନ, ପାଲଲହଡ଼ା ବିଧାୟକ ଅଶୋକ ମହାନ୍ତି, ଆଠମଲ୍ଲିକ ବିଧାୟକ ନଳିନୀକାନ୍ତ ପ୍ରଧାନଙ୍କ ସମେତ ସମ୍ବଲପୁର ସାଂସଦଙ୍କ ପ୍ରତିନିଧି, ଛେଣ୍ଡିପଦା ବିଧାୟକଙ୍କ ପ୍ରତିନିଧି, ଜିଲ୍ଲା ପରିଷଦ ଅଧ୍ୟକ୍ଷା ବବିତା ପ୍ରଧାନ ଓ ବିଭିନ୍ନ ପଞ୍ଚାୟତ ସମିତିର ଅଧ୍ୟକ୍ଷା ଓ ଅଧ୍ୟକ୍ଷ ପ୍ରମୁଖ ଯୋଗ ଦେଇଥିଲେ। ପ୍ରାରମ୍ଭରେ ଜିଲ୍ଲାପାଳ ନବନିର୍ବାଚିତ ଲୋକପ୍ରତିନିଧିଙ୍କୁ ଶୁଭେଚ୍ଛା ଜଣାଇବା ସହ ସ୍ୱାଗତ ଭାଷଣ ଦେଇଥିଲେ। ପୂର୍ବ ନିର୍ଦ୍ଧାରିତ କାର୍ଯ୍ୟସୂଚୀ ମୁତାବକ ରାଜସ୍ୱ, ସ୍ୱାସ୍ଥ୍ୟ, ଶିକ୍ଷା, ଜଳସେଚନ, ବିଦ୍ୟୁତ୍, , ଅଗ୍ନିଶମ, ଆରକ୍ଷୀ ବାହିନୀ, ପଞ୍ଚାୟତ ଓ ଗ୍ରାମୀଣ ଜଳଯୋଗାଣ ଓ ଖାଦ୍ୟ, ଯୋଗାଣ ଏବଂ ଖାଉଟି କଲ୍ୟାଣ, ନଗର ଉନ୍ନୟନ ବିଭାଗର ବିଭାଗୀୟ ଅଧିକାରୀମାନେ ନିଜ ନିଜର ପ୍ରସ୍ତୁତି ଉପରେ ତଥ୍ୟ ଉପସ୍ଥାପନ କରିଥିଲେ। ସେହିପରି ନିର୍ବାଚିତ ପ୍ରତିନିଧିମାନେ ନିଜ ନିଜ ଅଞ୍ଚଳର ସମସ୍ୟା ସମ୍ପର୍କରେ ବୈଠକରେ ଦୃଷ୍ଟି ଆକର୍ଷଣ କରିବା ସହ ଏହାର ସମାଧାନ ଉପରେ ଗୁରୁତ୍ୱ ଦେଇଥିଲେ। ବର୍ଷାଦିନ ପୂର୍ବରୁ ଡ୍ରେନଗୁଡିକୁ ସଫା କରିବା, ଶୁଖିଲା ଖାଦ୍ୟ ମହଜୁଦ ରଖିବା, ଯନ୍ତ୍ରଚାଳିତ ବୋଟଗୁଡିକ ସଜାଗ ରଖିବା, କଣ୍ଟ୍ରୋଲ ରୁମ୍ ଗୁଡିକୁ କାର୍ଯ୍ୟକ୍ଷମ କରିବା, ବିଦ୍ୟୁତ ଓ ଟେଲିଫୋନ ବିଭାଗ ସଜାଗ ରହିବା, ସ୍ୱାସ୍ଥ୍ୟ ଓ ପଶୁ ସମ୍ପଦର ସୁରକ୍ଷା, କୃଷି କ୍ଷେତ୍ରର ସୁରକ୍ଷା, ପାନୀୟ ଜଳ ଯୋଗାଣ, ପଲିଥିନ ମହଜୁଦ ରଖିବା ଇତ୍ୟାଦି ଉପରେ ଗୁରୁତ୍ୱାରୋପ କରି ଉପସ୍ଥିତ ଥିବା ବିଭାଗୀୟ ଅଧିକାରୀଙ୍କୁ ଆଗୁଆ ପଦକ୍ଷେପ ନେବାକୁ ଜିଲ୍ଲାପାଳ ପରାମର୍ଶ ଦେଇଥିଲେ। ଏହି ବୈଠକରେ ଅନ୍ୟମାନଙ୍କ ମଧ୍ୟରେ ଅତିରିକ୍ତ ଜିଲ୍ଲାପାଳ ପ୍ରତାପ ପ୍ରୀତିମୟ, ଜିଲ୍ଲା ଅଧିକାରୀ ହେମନ୍ତ କୁମାର ସିଂହ, ଜିଲ୍ଲା ମୁଖ୍ୟ ଚିକିତ୍ସା ଓ ଜନସ୍ୱାସ୍ଥ୍ୟ ଅଧିକାରୀ ଡ.ଶିବାନନ୍ଦ ମହାନ୍ତି, ଅତିରିକ୍ତ ଆରକ୍ଷୀ ଅଧିକ୍ଷକ ଅନିଲ କୁମାର ବେଉରିଆ, ଡେପୁଟି କଲେକ୍ଟର ଶୁଭେନ୍ଦୁ କୁମାର ଜେନା, ସମସ୍ତ ଉପଜିଲ୍ଲାପାଳ, ସମସ୍ତ ଗୋଷ୍ଠୀ ଉନ୍ନୟନ ଅଧିକାରୀ, ତହସିଲଦାର, ପୌରପାଳିକା ଓ ବିଜ୍ଞାପିତ ଅଞ୍ଚଳ ପରିଷଦର ନିର୍ବାହୀ ଅଧିକାରୀଙ୍କ ସମେତ ବିଭିନ୍ନ ବିଭାଗୀୟ ଅଧିକାରୀମାନେ ଯୋଗ ଦେଇଥିଲେ।

### ଜିଲ୍ଲା ସଡ଼କ ସୁରକ୍ଷା କମିଟି ବୈଠକ

# ହେଲମେଟ୍, ସିଟ୍ ବେଲ୍ଟର କଡ଼ା ଯାଞ୍ଚ ଲାଗି ନିର୍ଦ୍ଦେଶ



**ଅନୁଗୋଳ, ୧୩।୬ (ସମିସ):** ଜିଲ୍ଲା ସଡ଼କ ସୁରକ୍ଷା କମିଟିର ଏକ ବୈଠକ ଆଜି ପୂର୍ବାହ୍ନରେ ଜିଲ୍ଲା କାର୍ଯ୍ୟାଳୟ ସମ୍ମିଳନୀ କକ୍ଷଠାରେ ଜିଲ୍ଲାପାଳ ମହମ୍ମଦ ଅବାଲ୍ ଅଖତରଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଯାଇଛି। ବୈଠକର ପ୍ରାରମ୍ଭରେ ଅପ୍ରେଲ ଓ ମେ ମାସରେ ହୋଇଥିବା ଦୁର୍ଘଟଣା, ନିଆଯାଇଥିବା କାର୍ଯ୍ୟାନୁଷ୍ଠାନ ଓ ବିଭିନ୍ନ ପ୍ରକାର ପଦକ୍ଷେପ ଉପରେ ପରିବହନ ବିଭାଗ ଦ୍ୱାରା କମିଟି ସଭ୍ୟଙ୍କୁ ଅବଗତ କରାଯାଇଥିଲା। ପରିବହନ ବିଭାଗ ସୂଚନା ଅନୁଯାୟୀ ଗତ ଅପ୍ରେଲ ମାସରେ ଜିଲ୍ଲାରେ ମୋଟ୍ ୨୭ଟି ଦୁର୍ଘଟଣା ଘଟିଥିବା ବେଳେ ୧୪ଜଣଙ୍କର ମୃତ୍ୟୁ ଘଟିଛି, ୨୫ ଜଣ ଗୁରୁତର ଆହତ ୪ଜଣ ସାମାନ୍ୟ ଆହତ ହୋଇଛନ୍ତି। ମେମାସରେ ୧୬ଟି ଦୁର୍ଘଟଣା ଘଟିଥିବା ବେଳେ ୮ ଜଣଙ୍କର ମୃତ୍ୟୁ ଘଟିଛି, ୧୦ ଜଣ ଗୁରୁତର ଆହତ, ୨ଜଣ ସାମାନ୍ୟ ଆହତ ହୋଇଛନ୍ତି। ଏହି ଦୁର୍ଘଟଣା ମଧ୍ୟରୁ ଅପ୍ରେଲ ମାସରେ ୧୪ଟି ଦୁର୍ଘଟଣା ଜାତୀୟ ରାଜପଥରେ ଘଟିଥିବା ବେଳେ ୧୩ଟି ଦୁର୍ଘଟଣା ରାଜ୍ୟ ରାଜପଥ ଓ ଅନ୍ୟାନ୍ୟ ଅଞ୍ଚଳରେ ଘଟିଛି। ସେହିପରି ମେ ମାସରେ ୫ଟି ଦୁର୍ଘଟଣା ଜାତୀୟ ରାଜପଥରେ ଘଟିଥିବା ବେଳେ ୧୧ଟି ଦୁର୍ଘଟଣା ରାଜ୍ୟ ରାଜପଥ ଓ ଅନ୍ୟାନ୍ୟ ଅଂଚଳରେ ଘଟିଛି। ଅପ୍ରେଲ ମାସରେ ୨୭୩ ଜଣ ବିନା ହେଲମେଟ୍, ୪୦ ଜଣ ବିନା ସିଟବେଲ୍ଟ ଓ ୭୯୦ ଜଣଙ୍କଠାରୁ ଦ୍ରୁତ ଗାଡ଼ିଚାଳନା ପାଇଁ ଜରିମନା ଆଦାୟ କରାଯାଇଥିବା ବେଳେ ୩୯୮ ଜଣଙ୍କର ଲାଇସେନ୍ସ ନିଲମ୍ବନ କରାଯାଇଥିଲା, ୨୦ ଜଣ ମଦ୍ୟପାନ କରି ଗାଡ଼ିଚାଳନା ଓ ୨୦ଟି ଗାଡ଼ି ଜବତ କରାଯାଇଥିଲା। ମେ ମାସରେ ୪୪୦ ଜଣ ବିନା ହେଲମେଟ୍, ୩୨ ଜଣ ବିନା ସିଟବେଲ୍ଟ ଓ ୬୧୬ ଜଣଙ୍କ ଠାରୁ ଦ୍ରୁତ ଗାଡ଼ିଚାଳନା ପାଇଁ ଜରିମନା ଆଦାୟ କରାଯାଇଥିବା ବେଳେ ୩୦୬ ଜଣଙ୍କର ଲାଇସେନ୍ସ ନିଲମ୍ବନ କରାଯାଇଥିଲା, ୧୧ ଜଣ ମଦ୍ୟପାନ କରି ଗାଡ଼ିଚାଳନା ଓ ୧୧ଟି ଗାଡ଼ି ଜବତ କରାଯାଇଥିଲା। ଘଟିଥିବା ଦୁର୍ଘଟଣା ମଧ୍ୟରୁ ଅଧିକାଂଶ ଦୁର୍ଘଟଣା ବେପରୁଆ ଗାଡ଼ିଚାଳନା ଯୋଗୁଁ ହୋଇଥିବାରୁ ପୁଲିସ ଓ ପରିବହନ ଅଧିକାରୀ ମିଳିତ ଚଢ଼ଉକରିବା ସହ ଯାନବାହାନ, ହେଲମେଟ୍, ସିଟ୍ ବେଲ୍ଟ ଇତ୍ୟାଦିର କଡାକାଡ଼ି ଯାଞ୍ଚ କରି ବିହିତ କାର୍ଯ୍ୟାନୁଷ୍ଠାନ ନେବାକୁ ଜିଲ୍ଲାପାଳ ନିର୍ଦ୍ଦେଶ ଦେଇଛନ୍ତି। ବିନା ଆଉ ଏସଆଇ ମାର୍କ ଥିବା ହେଲମେଟର ବିକ୍ରୟ ଉପରେ କଟକଣା କରିବା ପାଇଁ ଜିଲ୍ଲାପାଳ ସମ୍ପୃକ୍ତ ଅଧିକାରୀଙ୍କୁ ନିର୍ଦ୍ଦେଶ ଦେଇଛନ୍ତି। ସେହିପରି ଖରାପ ହୋଇଯାଇଥିବା ରାସ୍ତାଗୁଡିକୁ ବର୍ଷାଦିନ ପୂର୍ବରୁ ଖୁବଶୀଘ୍ର ମରାମତି କରିବା ସହ ରାସ୍ତା ଉପରେ ଯେପରି ପାଣି ନ ଜମେ ସେ ସମ୍ପର୍କରେ ବିଭାଗୀୟ ଅଧିକରୀମାନଙ୍କୁ ଜିଲ୍ଲାପାଳ ନିର୍ଦ୍ଦେଶ ଦେଇଛନ୍ତି। ଏହି ବୈଠକରେ ଅତିରିକ୍ତ ଆରକ୍ଷୀ ଅଧିକ୍ଷକ ବିରଞ୍ଚି ବାଗ, ଜିଲ୍ଲା ମୁଖ୍ୟ ଚିକିତ୍ସା ଓ ଜନ ସ୍ୱାସ୍ଥ୍ୟ ଅଧିକାରୀ ଡ.ଶିବାନନ୍ଦ ମହାନ୍ତି, ଅନୁଗୋଳ ଆଞ୍ଚଳିକ ପରିବହନ ଅଧିକାରୀ ନିଖିଲ କୁମାର ପଟ୍ଟନାୟକ, ଅତିରିକ୍ତ ଜିଲ୍ଲା ଶିକ୍ଷା ଅଧିକାରିଣୀ ପ୍ରତିଭା ବାରିକ ଓ ଟ୍ରକ ମାଲିକ ସଂଘର ସଭାପତି ଅମ୍ବିକା ପ୍ରସାଦ ଭଟ୍ଟଙ୍କ ସମେତ ବିଭିନ୍ନ ବିଭାଗୀୟ ଅଧିକାରୀ ପ୍ରମୁଖ ଉପସ୍ଥିତ ଥିଲେ।

**ଖରାପ ରାସ୍ତାଗୁଡ଼ିକର ବର୍ଷାଦିନ ପୂର୍ବରୁ ମରାମତି ହେବ**

### ଆଜି ବିଶ୍ୱ ରକ୍ତଦାତା ଦିବସ

# ସଫଳତାର ଶିଡ଼ି ଚଢୁଛି ଅନୁଗୋଳ ରକ୍ତ କେନ୍ଦ୍ର




**ଅନୁଗୋଳ, ୧୩।୬ (ସମିସ):** ବିଶ୍ୱ ରକ୍ତଦାତା ଦିବସ ଅବସରରେ ଓଡ଼ିଶା ରକ୍ତ କେନ୍ଦ୍ର ଅନୁଗୋଳ ଶାଖା ପକ୍ଷରୁ ବିଭିନ୍ନ କାର୍ଯ୍ୟକ୍ରମ ଆୟୋଜିତ ହେଉଛି। ଅନୁଗୋଳ ରକ୍ତ କେନ୍ଦ୍ର ଯାହାକି ପୂର୍ବରୁ ରେଡକ୍ରସ ବ୍ଲଡ୍ ବ୍ୟାଙ୍କ ଭାବେ ପରିଚିତ ଥିଲା, ତାହା କିଛି ବର୍ଷ ଧରି ସଫଳତାର ସିଡି ଚଢ଼ି ଚାଲିଛି। ଅନୁଗୋଳ ରକ୍ତ କେନ୍ଦ୍ରରେ ବାର୍ଷିକ ପନ୍ଦର ହଜାର ୟୁନିଟରୁ ଷୋହଳ ହଜାର ୟୁନିଟ ରକ୍ତ ଆବଶ୍ୟକ ପଡୁଥିବା ବେଳେ ପାଖାପାଖି ସମାନ ପରିମାଣର ରକ୍ତ ସଂଗୃହୀତ ହେଉଛି। କେବଳ ଖରାଦିନେ ବେଳେ ବେଳେ ରକ୍ତର ସଙ୍କଟ ହୋଇଥାଏ। ଅନୁଗୋଳ ଜିଲ୍ଲା ଏକ ଦୁର୍ଘଟଣାପ୍ରବଣ ଅଞ୍ଚଳ। ବହୁ ସମୟରେ ରାସ୍ତା ଦୁର୍ଘଟଣାରେ ଆହତଙ୍କ ପାଇଁ ରକ୍ତ ଆବଶ୍ୟକ ହୋଇଥାଏ। ଏହାଛଡ଼ା ଏହି ଅଞ୍ଚଳରେ ରକ୍ତ ଶିକୁଳି, ହିମୋଫିଲିୟା ରୋଗୀ ବହୁ ସଂଖ୍ୟାରେ ଦେଖାଯାଆନ୍ତି। ତେଣୁ ସେମାନଙ୍କ ପାଇଁ ବହୁ ରକ୍ତ ଆବଶ୍ୟକ ହୋଇଥାଏ। ଜୀବନ ବିନ୍ଦୁ, ଆମ ଓଡ଼ିଶା, ସତ୍ୟସାଇ ଅନୁଷ୍ଠାନ, ଜେଏସପି ଫାଉଣ୍ଡେସନ, ଆଦର୍ଶ କଲେଜ୍ ଆଦି ଅନୁଷ୍ଠାନ ବହୁ ସମୟରେ ମେଗା ରକ୍ତଦାନ ଶିବିରର ଆୟୋଜନ କରନ୍ତି। ମିଳିଥିବା ତଥ୍ୟ ଅନୁସାରେ ୨୦୨୦ ରେ ୧୨୩୬୫ ଜଣ ରକ୍ତଦାତା ଅନୁଗୋଳ କେନ୍ଦ୍ରରେ ରକ୍ତଦାନ କରିଥିଲେ। ସେହିଭଳି ୨୦୨୧ ରେ ୧୩୭୪୬, ୨୦୨୨ ରେ ୧୪୪୦୧ ଏବଂ ୨୦୨୩ରେ ୧୬୩୪୫ ଜଣ ରକ୍ତଦାତା ରକ୍ତଦାନ କରିଥିଲେ। ଏହାର ଅର୍ଥ ବର୍ଷକୁ ବର୍ଷ ରକ୍ତ ସଂଗ୍ରହ ହାର ବଢୁଛି। ଅନୁଗୋଳ ରକ୍ତ କେନ୍ଦ୍ରର ମୁଖ୍ୟ ଡା. ସତ୍ୟବ୍ରତ ପାଟଯୋଷିଙ୍କ ନେତୃତ୍ୱରେ ୨୦ ଜଣିଆ ଦଳ ଅହରହ ରକ୍ତ ସଂଗ୍ରହ ଏବଂ ରକ୍ତ ପ୍ରଦାନ କ୍ଷେତ୍ରରେ କାର୍ଯ୍ୟ ଜାରି ରଖିଛନ୍ତି। ଅନୁଗୋଳ ଛଡ଼ା ତାଳଚେର, ଛେଣ୍ଡିପଦା, ପାଲଲହଡ଼ା ଓ ଆଠମଲ୍ଲିକରେ ରକ୍ତ ସଂଗ୍ରହର ବ୍ୟବସ୍ଥା ମଧ୍ୟ ରହିଛି। ରକ୍ତଦାତା ବୃଦ୍ଧି କରି ରକ୍ତ କେନ୍ଦ୍ରର ଦକ୍ଷତା ବଢ଼ାଇବା ପାଇଁ ଅନୁଗୋଳ କେନ୍ଦ୍ର ସତ୍ ପ୍ରୟାସ ଜାରି ରଖିଥିବା ବେଳେ ନିଜର ଉତ୍କର୍ଷତା ପାଇଁ ରାଜ୍ୟରେ ଅନେକ ବାର ପୁରସ୍କୃତ ମଧ୍ୟ ହୋଇଛି।

# ୫୫ ନଂ. ଏନ୍‌ଏଚ୍‌ରେ ଭୟଙ୍କର ଟ୍ରାଫିକ୍ ସମସ୍ୟା



**ଅନୁଗୋଳ ସଦର, ୧୩।୬ (ସମିସ):** ବହୁ ବିଳମ୍ବରେ ଏବେ ସୁଧୁରିଲାଣି ଅନୁଗୋଳ ଠାରୁ ମେରାମଣ୍ଡଳୀ ପର୍ଯ୍ୟନ୍ତ ଯାଇଥିବା ୫୫ନମ୍ବର ଜାତୀୟ ରାଜପଥର ଅବସ୍ଥା, ହେଲେ ଏବେଯାଏ ସୁଧୁରିଲାନି ଜାତୀୟ ରାଜପଥରେ ଟ୍ରାଫିକ ସମସ୍ୟା। ଅନୁଗୋଳ- ଢେଙ୍କାନାଳ ମଧ୍ୟରେ ଥିବା ବିଭିନ୍ନ ଶିଳ୍ପାନୁଷ୍ଠାନକୁ ଏହି ଜାତୀୟ ରାଜପଥ ଦେଇ ପ୍ରତ୍ୟକ ଦିନ ହଜାର ହଜାର ଭାରୀଯାନ ଯାଉଥିବା ବେଳେ ଯାତ୍ରୀବାହୀ ଯାନବାହାନ ଓ ଅନେକ ଛୋଟ ବଡ଼ ଯାନବାହାନ ଯାତାୟାତ କରିଥାଏ। ବିଭିନ୍ନ ସମୟରେ ଶିଳ୍ପାନୁଷ୍ଠାନ ଗୁଡିକୁ ଯାଉଥିବା ଭାରୀଯାନ ଗୁଡିକ ଦୀର୍ଘ ସମୟ ପର୍ଯ୍ୟନ୍ତ ଜାତୀୟ ରାଜପଥ ଉପରେ ଛିଡ଼ା ହୋଇ ରହୁଥିବାରୁ ଟ୍ରାଫିକ ସମସ୍ୟା ଦେଖାଦେଇଥାଏ। ଫଳରେ ଉକ୍ତ ରାସ୍ତା ଦେଇ ଯାତ୍ରୀବାହୀ ଯାନବାହାନ ଓ ଅନ୍ୟାନ୍ୟ ଛୋଟ ବଡ଼ ଯାନବାହାନ ଯିବା ଆସିବାରେ ବହୁ ସମସ୍ୟା ଦେଖାଦେଉଛି। ବିଶେଷ କରି ଜାତୀୟ ରାଜପଥ ପାର୍ଶ୍ୱରେ ଥିବା ଟାଟା ଷ୍ଟିଲ କାରଖାନାକୁ ଯାଉଥିବା ଭାରୀଯାନ ଠାରୁ ଆରମ୍ଭ କରି ଯାତ୍ରୀବାହୀ ବସ୍ ମାନ ରାସ୍ତା ଉପରେ ଦୀର୍ଘ ସମୟ ଛିଡ଼ାହୋଇ ରହୁଥିବା ଯୋଗୁଁ ରାସ୍ତାରେ ଭୟଙ୍କର ଟ୍ରାଫିକ ସମସ୍ୟା ଉପୁଜୁଛି। ତେଣୁ ଏଥିପ୍ରତି ସ୍ଥାନୀୟ ପ୍ରଶାସନ ଦୃଷ୍ଟିଦେବାକୁ ସାଧାରଣରେ ଦାବି ହେଉଛି।

# ଫମ୍ପା ମାଠିଆ ଉପରେ ତାଳଚେର ସହର



**ତାଳଚେର ସଦର, ୧୩।୬ (ସମିସ):** ବ୍ରିଟିଶ ଶାସନ କାଳରୁ ତାଳଚେର ସହରର ଦେଉଳବେଢ଼ା, ଚମ୍ପାପସୀ ହାଣ୍ଡିଧୂଆଁ ଅଞ୍ଚଳ ଭୂଗର୍ଭରୁ ଅପର୍ଯ୍ୟାପ୍ତ କୋଇଲା ଖନନ କରି ବେଧଡ଼କ ଭାବେ କୋଇଲା ଉତ୍ତୋଳନ ପରେ ପରବର୍ତ୍ତୀ ସମୟରେ ବାଲି ଭର୍ତ୍ତି କରାଯାଇ ନଥିବାରୁ ଆଜି ସମଗ୍ର ସହର ଠିଆ ହୋଇଛି ଫମ୍ପା ମାଠିଆ ଉପରେ। ଏହାର ସୁରକ୍ଷା ନେଇ ସବୁବେଳେ ଉଠିଛି ପ୍ରଶ୍ନ। ଦେଉଳବେଢ଼ା ଓ ଚମ୍ପାପଶି କୋଇଲା ଖଣି କର୍ତ୍ତୃପକ୍ଷ ଭୂଗର୍ଭରୁ କୋଇଲା କାଢ଼ିନେବା ପରେ ସେହି ଫାଙ୍କା ସ୍ଥାନଗୁଡ଼ିକରେ ସମପରିମାଣର ବାଲି ଭର୍ତ୍ତି କରଯାଇ ନଥିବାରୁ ତାଳଚେର ସହରରେ ମାଇନ୍ସ ସେଫ୍ଟି ଧାନବାଦ୍ ନୋ କନଷ୍ଟ୍ରକସନ୍ ଜୋନ୍ (ନୂତନ ଅଟ୍ଟାଳିକାମାନ) ନକରିବାକୁ ଅନୁଗୋଳ ଜିଲ୍ଲା ତାମଡ଼ାକୁ ନିର୍ଦ୍ଦେଶ ଦେଇଥିଲେ। ଏବେ ଏହାର ଦାୟିତ୍ୱ ତାଳଚେର ପୌର ପରିଷଦ ହାତରେ ଅଛି। କିନ୍ତୁ ଏହି ନିୟମକୁ ଦାୟିତ୍ୱରେ ଥିବା ଅଧିକାରୀ ଠିକ ଭାବେ ପାଳନ କରୁ ନଥିବା ଦେଖିବାକୁ ମିଳୁଛି। ତାଳଚେର ଦେଉଳବେଢ଼ା କୋଇଲା ଖଣିରୁ କୋଇଲା ଉତ୍ପାଦନ ହେବା ପରେ ଆବଶ୍ୟକ ପରିମାଣର ବାଲି ପୂରଣ ହୋଇ ନଥିବାରୁ ଗତ ତା ୧୫/୦୧/୨୦୨୦ରିଖରେ ଏବଂ ଏହା ପୂର୍ବରୁ ସହରର ବିଭିନ୍ନ ସ୍ଥାନରେ ମାଟି ଦବିଥିବା ଘଟଣା ଓ ଭୂତଳ ଫମ୍ପା ହେବା ଯୋଗୁଁ ସହରବାସୀଙ୍କ ଧନଜୀବନ ହାନି ଆଶଙ୍କା ଥିବା ଦେଖା ଦେଉଛି। ଖଣିରୁ କୋଇଲା ଉତ୍ତୋଳନ ହେବା ପରେ ୩, ୩୦, ୪୦୦ ଘ.ମି. ବାଲି ପୂରଣ ଆବଶ୍ୟକ ଥିବା ସ୍ଥଳେ ଅଦ୍ୟାବଧି ୧, ୨୮, ୨୭ଘ. ମି. ବାଲି ଭର୍ତ୍ତି କରାଯାଇଛି। ପ୍ରଜା ଜମି ଓ ଜବରଦଖଲ ଥିବା ସରକାରୀ ଜମିରେ ଡ୍ରିଲ (ଗାତ) କରି ବାଲିପୂରଣ ନିମନ୍ତେ ଅବରୋଧ କରୁଥିବାରୁ ୧, ୦୦, ୯୬୦ ଘ.ମି ବାଲି ଭର୍ତ୍ତିକରିବା ଏମସିଏଲ ପକ୍ଷେ କଷ୍ଟସାଧ୍ୟ ହୋଇଥିବା ସ୍ଥଳେ ଅବଶିଷ୍ଟ ୧, ୦୧, ୪୧୩ ଘ.ମି ବାଲି ଭର୍ତ୍ତି କରିବାକୁ ଏମସିଏଲ କାର୍ଯ୍ୟ ଜାରି ରଖିଛି, ଯାହା ସମୁଦ୍ରକୁ ଶଙ୍ଖେ। ନୂତନ ଜ୍ଞାନକୌଶଳ ମାଧ୍ୟମରେ ବାଲି ଭର୍ତ୍ତି କରାଯାଇ କିପରି ମାଟିର ସାମର୍ଥ୍ୟ ଓ ଦୃଢ଼ତାକୁ ଠିକ ସମୟରେ ବଜାୟ ରଖାଯାଇ ପାରିବ, ଖଣି କର୍ତ୍ତୃପକ୍ଷ ଏକ ସାଇଣ୍ଟିଫିକ୍ ଏଜେନ୍ସି (ସେଣ୍ଟ୍ରାଲ ଷ୍ଟେଟ୍‌ଅଫ୍ ମାଇନିଂ ଏବଂ ଫୁଏଲ ରିସର୍ଚ୍ଚ ଧାନବାଦ)କୁ ନିୟୋଜିତ କରିଛନ୍ତି ଓ ରିପୋର୍ଟ ପ୍ରଦାନ ପରେ ସେହି ଅନୁସାରେ ଏହାକୁ ଏମସିଏଲ କର୍ତ୍ତୃପକ୍ଷ ପ୍ରଜାମାନଙ୍କର ସୁରକ୍ଷା ଦୃଷ୍ଟିରୁ କାର୍ଯ୍ୟକାରୀ କରିବେ ବୋଲି କୁହାଯାଇଥିଲା। ଆବଶ୍ୟକ ପରିମାଣର ବାଲି ପୂରଣ ହୋଇ ନଥିବାରୁ ଗତ ତା ୧୫/୦୧/୨୦୨୦ରିଖରେ ଏବଂ ଏହା ପୂର୍ବରୁ ସହରର ଭିନ୍ନଭିନ୍ନ ସ୍ଥାନରେ ମାଟି ଦବିଥିବା ଘଟଣା ଓ ଭୂତଳ ଫମ୍ପା ହେବା ଯୋଗୁଁ ସହରବାସୀଙ୍କ ଧନଜୀବନ ହାନୀ ଆଶଙ୍କା ଥିବା ସମ୍ପର୍କରେ ଭାରତ ସରକାରଙ୍କ ମାଇନ୍ସ ସେଫ୍ଟି ଡାଇରେକ୍ଟର ଜେନେରାଲ ତା ୦୪/୦୧/୨୦୦୭ରିଖ ପତ୍ର ସଂଖ୍ୟା ୨୫୧୮ରେ ରାଜ୍ୟ ସରକାରଙ୍କୁ ଅବଗତ କରିଥିବା ଦୃଷ୍ଟିରୁ ସହରବାସୀଙ୍କୁ ଉପଯୁକ୍ତ କ୍ଷତିପୂରଣ ଦେଇ ସ୍ଥାନାନ୍ତରିତ କରିବା ନିମନ୍ତେ ପ୍ରାକ୍ତନ ବିଧାୟକ ଶ୍ରୀ ଦାସ ରାଜ୍ୟ ସରକାରଙ୍କୁ ଗତମାସରେ ଦେଇଥିବା ପତ୍ର ବିଚରାଧୀନ ରହିଛି। ତେବେ ତାଳଚେର ଭୂକମ୍ପପ୍ରବଣ ଭାବେ ଚିତ୍ରିତ ହୋଇଥିଲେ ମଧ୍ୟ ତାଳଚେରବାସୀ ଆଜି କେତେ ସୁରକ୍ଷିତ ଏହାକୁ ନେଇ ଉଠିଛି ପ୍ରଶ୍ନ ?

**ବିଭିନ୍ନ ମହଲରେ ସୁରକ୍ଷାକୁ ନେଇ ଉଠୁଛି ପ୍ରଶ୍ନ**




ରଜ ଉପଲକ୍ଷେ ମାଲକାନଗିରି ଜିଲ୍ଲାବାସୀଙ୍କୁ ହାର୍ଦ୍ଦିକ ଅଭିନନ୍ଦନ ଓ ଶୁଭେଚ୍ଛା

ଶ୍ରୀ ଭବାନୀ ଶଙ୍କର ମୁଖାର୍ଜୀ

ଜିଲ୍ଲା ସମ୍ପାଦକ , ଭାରତୀୟ ଜନତା ପାର୍ଟି, ମାଲକାନଗିରି

## ● କଟକ କେନ୍ଦ୍ର ସମବାୟ ବ୍ୟାଙ୍କର ମନମୁଖି କାର୍ଯ୍ୟ

## ପାକ୍ସରେ ଧାନ ବିହନ ଓ ସାର ଯୋଗାଣ ବନ୍ଦ

**ରାଜକନିକା, ୧୩।୬(ସମିସ):** କଟକ କେନ୍ଦ୍ର ସମବାୟ ବ୍ୟାଙ୍କ ରାଜକନିକା ଶାଖା ପରିଚାଳକଙ୍କ ଅପରିଣାମଦର୍ଶୀ ନିଷ୍ପତ୍ତି ଯୋଗୁଁ ରାଜକନିକା ବ୍ଲକର ଚାଷୀ ଚଳିତ ଖରିଫ ଋତୁରେ ଧାନ ବିହନ ଓ ସାର ପାଇବାରେ ବେଶ୍ ହିନସ୍ତା ହୋଇଛନ୍ତି । ପ୍ରତିବର୍ଷ ଖରିଫ ଧାନ ଚାଷ ପୂର୍ବରୁ ମେ ମାସ ଶେଷ ସପ୍ତାହରେ ପାକ୍ସଗୁଡ଼ିକରେ ଆବଶ୍ୟକୀୟ ଧାନ ବିହନ ଓ ସାର ଯୋଗାଇ ଦିଆଯାଉଥିଲା । ବର୍ତ୍ତମାନ ଦାୟିତ୍ୱରେ ଥିବା ଶାଖା ପରିଚାଳକ ଏ ସମ୍ପର୍କରେ କୌଣସି ଆଗୁଆ ପଦକ୍ଷେପ ନ ନେବା, ଏପରିକି ଯେଉଁ ପାକ୍ସମାନେ ଏ ନେଇ ତାଙ୍କୁ ପରାମର୍ଶ କରି ଚିଠି ଲେଖିବାକୁ କହିଥିଲେ ବି ଶାଖା ପରିଚାଳକ ସେଥିପାଇଁ ଆଗ୍ରହ ପ୍ରକାଶ ନ କରିବା ସମ୍ପାଦକ ଓ ଚାଷୀଙ୍କୁ ନିରାଶ କରିଛି । ଚାଷୀଙ୍କ ସ୍ୱାର୍ଥ ପାଇଁ ସମର୍ପିତ ହେବାକୁ ଥିବା ସମବାୟ ବିଭାଗ ଏଠାରେ ସାମାନ୍ୟ ରିସ୍କ ନେବାକୁ ଚାହୁଁ ନ ଥିବାରୁ ଚଳିତ ଖରିଫ ଋତୁରେ ରାଜକନିକା ବ୍ଲକର ଚାଷୀ ନାହିଁ ନ ଥିବା ହଇରାଣ ହେବା ସହ ଚଢ଼ା ଦରରେ ଘରୋଇ କମ୍ପାନୀ ଏଜେଣ୍ଟଙ୍କ ଦ୍ୱାରା ଶୋଷଣର ଶିକାର ହେବାକୁ ବାଧ ହୋଇଛନ୍ତି । ଏ ସମ୍ପର୍କରେ ଶାଖା ପରିଚାଳକଙ୍କୁ ଯୋଗାଯୋଗ କରିବାରୁ ସେ କୌଣସି ସନ୍ତୋଷଜନକ ଉତ୍ତର ଦେଇ ନ ଥିଲେ । ଜିଲ୍ଲା ପ୍ରଶାସନ ରାଜକନିକା ବ୍ଲକର ଚାଷୀଙ୍କୁ ଖରିଫ ଋତୁର ବିହନ ଓ ସାର ଯୋଗାଇ ଦେବାକୁ ବାଧକ ସାଜିଥିବା ଶାଖା ପରିଚାଳକଙ୍କ ମନମାନୀ ସମ୍ପର୍କରେ ଅବଗତ ହୋଇ ପାକ୍ସଙ୍କ ଦ୍ୱାରା ବିହନ ଓ ସାରା ଯୋଗାଣ ପାଇଁ ସୁଯୋଗ ଦେବାକୁ ଦାବି ହୋଇଛି ।

## ■ ଡେରାବିଶ ବ୍ଲକ୍‌ରେ ଚୋରାମଦର ବନ୍ୟା

## ବାଇକ୍ ଓ ସ୍କୁଟିରେ ଦୈନିକ ଚାଲାଣ ହେଉଛି ମଦ

**ଡେରାବିଶ, ୧୩।୬ (ସମିସ):** ଡେରାବିଶ ବ୍ଲକ ଅଞ୍ଚଳରେ ଚୋରା ମଦର ବନ୍ୟା ଛୁଟିଛି । ଅବକାରୀ ବିଭାଗ ଓ ପୋଲିସ୍ ବିଭାଗର ଆଖିରେ ଧୂଳି ଦେଇ ବାଇକ୍ ଓ ସ୍କୁଟି ଯୋଗେ ଦୈନିକ ହଜାର ହଜାର ବୋତଲ ମଦ ଚାଲାଣ ହେଉଥିବା ଅଭିଯୋଗ ହେଇଛି । । ବିଶେଷ କରି ଚୋରା ମଦ ବିକ୍ରେତାମାନେ ବ୍ଲକ ଅନ୍ତର୍ଗତ ବିଭିନ୍ନ ସ୍ଥାନକୁ ପୂର୍ବାହ୍ନରେ ବସ୍ତା ଭର୍ତିକରି ମଦଚାଲାଣ କରୁଥିବା ଦେଖିବାକୁ ମିଳିଛି । ମଦ ବେପାରୀମାନେ ଅତି ସନ୍ତର୍ପଣ ସହକାରେ ପୁଲିସ ଓ ଅବକାରୀ ବିଭାଗ ଆଖିରେ ଧୂଳିଦେଇ ଏହି ଚାଲାଣ କରୁଥିବା ଅଞ୍ଚଳବାସୀ ଅଭିଯୋଗ କରିଛନ୍ତି । ଆଜି ପୂର୍ବାହ୍ନରେ ଚାନ୍ଦୋଳ ବଜାର ବାଟଦେଇ ଏକ ବ୍ୟାଗ୍‌ରେ ବିଦେଶୀ ମଦ ଚାଲାଣ କରୁଥିବା ବେଳେ ଚାନ୍ଦୋଳ ଫାଣ୍ଡି ପୁଲିସ ଜଣକୁ ଧରିବାକୁ ସକ୍ଷମ ହୋଇଛନ୍ତି । ଘଟଣାରୁ ପ୍ରକାଶ କଟକ ଜିଲ୍ଲା ନେମାଳ ଥାନା ଅଧୀନ ନରେନ୍ଦ୍ରପୁର ଅଞ୍ଚଳର ଧିରେନ ସାହୁ ନାମକ ଜଣେ ବ୍ୟକ୍ତି ୧୮୦ ମିଲିଲିଟର ବିଶିଷ୍ଟ ୪୦ ବୋତଲ ମଦ ଚାଲାଣ କରୁଥିବା ବେଳେ ପୁଲିସ ହାତରେ ଧରା ପଡ଼ିବା ସହ ବେପାରୀ ଶ୍ରୀ ସାହୁଙ୍କୁ ଗିରଫ କରାଯାଇଛି । ଏ ସମ୍ପର୍କରେ କେନ୍ଦ୍ରାପଡ଼ା ସଦର ଥାନାରେ ୩୨୩/୨୪ରେ ଏକ ମାମଲା ରୁଜୁହୋଇଛି ।

## ରାଜକନିକା ପୁଲିସର ଅପାରଗତା; ବଢ଼ୁଛି ଅପରାଧ

**ରାଜକନିକା, ୧୩।୬(ସମିସ):** ରାଜକନିକା ପୁଲିସର ଅପାରଗତାରୁ ଏହି ଥାନା ଅଞ୍ଚଳରେ ଅପରାଧ ବଢ଼ିଛି । ସାଧାରଣ ଲୋକଙ୍କଠାରୁ ଆରମ୍ଭ କରି ସରକାରୀ କର୍ମଚାରୀ କେହି ବି ବାଦ୍ ପଡୁନାହାନ୍ତି । ରାଜକନିକା ବିଡିଓଙ୍କ ସରକାରୀ ବାସଭବନରୁ ଲଗାତାର ତିନିଥର ଚୋରି ହେବା ଘଟଣାକୁ ନେଇ ଆଜି ବ୍ଲକର କର୍ମଚାରୀ ଏହି ଅପରାଧ ବନ୍ଦ ନ ହେଲେ ସେମାନେ କଲମ ଛାଡ଼ କରିବେ ବୋଲି ଚେତାବନୀ ଦେଇଛନ୍ତି ।ରାଜକନିକା ଥାନା ଅଞ୍ଚଳରେ ଦିନକୁ ଦିନ ଚୋରି, ଡକାୟତି ବଢ଼ିବା ସହ ଅନ୍ୟ ଅପରାଧ କ୍ରମାଗତ ଭାବେ ବଢ଼ିବା ଲୋକଙ୍କ ମନରେ ଅସନ୍ତୋଷ ଖେଳାଇ ଦେଇଛି । ସ୍ଥିତି ଏଭଳି ହୋଇଛି ଯେ ରାଜକନିକା ବ୍ଲକର ବିଡିଓଙ୍କ ସରକାରୀ କ୍ୱାର୍ଟର୍ସରୁ ଗତ ୪ ମାସ ମଧ୍ୟରେ ୩ ଥର ଚୋରି ହୋଇଥିଲେ ବି ପୁଲିସ ଆଜି ଯାଏ ଟେର ପାଉନି । ମୁଖ୍ୟ କାର୍ଯ୍ୟାଳୟରେ ଏଭଳି ଅପରାଧ ଘଟୁଥିବାରୁ ପୁଲିସର ପାରିବାପଣିଆ ନେଇ ନାନା ଆଲୋଚନା ହେଉଛି । କେନ୍ଦ୍ରାପଡ଼ା ଏସପି ଏହି ଘଟଣାରେ ଦୃଢ ପଦକ୍ଷେପ ନେବାକୁ ସାଧାରଣରେ ଦାବି ହେଉଛି ।

## ଜିଲ୍ଲାସ୍ତରୀୟ ପ୍ରାକୃତିକ ବିପର୍ଯ୍ୟୟ କମିଟି ବୈଠକ

# ପ୍ରାକୃତିକ ବିପର୍ଯ୍ୟୟ ସମୟରେ ଏକମନ ହୋଇ କାମ କରିବାକୁ ଆହ୍ୱାନ

**କେନ୍ଦ୍ରାପଡ଼ା, ୧୩।୬(ସମିସ)**






ଭୌଗୋଳିକ ଅବସ୍ଥିତି ଦୃଷ୍ଟିରୁ କେନ୍ଦ୍ରାପଡ଼ା ବହୁ ପ୍ରାକୃତିକ ବିପର୍ଯ୍ୟୟକୁ ବାରମ୍ବାର ସାମ୍ନା କରିଆସିଛି । ତେଣୁ ସମ୍ଭାବ୍ୟ ବନ୍ୟା, ବାତ୍ୟା ଓ ମରୁଡ଼ିକୁ ଦୃଷ୍ଟିରେ ରଖି ଏହାର ସଫଳ ମୁକାବିଲା ନିମନ୍ତେ ଆଜି ସ୍ଥାନୀୟ ଜିଲ୍ଲା ପରିଷଦ ସମ୍ମିଳନୀ କକ୍ଷରେ ଜିଲ୍ଲାସ୍ତରୀୟ ପ୍ରାକୃତିକ ବିପର୍ଯ୍ୟୟ କମିଟିର ଏକ ବୈଠକ ଅନୁଷ୍ଠିତ ହୋଇଯାଇଛି । ଜିଲ୍ଲାପାଳ ସୂର୍ଯ୍ୟବଂଶୀ ମୟୂର ବିକାଶଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି ବୈଠକରେ ନବନିର୍ବାଚିତ ପାଟକୁରା ବିଧାୟକ ଅରବିନ୍ଦ ମହାପାତ୍ର, କେନ୍ଦ୍ରାପଡ଼ା ବିଧାୟକ ଗଣେଶ୍ୱର ବେହେରା, ରାଜନଗର ବିଧାୟକ ଧ୍ରୁବଚରଣ ସାହୁ, ମହାକାଳପଡ଼ା ବିଧାୟକ ଦୁର୍ଗାପ୍ରସନ୍ନ ନାୟକ, ସମସ୍ତ ବ୍ଲକ ଓ ପଟ୍ଟାମୁଣ୍ଡାଇ ମ୍ୟୁନିସିପାଲିଟିର ଚେୟାରମ୍ୟାନ୍, ଜନପ୍ରତିନିଧି, ଅତିରିକ୍ତ ଜିଲ୍ଲାପାଳ (ରାଜସ୍ୱ) ନୀଲୁ ମହାପାତ୍ର, ଅତିରିକ୍ତ ଜିଲ୍ଲାପାଳ (ସାଧାରଣ) ପୀତାମ୍ବର ସାମଲ, ଉପଜିଲ୍ଲାପାଳ ରବୀନ୍ଦ୍ର ପ୍ରଧାନ, ଜିଲ୍ଲା ଜରୁରିକାଳୀନ ଅଧିକାରୀ ପଲ୍ଲବୀ ପାତ୍ର, ସମସ୍ତ ତହସିଲଦାର, ବିଡିଓ, ଜିଲ୍ଲାସ୍ତରୀୟ ଅଧିକାରୀ, ସମସ୍ତ ଲାଇନ ଡିପାର୍ଟମେଣ୍ଟର ଅଧିକାରୀ, ଅଗ୍ନିଶମ ବିଭାଗ, ଭାଗୀଦାର ନୋଡାଲ ଏନ୍‌ଜିଓର କର୍ମକର୍ତ୍ତା ପ୍ରମୁଖ ଉପସ୍ଥିତ ଥିଲେ । ପ୍ରାକୃତିକ ବିପର୍ଯ୍ୟୟ ସମୟରେ ଏକମନ ହୋଇ କାମ କରିବାକୁ ନବନିର୍ବାଚିତ ବିଧାୟକମାନେ ଆହ୍ୱାନ ଦେଇଥିଲେ ।

ଉକ୍ତ ବୈଠକରେ ନବନିର୍ବାଚିତ ବିଧାୟକ କହିଥିଲେ ଯେ, ଆମେ ଭିନ୍ନ ଭିନ୍ନ ଦଳରେ ରାଜନୀତି କରୁଛୁ ସତ, କିନ୍ତୁ ପ୍ରାକୃତିକ ବିପର୍ଯ୍ୟୟ ସମୟରେ ଆମେ ସମସ୍ତେ ଏକ । ଆମେ ସଂଘବଦ୍ଧ ଭାବେ ଜିଲ୍ଲା ପ୍ରଶାସନ ସହ ହାତରେ ହାତ ମିଶାଇ ବିପର୍ଯ୍ୟୟର ମୁକାବିଲା କରିବୁ । ଜିଲ୍ଲାପାଳ ଶ୍ରୀ ବିକାଶ ସମସ୍ତ ଅଧିକାରୀଙ୍କୁ ପରାମର୍ଶ ଦେଇ କହିଥିଲେ, ପ୍ରାକୃତିକ ବିପର୍ଯ୍ୟୟ ଆସିବା ପର୍ଯ୍ୟନ୍ତ ଅପେକ୍ଷା କରନାହିଁ । ବରଂ ସଫଳତାର ସହ ମୁକାବିଲା ପାଇଁ ବିପର୍ଯ୍ୟୟର ପୂର୍ବ ପ୍ରସ୍ତୁତି ଏପରି ଶାଣିତ କର ଯେପରି ବିପର୍ଯ୍ୟୟ ସମୟରେ ସର୍ବନିମ୍ନ ସମୟ ମଧ୍ୟରେ ସର୍ବାଧିକ ଉଦ୍ଧାର ଓ ରିଲିଫ୍ କାର୍ଯ୍ୟ କରିହେବ । ରାଜ୍ୟ ସରକାରଙ୍କ ଶୂନ୍ୟ ମୃତ୍ୟୁହାର ଲକ୍ଷ୍ୟକୁ ହାସଲ କରିବା ପାଇଁ ସମସ୍ତଙ୍କ ସହଯୋଗ ପାଇଁ ବୈଠକରେ ଆହ୍ୱାନ ଜଣାଇଥିଲେ ଜିଲ୍ଲାପାଳ ।

ସୂଚନାଯୋଗ୍ୟ, ଜିଲ୍ଲାରେ ରହିଛି ୧୨୩ଟି ବହୁମୁଖୀ ବାତ୍ୟା ଆଶ୍ରୟସ୍ଥଳୀ । ମୋଟ୍ ୫୧ଟି ପାୱାର୍ ବୋଟ୍ ଥିବାବେଳେ ଆଗାମୀ ଦିନରେ ଏହାର ସଂଖ୍ୟା ବୃଦ୍ଧି ପାଇଁ ଲକ୍ଷ୍ୟ ରଖିଛି ଜିଲ୍ଲା ପ୍ରଶାସନ । ରିଲିଫ୍ ଓ ଉଦ୍ଧାର କାର୍ଯ୍ୟ ପାଇଁ ଜିଲ୍ଲାର ସମସ୍ତ ବ୍ଲକ ମୁଖ୍ୟାଳୟ ଓ ଦୁଇଟି ମ୍ୟୁନିସିପାଲିଟିକୁ ମିଶାଇ ମୋଟ୍ ୧୧ଟି ଜୋନ୍ ଗଠନ କରାଯାଇଛି । ଏହି ୧୧ଟି ଜୋନ୍ ଅଧିନରେ ରହିଛି ମୋଟ୍ ୧୬୩ଟି ଉପଜୋନ୍ । ୫୮୦୩ ପ୍ୟାକେଟ୍ ଓ ୪୭୩ ଖଣ୍ଡ ପଲିଥିନ୍ ରୋଲ୍ ମହଜୁଦ ରହିଛି । ଆବଶ୍ୟକତା ଅନୁସାରେ ଜେନେରେଟର୍, ଆସ୍କାଲାଇଟ୍, ଗଛକଟା ମେସିନ୍ ଆଦି ରଖାଯାଇଛି । ଗୃହପାଳିତ ପଶୁଙ୍କ ପାଇଁ ଟୀକାକରଣ ଉପରେ ଗୁରୁତ୍ୱାରୋପ କରାଯାଇଥିବାବେଳେ ଆବଶ୍ୟକ ପରିମାଣର ଚୁଡ଼ା ମହଜୁଦ ରଖିବାକୁ ଜିଲ୍ଲା ବେସାମରିକ ଯୋଗାଣ ବିଭାଗକୁ ନିର୍ଦ୍ଦେଶ ଦିଆଯାଇଛି । ବିଶୁଦ୍ଧ ପାନୀୟଜଳ ପାଇଁ ଆବଶ୍ୟକ ପରିମାଣର କ୍ଲୋରିନ୍ ବଟିକା ବା ଟାଙ୍କି ଥିବା ସ୍ଥାନରେ କ୍ଲୋରିନ୍‌ଯୁକ୍ତ ବିଶୁଦ୍ଧ ପାନୀୟଜଳ ଯୋଗାଣ ପାଇଁ ନିର୍ଦ୍ଦେଶ ଦିଆଯାଇଛି । ବନ୍ଧ ମରାମତି, ଜଳ ନିଷ୍କାସନ ଦିଗରେ ବିହିତ ପଦକ୍ଷେପ ଗ୍ରହଣ କରିବାକୁ କୁହାଯାଇଛି ।

ଆସନ୍ତା ଜୁନ୍ ୧୮ ତାରିଖ ପୂର୍ବାହ୍ନ ୧୧ ଘଟିକା ସମୟରେ କେନ୍ଦ୍ରାପଡ଼ା ଜିଲ୍ଲା ପରିଷଦ କାର୍ଯ୍ୟାଳୟ ପରିସରରେ ଜିଲ୍ଲାସ୍ତରୀୟ ଟେବୁଲ୍ ଟପ୍ ଏକ୍ସରସାଇଜ୍ ଆୟୋଜନ ହେବାକୁ ଚୂଡ଼ାନ୍ତ ହୋଇଥିବାବେଳେ ଜୁନ୍ ୧୯ ତାରିଖରେ ସମସ୍ତ ବ୍ଲକ ମୁଖ୍ୟାଳୟ ଓ ବାତ୍ୟା ଆଶ୍ରୟସ୍ଥଳୀରେ ମକ୍‌ଡ୍ରିଲ୍ କରାଯିବ । ଶେଷରେ ଉପଜିଲ୍ଲାପାଳ ରବୀନ୍ଦ୍ର ପ୍ରଧାନ ସମସ୍ତଙ୍କୁ ଧନ୍ୟବାଦ ଅର୍ପଣ କରିଥିଲେ ।

## ବିଦ୍ୟାଳୟ ପରିସରରେ ସଫେଇ କାର୍ଯ୍ୟକ୍ରମ




**ଡେରାବିଶ, ୧୩।୬ (ସମିସ):** ଆଉ ମାତ୍ର ଦିନ କେଇଟା ପରେ ବିଦ୍ୟାଳୟର ଛୁଟି ସରିଯିବ । ଛାତ୍ରଛାତ୍ରୀମାନେ ନିୟମିତ ଭାବେ ବିଦ୍ୟାଳୟକୁ ଅଧ୍ୟୟନ ପାଇଁ ଆସିବେ । ତେବେ ଗତ କିଛିଦିନ ଛୁଟି ମଧ୍ୟରେ ବିଦ୍ୟାଳୟ ପରିସରରେ ଚଳପ୍ରଚଳ ଅଭାବରୁ ନାନା ଅନାବନା ଗଛ ଲଟା ସୃଷ୍ଟି ହୋଇଛି । ବିଦ୍ୟାଳୟ ଖୋଲିବା ପୂର୍ବରୁ ଛାତ୍ରଛାତ୍ରୀମାନଙ୍କ ସୁରକ୍ଷା ନିମନ୍ତେ ବିଦ୍ୟାଳୟ ପରିସରକୁ ସଫେଇ କରାଯାଉଛି ।

ଏହି ଅବସରରେ ଗୁଆଲସିଂ ପଞ୍ଚାୟତ ଅନ୍ତର୍ଗତ ଅଁଳାବାଙ୍କସ୍ଥିତ 'ଦି ଇନ୍‌ଷ୍ଟିଚ୍ୟୁଟ୍ ଅଫ୍ ଟୋଟାଲ ଫିଟ୍‌ନେସ୍ ଆଣ୍ଡ ଷ୍ଟ୍ରେସ୍ ମ୍ୟାନେଜ୍‌ମେଣ୍ଟ' ପକ୍ଷରୁ କୁଶିଆପାଳ ପଞ୍ଚାୟତ ଅନ୍ତର୍ଗତ ହଳଦିଆ ଶିଶୁମନ୍ଦିର ପରିସରକୁ ସଫେଇ କରାଯାଇଛି । ଏହି ଅନୁଷ୍ଠାନର ପ୍ରତିଷ୍ଠାତା ବ୍ରଜକିଶୋର ସାହୁଙ୍କ ତତ୍ତ୍ୱାବଧାନରେ ଅନୁଷ୍ଠିତ ଏହି ସଫେଇ କାର୍ଯ୍ୟକ୍ରମରେ ତପସ୍ୱିନୀ ମହାପାତ୍ର, ପୂଜା ଦାସ, ପାପାଲି ଦାସ, ରୂପାଲି ଜେନା, ଦିପ୍ତି ମହାରଣା, ବଣ୍ଟି ଲେଙ୍କା, ବିକାଶ ମଳିକ, ରାଜା ଦାସ ପ୍ରମୁଖ ବିଦ୍ୟାଳୟ ପରିସରକୁ ସଫେଇ କରିଥିଲେ । ଅନୁଷ୍ଠାନ ପକ୍ଷରୁ ଏହି ସଫେଇ କାର୍ଯ୍ୟକ୍ରମ ପାଇଁ ଶିଶୁମନ୍ଦିରର ସମସ୍ତ ଗୁରୁଜୀ ଗୁରୁମା, ପ୍ରଧାନ ଗୁରୁଜୀ ଓ ଛାତ୍ର ଅଭିଭାବକମାନେ ପ୍ରଶଂସା କରିଥିଲେ ।

## ମଦନପୁର ମହାବୀର ହାଇସ୍କୁଲ ପୁରାତନ ଛାତ୍ରଛାତ୍ରୀଙ୍କ ବନ୍ଧୁମିଳନ



**ରାଜନଗର, ୧୩।୬(ସମିସ):** ରାଜନଗର ନିର୍ବାଚନମଣ୍ଡଳୀ ଅନ୍ତର୍ଗତ ମଦନପୁରସ୍ଥିତ ମହାବୀର ଉଚ୍ଚ ବିଦ୍ୟାଳୟର ୧୯୮୮ ମାଟ୍ରିକ ବ୍ୟାଚର ବନ୍ଧୁମିଳନ ଉତ୍ସବ ଅନୁଷ୍ଠିତ ହୋଇଯାଇଛି । ପୁରାତନ ଛାତ୍ରୀ ସସ୍ମିତା ନାଥ ସ୍ୱାଗତ ଭାଷଣ ଦେଇଥିଲେ । ଏହି ବ୍ୟାଚର ଛାତ୍ର ଛାତ୍ରୀମାନେ ଏକତ୍ରିତ ହୋଇ ଶିକ୍ଷକମାନଙ୍କୁ ସମ୍ବର୍ଦ୍ଧିତ କରିବା ସହ ଛାତ୍ର ଜୀବନର ସ୍ମୃତି ସାଉଣ୍ଟିଥିଲେ । ଅନୁଷ୍ଠାନର ପ୍ରଧାନଶିକ୍ଷକ ବିଜୟ କୁମାର ବେହେରାଙ୍କ ସହ ଶିକ୍ଷକ କାଶୀନାଥ ନାୟକ, କପିଳେନ୍ଦ୍ର ନାଥ, ଶଶଧର ସ୍ୱାଇଁ, ଗଗନ ବିହାରୀ ପଣ୍ଡା, ପଞ୍ଚାନନ ଦାସ, ନାରାୟଣ ସୂତାର ପ୍ରମୁଖ ଶିକ୍ଷକଙ୍କୁ ଛାତ୍ର ଛାତ୍ରୀମାନେ ଉତ୍ତରୀୟ ପୁଷ୍ପଗୁଚ୍ଛ ସହ ଉପଢୌକନ ଦେଇ ସମ୍ବର୍ଦ୍ଧିତ କରିଥିଲେ । ପୁରାତନ ଛାତ୍ର ଛାତ୍ରୀମାନଙ୍କୁ ଦୀର୍ଘଦିନ ପରେ ନିକଟରେ ଦେଖି ଶିକ୍ଷକମାନେ ଭାବବିହ୍ୱଳ ହୋଇଯାଇଥିଲେ । ଏହି କାର୍ଯ୍ୟକ୍ରମରେ ପୁରାତନ ଛାତ୍ର ନିଗମ ନାରାୟଣ ନାୟକ, ତ୍ରିଲୋଚନ ମହାନ୍ତି, ରଜନୀ ଦାସ, ସଞ୍ଜୁକ୍ତା ପଲାଇ, ଲିଲି ପାତ୍ର, ନିରୋଦ ନାୟକ, ଅମର ଜେନା, ସୁଶାନ୍ତ ସାହୁ, ଅନୁସୂୟା ଦାସ ପ୍ରମୁଖ ସାମିଲ ହୋଇଥିଲେ ।

## ନୂଆ ମୁଖ୍ୟମନ୍ତ୍ରୀ ମୋହନ ମାଝିଙ୍କୁ ଅଭିନନ୍ଦନ

**କେନ୍ଦ୍ରାପଡ଼ା, ୧୩।୬(ସମିସ):** ତୃଣମୂଳ ସ୍ତରରୁ ସାଧାରଣ ଜନତାଙ୍କର ହୃଦୟ ଜିଣି ଆଦିବାସୀ ନେତା ଭାବେ ପରିଚିତ ନୂଆ ମୁଖ୍ୟମନ୍ତ୍ରୀ ମୋହନ ମାଝିଙ୍କୁ କେନ୍ଦ୍ରାପଡ଼ାର ପ୍ରଗତି ଚାରିଟେବୁଲ ଟ୍ରଷ୍ଟ ଅଫ୍ ଇଣ୍ଡିଆ (ପିସିଟିଆଇ) ଗଭୀର କୃତଜ୍ଞତା ଓ ଶୁଭେଚ୍ଛା ଜ୍ଞାପନ ସହ ଶୁଭ ଅଭିନନ୍ଦନ ପ୍ରଦାନ କରିଅଛି । ଟ୍ରଷ୍ଟର ଅଧ୍ୟକ୍ଷ ବିଶିଷ୍ଟ ପରିବେଶବିତ୍ ତଥା ସମାଜସେବୀ କାଶୀନାଥ ରାଉତରାୟ, ଶିକ୍ଷକ ନେତା ରାଜ୍ୟ ଓଷ୍ଟା ସମ୍ପାଦକ ପ୍ରଣବ କୁମାର ଜେନା, ବିଚିତ୍ର କୁମାର ବାରିକ, ପବିତ୍ର କୁମାର ମାଇତି, ସାମୁଏଲ୍ ବେହେରା, ପାର୍ଥସାରଥୀ ସାମନ୍ତରାୟ, ବିଶ୍ୱନାଥ ରାଉତରାୟ, ପ୍ରଦୀପ ଦାସ, ରମେଶ ଚନ୍ଦ୍ର ସ୍ୱାଇଁ, ସରୋଜିନୀ ସ୍ୱାଇଁ, କନକଲତା ପତି, ମଧୁଛନ୍ଦା ଶର୍ମା, ମଞ୍ଜୁଶ୍ରୀ ବରାଳ, ପ୍ରଶାନ୍ତ କୁମାର ପାଇକରାୟ, ଜ୍ଞାନେନ୍ଦ୍ର କୁମାର ବାରିକ, ରଞ୍ଜିତ କୁମାର ନାୟକ, ସମାଜସେବୀ ଅଭିମନ୍ୟୁ ରାଉତ, ରାମନାରାୟଣ ସିଂହ ପ୍ରମୁଖ ଶୁଭ ଅଭିନନ୍ଦନ ଜଣାଇବା ସହ ଏକ ସ୍ଥିର, ସମୃଦ୍ଧ ଓ ବିକଶିତ ଓଡ଼ିଶା ଗଠନ ପାଇଁ ପ୍ରଭୁ ଶ୍ରୀଜଗନ୍ନାଥଙ୍କ ପାଦପଦ୍ମରେ ଭକ୍ତି ନିବେଦନ କରିଛନ୍ତି ।

## ବିଧାୟକ ଗଣେଶ୍ୱର ବେହେରାଙ୍କ ଭାଗବତପୁର ପଞ୍ଚାୟତ ଗସ୍ତ

**କେନ୍ଦ୍ରାପଡ଼ା, ୧୩।୬(ସମିସ):** ନବ ନିର୍ବାଚିତ କେନ୍ଦ୍ରାପଡ଼ା ବିଧାୟକ ଗଣେଶ୍ୱର ବେହେରା କେନ୍ଦ୍ରାପଡ଼ା ବ୍ଲକ ଅନ୍ତର୍ଗତ ଭାଗବତପୁର ପଞ୍ଚାୟତ ଗସ୍ତକରି ପ୍ରଥମେ ଚଣ୍ଡୀବଜାରସ୍ଥିତ ମା' ରାମଚଣ୍ଡୀ ଦେବୀଙ୍କୁ ଦର୍ଶନ କରି ଆଶୀର୍ବାଦ ନେବା ପରେ ସ୍ୱର୍ଗତ ଭାଗବତ ସ୍ୱାଇଁଙ୍କ ପରିବାରକୁ ଭେଟି ସମବେଦନା ଜଣାଇଥିଲେ । ଏହାପରେ ହୃଦଘାତରେ ମୃତ୍ୟୁବରଣ କରିଥିବା ସିମଳଦାର ଶିବ ବେହେରାଙ୍କ ପରିବାରକୁ ଭେଟି ସମବେଦନା ଜଣାଇଥିଲେ । ପରେ ଅସୁସ୍ଥ ଥିବା ପ୍ରଭାକର ମଲିକଙ୍କ ଘରକୁ ଯାଇ ତାଙ୍କର ଆଶୁ ଆରୋଗ୍ୟ କାମନା କରିଥିଲେ । ପରେ ସିମଳଦାର ପ୍ରଭାକର ସ୍ୱାଇଁଙ୍କ ପୁଅ ବାହାଘରରେ ଯୋଗଦେଇ ପୁତ୍ର ଓ ପୁତ୍ରବଧୁଙ୍କୁ ଆଶୀର୍ବାଦ ଦେଇଥିଲେ । ବିଧାୟକ ଶ୍ରୀ ବେହେରାଙ୍କ ଏହି ଗସ୍ତ ସମୟରେ ପଞ୍ଚାୟତର ଶରତ ଚନ୍ଦ୍ର ସ୍ୱାଇଁ, ପ୍ରମୋଦ କୁମାର ସାହୁ, ସମିତିସଭ୍ୟା ପ୍ରମିଳା ମିଶ୍ର, ହୃଦାନନ୍ଦ ଲେଙ୍କା, ବସନ୍ତ କୁମାର ଯେନା, ନଗେନ୍ଦ୍ର ରାଉତ, ଧରଣୀଧର ଦାସ, ପ୍ରଶାନ୍ତ ଦାସ, ସଂଗ୍ରାମ ସାମଲ, ଅଜୟ ମଲ୍ଲିକ, ରାଜକିଶୋର ବେହେରା, ସେକ ଫୁରକାନ୍, ଅକ୍ଷୟ ରାଉଳ, ପ୍ରଦୀପ ବରାଳ, ଅଲେଖ ସ୍ୱାଇଁ(ମେଳକସାହି), କୈଳାସ ସ୍ୱାଇଁ, ବୁଲୁ ସେଠୀ, ନିଗମ ଶେଖର ମହାନ୍ତିଙ୍କ ସମେତ ବହୁ ଶୁଭେଚ୍ଛୁ ଓ ସମର୍ଥକମାନେ ବିଧାୟକ ବେହେରାଙ୍କୁ ପୁଷ୍ପଗୁଚ୍ଛ ଓ ଉତ୍ତରୀୟ ପ୍ରଦାନ ପୂର୍ବକ ଶୁଭେଚ୍ଛା ଜଣାଇଥିଲେ ।

## ବରିଷ୍ଠ କଳାକାର ଶୈଳେନ୍ଦ୍ର ଜେନାଙ୍କ ପରଲୋକ



**ଭୁବନେଶ୍ୱର, ୧୩।୬(ସମିସ):** ବରିଷ୍ଠ କଳାକାର ତଥା ପଟ୍ଟାମୁଣ୍ଡାଇ ସହରରେ ପ୍ରସିଦ୍ଧି ଲାଭ କରିଥିବା ଭବାନୀ ଶଙ୍କର ଚିତ୍ରାଳୟର ମାଲିକ ଶୈଳେନ୍ଦ୍ର କୁମାର ଜେନା(୮୨)ଙ୍କ ପରଲୋକ ହୋଇଛି । କଟକ ବଡ଼ ମେଡ଼ିକାଲରେ ଚିକିତ୍ସାଧୀନ ଥିବାବେଳେ ତାଙ୍କର ମୃତ୍ୟୁ ହୋଇଛି । ତାଙ୍କ ମୃତ୍ୟୁ ଖବର ପାଇ ଅଞ୍ଚଳର ବହୁ କଳାକାରଙ୍କ ସମେତ ଚିତ୍ରାଳୟର ବରିଷ୍ଠ କଳାକାର ତଥା ଲେଖକ ପଣ୍ଡିତ ଭିକାରୀ ଚରଣ ଦାସ ତାଙ୍କର ଶେଷ ଦର୍ଶନ କରିଛନ୍ତି । ସ୍ୱର୍ଗତ ଶ୍ରୀ ଜେନା ଡ୍ରାମା ଓ ନାଟକରେ ଅଭିନେତା ଓ ଅଭିନେତ୍ରୀଙ୍କୁ ଡ୍ରେସ୍‌ରେ ସଜାଇବାରେ ପାରଙ୍ଗମ ଥିଲେ । ଏଥିସହ ସେ ବେହେଲା, ମୃଦଙ୍ଗ ବାଦ୍ୟରେ ଖୁବ୍ ଦକ୍ଷତା ରଖିଥିଲେ । ଚମ୍ପୁ ଓ ଓଡ଼ିଶୀ ଗୀତ ମଧ୍ୟ ଗାଇ ଲୋକଙ୍କ ମଧ୍ୟରେ ପ୍ରିୟଭାଜନ ହୋଇପାରିଥିଲେ ।

## ସ୍ୱେଚ୍ଛାସେବୀ ଅନୁଷ୍ଠାନ ପକ୍ଷରୁ ଅଗ୍ନିବିପନ୍ନ ପରିବାରକୁ ସହାୟତା



**ରାଜନଗର, ୧୩।୬(ସମିସ):** ଚଳିତମାସ ୧୦ ତାରିଖରେ ରାଜନଗର ବ୍ଲକ ମହୁଲିଆ ପଞ୍ଚାୟତ ପୋଖରୀଆ ଗାଁର ଦିଲ୍ଲୀପ କୁମାର ମଳିକ ଏବଂ ଶିବ କୁମାର ମଳିକଙ୍କ ୪ ବଖରା ଘର ପୋଡି ପାଉଁଶ ହୋଇଯାଇଥିଲା । କୌଣସି କାରଣରୁ ଅଗ୍ନିକାଣ୍ଡ ଘଟି ୪ ବଖରା ଘର ସମେତ ସମସ୍ତ ଆସବାସପତ୍ର ପୋଡି ପାଉଁଶ ହୋଇଯାଇଥିଲା । ପରିବାର ଲୋକେ ପିନ୍ଧାଲୁଗା ବ୍ୟତୀତ ଅନ୍ୟ କୌଣସି ସାମଗ୍ରୀ ଉଦ୍ଧାର କରିପାରିନଥିଲେ । ଏହିଭଳି ଏକ ଦୁଃଖଦ ଖବର ପାଇ ଅଗ୍ରଣୀ ସ୍ୱେଚ୍ଛାସେବୀ ଅନୁଷ୍ଠାନ ଓଡ଼ିଶା ସାଇନ ଫାଉଣ୍ଡେସନ ଟ୍ରଷ୍ଟ ପକ୍ଷରୁ ବିପନ୍ନ ପରିବାରଙ୍କ ନିକଟରେ ପହଞ୍ଚି ଏକ ମାସର ରାସନ ସାମଗ୍ରୀ ସହିତ ଆର୍ଥିକ ସହାୟତା ପ୍ରଦାନ କରିଛନ୍ତି । ଅନୁଷ୍ଠାନର ନିହାର ରଞ୍ଜନ ବିଶ୍ୱାଳ, ଧିରେନ୍ଦ୍ର ବିଶ୍ୱାଳ, ସର୍ବେଶ୍ୱର ମଲ୍ଲିକ, ପ୍ରତାପ ନାୟକ, ବିକାଶ କୁଣ୍ଡ ପ୍ରମୁଖ ବିପନ୍ନ ପରିବାର ନିକଟରେ ପହଞ୍ଚି ସମବେଦନା ଜଣାଇବା ସହ ଏହି ସହାୟତା ପ୍ରଦାନ କରିଥିଲେ ।

## ନବୀନ ବାବୁଙ୍କ ପାଇଁ ଗୁମୁରି ଗୁମୁରି କାନ୍ଦୁଛନ୍ତି ଊର୍ମିଳା ଓ ରେବତୀ

**ପଞ୍ଚୁପାଣ୍ଡବ, ୧୩।୬ (ସମିସ)**



ନବୀନ ପଟ୍ଟନାୟକ ମୁଖ୍ୟମନ୍ତ୍ରୀ ଥିଲେ ଏବେ ପୂର୍ବତନ ମୁଖ୍ୟମନ୍ତ୍ରୀ ହେଲେ । କିନ୍ତୁ ଓଡ଼ିଶାବାସୀଙ୍କ ପାଇଁ ସେ ଯେତେ ଯୋଜନା କରିଥିଲେ ଏବେ ଯିଏ ଯୋଜନାର ଲାଭ କରିଛନ୍ତି ସେମାନେ ପୂର୍ବତନ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କୁ ଭୁଲି ପାରୁନାହାଁନ୍ତି । କିଛି ଲୋକେ କାନ୍ଦୁଛନ୍ତି ତ କିଛି ଲୋକ ମୁଖ୍ୟମନ୍ତ୍ରୀଙ୍କ ମନେପଡ଼ିଲେ ଖାଉ ନାହାଁନ୍ତି । ଏମିତି ଦେଖିବାକୁ ମିଳିଛି ଡେରାବିଶ ବ୍ଲକ ଅନ୍ତର୍ଗତ ବେଣିପୁର ପଞ୍ଚାୟତରେ । ଏହି ପଞ୍ଚାୟତ ଅଧୀନ ବେଣିପୁର ଗ୍ରାମର ବିପିନ ବିହାରୀ ଓଝାଙ୍କ ସ୍ତ୍ରୀ ଊର୍ମିଳା ଓଝା ଓ ଶ୍ରୀକାନ୍ତ ଓଝାଙ୍କ ସ୍ତ୍ରୀ ରେବତୀ ଓଝା । କିଛିଦିନ ତଳେ ଊର୍ମିଳା ଓଝାଙ୍କ ଗୋଡ଼ ଅଚଳ ହେବା ପରେ ସେ ଡାକ୍ତରଖାନାରେ ଚିକିତ୍ସା ପାଇଁ ବିଜୁ ସ୍ୱାସ୍ଥ୍ୟକାର୍ଡ଼ରେ ୪ଲକ୍ଷରୁ ଅଧିକ ଟଙ୍କା ଖର୍ଚ୍ଚରେ ଭଲ ହୋଇଥିଲେ । ସେହିଭଳି ତାଙ୍କ ପରିବାରର ଅନ୍ୟଜଣେ ରେବତୀଙ୍କ ପେଟର ସମସ୍ୟା ଗୁରୁତର ଅବସ୍ଥାରେ ଥିବା ବେଳେ ସେ ବିଜୁ ସ୍ୱାସ୍ଥ୍ୟ କାର୍ଡ଼ରେ ୬ଲକ୍ଷ ଟଙ୍କାରୁ ଅଧିକ ଖର୍ଚ୍ଚ କରି ଭଲ ହୋଇଥିଲେ । ଏବେବି ଆର୍ଥିକ ସଙ୍କଟ ଥିôବାରୁ ନାହିଁନଥିବା ସମସ୍ୟାର ସମ୍ମୁଖିନ ହେବାକୁ ପଡୁଛି । ଏତିକିବେଳେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ହାରି ଯାଇଛନ୍ତି ବୋଲି ଶୁଣିବା ପରେ ଘରେ ଖାଇବା ଛାଡ଼ି ଗୁମୁରିଗୁମୁରି କାନ୍ଦୁଥିବା ତାଙ୍କ ପରିବାର ଲୋକ କହିଛନ୍ତି । ଆମର ଏତେ ଟଙ୍କା ନଥିଲା ଯେ ଆମେମାନେ ଖର୍ଚ୍ଚ କରିପାରିବୁ କିନ୍ତୁ ନବୀନଙ୍କ ପାଇଁ ଭଲ ହୋଇଛୁ । ସେ ପୁଣି ଏମିତି କହିଛନ୍ତି ଯେ ଆମ ମୁଖ୍ୟମନ୍ତ୍ରୀ ହାରିଲେବି ସେ ଆମମାନଙ୍କ ହୃଦୟରେ ରହିଛନ୍ତି । ନବୀନ ବାବୁଙ୍କ ଜୀବନ ଭଲରେ ଭଲରେ କଟୁ । ଭଗବାନ ତାଙ୍କୁ ଭଲରେ ରଖନ୍ତୁ ବୋଲି ସେ କହିଥିଲେ ।

## ବାବା ଉମାକାନ୍ତେଶ୍ୱର ପୀଠରେ ଶିବ ବିବାହ



**ପଞ୍ଚୁପାଣ୍ଡବ, ୧୩।୬ (ସମିସ):** ଡେରାବିଶ ବ୍ଲକ ରଘୁଦେଇପୁର ପଞ୍ଚାୟତ ଅନ୍ତର୍ଗତ ବାବା ଉମାକାନ୍ତେଶ୍ୱରଙ୍କ ପୀଠରେ ଶିବ ବିବାହ ଅନୁଷ୍ଠିତ ହୋଇଯାଇଛି । ଏହି ଦେବଦମ୍ପତିଙ୍କ ବିବାହ ଉତ୍ସବରେ ବରଙ୍କ ପିତା ମନୋଜ ସାହୁ ଓ ମାତା ସ୍ୱାଗତିକା ଏବଂ କନ୍ୟା ପିତା ପ୍ରସନ୍ନ ମଲିକ ଓ ଲକ୍ଷ୍ମିପ୍ରିୟା ମଲିକ ମାତା ହୋଇ କନ୍ୟାଦାନ କରିଥିଲେ । ଏହି ବିବାହ ଉତ୍ସବରେ ଉମାକାନ୍ତେଶ୍ୱର ମନ୍ଦିରରୁ ବାହାରି ବାଜା ବାଣ ଓ ଡିଜେ ବଜାଇ ବେଣିପୁର ପଞ୍ଚାୟତ ଅନ୍ତର୍ଗତ ବଜାର, ସଦାନନ୍ଦପୁର ଏବଂ ରଘୁଦେଇପୁର ପଞ୍ଚାୟତର ବେଲାରପୁର ଓ ରଘୁଦେଇପୁର ଗ୍ରାମ ପରିକ୍ରମ କରିଥିଲେ । ଏହି ଅବସରରେ ତିନିଦିନ ଧରି ଯଜ୍ଞ ଅନୁଷ୍ଠିତ ହୋଇଥିଲା ବେଳେ ପୂଜକ ତୃପ୍ତିରଞ୍ଜନ କର ଏବଂ ଗ୍ରାମବାସୀ ସହଯୋଗ କରିଥିଲେ ।

ସତ କହିବା ଏବଂ ମିଛ ପଦାରେ ପକାଇବା ହେଉଛି ବୁଦ୍ଧିଜୀବୀମାନଙ୍କର ବଡ଼ ଦାୟିତ୍ୱ !
-ନୋମ୍ ଚମସ୍କି , ଭାଷାବିତ୍ ଓ ଦାର୍ଶନିକ



ସକାଳ
THE SAKALA

## ଜି-୭ ଶିଖର ସମ୍ମିଳନୀରେ ଭାରତ

# ମୋଦୀଙ୍କ ଉପରେ ଦକ୍ଷିଣ-ବିଶ୍ୱର ଦୃଷ୍ଟି

ଜି-୭ର ୫୦ ତମ ବୈଶ୍ୱିକ (ଆଉଟ୍‌ରିଚ୍) ଶିଖର ସମ୍ମିଳନୀ ଇଟାଲିରେ ଅନୁଷ୍ଠିତ ହେଉଛି । ଏହି ଦୁଇଦିନିଆ ଶିଖର ବୈଠକରେ ଯୋଗ ଦେବାକୁ ଭାରତର ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ରୋମ୍ ଯାତ୍ରା କରିଛନ୍ତି । ଜି-୭ ମୂଳତଃ ଜି-୨୦ର ପ୍ରଥମ ଅବତାର । ଏହା ବିଶ୍ୱର ସାତଟି ବିକଶିତ ରାଷ୍ଟ୍ର ଆମେରିକା, ଫ୍ରାନ୍ସ, ଜର୍ମାନୀ, ବ୍ରିଟେନ୍, କାନାଡ଼ା, ଇଟାଲୀ ଓ ଜାପାନକୁ ନେଇ ଏକ ଅର୍ଥନୈତିକ ଓ ବାଣିଜ୍ୟିକ ସହଯୋଗ ଭାବେ ଗଠିତ ହୋଇଥିଲା । ଏଥିରେ ୟୁରୋପୀୟ ସଂଘକୁ ମଧ୍ୟ ଏକ ସଦସ୍ୟ ଭାବେ ମାନ୍ୟତା ଦେଇ ଗ୍ରହଣ କରାଯାଇଥିଲା । ଜି-୭ର ଅସ୍ତିତ୍ୱ ବାସ୍ତବବାଦୀ ଦୃଷ୍ଟିକୋଣରୁ ଏବେ ଆଉ ନାହିଁ । ଏଥିରେ ଭାରତ ଭଳି ବିଶ୍ୱର ଆଉ ୧୨ ପ୍ରମୁଖ ଅର୍ଥନୀତିକୁ ସାମିଲ କରାଯାଇ ଏହାକୁ ଜି-୨୦ରେ ପରିଣତ କରାଯାଇଛି । ସର୍ବୋପରି ଆଫ୍ରିକୀୟ ସଂଘ ମଧ୍ୟ ଏହାର ସଦସ୍ୟ ହୋଇଛି, ଯାହାର ସଦସ୍ୟ ସଂଖ୍ୟା ୫୫ । ଅତଏବ ଜି-୭ ଏବେ ବିଶ୍ୱର ଏକ ବିରାଟ ଅର୍ଥନୈତିକ, ବାଣିଜ୍ୟିକ ଓ ରାଜନୈତିକ ଦ୍ରୁମ । ଏଥିରେ ରୁଷିଆ ଓ ଚୀନ୍ ଭଳି ଅର୍ଥନୀତି ମଧ୍ୟ ସାମିଲ ହୋଇଛି ଏବଂ ମିଳିତ ଜାତିସଂଘ, ଆସିଆନ ଓ ବିଶ୍ୱବ୍ୟାଙ୍କକୁ ମଧ୍ୟ ଅତିଥି ସଭ୍ୟ ଭାବେ ଗ୍ରହଣ କରାଯାଇଛି । ବିଶ୍ୱର ୮୦ ଭାଗ ଦେଶ ଏହାର ପରିସରକୁ ଏବେ ପ୍ରତ୍ୟକ୍ଷ ଓ ପରୋକ୍ଷ ଭାବେ ଆସିସାରିଛନ୍ତି । ଅର୍ଥନୈତିକ ସହଯୋଗ ଓ ସାମାଜିକ ବିକାଶ କ୍ଷେତ୍ରରେ ଏହା ବିଶ୍ୱର ସର୍ବବୃହତ୍ ସଂଗଠନ ।

ଏବେ ପ୍ରଶ୍ନ ହେଲା ଜି-୨୦ ପରେ ଜି-୭ର ଭୂମିକା ଆଉ କ'ଣ? ଏହା ଏବେ ମଧ୍ୟ ଜି-୨୦ର ମାତୃଭୂମିକା ନିର୍ବାହ କରୁଛି ଏବଂ ବିଶ୍ୱର ସାତଟି ଉନ୍ନତ ତଥା ଧନାଢ଼୍ୟ ଦେଶ ଏହାର ଗତିବିଧିକୁ ନିୟନ୍ତ୍ରଣ କରୁଛନ୍ତି । ଇଟାଲୀରେ ଅନୁଷ୍ଠିତ ଏହି ଶିଖର ସମ୍ମିଳନୀର କାର୍ଯ୍ୟସୂଚୀରେ ରହିଛି ଭାରତ-ପ୍ରଶାନ୍ତ କ୍ଷେତ୍ର (ଇଣ୍ଡୋ ପ୍ୟାସିଫିକ୍), ଆଫ୍ରିକା, ଜଳବାୟୁ ପରିବର୍ତ୍ତନ, ଆର୍ଟିଫିସିଆଲ୍ ଇଣ୍ଟେଲିଜେନ୍ସ (ଏଆଇ), ବିଶ୍ୱର ଅଳ୍ପ ବିକଶିତ ରାଷ୍ଟ୍ରର ପ୍ରତିନିଧି (ଗ୍ଲୋବାଲ୍ ସାଉଥ)ଙ୍କ ଅଂଶଗ୍ରହଣ ଏବଂ ୟୁରୋପୀୟ ସଂଘ ଓ ଆଫ୍ରିକୀୟ ସଂଘକୁ ଯଥାର୍ଥ ପ୍ରତିନିଧିତ୍ୱ ପ୍ରଦାନ । ଜି-୨୦କୁ ସଫଳ, ସକ୍ରିୟ, ବିଶ୍ୱବ୍ୟାପୀ ଓ ସମାବେଶୀ କରିବାରେ ଭାରତ, ବ୍ରାଜିଲ ଏବଂ ଦକ୍ଷିଣ ଆଫ୍ରିକାର ପ୍ରୟାସ ଅନସ୍ୱୀକାର୍ଯ୍ୟ । ଏହି ତ୍ରିମୂର୍ତ୍ତି ତଥା ବିଶ୍ୱର ଅନ୍ୟତମ ଉଦୀୟମାନ ଅର୍ଥନୀତି ଉଦ୍ୟମ କରି ନଥିଲେ ଜି-୨୦ ଆଜି ଏହି ସ୍ଥିତିରେ ପହଞ୍ଚି ନଥା'ନ୍ତା । ତେଣୁ ଜି-୭ ଏବେ ଯେଉଁ ପ୍ରସଙ୍ଗ ଉପରେ ଆଲୋଚନା ଚାହୁଁଛି, ତାହାକୁ ଅଧିକ ବାସ୍ତବ ଓ ବିଶ୍ୱମୁଖୀ କରିବାରେ ସମ୍ପୃକ୍ତ ତିନିରାଷ୍ଟ୍ରଙ୍କର ଭୂମିକା ଅଧିକ ରହିଛି । ୨୦୨୩ରେ ଭାରତ ଜି-୨୦ର ଅଧ୍ୟକ୍ଷ ଥିଲା ଏବଂ ଏହାକୁ ଏକ ନୂଆ ଶିଖରରେ ପହଞ୍ଚାଇବା ସହିତ ନୂଆଦିଲ୍ଲୀ ଘୋଷଣାନାମାରେ ଯେଉଁ ବୈଶ୍ୱିକ ପ୍ରସଙ୍ଗମାନ ଉପସ୍ଥାପିତ ହୋଇଥିଲା, ତାହାକୁ କାର୍ଯ୍ୟକାରୀ କରିବା ସବୁଠୁ ଗୁରୁତ୍ୱପୂର୍ଣ୍ଣ । ସୁଖର କଥା ଜି-୭ର କାର୍ଯ୍ୟସୂଚୀରେ ସେ ସବୁ ପ୍ରସଙ୍ଗ ମଧ୍ୟରୁ ଅନେକ ରହିଛି । ଏ ଦୃଷ୍ଟିରୁ ଏହି ଶିଖର ବୈଠକରେ ମୋଦୀଙ୍କ ଉପସ୍ଥିତି ଯଥାର୍ଥ ତଥା ଗୁରୁତ୍ୱପୂର୍ଣ୍ଣ ମନେହୁଏ ।

କହିବା ବାହୁଲ୍ୟ ଯେ ବିଶ୍ୱରେ ଏବେ ଏଆଇର ଦୁରୁପଯୋଗ ବଢ଼ୁଛି ଏବଂ ଏହା ଜନତା ଓ ଉଦ୍ୟୋଗ ପାଇଁ ବିପଦ ପାଲଟିଛି । ସେହିଭଳି ୟୁରୋପକୁ ଆଫ୍ରିକାରୁ ବେଆଇନ ଜନପଳାୟନ (ମାଇଗ୍ରେସନ୍) ଏକ ବିପଜ୍ଜନକ ସ୍ଥିତିରେ ପହଞ୍ଚିଛି ଏବଂ ଆଲଜେରିଆ, ଟ୍ୟୁନିସିଆ ଓ ଇଜିପ୍ଟ ଭଳି ଦେଶ, ଯାହା ଏହି ପଳାୟନର ଦ୍ୱାର ପାଲଟିଛି, ସେଠାରେ ଅସ୍ଥିରତା ଦେଖାଦେଇଛି । ଏହାଛଡ଼ା ଦୁଇଟି ଯୁଦ୍ଧ ଓ ତତ୍‌ଜନିତ ଉତ୍ତେଜନା ଯୋଗୁଁ ବିଶ୍ୱବାଣିଜ୍ୟ, ଯୋଗାଣ ବ୍ୟବସ୍ଥା ଓ ପୁଞ୍ଜି ନିବେଶ ଗୁରୁତର ଭାବେ ବ୍ୟାହତ ହେବା ସହିତ ବିଶ୍ୱର ଅର୍ଥନୀତି ମନ୍ଥର ହୋଇଯାଇଛି ।

ବିଶ୍ୱର ଏଭଳି ସ୍ଥିତିରେ ପୃଥିବୀର ସର୍ବବୃହତ୍ ଗଣତନ୍ତ୍ର ଓ ଦ୍ରୁତ ଅଭିବୃଦ୍ଧିଶୀଳ ଅର୍ଥନୀତିର ଏକ ବିଶେଷ ଭୂମିକା ରହିଛି । ଜି-୨୦ ରାଷ୍ଟ୍ରଙ୍କ ମଧ୍ୟରେ ଭାରତ ସବୁଠୁ ଅଧିକ ଜନବହୁଳ । ଇତିମଧ୍ୟରେ ଏହାର ଅର୍ଥନୀତିର ଆକାର ଜି-୭ର ସଦସ୍ୟ ବ୍ରିଟେନ୍, ଫ୍ରାନ୍ସ, ଇଟାଲୀ ଓ କାନାଡ଼ାକୁ ଅତିକ୍ରମ କରିସାରିଲାଣି । ଭାରତ ଏବେ ବିଶ୍ୱର ପଞ୍ଚମ ବୃହତ୍ ଅର୍ଥନୀତି ଏବଂ ଏହାର ଅର୍ଥନୈତିକ ଅଭିବୃଦ୍ଧି ଯେଉଁ ହାରରେ ବଢ଼ୁଛି, ସେଥିରୁ ସୂଚନା ମିଳୁଛି ଯେ ଏହା ଆଉ ଅଳ୍ପଦିନରେ ରୁଷିଆ, ଜର୍ମାନୀ ଓ ଜାପାନକୁ ଅତିକ୍ରମ କରି ଆମେରିକା ଓ ଚୀନ୍ ପରେ ବିଶ୍ୱର ତୃତୀୟ ସର୍ବବୃହତ୍ ଅର୍ଥନୀତିରେ ପରିଣତ ହେବ । ମୋଦୀ ତାଙ୍କ ଶାସନର ତୃତୀୟ ପାଳି ଆରମ୍ଭ କରିଥିବା ବେଳେ ଅର୍ଥନୀତିକ ଓ ଅଭିବୃଦ୍ଧି ଦୃଷ୍ଟିରୁ ତାଙ୍କ ପାଇଁ ଏକ ନୂଆ ସୁଯୋଗ ଆସିଛି । ଏଭଳି ସମୟରେ ଜି-୭ରେ ମୋଦୀଙ୍କ ଉପସ୍ଥିତି ଭାରତର ଗଣତାନ୍ତ୍ରିକ ପ୍ରତିଷ୍ଠାନ, ବ୍ୟବସ୍ଥା ଓ ନିର୍ବାଚନ ଫଳାଫଳକୁ ନେଇ ଯେଉଁମାନେ ଅପପ୍ରଚାର କରୁଥିଲେ, ସେମାନଙ୍କୁ ଚୁପ୍ କରିଦେବ । ଭାରତ ଯେ ଏକ ବନାନା ରିପବ୍ଲିକ୍ (ଛତରଖିଆ ଦେଶ) ନୁହେଁ, ଏହା ପ୍ରମାଣିତ ହୋଇଛି ଏବଂ ମୋଦୀ ବିଶ୍ୱନେତାଙ୍କ ଆଗରେ ନିଜ ଦେଶର ବିକାଶ କାହାଣୀ କହିବା ସହ ପୁଞ୍ଜି ନିବେଶକଙ୍କୁ ଆକୃଷ୍ଟ କରିବାର ଏକ ସୁଯୋଗ ପାଇବେ । ଆମ ଦେଶର ଅର୍ଥନୀତି, ଭିତ୍ତିଭୂମି କ୍ଷେତ୍ର, ସ୍ୱାସ୍ଥ୍ୟସେବା, ମାନବ ସମ୍ବଳ ବିକାଶ, ଆଇଟି କ୍ଷେତ୍ର, ଦକ୍ଷତା ବିକାଶ, ଶିକ୍ଷା, ସଂଯୋଗ ବ୍ୟବସ୍ଥା, ଶକ୍ତି, ପରିବେଶ ସୁରକ୍ଷା ଓ ପରିଚ୍ଛନ୍ନତା ବିଷୟରେ ସେ ବିଶ୍ୱ ନେତାମାନଙ୍କୁ ସଫଳତାର କାହାଣୀ ଆଉଥରେ କହି ସେମାନଙ୍କ ବିଶ୍ୱାସକୁ ପୁଣି ଜିତିବେ ।

ଏଭଳି ଏକ ମଞ୍ଚରେ ଭାରତର ପ୍ରଧାନମନ୍ତ୍ରୀଙ୍କ ଉପସ୍ଥିତି ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ । ସେ କେବଳ ଭାରତର ବିକାଶ କାହାଣୀ ଓ ଅର୍ଥନୈତିକ ଅଭିବୃଦ୍ଧି କଥା କହିବେ ନାହିଁ, ସେ ମଧ୍ୟ ସ୍ଥିର ଶାସନ, ନିରନ୍ତର ବିକାଶ, ଗରିବ ରାଷ୍ଟ୍ରଙ୍କୁ ସହାୟତା, ପୁଞ୍ଜି ନିବେଶର ବିକଳ୍ପ ମାର୍ଗ ଓ କ୍ଷେତ୍ର ଆଦି ବିଷୟରେ ବିଶ୍ୱକୁ ଜ୍ଞାନ ଦେବେ । ଚୀନ୍ ଏବେ ପୁନର୍ବାର ତାହାର ଅର୍ଥନୈତିକ ବିସ୍ତାରବାଦୀ ଓ ସାମ୍ରାଜ୍ୟବାଦୀ ନୀତିକୁ ଗୁରୁତ୍ୱ ଦେଇଛି । ଏଭଳି ସ୍ଥିତିରେ ସମଗ୍ର ବିଶ୍ୱର ଗଣତନ୍ତ୍ର ପ୍ରେମୀ ରାଷ୍ଟ୍ର ସମୂହ କିପରି ଚୀନ୍‌ର ଋଣ ଯନ୍ତାରୁ ମୁକ୍ତି ପାଇବେ ଏବଂ ନିବେଶକମାନେ କିପରି ତା'ଠାରୁ ମୁହଁ ଫେରାଇ ଅନ୍ୟାନ୍ୟ ଦେଶକୁ ଯିବେ, ତାହାର ବିକଳ୍ପ ମାର୍ଗ ସମ୍ପର୍କରେ ମଧ୍ୟ ମୋଦୀ ବିଶ୍ୱ ନେତାଙ୍କୁ ଅବଗତ କରାଇବେ ।

ଜି-୭ ହେଉ ଅଥବା ଜି-୨୦ ଏହି ଅନୁଷ୍ଠାନର ମୁଖ୍ୟ ଲକ୍ଷ୍ୟ ହେଲା ସମଗ୍ର ବିଶ୍ୱର ସମତୁଲ ବିକାଶ ଏବଂ ଅର୍ଥନୈତିକ ସୁରକ୍ଷାବାଦର ଅବସାନ । ଭାରତ ଏହାକୁ ସମର୍ଥନ କରିବା ସହ ବିଶ୍ୱର ଗରିବ ରାଷ୍ଟ୍ରଙ୍କ ଉତ୍‌ଥାନ ପାଇଁ ଗ୍ରହଣଯୋଗ୍ୟ ଅର୍ଥନୈତିକ ସହଯୋଗ ଜି-୨୦, ବିଶେଷକରି ଧନାଢ଼୍ୟ ରାଷ୍ଟ୍ରମାନଙ୍କଠାରୁ ଚାହୁଁଛି । ଭାରତ ଏବେ ବିଶ୍ୱର ବିକାଶଶୀଳ ଦେଶମାନଙ୍କର ମୁଖପାତ୍ର ହୋଇଥିବାରୁ ଜି-୭ ଶିଖର ବାର୍ତ୍ତାରେ ଏହାର ଉପସ୍ଥିତିକୁ ସମସ୍ତେ ଆଗ୍ରହର ସହିତ ଅପେକ୍ଷା କରିବେ । ଏହି ସମ୍ମିଳନୀ କେବଳ ଜି-୭ର ନେତାଙ୍କ ମଧ୍ୟରେ ସୀମିତ ନୁହେଁ । ଏଥିରେ ବିଶ୍ୱର ଉତ୍ତର-ଦକ୍ଷିଣ (ଧନୀ-ଦରିଦ୍ର)ର ଶତାଧିକ ରାଷ୍ଟ୍ରର ନେତାମାନେ ଯୋଗ ଦେଉଛନ୍ତି । ତେଣୁ ଭାରତକୁ ଏଭଳି ଏକ ବୈଶ୍ୱିକ ମଞ୍ଚରେ ଏକ ବଡ଼ ଦାୟିତ୍ୱ ନିର୍ବାହ କରିବାକୁ ପଡ଼ିବ ।

ସକାଳ
THE SAKALA
ଯୋଗାଯୋଗ ଠିକଣା
NEWS & INFO
news@thesakala.com
CIRCULATION
circulation@thesakala.com
ADVERTISEMENT
advt@thesakala.com
THE SAKALA
(A Unit of Nandighosha Network Pvt. Ltd.)
At: IDCO Plot No. 90 & 91, Bhagabanpur I/E, BBSR-751019
Ph.: 0674-2954342 | 2955342
ଲେଖା ଓ ଲୋକମତ ପାଇଁ: sakalaeditorial@gmail.com

# ବ୍ରହ୍ମାଣ୍ଡର ଚକାଆଖି 'କୃଷ୍ଣଗର୍ତ୍ତ'!



ପ୍ରଫେସର ରମେଶ ଚନ୍ଦ୍ର ପରିଡ଼ା
ଭୁବନେଶ୍ୱର, ମୋ: ୯୯୩୭୩୦୧୪୭୦

ଭାବପ୍ରବଣତା ପ୍ରକଟ କରିବାର ସବୁଠାରୁ ସଂବେଦନଶୀଳ ଅଙ୍ଗ ହେଲା ଚକ୍ଷୁ । ତାହା 'ଖେଳା ଲୋଳା ଖଞ୍ଜନାକ୍ଷୀ'ର ହେଉ କିମ୍ବା ହେଉ ଶିବଙ୍କ ତୃତୀୟ ନେତ୍ର । ତହିଁରେ ପ୍ରଚ୍ଛନ୍ନ ଭାବେ ପ୍ରକଟିତ ହୁଏ ଆମ ପ୍ରେମ ଏବଂ ଘୃଣାଠାରୁ ଆରମ୍ଭ କରି ଦୁଃଖ, ଆନନ୍ଦ, ଈର୍ଷା, ଭୟ ପର୍ଯ୍ୟନ୍ତ ସମସ୍ତ ମନର ଭାଷା । ସେଥିପାଇଁ ଚକ୍ଷୁକୁ କହନ୍ତି ଆତ୍ମାର ବାତାୟନ । ଏହାରି ମଧ୍ୟ ଦେଇ ଆମେ ଦେଖିପାରୁ ଅନ୍ୟର ହୃଦୟକୁ ଏବଂ ସେଥିସହିତ ଆମର ଚକ୍ଷୁକୁ ମିଶାଇ ଗଢ଼ିପାରୁ ସମ୍ପର୍କ । ବୈଜ୍ଞାନିକମାନଙ୍କ ମତରେ କିଛି ସମୟ ଧରି କାହାରି ଚକ୍ଷୁ ସହିତ ଆମ ଚକ୍ଷୁର ମିଳନ ଘଟିଲେ 'ଫିନାଇଲ୍ ଏଥିଲାମିନ୍' ନାମକ ରସାୟନର କ୍ଷରଣ ଘଟେ । ତାହା ସୃଷ୍ଟି କରେ ଆକର୍ଷଣ ଅନୁଭୂତି । ପୁନଶ୍ଚ ମନେ କରାଯାଏ ଯେ ଏ ସମୟରେ ତଥାକଥିତ ପ୍ରେମ ହରମୋନ୍ 'ଅକ୍ସିଟୋସିନ୍' ମଧ୍ୟ ଅଧିକ ମାତ୍ରାରେ କ୍ଷରିତ ହୁଏ । ଯାହାକି ଆମର ଦୀର୍ଘକାଳୀନ ସମ୍ପର୍କ ଏବଂ ସମର୍ପଣ ଭାବ ସହିତ ସମ୍ପୃକ୍ତ ।

ଚକ୍ଷୁ ସହିତ ଚକ୍ଷୁର ମିଳନର ପ୍ରଭାବ ଆମେ ଅନୁଭବ କରିଥାଉ ଶୈଶବ କାଳରୁ । କୁହାଯାଏ ଯେ ଏହା ସର୍ବାଧିକ ହୋଇଥାଏ ଯେତେବେଳେ ତାହା ଘଟେ ଶିଶୁ ସହିତ ତା' ଜନନୀର । ସେ ସମୟରେ 'ଅକ୍ସିଟୋସିନ୍'ର କ୍ଷରଣ ଶୀର୍ଷଦେଶରେ ପହଞ୍ଚିଥାଏ । ତତ୍ପରେ ଜୀବନର ଭିନ୍ନ ଭିନ୍ନ ସ୍ତରରେ ସ୍ଥାନ-କାଳ-ପାତ୍ର ଅନୁସାରେ ଏ ଅନୁଭୂତି ବିଭିନ୍ନ ହୋଇଥାଏ । ଯୌବନରେ ପ୍ରେମିକ-ପ୍ରେମିକା ଅଥବା ପତି-ପତ୍ନୀ ମଧ୍ୟରେ, ତତ୍ପରେ ସନ୍ତାନ-ସନ୍ତତି ଏବଂ ପୌତ୍ର-ପୌତ୍ରୀଙ୍କ ସହିତ ଚକ୍ଷୁର ମିଳନ ସୃଷ୍ଟି କରିଥାଏ ମନଛୁଆଁ ଅନୁଭୂତି । ତେବେ ଏ ସବୁର ଉର୍ଦ୍ଧ୍ୱରେ ଆଉ କେତେକ ଅନୁଭୂତି ଅତି ବିଚିତ୍ର ହୋଇଥାଏ । ସେହିଭଳି ଗୋଟିକର ମୁଁ ଏଠାରେ ଅବତାରଣା କରୁଛି- ଅବଶ୍ୟ ଏହା ମୋ'ର ସମ୍ପୂର୍ଣ୍ଣ ନିଜସ୍ୱ । ସେହି ଚକ୍ଷୁ ଦୁଇଟିକୁ ଦେଖିଲେ ତାହା ମୋତେ ଲାଗେ କୃଷ୍ଣଗର୍ତ୍ତର ଯୋଡ଼ିଟିଏ ଭଳି । ମନେ ହୁଏ ସତେ ଯେପରି ତା'ର ଅପରିସୀମ ଆକର୍ଷଣ ମୋତେ ତହିଁରେ ବିଲୀନ କରିଦେବ ।

କୃଷ୍ଣଗର୍ତ୍ତ ହେଲା ଏକ ବିସ୍ମୟକର ମହାକାଶ ପିଣ୍ଡ । ଏହାର ଆକର୍ଷଣ ଶକ୍ତି ଅତି ପ୍ରବଳ, ଯାହାକୁ ଅପରିସୀମ ବୋଲି ମନେ କରାଯାଏ । ସେଥିପାଇଁ ତହିଁରୁ କୌଣସି ବସ୍ତୁ, ଏପରିକି ଆଲୋକ ମଧ୍ୟ ନିର୍ଗତ ହୋଇଯାଇ ପାରେନାହିଁ । ଏକ ଅତିଉଚ୍ଚ ବସ୍ତୁତ୍ୱ ସମ୍ପନ୍ନ ତାରକାର ଏହା ହେଉଛି ଅନ୍ତିମ ପରିଣତି । ଯେତେବେଳେ ସେପରି ତାରକାରୁ ତା'ର ଗର୍ଭଦେଶରେ ଥିବା ସମସ୍ତ ତାପ-ନାଭିକୀୟ ଇନ୍ଧନର ପରିସମାପ୍ତି ହୋଇଯାଏ, ସେତେବେଳେ ଅର୍ଥାତ୍ ତା'ର ଅନ୍ତିମ ଜୀବନ କାଳକୁ ତାହା ଅସ୍ଥିର ହୋଇପଡ଼େ ଏବଂ ମାଧ୍ୟାକର୍ଷଣ ହେତୁ ନିଜ ମଧ୍ୟକୁ ପତିତ ହେବାକୁ ଲାଗେ । ଏ ସମୟରେ ତାରକାର ବାହ୍ୟାଂଶ ସ୍ତରଗୁଡ଼ିକ ବିସ୍ଫୋରିତ ହୋଇ ଅଲଗା ହୋଇଯାଏ । ଅନ୍ୟପକ୍ଷରେ ସବୁ ଦିଗରୁ ଗର୍ଭଦେଶ ଆଡ଼କୁ ପତିତ ହେଉଥିବା ଅବଶିଷ୍ଟ ପଦାର୍ଥର ଅତ୍ୟଧିକ ଭାର ମୃତ୍ୟୁମୁଖୀ ତାରକାକୁ 'ଶୂନ୍ୟ ପରିମିତି' ଏବଂ 'ଅପରିସୀମ' ସାନ୍ଦ୍ରତାକୁ ସଂକୁଚିତ କରେ । ଅତଏବ ତାହା ଏପରି ଏକ ବସ୍ତୁରେ ପରିଣତ ହୁଏ, ଯାହାକୁ କୁହାଯାଏ 'ସିଙ୍ଗୁଲାରିଟି' ।

ଏହି ବିସ୍ମୟକର ମହାକାଶ ପିଣ୍ଡର ସଂରଚନାକୁ ପୁଙ୍ଖାନୁପୁଙ୍ଖ ଭାବେ ଆଲବର୍ଟ ଆଇନ୍‌ଷ୍ଟାଇନ୍‌ଙ୍କ ସାଧାରଣ ଆପେକ୍ଷିକ ନିୟମରୁ ଗଣନା କରାଯାଏ । 'ସିଙ୍ଗୁଲାରିଟି' ହେଲା ଏହାର କେନ୍ଦ୍ର ଏବଂ ଏହା 'ଇଭେଣ୍ଟ ହୋରାଇଜନ୍' ବୋଲି କୁହାଯାଉଥିବା ଏହାର 'ପୃଷ୍ଠଦେଶ' ବା ବାହ୍ୟ ଆବରଣ ଦ୍ୱାରା ଘୋଡ଼ାଇ ହୋଇଥାଏ । ଏଥିମଧ୍ୟରେ 'ପଳାୟନ ପରିବେଗ' ଆଲୋକର ବେଗଠାରୁ ଅଧିକ । ସେଥିପାଇଁ ତା' ମଧ୍ୟ ଦେଇ ଆଲୋକ ରଶ୍ମି ବି ମହାକାଶକୁ ନିର୍ଗତ ହୋଇପାରେ ନାହିଁ । 'ପଳାୟନ ପରିବେଗ' ହେଉଛି ଏକ ବସ୍ତୁର ପରିବେଗ, ଯାହାକି ପୃଥିବୀ ସମେତ ଯେକୌଣସି ମହାକାଶ ପିଣ୍ଡର ମାଧ୍ୟାକର୍ଷଣୀୟ କ୍ଷେତ୍ର ଅତିକ୍ରମ କରିବା ପାଇଁ ଆବଶ୍ୟକ । ମହାକାଶ ଯାନଟିଏ ପ୍ରେରଣ କଲାବେଳେ ପ୍ରଥମେ ଏହାକୁ ପୃଥିବୀର କକ୍ଷରେ ଅବସ୍ଥାପିତ କରାଯାଏ । ସେଠାରୁ ତାହାକୁ ଶକ୍ତିଶାଳୀ ରକେଟ୍ ମାଧ୍ୟମରେ ପୃଥିବୀର ମାଧ୍ୟାକର୍ଷଣ ଅତିକ୍ରମ କରିବା ଲାଗି ଯଥେଷ୍ଟ ପରିବେଗ ପ୍ରଦାନ କରାଗଲେ ତାହା ମହାକାଶକୁ ଚାଲିଯାଏ । ପୃଥିବୀ ପୃଷ୍ଠରୁ ମହାକାଶକୁ ନିଷ୍କାସିତ ହେବା ଲାଗି ଆବଶ୍ୟକ କରିଥାଏ ଘଣ୍ଟା ପ୍ରତି ୪୦, ୨୭୦ କିଲୋମିଟର ପରିବେଗ । 'ଇଭେଣ୍ଟ ହୋରାଇଜନ୍'ର ବ୍ୟାସାର୍ଦ୍ଧକୁ ଜର୍ମାନ ଖଗୋଳ ବିଜ୍ଞାନୀ କାର୍ଲ ସ୍କୱାରଜସ ଚାଇଲ୍ଡଙ୍କ ନାମାନୁସାରେ 'ସ୍କୱାରଜସ ଚାଇଲ୍ଡ' ବ୍ୟାସାର୍ଦ୍ଧ ରୂପେ ନାମିତ କରାଯାଇଛି । ସେ ୧୯୧୬ ମସିହାରେ କେତେକ ପୂର୍ଣ୍ଣପତିତ ତାରକୀୟ ପିଣ୍ଡ ବିକିରଣ ନିର୍ଗତ କରୁ ନଥିବାର ପୂର୍ବାନୁମାନ କରିଥିଲେ । କୃଷ୍ଣଗର୍ତ୍ତ ସେହିଭଳି ଗୋଟିଏ । ତାଙ୍କ ଗଣନାନୁସାରେ ଏହାର ବ୍ୟାସାର୍ଦ୍ଧ ପତନମୁଖୀ ତାରକାର ବସ୍ତୁତ୍ୱ ସହିତ ସମାନୁପାତିକ । ଅତଏବ ଆମ ସୂର୍ଯ୍ୟର ୧୦ଗୁଣ ବସ୍ତୁତ୍ୱ ସମ୍ପନ୍ନ ତାରକାର କୃଷ୍ଣଗର୍ତ୍ତର ଏହା ହେବ ପ୍ରାୟ ୩୦ କିଲୋମିଟର ।

କେବଳ ଯେଉଁ ତାରକାମାନଙ୍କ ବସ୍ତୁତ୍ୱ ସୂର୍ଯ୍ୟ ତୁଳନାରେ ବହୁଗୁଣ ଅଧିକ ହୋଇଥାଏ, ସେହିଗୁଡ଼ିକ ହିଁ ତାଙ୍କ ଜୀବନର ଅନ୍ତିମ ପରିଣତି ସ୍ୱରୂପ କୃଷ୍ଣଗର୍ତ୍ତରେ ପରିଣତ ହୁଅନ୍ତି । ତାହା ଅପେକ୍ଷାକୃତ କମ୍ ହୋଇଥିବା ତାରକାମାନେ କମ୍ ସଂକୁଚିତ ପିଣ୍ଡର ରୂପଧାରଣ କରନ୍ତି । ଯେପରିକି ଧବଳ ବାମନ(ହ୍ୱାଇଟ୍ ଡ୍ୱାର୍ଫ) ଓ ଏବଂ ନ୍ୟୁଟ୍ରନ୍ ତାରକା । ସାଧାରଣତଃ କୃଷ୍ଣଗର୍ତ୍ତଗୁଡ଼ିକୁ ପ୍ରତ୍ୟକ୍ଷ ରୂପେ ଦେଖିହୁଏ ନାହିଁ । କାରଣ ସେଗୁଡ଼ିକ ଆକାରରେ ଖୁବ୍ ସାନ ଏବଂ ସେମାନେ ଆଲୋକ ବିକିରଣ କରନ୍ତି ନାହିଁ । ତେବେ ନିକଟସ୍ଥ ଅନ୍ୟାନ୍ୟ ବସ୍ତୁ ବା ପିଣ୍ଡ ଉପରେ ତାଙ୍କର ଅତ୍ୟଧିକ ଆକର୍ଷଣ ପ୍ରଭାବରୁ ତାହାର ସ୍ଥିତି ଅନୁମାନ କରାଯାଏ । ଉଦାହରଣ ସ୍ୱରୂପ ଯଦି ଗୋଟିଏ କୃଷ୍ଣଗର୍ତ୍ତ ଏକ ଦ୍ୱୈତ-ତାରକା(ବାଇନାର ଷ୍ଟାର) ବ୍ୟବସ୍ଥାର ସଦସ୍ୟ ହୋଇଥାଏ, ଏହାର ସହଚରଠାରୁ ଏଥିମଧ୍ୟକୁ ପ୍ରବାହିତ ବସ୍ତୁ ଅତ୍ୟନ୍ତ ଉତ୍ତପ୍ତ ହୋଇଯାଏ ଏବଂ ତତ୍ପରେ ତା'ର 'ଇଭେଣ୍ଟ ହୋରାଇଜନ୍' ମଧ୍ୟକୁ ପ୍ରବେଶ କଲାବେଳେ ପ୍ରଚୁର ରଞ୍ଜନ ରଶ୍ମି ବିକିରଣ କରି ଚିରକାଳ ପାଇଁ ହଜିଯାଏ । ଏହି ବିକିରଣରୁ କୃଷ୍ଣଗର୍ତ୍ତର ସ୍ଥିତି ଜଣାପଡ଼େ ।

କେତେକ କୃଷ୍ଣଗର୍ତ୍ତ ପ୍ରାୟତଃ ତାରକାମାନଙ୍କ ଠାରୁ ସୃଷ୍ଟି ହୋଇନଥା'ନ୍ତି । ଖଗୋଳ ବିଜ୍ଞାନୀମାନେ ଅନୁମାନ କରନ୍ତି ଯେ ବିପୁଳ ପରିମାଣର ଆନ୍ତର୍ତାରକୀୟ ବାଷ୍ପ ଏକତ୍ର ହୋଇ କ୍ୱାସାର ଏବଂ ନକ୍ଷତ୍ର ମଣ୍ଡଳ ବା ଗାଲାକ୍‌ସିର କେନ୍ଦ୍ର ଦେଶରେ ପତିତ ହେବା ଫଳରେ ତହିଁରୁ ଅତ୍ୟଧିକ ବସ୍ତୁତ୍ୱ ସମ୍ପନ୍ନ କୃଷ୍ଣଗର୍ତ୍ତମାନ ସୃଷ୍ଟି ହୁଅନ୍ତି । ଦ୍ରୁତ ବେଗରେ ପତିତ ହୋଇ କୃଷ୍ଣଗର୍ତ୍ତ ଉତ୍ପନ୍ନ କଲାବେଳେ ତାହା ନାଭିକୀୟ ସମାୟନ କାଳରେ ସୃଷ୍ଟି ହେଉଥିବା ଶକ୍ତିଠାରୁ ପ୍ରାୟ ୧୦୦ ଗୁଣ ଅଧିକ ଶକ୍ତି ନିର୍ଗତ କରିଥାଏ । ସେହି ଅନୁସାରେ ସୌର ବସ୍ତୁତ୍ୱର ନିୟୁତ ନିୟୁତ ଗୁଣ ଅଧିକ ଆନ୍ତର୍ତାରକୀୟ ବାଷ୍ପର ମାଧ୍ୟାକର୍ଷଣ ବଳ ଦ୍ୱାରା ପତିତ ହୋଇ ବୃହତ୍ କୃଷ୍ଣଗର୍ତ୍ତଟିଏ ସୃଷ୍ଟି କରିବା କ୍ୱାସାର ତଥା ଅନ୍ୟ କେତେକ ନକ୍ଷତ୍ରମଣ୍ଡଳୀୟ ବ୍ୟବସ୍ଥାମାନଙ୍କର ଅତ୍ୟଧିକ ଶକ୍ତି ନିର୍ଗତ କରିବାର କାରଣ ଅଟେ ।

ଏ ପ୍ରକାର ଏକ ଅଣତାରକୀୟ ଅତିମାତ୍ରାରେ ବସ୍ତୁତ୍ୱ ସମ୍ପନ୍ନ କୃଷ୍ଣଗର୍ତ୍ତ ହେଲା ସାଗିଟାରିଅସ୍-ଏ୩, ଯାହାକି ଆମ ଛାୟାପଥର ମଧ୍ୟଭାଗରେ ଅବସ୍ଥିତ । ଏହାର ଚତୁଃପାର୍ଶ୍ୱରେ ଘୂର୍ଣ୍ଣନଶୀଳ ତାରକାମାନଙ୍କୁ ପର୍ଯ୍ୟବେକ୍ଷଣ କରି ନିର୍ଣ୍ଣୟ କରାଯାଇଛି ଯେ ଏହି କୃଷ୍ଣଗର୍ତ୍ତଟି ସୂର୍ଯ୍ୟ ବସ୍ତୁତ୍ୱଠାରୁ ପ୍ରାୟ ୪୦୦୦୦, ୦୦୦ ଗୁଣ ଅଧିକ । ଏହି ଆବିଷ୍କାର ଲାଗି ଆମେରିକୀୟ ଜ୍ୟୋତିର୍ବିଜ୍ଞାନୀ ଆଣ୍ଡ୍ରେ ଘେଜ୍ ଏବଂ ଜର୍ମାନ ଜ୍ୟୋତିର୍ବିଜ୍ଞାନୀ ରେନ୍‌ହାର୍ଡ ଗାଞ୍ଜେଲ୍‌ଙ୍କୁ ୨୦୨୦ ମସିହାରେ ପଦାର୍ଥବିଜ୍ଞାନରେ ନୋବେଲ୍ ପୁରସ୍କାର ପ୍ରଦାନ କରାଯାଇଥିଲା ।

ବର୍ତ୍ତମାନ ଅତ୍ୟଧିକ ବସ୍ତୁତ୍ୱ ସମ୍ପନ୍ନ କୃଷ୍ଣଗର୍ତ୍ତମାନ ଅନ୍ୟାନ୍ୟ ନକ୍ଷତ୍ରମଣ୍ଡଳରେ ମଧ୍ୟ ଚିହ୍ନଟ କରାଗଲାଣି । ୨୦୧୭ ମସିହାରେ 'ଇଭେଣ୍ଟହୋରାଇଜନ୍' ଦୂରବୀକ୍ଷଣ ଯନ୍ତ୍ରରୁ ଏମ୍୮୭ ନକ୍ଷତ୍ରମଣ୍ଡଳର କେନ୍ଦ୍ରରେ ଏଥିରୁ ଗୋଟିକର ସନ୍ଧାନ ମିଳିଥିଲା । ଏହାର ବସ୍ତୁତ୍ୱ ସୂର୍ଯ୍ୟ ତୁଳନାରେ ସାଢ଼େ ଛ' ହଜାର ନିୟୁତ (ବିଲିୟନ) ଗୁଣ ବଡ଼ ହୋଇଥିବା ବେଳେ ବ୍ୟାସ ଥିଲା ୩୮ ହଜାର ନିୟୁତ କିଲୋମିଟର । ପ୍ରତ୍ୟକ୍ଷ ଭାବେ ଚିତ୍ର ଉତ୍ତୋଳନ ହେବାରେ ଏହା ଥିଲା ପ୍ରଥମ କୃଷ୍ଣଗର୍ତ୍ତ । ବର୍ତ୍ତମାନ ଏହାଠାରୁ ଅଧିକ ବସ୍ତୁତ୍ୱ ସମ୍ପନ୍ନ ଅର୍ଥାତ୍ ସୂର୍ଯ୍ୟର ପ୍ରାୟ ୧୦ ହଜାର ନିୟୁତ ଗୁଣ ବଡ଼ କୃଷ୍ଣଗର୍ତ୍ତର ମଧ୍ୟ ସନ୍ଧାନ ମିଳିସାରିଲାଣି ।

ଅନ୍ୟ ଏକପ୍ରକାର ଅଣତାରକୀୟ କୃଷ୍ଣଗର୍ତ୍ତ ସମ୍ପର୍କରେ ସୂଚନା ଦେଇଥିଲେ ସୁପ୍ରସିଦ୍ଧ ବ୍ରିଟିଶ ଖଗୋଳ ବିଜ୍ଞାନୀ ଷ୍ଟିଫେନ୍ ହକିଂ । ତାଙ୍କ ମତବାଦ ଅନୁସାରେ ସୃଷ୍ଟି କାଳରୁ ବିଶ୍ୱ ବ୍ରହ୍ମାଣ୍ଡରେ ଅସଂଖ୍ୟ କ୍ଷୁଦ୍ରାକାର ପ୍ରାକ୍-ଐତିହାସିକ କୃଷ୍ଣଗର୍ତ୍ତମାନ ରହିଛି । ସେଗୁଡ଼ିକର ବସ୍ତୁତ୍ୱ ଏକ ଗ୍ରହାଣୁ ସହିତ ସମାନ କିମ୍ବା କମ୍ । ଆଜକୁ ପ୍ରାୟ ୧୩.୮ ହଜାର ନିୟୁତ ବର୍ଷ ପୂର୍ବେ ବ୍ରହ୍ମ ବିସ୍ଫୋଟ ହେତୁ ସୃଷ୍ଟି ହେବା କାଳରେ ସେଗୁଡ଼ିକର ଉତ୍ପତ୍ତି ଘଟିଥିଲା । ଏହି କ୍ଷୁଦ୍ରାକାର କୃଷ୍ଣଗର୍ତ୍ତଗୁଡ଼ିକ ଅତି ବୃହଦାକାର କୃଷ୍ଣଗର୍ତ୍ତଙ୍କ ଭଳି ସମୟକ୍ରମେ ବିକିରଣ ମାଧ୍ୟମରେ ବସ୍ତୁତ୍ୱ ହରାଇ ଚାଲନ୍ତି ଏବଂ ଅଦୃଶ୍ୟ ହୋଇଯାନ୍ତି । ଏହାକୁ 'ହକିଂ ବିକିରଣ' ବୋଲି କୁହାଯାଏ ।

ଅଧିକାଂଶ ସ୍ଥଳେ ବୃହତ୍ କୃଷ୍ଣଗର୍ତ୍ତଗୁଡ଼ିକ ଗୋଟି ଗୋଟି ହୋଇଥିବା ବେଳେ କେତେକ କ୍ଷେତ୍ରରେ ସେମାନେ ଯୋଡ଼ି ଯୋଡ଼ି ହୋଇଥିବାର ଜଣାଯାଏ । ମୋତେ ଏ ପ୍ରକାର ଯୋଡ଼ିଟିଏ ଭଳି ପ୍ରତୀୟମାନ ହେଉଥିବା ଚକ୍ଷୁ ଯୋଡ଼ିଟିଏ ହେଲା ଓଡ଼ିଆ ଜାତିର ପ୍ରାଣପ୍ରିୟ ଆରାଧ୍ୟ ଦେବତା ଜଗନ୍ନାଥଙ୍କର । ତା' ମଧ୍ୟକୁ ଚାହିଁଲେ ମୁଁ ଦେଖିପାରେ ଏକ ଅସାଧାରଣ ଦୁନିଆ ଖାଲି ବିସ୍ମୟରେ ଗଢ଼ା । କୃଷ୍ଣଗର୍ତ୍ତ ଭଳି ତାହା ଦୁର୍ବୋଧ ଏବଂ ଯେଉଁଥିରେ ସାଧାରଣ ପଦାର୍ଥ ବିଜ୍ଞାନର ସମସ୍ତ ନିୟମ ହାର ମାନିଯାଏ । ସମୟ ଓ ପ୍ରସର ହଜିଯାଏ । ତା'ର ଚତୁଃପାର୍ଶ୍ୱରେ ମୁଁ ଦେଖିପାରେ ଏକ ପ୍ରଭାମଣ୍ଡଳ ଯାହାକି ମୋ କଳ୍ପନାକୁ ଆଣେ ହକିଂଙ୍କ ବିକିରଣ । ମନେହୁଏ ସତେଯେପରି ସମଗ୍ର ବିଶ୍ୱ ବ୍ରହ୍ମାଣ୍ଡ ତାହାରି ଆଡ଼େ ଆକର୍ଷିତ ହୋଇଚାଲିଛି । ତେଣୁ ମୁଁ ତା'ଠାରୁ ଯଥାସମ୍ଭବ ଦୂରେଇ ରହେ । କାରଣ ତା' ନହେଲେ କୃଷ୍ଣଗର୍ତ୍ତର 'ଇଭେଣ୍ଟ ହୋରାଇଜନ୍' ନିକଟବର୍ତ୍ତୀ ହେଉଥିବା ବସ୍ତୁ ଭଳି ତନ୍ମଧ୍ୟକୁ ଆକର୍ଷିତ ହୋଇଯାଇ ବ୍ରହ୍ମସତ୍ତାରେ ବିଲୀନ ହୋଇଯିବା ଭଳି ଲାଗେ, ଯେପରି ହୋଇଯାଇଥିଲେ ଦାସିଆ ବାଉରୀ, ବନ୍ଧୁ ମହାନ୍ତି, ବଳରାମ ଦାସ, ସାଲବେଗ ଇତ୍ୟାଦିଙ୍କ ଭଳି ଅନେକ ଅନେକ । ତଥାପି ମୁଁ ତାକୁ ବାରମ୍ବାର ନ ଚାହିଁ ରହିପାରେନି- ସେତେବେଳେ ମୋ'ର ମନେ ହୁଏ ତା' ସହିତ ମୋ ଚକ୍ଷୁର ମିଳନ ଘଟିଲେ ମୋ ଠାରେ ପ୍ରବଳ 'ପ୍ରେମ ହର୍‌ମୋନ୍' କ୍ଷରଣ ଘଟିବାର ।

# ମହିଳା ସମ୍ମାନର ପାରମ୍ପରିକ ପର୍ବ: ରଜ



ଅନନ୍ୟା ପ୍ରଧାନ
କୁଚିଣ୍ଡା

ଗ୍ରୀଷ୍ମ ଓ ବର୍ଷାର ସନ୍ଧିକ୍ଷଣରେ ଭିଜାମାଟିର ବାସ୍ନା ନେଇ ଆସେ ଓଡ଼ିଶାର ଗଣପର୍ବ ରଜ । ସତେଯେମିତି ଏହା ଧରିତ୍ରୀ ମାତା ଓ ମୈସୁମୀର ମିଳନର ପର୍ବ । ସାରାବିଶ୍ୱରେ ପ୍ରକୃତିକୁ ନେଇ ଏମିତି ଏକ ପର୍ବର ପରିକଳ୍ପନା ହୁଏ ତ ଆଉ କୋଉଠି ନ ଥିବ । ପ୍ରକୃତି ସୃଷ୍ଟି କରିଛି ବର୍ଷା ଆଉ ବର୍ଷାକୁ ସ୍ୱାଗତ କରି ସୃଷ୍ଟି ହୋଇଛି ରଜ ପର୍ବ । ରଜ ପର୍ବ ହେଉଛି ଏକ କୃଷିଭିତ୍ତିକ ପର୍ବ । ଏହା ପ୍ରତ୍ୟେକ ଓଡ଼ିଆଙ୍କ କଥା ଓ ସଂସ୍କୃତିର ପରିଚୟ । ଛୁଆଁ-ଅଛୁଆଁ, ସବର୍ଣ୍ଣ-ଅସବର୍ଣ୍ଣ, ଆଭିଜାତ୍ୟ-ବନବାସୀର ବନ୍ଧନକୁ ଭାଙ୍ଗି ରଜ ପର୍ବ ସବୁ ଓଡ଼ିଆଙ୍କୁ ଏକସୂତ୍ରରେ ବାନ୍ଧି ସାମାଜିକ ଏକତାର ପରିଚୟ ଦିଏ । ନାରୀ ସମ୍ମାନ, ସଶକ୍ତୀକରଣ ଓ ସ୍ୱାଧୀନତାର ପର୍ବ ଭାବେ ଏହା ମଧ୍ୟ ପ୍ରତ୍ୟେକ ଓଡ଼ିଆଣୀଙ୍କ ସବୁଠୁ ଅପେକ୍ଷିତ ପର୍ବ । ମାତୃଜାତି ମଧ୍ୟରେ ଉତ୍ସାହ, ଉନ୍ମାଦନା ଓ ନୂତନ ଶକ୍ତି ଜାଗ୍ରତ କରିବା ପାଇଁ ପାଳନ କରାଯାଇଥାଏ ଏହି ପର୍ବ ।

ଭାରତୀୟ ସଭ୍ୟତା ଓ ସଂସ୍କୃତି ସର୍ବଦା ନାରୀମାନଙ୍କୁ ଉଚ୍ଚାସନ ଦେଇଆସିଛି । ଭାରତୀୟ ସଂସ୍କୃତି ଓ ସଭ୍ୟତାର ଉଷାକାଳରୁ ଆଧୁନିକ ଯୁଗ ପର୍ଯ୍ୟନ୍ତ ନାରୀମାନେ ସମ୍ମାନର ଅଧିକାରିଣୀ କରିଛି ଆମ ସମାଜ । ପିତାମହ ଭୀଷ୍ମଙ୍କ ନୀତିଶାସ୍ତ୍ର ଅନୁଯାୟୀ ଯେଉଁ ଘରେ ମହିଳାମାନଙ୍କର ସମ୍ମାନ, ଆଦର କରାଯାଏ ସେହି ଘରେ ଲକ୍ଷ୍ମୀ ବାସ କରନ୍ତି । ଯେଉଁ ଘରେ ନାରୀକୁ ଅସମ୍ମାନ କରାଯାଏ ସେଠି ଦେବତାମାନେ ମଧ୍ୟ ଫେରି ଆସନ୍ତି । ସେହି ଘରେ ସର୍ବଦା ଦୁଃଖ ଓ ବିବାଦର ସ୍ଥିତି ଲାଗି ରହେ । ଶ୍ରୀଜଗନ୍ନାଥଙ୍କ ପତ୍ନୀ ହେଉଛନ୍ତି ମହାଲକ୍ଷ୍ମୀ, ଯିଏ କି ବିଶ୍ୱର ସକଳ ସମ୍ପଦର ଅଧିକାରିଣୀ ତଥା ସମଗ୍ର ଜୀବଜଗତର ପ୍ରାଚୁର୍ଯ୍ୟର ଦେବୀ । ନାରୀମାନଙ୍କୁ ପୁରୁଷ ସହ ସମକକ୍ଷ କରିବାକୁ ଯାଇ ସଂହାର କର୍ତ୍ତା ମହେଶ୍ୱରଙ୍କ ଅର୍ଦ୍ଧନାରୀଶ୍ୱର ରୂପର ପରିକଳ୍ପନା । ଶକ୍ତିର ପ୍ରତୀକ ମାଆ ଦୁର୍ଗା, ଜ୍ଞାନର ଦେବୀ ମାଆ ସରସ୍ୱତୀ, ଦୁଷ୍ଟନାଶିନୀ ମାଆ କାଳୀ ଏବଂ ପାପହାରିଣୀ ଗଙ୍ଗା, ଯମୁନା, ସରସ୍ୱତୀ, ନର୍ମଦା, କାବେରୀ ଆଦି ନଦନଦୀମାନଙ୍କୁ ମାଆ ଆଖ୍ୟା ଦିଆଯାଇଛି । ପ୍ରକୃତିର ଦୁଇଟି ସୃଷ୍ଟି ହେଉଛି ପୁରୁଷ ଓ ନାରୀ । ନାରୀ ବିନା ପୁରୁଷ ଅଧା । ସବୁ ଶୁଭ ଓ ମଙ୍ଗଳ କାର୍ଯ୍ୟ, ପର୍ବପର୍ବାଣୀ, ଯଜ୍ଞାନୁଷ୍ଠାନ ଆଦିରେ ପତ୍ନୀର ଭୂମିକା ଓ ଉପସ୍ଥିତି ଅପରିହାର୍ଯ୍ୟ । ଭାରତୀୟ ସଭ୍ୟତା ଓ ସଂସ୍କୃତିର ଆଉ ଏକ ମହନୀୟତା ହେଉଛି, ଏକତ୍ର ପୁରୁଷ ଓ ନାରୀର କାର୍ଯ୍ୟ ସମ୍ପାଦିତ ସମୟରେ ନାରୀର ନାମ ପ୍ରଥମେ ଉଚ୍ଚାରଣ ହୁଏ । ଯଥା ଉମାମହେଶ୍ୱର, ରାଧେଶ୍ୟାମ, ସୀତାରାମ, ଲକ୍ଷ୍ମୀନାରାୟଣ, ଲକ୍ଷ୍ମୀନୃସିଂହ ଇତ୍ୟାଦି । ଶାସ୍ତ୍ରରେ ନାରୀମାନଙ୍କୁ ସପ୍ତ ସଦ୍‌ଗୁଣର ଅଧିକାରିଣୀ ବୋଲି କୁହାଯାଇଛି । ସତ୍ୟ, ପ୍ରେମ, ଧର୍ମ, ଶାନ୍ତି, ସହନ, ଆନନ୍ଦ ଓ ସହାନୁଭୂତି । ନାରୀମାନଙ୍କୁ ଅଷ୍ଟୈଶ୍ୱର୍ଯ୍ୟ ସ୍ୱରୂପିଣୀ ବୋଲି ମଧ୍ୟ କୁହାଯାଇଛି । ଆମ ସମାଜରେ ନାରୀମାନଙ୍କର ଏହି ଗୁରୁତ୍ୱ ଓ ମହନୀୟତାକୁ ରଜ ପର୍ବ ଅନେକାଂଶରେ ପ୍ରତିପାଦନ କରେ ।



ବିଶେଷକରି କୁମାରୀମାନଙ୍କ ପାଇଁ ରଜପର୍ବ ହେଉଛି ଏକ ଶିକ୍ଷା ପ୍ରଦାୟିନୀ ପର୍ବ । ବଡ଼ି ଭୋରୁ ଉଠି ପାଦରେ ଅଳତା, ମଥାରେ କୁଙ୍କୁମ, ହାତରେ ମେହେନ୍ଦୀ ଆଦି ଲଗାଇ ନୂତନ ବସ୍ତ୍ର ପରିଧାନ କରି ସଜବାଜ ହୋଇ କୁମାରୀମାନେ ଦୋଳି ଖେଳନ୍ତି । ରଜପର୍ବର ମଉଜ ଭିତରେ ଜଣେ ନାରୀର ଚଳଣି, ଆଚାର ସଂହିତାକୁ ବିଧିବଦ୍ଧ ଭାବେ ପାଳି ଥାଆନ୍ତି ଏବଂ ଭବିଷ୍ୟତରେ ଯେତେବେଳେ କୁମାରୀଟିଏ ନାରୀ ଭୂମିକାରେ ଅବତୀର୍ଣ୍ଣ ହୋଇ କର୍ତ୍ତବ୍ୟ ସମ୍ପାଦନ କରେ ଏହି ଆଚାରସଂହିତା ତାକୁ ସହାୟ ହୋଇଥାଏ । ରଜ ତିନିଦିନ ଧରି ରଜସ୍ୱଳା ନାରୀ ଭାବେ ଧରଣୀମାତାକୁ କଷ୍ଟ ନ ଦେଇ ଭୂମି କର୍ଷଣ ନ କରି ବିଶ୍ରାମ ଦେଲା ଭଳି କଟା, ବଟା ଆଦି ଗୃହକର୍ମ ନ କରି କୁମାରୀମାନେ ବିଶ୍ରାମ କରନ୍ତି । ଏହି ପର୍ବ ପାଳନ ବେଳେ ଘରର ଘରଣୀ ମାନେ ସାଧାରଣତଃ କାମରୁ ଛୁଟି ନେଇ ନାନାଦି ଖେଳ ଖେଳନ୍ତି । ଅଭିଆଡ଼ି ଝିଅମାନେ ଶାଢ଼ି ପିନ୍ଧିବାର କୌଶଳ ଶିଖନ୍ତି ।

ରଜ ଓଡ଼ିଶାର ଏକ ପାରମ୍ପରିକ ଗଣପର୍ବ । ରଜ ପର୍ବ ମୁଖ୍ୟତଃ ତିନିଦିନ ଧରି ପାଳନ ହେଉଥିଲେ ମଧ୍ୟ ପ୍ରାୟ ଏହାର ପ୍ରଭାବ ଚାରିଦିନ ଧରି ରହିଥାଏ । ରଜର ପୂର୍ବ ଦିନକୁ ସଜବାଜ, ପ୍ରଥମ ଦିନକୁ ପହିଲି ରଜ, ମଝିଦିନ ରଜ ସଂକ୍ରାନ୍ତି ଓ ଶେଷଦିନକୁ ବାସିରଜ କୁହାଯାଏ । ଏହାର ଦ୍ୱିତୀୟ ଦିନରେ ମିଥୁନ ମାସ ଓ ବର୍ଷାଋତୁର ଆରମ୍ଭ ହୁଏ । ରଜର ଆକ୍ଷରିକ ଅର୍ଥ 'ରଜବତୀ' । ପୃଥିବୀକୁ ମାତା ଭାବରେ ବିବେଚନା କରି ବର୍ଷାର ଆଗମନରେ ସେ ରାଜସ୍ୱଳା ହେବାର ଓ ନୂଆ ଶସ୍ୟ ଜନ୍ମ ହେବାର ସାଂକେତିକ ଭାବ ଏଥିରେ ନିହିତ ଥାଏ । ରୌଦ୍ର ତାପରେ ଦଗ୍ଧ ହେଉଥିବା ଧରିତ୍ରୀ ମାତା ପ୍ରାକ୍ ମୌସୁମୀର ପହିଲି ସ୍ପର୍ଶରେ ଲଜ୍ଜାଶୀଳ ବା ରଜସ୍ୱଳା ହୁଏ । ଲୋକାଚାର ଅନୁଯାୟୀ ଏହି ଚାରିଦିନ କୌଣସି ନାରୀ ଧରିତ୍ରୀ ମାତାଙ୍କୁ ଖାଲି ପାଦରେ ସ୍ପର୍ଶ କରନ୍ତି ନାହିଁ କିମ୍ବା ଭୂମି ଉପରେ ଶୁଅନ୍ତି ନାହିଁ । ରଜସ୍ୱଳା ନାରୀ ଚାରି ଦିନ ଅଛୁଆଁ ରହିଲା ପରି ମାଟି ମାଆ ବା ବସୁଧା ମାତାକୁ ଅକ୍ଷତ ଓ ଅସ୍ପୃଶ୍ୟ ରଖାଯାଏ । ସେଥିପାଇଁ ଏହି ଚାରିଦିନରେ କୌଣସି କୃଷି କାର୍ଯ୍ୟ ବା ହଳ ଲଙ୍ଗଳ କାମ ହୁଏ ନାହିଁ । ଏପରିକି ଗଛରୁ ଫୁଲ ତୋଳିବା ଏବଂ ପାଦରେ ଚପଲ ପିନ୍ଧିବା ମଧ୍ୟ ବାରଣ ଥାଏ ।

ଆମ ଓଡ଼ିଆ ସମାଜର ମୁଖ୍ୟ ଅର୍ଥନୀତି କୃଷି ହୋଇଥିବାରୁ ଚାଷ କାର୍ଯ୍ୟ ଓ ଭଲ ଫସଲ ଅମଳ ହେବା ଲକ୍ଷ୍ୟରେ ପ୍ରତ୍ୟେକ ଚାଷୀ ଧରିତ୍ରୀ ମା'କୁ ପୂଜା କରିଥାଏ । ଏହି ମାସକୁ ଦାମ୍ପତ୍ୟ ଜୀବନର ସର୍ବଶ୍ରେଷ୍ଠ ସମ୍ଭୋଗର ମାସ ବୋଲି ମଧ୍ୟ କୁହାଯାଏ । ମାଆଟିଏ ଯେମିତି ସନ୍ତାନ ଜନ୍ମ ଦେବା ପୂର୍ବରୁ ବିଶ୍ରାମ ଆବଶ୍ୟକ କରେ, ସେମିତି ପ୍ରଜନନକ୍ଷମ ହେବାକୁ ଯାଉଥିବା ମାଟି ମାଆକୁ ରଜ ଚାରିଦିନ ବିଶ୍ରାମ ଦିଆଯାଏ ବୋଲି ବିଶ୍ୱାସ କରାଯାଏ । ବସୁମତୀ ସ୍ନାନ ହେଉଛି ରଜପର୍ବର ଅନ୍ତିମ ଦିବସ । ଏହା ବସୁଧାମାତାଙ୍କ ଶୁଦ୍ଧ ସ୍ନାନ । ରଜସ୍ୱଳା ନାରୀ ସଦୃଶ ତିନିଦିନ ଅସ୍ପୃଶ୍ୟ ହୋଇ ରହିବା ପରେ ଚତୁର୍ଥ ଦିନ ପ୍ରାତଃ କାଳରେ ଏହି ଶୁଦ୍ଧ ସ୍ନାନ ପର୍ବ । ଏହା ଧରାସ୍ନାନ, ମହାଲକ୍ଷ୍ମୀ ସ୍ନାନ, ମହାଲକ୍ଷ୍ମୀ ଗାଧୁଆ ଓ ଶୁଦ୍ଧ ସ୍ନାନ ରୂପେ ପ୍ରଖ୍ୟାତ । ବଡ଼ି ସକାଳୁ ଶିଳପୁଆରେ ହଳଦୀ କନା ଗୁଡ଼ାଇ ସିନ୍ଦୂର, କଜଳ ଦେଇ ଧରଣୀ ମାତାଙ୍କ ସ୍ୱରୂପ ସଜାଇ ପିଢ଼ା ଉପରେ ସ୍ଥାପନା କରି କଳସ, ଆମ୍ବଡାଳ ରଖି କ୍ଷୀରରେ ସ୍ନାନ କରାଯାଏ ।

ରଜ ଉତ୍ସବରେ ଚତୁର୍ଥ ଦିନ ମୈସୁମୀ ବାୟୁ ଓଡ଼ିଶାକୁ ଛୁଇଁ ସାରିଥିବାରୁ ସେହିଦିନ କୃଷି କାର୍ଯ୍ୟ ଆରମ୍ଭ ହୁଏ । ଏକବିଂଶ ଶତାବ୍ଦୀରେ ଯେତେବେଳେ ଧନଧାନ୍ୟରେ ପରିପୂର୍ଣ୍ଣ ପାଶ୍ଚାତ୍ୟ ଦେଶମାନଙ୍କରେ ନାରୀ କର୍ମଚାରୀମାନଙ୍କୁ ମାସରେ ଦୁଇଦିନ ଋତୁସ୍ରାବ ଛୁଟି ପାଇଁ ଲଢ଼ିବାକୁ ପଡୁଛି, ସେତେବେଳେ ଓଡ଼ିଶାର ଏହି ପ୍ରାଚୀନ ଗଣପର୍ବ ନାରୀର କଷ୍ଟ ପାଇଁ ସହାନୁଭୂତିକୁ ଦର୍ଶାଏ । ଏ ପ୍ରଥା ସେ ସମୟରେ ଆରମ୍ଭ ହୋଇଥିଲା, ଯେତେବେଳେ ରାଜସ୍ୱଳା ନାରୀର କଷ୍ଟ ନିବାରଣ ପାଇଁ କୌଣସି ଔଷଧ ନ ଥିଲା । ରଜସ୍ୱଳା ନାରୀର କଷ୍ଟକୁ ବୁଝିବା, ନୂତନ ବସ୍ତ୍ର କିଣି ଦେବା, ଦୋଳି ବାନ୍ଧି ଦେବା, ଆନନ୍ଦ ତଥା ଉଲ୍ଲାସ ପାଇଁ ଅବସର ଦେବା ଆଦି କେବଳ ଆମ ରାଜ୍ୟ ଓଡ଼ିଶାରେ ହିଁ ହୁଏ । ଯଦିଓ ଏହି ସମୟରେ ଆସାମର କାମାକ୍ଷା ଦେବୀ ମନ୍ଦିରରେ ମଧ୍ୟ ଆମ୍ବୁବାଚି ଉତ୍ସବ ପାଳନ ହୁଏ, କିନ୍ତୁ ଏତେ ଭବ୍ୟ ଆକାରରେ ଏହି ପର୍ବକୁ କେବଳ ଓଡ଼ିଆମାନେ ହିଁ ପାଳନ୍ତି । କାହିଁ କେଉଁ କାଳରୁ ଓଡ଼ିଶାରେ ରଜ ଉତ୍ସବ ପାଳନ ହେଉଛି । ନାରୀତ୍ୱକୁ ସମ୍ମାନ ଦେଇ ରଜକୁ ଗଣ ଉତ୍ସବର ମାନ୍ୟତା ମିଳିଛି । ରଜ ପର୍ବ ଆମର ଗୌରବ, ଆମ ନାରୀ ଜାତିର ଗୌରବ, ଆମ ଓଡ଼ିଶା ମାଟିର ଗୌରବ ।

# ଯାନବାହନ ପ୍ରଦୂଷଣ ନିୟନ୍ତ୍ରଣ ପ୍ରମାଣପତ୍ରରୁ ୩.୭୩ କୋଟି ଆଦାୟ

**■ ୫ ବର୍ଷରେ ପିୟୁସି ସଂଖ୍ୟା ୯ ଲକ୍ଷକୁ କମିଛି**
**■ ଖିଲାପୀଙ୍କ ବିରୋଧରେ ହେଉନି କାର୍ଯ୍ୟାନୁଷ୍ଠାନ**

**କଟକ,୧୩।୬(ସମିସ):** ଗତ ୨୦୧୯ରୁ ଯାନବାହନଗୁଡିକ ପାଇଁ ପ୍ରଦୂଷଣ ନିୟନ୍ତ୍ରଣ ପ୍ରମାଣପତ୍ର ବାଧ୍ୟତାମୂଳକ କରାଯାଇଛି। ଦିନାକେତେ ପିୟୁସି (ପଲ୍ୟୁସନ ଅଣ୍ଡର କଣ୍ଟ୍ରୋଲ) ପ୍ରମାଣପତ୍ର ପାଇଁ ଧରପଗଡ଼ ହେବାରୁ ଗାଡ଼ି ଚାଳକମାନେ ସଚେତନ ହୋଇ ସେମାନଙ୍କ ଗାଡ଼ିର ପ୍ରଦୂଷଣ ମାତ୍ରା ଯାଞ୍ଚ କରାଇ ପ୍ରମାଣପତ୍ର ହାସଲ କରୁଥିଲେ। ଏବେ ଅନେକ ଗାଡି ଗୁଡିକର ପ୍ରମାଣପତ୍ର ବୈଧତା ଶେଷ ହେବା ପରେ ଆଉ ନୂଆ ପ୍ରମାଣପତ୍ର ସଂଗ୍ରହ କରିବା ପାଇଁ ଆଗ୍ରହ ପ୍ରକାଶ କରୁନାହାନ୍ତି। ଯେତେବେଳେ ଯାନବାହନ ପ୍ରଦୂଷଣ ନିୟନ୍ତ୍ରଣ ପାଇଁ ପ୍ରମାଣପତ୍ର ଲାଗୁ କରାଗଲା ସେହି ସମୟରେ ଅର୍ଥାତ ୨୦୧୯ରେ ୨୬ ଲକ୍ଷ ୩୭ ହଜାର ୪୪ଟି ପ୍ରମାଣପତ୍ର ଜାରୀ ହୋଇଥିଲା। ଗତ ୫ବର୍ଷ ମଧ୍ୟରେ ଏହି ସଂଖ୍ୟା ୯ ଲକ୍ଷକୁ କମିଗଲାଣି। ୨୦୨୦ରେ ୨୦ ଲକ୍ଷ ୯୬ ହଜାର ୬୦୩ଟି, ୨୦୨୧ରେ ୧୬ଲକ୍ଷ୪୭ହଜାର ୫୦୮ଟି, ୨୦୨୨ରେ ୧୬ ଲକ୍ଷ ୩୦ ହଜାର ୫୨୫ଟି, ୨୦୨୩ରେ ୧୭ ଲକ୍ଷ ୨୬ ହଜାର ୧୦୭ଟି ପିୟୁସି ପ୍ରମାଣପତ୍ର ଜାରୀ ହୋଇଥିଲା। ୨୦୨୪ରେ ବର୍ତ୍ତମାନ ସୁଦ୍ଧା ୬ ଲକ୍ଷ ୬୪ ହଜାର୭୨ଟି ପିୟୁସି ପ୍ରମାଣପତ୍ର ଜାରୀ ହୋଇଛି। ପିୟୁସି ପ୍ରମାଣପତ୍ର ପାଇଁ ଦୁଇଚକିଆ ଓ ତିନିଚକିଆ ଗାଡ଼ି ମାତ୍ର ୬୦ ଟଙ୍କା ଓ ଚାରିଚକିଆ ହାଲୁକା ଗାଡି ପାଇଁ ୧୦୦ ଟଙ୍କା ଦେବାକୁ ପଡୁଛି। ସେହିପରି ମଧ୍ୟମ ଓ ଭାରୀ ଯାନ ପାଇଁ ୧୫୦ଟଙ୍କା ଧାର୍ଯ୍ୟ ହୋଇଛି।

୨୦୧୯ରୁ ଅଦ୍ୟାବଧି ଏହି ପ୍ରମାଣପତ୍ର ଜାରି ବାବଦରେ ଆଦାୟ ହୋଇଥିବା ମୋଟ ଫି ୩ କୋଟି ୭୩ ଲକ୍ଷ ୮୨ ହଜାରରେ ପହଞ୍ଚିଛି। ୨୦୧୯ରେ ୧କୋଟି ୫୨ଲକ୍ଷ ୭୮ହଜାର, ୨୦୨୦ରେ ୯୩ ଲକ୍ଷ ୪୧ ହଜାର, ୨୦୨୧ରେ ୫୧ ଲକ୍ଷ, ୨୦୨୨ରେ ୩୯ ଲକ୍ଷ ୭୪ ହଜାର, ୨୦୨୩ରେ ୩୦ଲକ୍ଷ ୨୬ହଜାର ଓ ୨୦୨୪ରେ ଅଦ୍ୟାବଧି ୬ଲକ୍ଷ ୬୩ ହଜାର ଟଙ୍କା ଆଦାୟ ହୋଇପାରିଛି। ଗୋଟିଏପଟରେ ସଂଶୋଧିତ ମୋଟରଯାନ ନିୟମ ଅନୁସାରେ ବିନା ପ୍ରଦୂଷଣ ପ୍ରମାଣପତ୍ରରେ ଗାଡିକୁ ୧୦ହଜାର ଟଙ୍କା ପର୍ଯ୍ୟନ୍ତ ଜରିମାନା କରିବାର ବ୍ୟବସ୍ଥା ରହିଛି। ଯାହା ପୂର୍ବରୁ ମାତ୍ର ୫୦୦ଟଙ୍କା ଥିଲା। ତଥାପି ବର୍ଦ୍ଧିତ ଜରିମାନା ସତ୍ତ୍ୱେ ଗାଡିଗୁଡିକ ପ୍ରଦୂଷଣ ପ୍ରମାଣପତ୍ର ନଥାଇ ଚଳାଚଳ କରିବା ପରିବହନ ଓ ପୁଲିସ ବିଭାଗର ଏନଫୋର୍ସମେଣ୍ଟ ଉପରେ ପ୍ରଶ୍ନବାଚୀ ସୃଷ୍ଟି କରିଛି। ରାଜ୍ୟରେ ପିୟୁସି ସେଣ୍ଟର ସଂଖ୍ୟା ବି ୨୦୬୦ରେ ପହଞ୍ଚିଲାଣି; କିନ୍ତୁ ଗାଡି ଚାଳକ ଏହି ପ୍ରମାଣପତ୍ର ଥରେ ଆଣି ଆଉ ନବୀକରଣ କରୁନାହାନ୍ତି। ଏଣୁ ପ୍ରତିବର୍ଷ ଏହି ପ୍ରମାଣପତ୍ର ହାସଲକାରୀଙ୍କ ସଂଖ୍ୟା ସହ ଏହି ବାବଦରେ ରାଜସ୍ୱ ଆଦାୟ କମି କମି ଚାଲିଛି। ପିୟୁସି ପ୍ରମାଣପତ୍ର ଜାରୀ କରିବାରେ ଶେଷ୍ଠ ୫ ମଧ୍ୟରେ ବାଲେଶ୍ୱର, କଟକ, ବଲାଙ୍ଗିର, ରାଉରକେଲା ଓ ମୟୂରଭଞ୍ଜ ଆରଟିଓ ରହିଛନ୍ତି।

# ପ୍ରଣବ ପ୍ରକାଶ ଦାସଙ୍କ କ୍ୱାର୍ଟର୍ସକୁ ନେଇ ବିଭ୍ରାନ୍ତିକର ଖବର

**ଭୁବନେଶ୍ୱର, ୧୩।୬(ସମିସ):** ପୂର୍ବତନ ମନ୍ତ୍ରୀ ତଥା ବିଜେଡି ସାଂଗଠନିକ ସମ୍ପାଦକ ପ୍ରଣବ ପ୍ରକାଶ ଦାସଙ୍କ ସରକାରୀ କ୍ୱାର୍ଟର୍ସକୁ ନେଇ ବିଭ୍ରାନ୍ତିକର ଖବର ପ୍ରଶାରଣ କରୁଛି ଏକ ନିର୍ଦ୍ଦିଷ୍ଟ ଗଣମାଧ୍ୟମ। ପ୍ରଣବ ପ୍ରକାଶ ଦାସ ସରକାରୀ କ୍ୱାର୍ଟର୍ସରୁ ସରକାରୀ ସମ୍ପତ୍ତି ନେଇଯାଉଥିବା ନେଇ ଏହି ଗଣମାଧ୍ୟମରେ ଖବର ପ୍ରକାଶ ପାଇଛି। ଶ୍ରୀ ଦାସ ଚଳିତ ନିର୍ବାଚନରେ ପରାଜିତ ହେବା ପରେ ରାଜଭବନ ନିକଟରେ ଥିବା ତାଙ୍କ ସରକାରୀ ବାସ ଭବନ ଛାଡ଼ିବା ପ୍ରକ୍ରିୟା ଆରମ୍ଭ କରିଛନ୍ତି। ଏଥିପାଇଁ ସେ ନିଜର ବ୍ୟବହୃତ ସାମଗ୍ରୀ ସବୁ ଏଠାରୁ ସ୍ଥାନାନ୍ତର କରୁଛନ୍ତି। ମାତ୍ର ରାଜ୍ୟର ଏକ ନିର୍ଦ୍ଦିଷ୍ଟ ଗଣମାଧ୍ୟମ ଶ୍ରୀ ଦାସଙ୍କ ଛବିକୁ ମଳିନ କରିବା ପାଇଁ ଷଡ଼ଯନ୍ତ୍ର ପୂର୍ବକ ବିଭ୍ରାନ୍ତିକର ଖବର ପ୍ରଶାରଣ କରୁଛି। ସୂଚନା ଥାଉ କି ବିଧାୟକ ଭାବେ ନିର୍ବାଚିତ ହେବା ପର ପ୍ରଣବ ପ୍ରକାଶ ଦାସ ନିଜ ସରକାରୀ ବାସ ଭବନରେ ନିଜ ଖର୍ଚ୍ଚରେ କିଛି ଜିନିଷ ଲଗାଇଥିଲେ। ଅତୀତରେ ଏହାକୁ ନେଇ କିଛି ଗୋଷ୍ଠୀ ବିବାଦ ସୃଷ୍ଟି କରିବା ସହ ପ୍ରଣବ ପ୍ରକାଶଙ୍କ ସରକାରୀ ବାସଭବନରେ କେତେ ସରକାରୀ ଅର୍ଥ ଖର୍ଚ୍ଚ ହୋଇଛି ସେ ସମ୍ପର୍କରେ ଆରଟିଆଇରେ ପାଞ୍ଚ ପାଞ୍ଚ ଥର ତଥ୍ୟ ମଗାଯାଇଥିଲା। ଏପରିକି ବିଧାନସଭାରେ ମଧ୍ୟ ତାଙ୍କ କ୍ୱାର୍ଟର୍ସ ଖର୍ଚ୍ଚ ସଂକ୍ରାନ୍ତରେ ତଥ୍ୟ ମଗାଯାଇଥିଲା। ଏହାର ଉତ୍ତର ଦେଇ ବିଭାଗ ପକ୍ଷରୁ ଏହି କ୍ୱାର୍ଟର୍ସରେ ସମୁଦାୟ ଦୁଇ ଲକ୍ଷ ଟଙ୍କା ଖର୍ଚ୍ଚ ହୋଇଛି ବୋଲି ତଥ୍ୟ ଉପସ୍ଥାପିତ କରାଯାଇଥିଲା। କିନ୍ତୁ ଏହି ଗଣମାଧ୍ୟମ ଅତିରଞ୍ଜିତ କରି ଖବରକୁ ପରିବେଷଣ କରୁଥିବା ଦେଖିବାକୁ ମିଳିଛି। ଏହାକୁ ବିଭିନ୍ନ ମହଲରେ ନାପସନ୍ଦ କରାଯାଇଛି। ପ୍ରଣବ ପ୍ରକାଶ ଦାସ ଏବେ ବିଧାୟକ ନାହାନ୍ତି। ତେବେ ବିଧାୟକ ପଦରୁ ଯିବା ପରେ ଯେ କେହି ଚାହିଁଲେ ୬ ମାସ ପର୍ଯ୍ୟନ୍ତ ସରକାରୀ କ୍ୱାର୍ଟର୍ସକୁ ରଖିପାରିବେ। ହେଲେ ଶ୍ରୀ ଦାସ ନିଜର ପଦ ଯିବା ପରେ ତୁରନ୍ତ ସରକାରୀ କ୍ୱାର୍ଟର୍ସ ଛାଡ଼ି ଦେବା ପାଇଁ ପ୍ରକ୍ରିୟା ଆରମ୍ଭ କରିଛନ୍ତି।

# ଅବଶିଷ୍ଟାଂଶ...

## ଖୋଲିଲା ଶ୍ରୀମନ୍ଦିର...

ଉପରେ ଆଲୋଚନା କରାଯାଇ ପ୍ରସ୍ତାବ ପାରିତ ହୋଇଥିଲା। ଏହି ନିଷ୍ପତ୍ତି ପ୍ରକାରେ ବୁଧବାର ରାତି ପ୍ରାୟ ୧ଟାରେ ମୁଖ୍ୟମନ୍ତ୍ରୀ ଶ୍ରୀ ମାଝୀ ଓ ଦୁଇ ଉପମୁଖ୍ୟମନ୍ତ୍ରୀଙ୍କ ସମେତ ମନ୍ତ୍ରୀମଣ୍ଡଳର ସମସ୍ତ ସଦସ୍ୟ, ବିଜେପିର ବିଧାୟକଗଣ ଏବଂ ଅନ୍ୟ ନେତୃତ୍ୱ ପୁରୀରେ ପହଞ୍ଚିଥିଲେ। ମୁଖ୍ୟମନ୍ତ୍ରୀ ସର୍କିଟ ହାଉସ୍‌ରେ ରାତ୍ରି ଯାପନ କରିଥିବା ବେଳେ ଅନ୍ୟମାନେ ବିଭିନ୍ନ ହୋଟେଲରେ ରହିଥିଲେ। ସକାଳେ ମୁଖ୍ୟମନ୍ତ୍ରୀଙ୍କ ସମେତ ମନ୍ତ୍ରୀମଣ୍ଡଳର ଅନ୍ୟ ସଦସ୍ୟ ଓ ବିଜେପିର ନେତାମାନେ ସିଂହଦ୍ୱାରରେ ପହଞ୍ଚିଥିଲେ। ସେମାନଙ୍କୁ ମନ୍ଦିର ଭିତରକୁ ପାଛୋଟି ନିଆଯାଇଥିଲା। ସମସ୍ତେ ମହାପ୍ରଭୁଙ୍କ ମଙ୍ଗଳ ଆଳତି ଦର୍ଶନ କରିଥିଲେ। ଚତୁର୍ଦ୍ଧାବିଗ୍ରହଙ୍କୁ ଦର୍ଶନ ଏବଂ ପୂଜାର୍ଚ୍ଚନା ପରେ ବେଢ଼ା ପରିକ୍ରମା କରି ଅନ୍ୟ ଦେବଦେବୀଙ୍କ ଦର୍ଶନ କରିଥିଲେ। ଏହାପରେ ସମସ୍ତେ ପରିକ୍ରମା ମାର୍ଗ ପ୍ରଦକ୍ଷିଣ କରିବା ସହ ମନ୍ଦିର ଚତୁଃପାର୍ଶ୍ୱର ସ୍ଥିତି ପରଖିଥିଲେ। ମୁଖ୍ୟମନ୍ତ୍ରୀ ଚାରିଦ୍ୱାରକୁ ଯାଇ ଭକ୍ତଙ୍କ ପ୍ରବେଶ ପାଇଁ ହୋଇଥିବା ବ୍ୟବସ୍ଥାକୁ ଅନୁଧ୍ୟାନ କରିଥିଲେ। ଏଥିସହିତ ସବୁ ଦ୍ୱାର ଖୋଲା ଯାଇଥିଲା ଏବଂ ଭକ୍ତମାନେ ଆନନ୍ଦରେ ମନ୍ଦିରକୁ ପ୍ରବେଶ କରି ମହାପ୍ରଭୁଙ୍କ ଦର୍ଶନ କରିଥିଲେ।

ସିଂହଦ୍ୱାରଠାରେ ଗଣମାଧ୍ୟମକୁ ସୂଚନା ଦେଇ ମୁଖ୍ୟମନ୍ତ୍ରୀ ଶ୍ରୀ ମାଝୀ କହିଥିଲେ ଯେ, ମହାପ୍ରଭୁଙ୍କ ଅପାର କରୁଣାରୁ ରାଜ୍ୟରେ ନୂତନ ସରକାର ଗଠନ ହୋଇଛି। ଶପଥ ଗ୍ରହଣ ପରେ ପ୍ରଥମ କ୍ୟାବିନେଟ ବସି ୪ଟି ପ୍ରସ୍ତାବ ଗୃହୀତ ହୋଇଛି। ଭକ୍ତମାନଙ୍କ ଭାବାବେଗକୁ ଦୃଷ୍ଟିରେ ରଖି ଚାରିଦ୍ୱାର ଖୋଲିବା ଲାଗି କ୍ୟାବିନେଟରେ ପ୍ରଥମ ନିଷ୍ପତ୍ତି ହୋଇଥିଲା। ସେହି ନିଷ୍ପତ୍ତି ଅନୁଯାୟୀ ମନ୍ତ୍ରୀମଣ୍ଡଳର ସମସ୍ତ ସଦସ୍ୟଙ୍କ ଉପସ୍ଥିତିର ମଙ୍ଗଳ ଆଳତି ପରେ ଭକ୍ତଙ୍କ ଲାଗି ଚାରିଦ୍ୱାର ଖୋଲାଯାଇଛି। ତେବେ ଆଗକୁ କିପରି ଭକ୍ତମାନେ ଚାରିଦ୍ୱାରରେ ପ୍ରବେଶ କରି ଶୃଙ୍ଖଳିତ ଭାବେ ଦର୍ଶନ କରିପାରିବେ ତା' ଉପରେ ମଧ୍ୟ ଗୁରୁତ୍ୱ ଦିଆଯିବ। ଏଥିପାଇଁ ଆବଶ୍ୟକୀୟ ଉଚିତ ପଦକ୍ଷେପ ଗ୍ରହଣ କରାଯିବା ଲାଗି ପ୍ରଶାସନକୁ କୁହାଯାଇଛି। ସେହିପରି ଶ୍ରୀମନ୍ଦିର ପାଇଁ ୫୦୦ କୋଟି ଟଙ୍କାର କର୍ପସ ଫଣ୍ଡ ବ୍ୟବସ୍ଥା ହୋଇଛି। ଏଥିରେ ମନ୍ଦିର ପରିଚାଳନା, ରକ୍ଷଣାବେକ୍ଷଣ ଏବଂ ଶୃଙ୍ଖଳିତ ଦର୍ଶନ ଇତ୍ୟାଦି ପାଇଁ ଏହା ବିନିଯୋଗ ହେବ ହେବ ବୋଲି କହିଛନ୍ତି ନୂଆ ମୁଖ୍ୟମନ୍ତ୍ରୀ ଶ୍ରୀ ମାଝୀ।

## ଜୁନ୍ ୨୩ରେ...

ତେବେ ସେମାନଙ୍କୁ ଆଉ ପରୀକ୍ଷା ଦେବାକୁ ପଡ଼ିବ ନାହିଁ। କିନ୍ତୁ ଯେଉଁମାନେ ସେମାନଙ୍କ ମୂଳ ମାର୍କକୁ ଗ୍ରହଣ କରିବେ ନାହିଁ ସେମାନଙ୍କୁ ଜୁନ୍ ୨୩ ତାରିଖରେ ଆଉ ଥରେ ପରୀକ୍ଷା ଦେବାକୁ ସୁଯୋଗ ଦିଆଯିବ। ଦ୍ୱିତୀୟ ଥର ପରୀକ୍ଷା ଦେବା ପ୍ରାର୍ଥୀମାନଙ୍କ ଇଛାଧୀନ । ତେବେ ଯେଉଁମାନେ ପରୀକ୍ଷା ଦେବାକୁ ଚାହିଁବେ ସେମାନେ ପରୀକ୍ଷା ଦେଇ ପାରିବେ ଏବଂ ଏହି ପରୀକ୍ଷା ଫଳ ୩୦ ଜୁନ୍‌ରେ ପ୍ରକାଶ ପାଇବ ବୋଲି ଏନଟିଏ ସଂପୃକ୍ତ ଖଣ୍ଡପୀଠଙ୍କୁ ଅବଗତ କରିଛି। ଉଲ୍ଲେଖଯୋଗ୍ୟ ଯେ, ଚଳିତ ବର୍ଷ ମେଡିକାଲ ପାଠ୍ୟକ୍ରମରେ ନାମ ଲେଖା ପାଇଁ ସର୍ବଭାରତୀୟ ସ୍ତରରେ ଯେତିକି ଛାତ୍ରଛାତ୍ରୀ ପରୀକ୍ଷା ଦେଇଥିଲେ ସେମାନଙ୍କ ମଧ୍ୟରୁ ଏହି ୧୫୬୩ ପ୍ରାର୍ଥୀ ପରୀକ୍ଷା ପାଇଁ ପୁରା ସମୟ ପାଇ ନଥିଲେ। ତେଣୁ ପରବର୍ତ୍ତୀ ସମୟରେ ସେମାନଙ୍କ ଅଭିଯୋଗକ୍ରମେ ସେମାନଙ୍କୁ ଗ୍ରେସ୍ ମାର୍କ ଦିଆଯାଇଥିଲା। କିନ୍ତୁ ପରେ ପରେ ଏହି ଗ୍ରେସ ମାର୍କକୁ ନେଇ ଛାତ୍ରଛାତ୍ରୀଙ୍କ ପକ୍ଷରୁ ବିରୋଧ କରାଯିବା ସହିତ ଏହି ବିବାଦ ସୁପ୍ରିମକୋର୍ଟରେ ପହଞ୍ଚିଥିଲା। ସୁପ୍ରିମକୋର୍ଟରେ ଦାଏର କରାଯାଇଥିବା ବହୁ ପିଟିସନରେ ନିଟ୍ କାଉନସେଲିଂ ଉପରେ ରୋକ୍ ଲଗାଇବାକୁ ମଧ୍ୟ ଦାବି କରାଯାଇଥିଲା। ତେବେ ସୁପ୍ରିମକୋର୍ଟ କାଉନସେଲିଂ ଉପରେ ରୋକ୍ ଲଗାଇବାକୁ ମନା କରିଦେଇଥିଲା ବେଳେ କେନ୍ଦ୍ର ସରକାରଙ୍କୁ ଜବାବ ତଲବ କରିଥିଲେ। ଏହିକ୍ରମରେ କେନ୍ଦ୍ର ସରକାରଙ୍କ ପକ୍ଷ ରଖି ଏନଟିଏ ଗୁରୁବାର ଏହି ନିଷ୍ପତ୍ତି ଶୁଣାଇଛି।

## ଗିରଫ ହେବେ...

ବିତିଲାଣି କିନ୍ତୁ ତଦନ୍ତରେ ଅଗ୍ରଗତି ପରିଲକ୍ଷିତ ହେଉନାହିଁ। ୟେଦ୍ୟୁରାପ୍ପାଙ୍କ ବିରୋଧରେ ଏଫ୍‌ଆଇଆର୍ ଦେଇଥିବା ପୀଡ଼ିତା ନାବାଳିକାଙ୍କ ମା' ଗତ ମାସ ୨୬ ତାରିଖରେ ମୃତ୍ୟୁବରଣ କରିଛନ୍ତି। ଅଭିଯୁକ୍ତ ଖୋଲାରେ ବୁଲୁଛନ୍ତି। ତାଙ୍କୁ ଜେରାର ସମ୍ମୁଖୀନ ହେବା ପାଇଁ ନୋଟିସ୍ ମଧ୍ୟ ଦିଆଯାଇନାହିଁ। ଏହି ପିଟିସନ୍ ବିଷୟ ଜାଣି ସିଆଇଡି ଗତକାଲି ଜେରାର ସମ୍ମୁଖୀନ ହେବା ପାଇଁ ୟେଦ୍ୟୁରାପ୍ପାଙ୍କୁ ସିଆରପିସି'ର ଧାରା ୪୧(ଏ) ଅନୁଯାୟୀ ସମନ ପଠାଇଛି।

## ଏଥର ତତଲା...

୧୮ରୁ ଏହା ପଶ୍ଚିମା ବା ଦକ୍ଷିଣ ପଶ୍ଚିମା ହେବାର ସମ୍ଭାବନା ରହିଛି। ୧୫ ତାରିଖରେ କୋରାପୁଟ, ୧୬ରେ ବଲାଙ୍ଗିର ଓ ୧୯ରେ ବାଲେଶ୍ୱର ଓ ମୟୂରଭଞ୍ଜରେ ମଧ୍ୟମ ଧରଣର ବର୍ଷା ହେବାର ସମ୍ଭାବନା ରହିଛି। ପ୍ରଫେସର ପଶୁପାଳକ ଆହୁରି କହିଛନ୍ତି ଯେ ତାପମାତ୍ରା, ବାୟୁର ପ୍ରବାହ, ମେଘ ଗଠନରୁ ଜଣାପଡୁଛି ଯେ ରାଜ୍ୟରେ ୧୬-୧୮ ଭିତରେ ମୌସୁମୀ ବର୍ଷା ହେବ। ପ୍ରାଥମିକ ଭାବେ ଏହା ଦୁର୍ବଳ ରହିବ। କେନ୍ଦ୍ରାପଡ଼ାରୁ ପୁରୀ ପର୍ଯ୍ୟନ୍ତ ଉପକୂଳ ଓ ସଂଲଗ୍ନ ଜିଲ୍ଲାରେ ସବୁଠାରୁ କମ୍ ବର୍ଷା ହେବାକୁ ଥିବା ବେଳେ ଦକ୍ଷିଣ ଆଭ୍ୟନ୍ତରୀଣରେ ସବୁଠାରୁ ଅଧିକ ବର୍ଷା ହୋଇପାରେ। ୨୨ରୁ ମୌସୁମୀ ଅଧିକ ସକ୍ରିୟ ହେବା ସହିତ ଚତୁର୍ଥ ସପ୍ତାହରେ ଭାରୀବର୍ଷା ହେବାର ସମ୍ଭାବନା ରହୁଛି ବୋଲି ପ୍ରଫେସର ପଶୁପାଳକ କହିଛନ୍ତି।

## ଓଡ଼ିଶାରେ ଗ୍ରୀଷ୍ମ...

ଏହା ପୂର୍ବରୁ ଏପ୍ରିଲ୍‌ରେ ୨୦୧୦ରେ ୨୩ ଓ ୨୦୧୬ରେ ୨୧ ଦିନ ଧରି ଗ୍ରୀଷ୍ମ ଲହରୀ ସ୍ଥିତି ଜାରି ରହିଥିଲା। ଚଳିତ ବର୍ଷ ମଧ୍ୟ ସମାନ ସ୍ଥିତି ସୃଷ୍ଟି ହେବାରୁ ଏପ୍ରିଲ୍‌ରେ ରାଜ୍ୟବାସୀ ନାହିଁ ନ ଥିବା ସମସ୍ୟା ଭୋଗିଛନ୍ତି। ବର୍ତ୍ତମାନ ମେ ମାସରେ ଯଦିଓ ଆରମ୍ଭରୁ କିଛି ମାତ୍ରାରେ ସ୍ଥିତିରେ ପରିବର୍ତ୍ତନ ଆସିଥିଲା ହେଲେ ଶେଷ ଆଡ଼କୁ ପ୍ରବଳ ତାତି ଗୁଳୁଗୁଳିରେ ଲୋକେ ନାହିଁ ନ ଥିବା କଷ୍ଟି ଭୋଗିଛନ୍ତି। ସାଧାରଣ ଭାବେ କୌଣସି ଅଞ୍ଚଳରେ ତାପମାତ୍ରା ୪୫ ଡିଗ୍ରୀ କିମ୍ବା ତାପମାତ୍ରା ସ୍ୱାଭାବିକ ତୁଳନାରେ ୪.୫-୪.୬ ଡିଗ୍ରୀ ଅଧିକ ରହିଲେ ଏହାକୁ ଗ୍ରୀଷ୍ମ ଲହରୀ ଭାବେ ଗଣନା କରାଯାଏ। ସେହିପରି ତାପମାତ୍ରା ୪୭ ଡିଗ୍ରୀ କିମ୍ବା ସ୍ୱାଭାବିକ ତୁଳନାରେ ୬.୫ ଡିଗ୍ରୀରୁ ଅଧିକ ରହିଲେ ଏହାକୁ ଭୀଷଣ ଗ୍ରୀଷ୍ମ ଲହରୀ ଭାବେ ଗଣନା କରାଯାଇଥାଏ।

## ରାଜ୍ୟର ୬୭...

ଯୋଗାଇଥିଲା। ବିଶେଷ କରି ଉତ୍ତରପ୍ରଦେଶରେ ଏହି ରାକେଟ୍‌ର ମାଷ୍ଟରମାଇଣ୍ଡ ଥିବା କ୍ରାଇମ୍‌ବ୍ରାଞ୍ଚ ତଦନ୍ତ ବେଳେ ଜାଣିବାକୁ ପାଇଥିଲା। ଏହି ଜାଲ୍ ସାର୍ଟିଫିକେଟ୍ ମାମଲାରେ କ୍ରାଇମ୍‌ବ୍ରାଞ୍ଚ ୨୨ଙ୍କୁ ଗିରଫ କରି ସାରିଛି।

ନିଯୁକ୍ତି ପ୍ରକ୍ରିୟାବେଳେ ରାଜ୍ୟର ବିଭିନ୍ନ ଜିଲ୍ଲାରେ ପ୍ରାର୍ଥୀଙ୍କ ଜାଲ୍ ସାର୍ଟିଫିକେଟ୍ ଧରାପଡ଼ିବା ଏବଂ କ୍ରାଇମବ୍ରାଞ୍ଚ ଏକାଧିକ ଲୋକଙ୍କୁ ଗିରଫ କରିବା ପରେ ଭୁବନେଶ୍ୱର ଡାକ ସେବା ନିର୍ଦ୍ଦେଶକଙ୍କ ପକ୍ଷରୁ ସିବିଆଇରେ ଅଭିଯୋଗ ହୋଇଥିଲା। ଗ୍ରାମୀଣ ଡାକ ସେବା ପରୀକ୍ଷାରେ ୬୩ ଜଣ ଜାଲ୍ ସାର୍ଟିଫିକେଟ ଦେଇଥିବା ଅଭିଯୋଗ ପରେ ସିବିଆଇ ୨୦୨୩ ମସିହା ମେ' ୯ ତାରିଖରେ ମାମଲା ରୁଜୁ କରିଥିଲା। ଜାଲ୍ ପ୍ରମାଣପତ୍ର ଦେଇଥିବା ୬୩ ଜଣ ପ୍ରାର୍ଥୀ, ପୋଷ୍ଟାଲ ବିଭାଗର ଅଜଣା ଅଧିକାରୀ ଓ କିଛି ମଧ୍ୟସ୍ଥଙ୍କ ନାଁରେ ଏପରି ମାମଲା ହୋଇଥିଲା।

## ୬ ମନ୍ତ୍ରୀ ପଦ...

ମୋଟ ୨୨ଜଣ ମନ୍ତ୍ରୀ ଭାବେ କାର୍ଯ୍ୟ କରିଥିଲେ। ତେବେ ଗତକାଲି ଶପଥ ନେଇଥିବା ମୋହନ ସରକାରରେ ୨ ଉପମୁଖ୍ୟମନ୍ତ୍ରୀଙ୍କ ସହ ମୋଟ ୧୬ ମନ୍ତ୍ରୀ ଶପଥ ନେଇଛନ୍ତି। ଏହି ଦୃଷ୍ଟିରୁ ଆହୁରି ୬ଟି ମନ୍ତ୍ରୀ ପଦ ପୂରଣ ହେବା ବାକି ରହିଛି। ସେହିପରି ବିଧାନସଭାରେ ସରକାରୀ ଦଳ ମୁଖ୍ୟ ସଚେତକ, ଉପ ମୁଖ୍ୟ ସଚେତକ ଦାୟିତ୍ୱ କିଏ ସମ୍ଭାଳିବେ, ତାକୁ ନେଇ ମଧ୍ୟ ଚର୍ଚ୍ଚା ଜୋର୍ ଧରିଲାଣି। ବିଶେଷକରି ସରକାରୀ ମୁଖ୍ୟ ସଚେତକ ପଦ କ୍ୟାବିନେଟ ପାହ୍ୟାର ହୋଇଥିବାରୁ ଏହାକୁ ହାତେଇବାକୁ ଲବି ଆରମ୍ଭ ହୋଇଥିବା ଜଣାପଡ଼ିଛି।

## ରତ୍ନପଥର ପାଇଁ...

କେଉଁ କାରଣରୁ ତାଙ୍କୁ ହତ୍ୟା କରାଗଲା ସେନେଇ ପୁଲିସ ତଦନ୍ତ ଆରମ୍ଭ କରିଥିଲା। ତଦନ୍ତ ବେଳେ ୧୬ ତାରିଖରୁ ଉକ୍ତ ରୁମ୍ ବୀରେନ ସିଂ ନାମକ ଜଣେ ଯୁବକଙ୍କ ନାମରେ ବୁକିଂ ହୋଇଥିଲା। ସେ ଧାନବାଦ ଅଞ୍ଚଳରୁ ମେଡିକାଲ କାମରେ ବଲାଙ୍ଗିର ଆସିଥିବା ଦର୍ଶାଯାଇଥିଲା। ବୀରେନଙ୍କ ପରିଚୟପତ୍ରରେ ବୁକ୍ ହୋଇଥିବା ଏହି ରୁମକୁ ଏକାଧିକ ବ୍ୟକ୍ତି ଯିବା ଆସିବା କରିଥିବା ସିସିଟିଭି ଫୁଟେଜରୁ ପୁଲିସ ଜାଣିବାକୁ ପାଇଥିଲା। ଏପରିକି ୧୭ ତାରିଖରେ ବୀରେନ ସିଂ ସହ ଆଉ କିଛି ଯୁବକ ରୁମରୁ ବାହାରିଥିବା ପୁଲିସ ଜାଣିବାକୁ ପାଇଥିଲା। ହତ୍ୟା ପରେ ଶଙ୍କରଙ୍କ କାର ନେଇ ସେମାନେ ଫେରାର ହୋଇଥିବା ବେଳେ ଖୁଜେନପାଲିରେ ଗାଡ଼ି ଦୁର୍ଘଟଣାଗ୍ରସ୍ତ ହେବାରୁ ଗାଡ଼ି ଛାଡ଼ି ସମସ୍ତେ ଫେରାର ହୋଇଥିଲେ। ଏସ୍‌ପିଙ୍କ କହିବା ଅନୁସାରେ ଝାଡ଼ଖଣ୍ଡରୁ ଗିରଫ ହୋଇଥିବା ଅଭିଯୁକ୍ତ ପଙ୍କଜ କୁମାର, ସୁରଜ ବର୍ଣ୍ଣୱାଲ ଏବଂ ବିହାରର ଅନ୍ୟ ଦୁଇଜଣ ଅଭିଯୁକ୍ତ ବେଆଇନ ରତ୍ନପଥର ଏବଂ ହୀରା ବେପାରରେ ସାମିଲ ଥିଲେ। ସେମାନେ ସୋନପୁର ଠାରୁ ରତ୍ନପଥର ଏବଂ ହୀରା କିଣୁଥିଲେ। ଏହି ହୀରା ଏବଂ ରତ୍ନ ପଥର ସୋନପୁରକୁ ପ୍ରକୃତରେ ସୁରଟରୁ ଆସୁଥିଲା ମାତ୍ର ସେମାନେ ଏହାକୁ ମହାନଦୀ କୂଳରୁ ମିଳୁଥିବା ଦର୍ଶାଇ ଉଚ୍ଚଦରରେ ବିକ୍ରି କରୁଥିଲେ। ଏଥିରେ ମୃତ ପୁଲିସ କର୍ମଚାରୀ ଶଙ୍କର ବେହେରା ମଧ୍ୟ ସାମିଲ ଥିଲେ। ତେବେ ଏହି କାରବାରରେ ଟଙ୍କା ଦେଣନେଣକୁ ନେଇ ଉଭୟଙ୍କ ମଧ୍ୟରେ ବିବାଦ ହୋଇଥିଲା। ଗିରଫ ହୋଇଥିବା ସ୍ଥାନୀୟ ଅଭିଯୁକ୍ତଙ୍କ ସହାୟତାରେ ଶଙ୍କରକୁ ହତ୍ୟା କରିବାକୁ ଯୋଜନା କରିଥିଲେ। ପୂର୍ବପ୍ରସ୍ତୁତି ଅନୁସାରେ ମେ' ୧୬ ତାରିଖ ଦିନ ହୋଟେଲ ଇନ୍ଦ୍ରପ୍ରସ୍ଥରେ ଶଙ୍କରକୁ ହତ୍ୟା କରି ଫେରାର ମାରିଥିଲେ। ଏହି ଘଟଣା ପରେ ପୁଲିସ ହତ୍ୟା ମାମଲା ରୁଜୁ କରି ଘଟଣାର ଛାନଭିନ କରୁଥିଲା। ତେବେ ଏକ ମାସପରେ ହତ୍ୟା ଘଟଣାରେ ସାମିଲ ଥିବା ଅଭିଯୁକ୍ତମାନଙ୍କୁ ଗିରଫ କରିବାରେ ସଫଳ ହୋଇଛି। ସେମାନଙ୍କ ସ୍ୱାସ୍ଥ୍ୟ ପରୀକ୍ଷା ପରେ କୋର୍ଟଚାଲାଣ କରାଯାଇଛି। ଏହି କାରବାରରେ ସମ୍ପୃକ୍ତି ଥିବା ଅନ୍ୟମାନଙ୍କୁ ପୁଲିସ ଖୋଜୁଥିବା ସୂଚନା ରହିଛି।

ପୁଲିସ କର୍ମଚାରୀଙ୍କ ହତ୍ୟା ଘଟଣାକୁ ପ୍ରାୟ ମାସେ ସମୟ ଲାଗିଥିଲେ ମଧ୍ୟ ଶେଷରେ ବଲାଙ୍ଗିର ପୁଲିସକୁ ସଫଳତା ମିଳିଛି। ସେମାନଙ୍କୁ ଧରିବା ଏତେ ସହଜ ନଥିଲା। ହତ୍ୟା ମାମଲା ରୁଜୁହେବା ପରେ ବଲାଙ୍ଗିର ଏସ୍‌ପିଙ୍କ ନିର୍ଦ୍ଦେଶକ୍ରମେ ଏକ ସ୍ୱତନ୍ତ୍ର ଟିମ ଗଠନ କରାଯାଇଥିଲା। ସଦର ଏସଡିପିଓ ପ୍ରଦୀପ କୁମାର ସାହୁଙ୍କ ନେତୃତ୍ୱରେ ଟାଉନ ଥାନା ଆଇଆଇସି ବିଶ୍ୱଜିତ ମନବୋଧ, ଇନ୍ସପେକ୍ଟର ଅଙ୍କିତା ପ୍ରଧାନ, ଏଏସଆଇ ସୁଜ୍ଞାନ ବାରିକ, ବୈକୁଣ୍ଠ ଦେହେରୀ, ଏସଆଇ ଦୀପକ ଏକ ମାସଧରି ତଦନ୍ତ ଚଳାଇବା ପରେ ଅଭିଯୁକ୍ତମାନଙ୍କୁ ଧରିବାରେ ସଫଳ ହୋଇଛନ୍ତି। ତଦନ୍ତକାରୀ ଟିମ୍‌କୁ ଏସ୍‌ପି ପ୍ରଶଂସା କରିଛନ୍ତି।

## ମୋବାଇଲ ନମ୍ବର...

ଏହି ପରିପ୍ରେକ୍ଷୀରେ ଯଦି ମୋବାଇଲ୍ ଅପରେଟରମାନଙ୍କଠାରୁ ଏ ସଂକ୍ରାନ୍ତରେ ଟିକସ ଆଦାୟ କରାଯାଏ, ତେବେ ଅପରେଟରମାନେ ଏହି ଅର୍ଥ ଉପଭୋକ୍ତାଙ୍କଠାରୁ ଆଦାୟ କରିବେ।

ଏକ ଜାତୀୟ ଗଣମାଧ୍ୟମରେ ପ୍ରକାଶିତ ରିପୋର୍ଟ ଅନୁସାରେ କେବଳ ମୋବାଇଲ ବା ଲ୍ୟାଣ୍ଡ ଲାଇନ୍ ନମ୍ବର ନୁହେଁ; ଅବ୍ୟବହୃତ ମୋବାଇଲ ନମ୍ବର ବା ସିମ୍ ଉପରେ ମଧ୍ୟ ଜୋରିମାନା ଲଗାଯାଇପାରେ। ସ୍ପେକ୍ଟ୍ରମ୍ ପରି ଫୋନ୍ ନମ୍ବରଗୁଡ଼ିକର ମାଲିକ ସରକାର ଓ ଲାଇସେନ୍ସ ପ୍ରଦାନ ସମୟରେ ସରକାର ଟେଲିକମ୍ କମ୍ପାନୀଗୁଡ଼ିକୁ ଏହି ନମ୍ବରଗୁଡ଼ିକୁ ବ୍ୟବହାର କରିବା ନିମନ୍ତେ ଅନୁମତି ଦେଇଥାଆନ୍ତି ବୋଲି ଟ୍ରାଇ ମନେ କରୁଛି । ଗତବର୍ଷ ଡିସେମ୍ବର ମାସରେ ସଂସଦରେ ଗୃହୀତ ହୋଇଥିବା ଟେଲିକମ୍ ଆଇନରେ ମଧ୍ୟ ଏପରି ପ୍ରାବଧାନ ରହିଥିବା କୁହାଯାଉଛି । ଏହି ନିୟମ ଅନୁସାରେ ଟେଲିକମ୍ କମ୍ପାନୀଗୁଡ଼ିକଠାରୁ ନମ୍ବରଗୁଡ଼ିକ ନିମନ୍ତେ 'ଟେଲିକମ୍ ଆଇଡେଣ୍ଟିଫାୟର୍ସ' ନାମରେ ଏକ ଶୁଳ୍କ ଆଦାୟ କରାଯିବାକୁ କୁହାଯାଇଛି। ଅଷ୍ଟ୍ରେଲିଆ, ସିଙ୍ଗାପୁର, ବ୍ରିଟେନ୍, ଗ୍ରୀସ, ହଂକଂ, କୁଏତ, ନେଦରଲ୍ୟାଣ୍ଡ, ସ୍ୱିଜରଲ୍ୟାଣ୍ଡ, ନାଇଜେରିଆ, ଦକ୍ଷିଣ ଆଫ୍ରିକା ଓ ଡ଼େନମାର୍କ ଆଦି ଦେଶରେ ଏପରି ବ୍ୟବସ୍ଥା ରହିଛି । ସୂଚନା ଅନୁସାରେ ୩ଟି ପଦ୍ଧତିରେ ଏହି ଫି ବା ଟିକସ ଆଦାୟ ହୋଇପାରେ। ସମ୍ପ୍ରତି ପ୍ରଚଳିତ ଫ୍ୟାନ୍ସି ନମ୍ବର ପାଇଁ ସ୍ୱତନ୍ତ୍ର ଟିକସ ବ୍ୟତୀତ ବର୍ଷିକିଆ ଓ ନୂଆ ନମ୍ବର ପ୍ରଦାନ ସମୟରେ ଏହା ଆଦାୟ କରାଯାଇପାରେ ବୋଲି କୁହାଯାଉଛି ।


Email: oritourpuri@gmail.com Tel No.:06752-222664

R-01

**GOVERNMENT OF ODISHA**
**TOURISM DEVELOPMENT OFFICE PURI**

No. Acct. TDO-36/24/521/TDO, Puri Date: 12.06.2024

**SHORT TENDER CALL NOTICE**

On behalf on Tourism Department, Asst. Director, Tourism, Puri invited Quotations in sealed covers from intending firms/parties for Temporary Tourism Information Stall at different places of Puri, procurement of Uniform for Pvt. Life Guards/Govt. Life Guards working at Sea Beach, Puri and procurement of Materials/Items for Safety Measures at Puri Beaches in connection with Car Festival, 2024. The details information are uploaded in the Puri District website – https://puri.odisha.gov.in

OIPR-37001/11/0001/2425 **Asst. Director, Tourism.**

**OFFICE OF THE COLLECTOR AND DISTRICT MAGISTRATE, KALAHANDI**
**BHAWANIPATNA-766001 (ODISHA)**
**(Social Welfare Section)**

g-23

No. 1926/W.W., XVI-49/2024 Dt. 11.06.2024

**NOTICE FOR EXPRESSION OF INTEREST**

Applications are invited in the Prescribed Format in sealed Cover from the interested / eligible Non-Government Organizations (NGOs) for selection of Agency to manage the Jagruti-II at Bhawanipatna - "A scheme for survivors of distress situations (Women and Girls in need of care and protection facing difficult circumstances such as abandonment, lack of economic or social support, previously incarcerated, gender-based violence, dysfunctional / broken families, family discord and more)" for the Financial Year 2024-25 onwards.

The prescribed Format of Application, detail Eligibility Criteria, Terms and Conditions as per guidelines issued by Ministry of Women and Child Development Department, Govt. of India, New Delhi are available in the District website **kalahandi.odisha.gov.in**

The application completed in all respect must reach to the office of the District Social Welfare Officer, Kalahandi by Registered Post / Speed Post only on or before Dt 25.06.2024 at 05.00 PM and the applications will be opened on Dt 27.06.2024 at 11.00 AM in the Conference Hall of Collectorate, Kalahandi by the District Monitoring Committee (DMC), Kalahandi,

The applications other than Regd. Post / Speed Post will not be entertained. The applications received after the due date or lack of required information will be rejected.

OIPR-24180/11/0006/2425 **Collector, Kalahandi**

**SALE**

Booking Open 2/3 BHK Flat Bhpl Krishna, Bharatpur, Bhpl Rudra in front of CET. College, Ghatikia, Bhpl SB Homes, Ghatikia, Bhpl PNM, Satya Vihar, Bhubaneswar. Contact- Bhavishya Homes Pvt Ltd.

**Ph.: 9437015112**

**AFFIDAVIT**

I, Smt. Babita Agarwal, D/o- Mahesh Agarwal, W/o- Raj Kumar Agarwalla, At-Shankar Cinema road, Bazar pada, PO/Dist.-Angul declared by this affidavit vide no.-10855, Dtd.11.06. 2024 that now onwards I shall be known as Preeti Agarwalla for all future purposes.

**CHANGE OF NAME**

I Father Javed Iqbal Shaikh holding passport no-U0047858 issued at riyadh on dt-04/10/2020 hereby announce to change my minor son/ daughter name as **ARIBA JAVED SHAIKH** for all future purposes.

**WANTED LAND ON LEASE FOR NURSERY**

Godrej Agrovet Limited, Odisha Unit at Bargarh Dist. is looking out for a land on lease for 5 years - minimum 8 Acres to 10 Acres of land for raising Oil Palm Nursery under Government of India Scheme National Mission on Edible Oil - Oil Palm (NMEO - OP) scheme.
Land with Irrigation source & Approach road is a must.

Please contact with details to: -
**Godrej Agrovet Limited,**
**Edara Gunasekhar - 95561 34986**
**B. Praveen Kumar - 7680098623 / 9989973108**

**INVITATION FOR BIDS (IFB)** O-28
**NATIONAL COMPETITIVE BIDDING THROUGH E-PROCUREMENT**
**IDENTIFICATION NO: RWS&S DIVN., PURI-03 OF 2024-25**
(06752) 251276, Fax- (06752) 251276, Email: eerwss_puri@nic.in

The Superintending Engineer, RWS&S Division, Puri on behalf of Governor of Odisha invites Percentage rate price bids through e-procurement in single cover system according to the norms of e-procurement system, in on-line mode from eligible contractors.

| Sl. No. | Nature of work: | Execution of electrical installation work for providing Power supply to different RWSS Points for the purpose of supply of drinking water in Puri District. |
|---|---|---|
| 1. | No. of works: | **03 (Three)** |
| 2. | Estimated Cost: | Rs **5.93 Lakh**(app.) to **10.62 Lakh** (app.) |
| 3. | Time for completion: | 02(Two)Months |
| 4. | Cost of bidding document: | Rs.4000/- to Rs.6000/- |
| 5. | Class of Contractors eligible: | Holder of HT Licenses of ELBO |
| 6. | Availability of bids on-line: | From 11.00 hour of 13.06.2024 to 17.00 hours of 28.06.2024 |
| 7. | Last date and time for seeking clarification: | 17.00 hours of 24.06.2024 |
| 8. | Date & time of opening of technical bids: | On dt 29.06.2024 at 11.30 Hours in the office of the Superintending Engineer, RWS&S Division, Puri (All documents should be submitted in online only. No original documents should be dropped in dropping box before opening of technical bid in Division Office). |
| 9. | Date and time of opening of financial bids: | Does not arise. |

Further details can be seen from the website https://www.tendersorissa.gov.in Subsequent corrigendum if any shall appear in the website.

**Superintending Engineer, RWS&S Division, Puri**

**OIPR-25017/11/0002/2425**

**OFFICE OF THE DIVISIONAL FOREST OFFICER, BRAHMAPUR DIVISION**
At-Courtpeta, Brahmapur-760004, Tel. /FAX-0680-2281354, Mob-7653908594, E.mail-dfo.berhampur@odisha.gov.in

**No. 01/01F/2024, Dated, Brahmapur the 07th June, 2024**

**Tender Call Notice for Supply of Fertilizer & Granular Insecticides etc.**

Tenders are invited from reputed Registered Dealer / Manufacturer / Individuals for supply of good quality Fertilizer & Granular Insecticides etc. for use in the Plantations to be taken up in Brahmapur Forest Division, under various schemes during the current financial year 2024-25. The tender application is available in the website of **odishaforest.in/ ganjam.nic.in/** and can be obtained from the O/o the Divisional Forest Officer, Berhampur Forest Division on payment of **Rs 6000/- (Rupees Six Thousand)** only or in shape of non-refundable Demand Draft drawn in favour of the Divisional Forest Officer, Berhampur Division. Only the Technical bids shall be opened at **03.00 P.M. of 24.06.2024**. The Financial bids shall be opened after evaluation of the technical bids by the Tender Selection Committee. Final selection of the bidder shall be done based on the quality and cost of the materials. The undersigned reserves the right to reject any or all tender without assigning any reasons thereof.

**Divisional Forest Officer**
**Brahmapur Division**

OIPR-08038/11/0003/2425 MM-14

**GOVT. OF ODISHA** A-41
**OFFICE OF THE SUPERINTENDING ENGINEER,**
**JAJPUR IRRIGATION DIVISION, JAJPUR**
**Office Phone No. 06728-222022**
**Email: ipt.irrigation@gmail.com**

**'e' - Procurement Notice No. 01/2024-25**

| | | |
|---|---|---|
| 1 | Name of work | **: Canal & Protection works.** |
| 2 | Total No. of Packages | : **06 (Six)** Nos. of Packages only. |
| 3 | Estimated Cost | :Varies from Rs.**15.26** Lakh to Rs. **6.19** Lakh |
| 4 | Mode of Payment of EMD (Bid Security) & Bid cost | :The bidder shall transfer the required amount of EMD (Bid Security) and cost of Bid by Online through electronic payment as per Govt. of Odisha WDOM No.17254/WE Dated 05.12.2017 as Mentioned in DTCN. |
| 5 | Period of completion | : **Up-to 3 (Three)** Calendar Months. |
| 6 | **Other details as follows:** | |
| | I. Procurement Officer | :Superintending Engineer, Jajpur Irrigation Division, Jajpur |
| | II. Period of Online Bidding | : **Dt. 13.06.2024** from **10.00 Hrs**. to **Dt.20.06.2024** up to **17.00 Hrs.** |
| | III. Date, time & place of opening of both Technical & Financial bid for the work. | : **Dt. 21.06.2024 at 11.30 Hrs**. in the office of the Superintending Engineer, Jajpur Irrigation Division, Jajpur. |
| | IV. Date of Transparent Lottery to be Conducted (If required) | : **Dt. 24.06.2024 at 11.00 Hrs**. in the office of the Superintending Engineer, Jajpur Irrigation Division Jajpur |

Further details can be seen from the Govt. web site www.tendersorissa.gov.in.

**Superintending Engineer**
**Jajpur Irrigation Division**

OIPR-32130/11/0002/2425

### ଅନୁଆପଡ଼ା-ସୋରିଷିଆ ରାସ୍ତା ଶୋଚନୀୟ

# ଗ୍ରାମ୍ୟ ଉନ୍ନୟନ ବିଭାଗ ଦୃଷ୍ଟି ଦେବାକୁ ଦାବି

**ଡେରାବିଶ,୧୩।୬ (ସମିସ)**

ଗ୍ରାମ୍ୟ ଉନ୍ନୟନ ବିଭାଗ ଅଧୀନରେ ଥିବା ଡେରାବିଶ ବ୍ଲକ ଅନ୍ତର୍ଗତ କଟକ-ଚାନ୍ଦବାଲି ରାଜରାସ୍ତାର ଅନୁଆପଡ଼ାଠାରୁ ସୋରିଷିଆ ଭାୟା ଗହଗା ନରସିଂହପୁର ପ୍ରଧାନମନ୍ତ୍ରୀ ଗ୍ରାମ୍ୟ ସଡ଼କ ଯୋଜନାରେ ନିର୍ମିତ ରାସ୍ତାର ଅବସ୍ଥା ଶୋଚନୀୟ ହୋଇପଡ଼ିଛି। ୪.୫୨୦ କିଲୋମିଟର ଲମ୍ବ ବିଶିଷ୍ଟ ଏହି ରାସ୍ତାଟିରେ ଖାଲଖମାରେ ଭର୍ତ୍ତିର୍ ହୋଇ ଏହି ରାସ୍ତାରେ ଗାଡ଼ିମଟର ଯିବାତ ଦୂରର କଥା ପଥଚାରୀଟିଏ ମଧ ଯିବା ପାଇଁ ଅସୁବିଧାର ସମ୍ମୁଖିନ ହେଉଛନ୍ତି। ପ୍ରତ୍ୟହ ଛୋଟବଡ଼ ଦୁର୍ଘଟଣାମାନ ଘଟୁଥିବା ଦେଖିବାକୁ ମିଳିଛି। ଏହି ରାସ୍ତାଦେଇ ଦାନପୁର ପଞ୍ଚାୟତର ଗହଗା, ନରସିଂହପୁର, ଭାଗବତପୁର, ଉଗୁରିବେଣ୍ଟ ଗ୍ରାମବାସୀଙ୍କ ସମେତ ଲୁଣା-କରାଣ୍ଡିଆ ଦ୍ୱିପାଞ୍ଚଳର ଶିଶୁଆ, ସଠିଲୋ, ପକ୍ଷୋଟ, ଜଳପୋକ ଆଦି ଗ୍ରାମର ଲୋମାନେ ଚଳପ୍ରଚଳ ପାଇଁ ଚାନ୍ଦୋଳ ହାଟ ଓ ବଜାର ସମେତ ଜିଲ୍ଲା ମୁଖ୍ୟାଳୟକୁ ଯିବା ପାଇଁ ବ୍ୟବହାର କରିଥାନ୍ତି। ଦୈନନ୍ଦିନ ସ୍କୁଲ, କଲେଜ ମଧ ଏହି ଗ୍ରାମମାନଙ୍କରୁ ଶହଶହ ଛାତ୍ରଛାତ୍ରୀ ଏହି ବାଟ ଦେଇ ଯାତାୟତ କରିଥାନ୍ତି। ଏହି ରାସ୍ତା ନିର୍ମାଣ ଗତ ୧୨.୦୩.୨୦୧୯ ମସିହାରେ ଆରମ୍ଭ ହୋଇଥିବା ବେଳେ ୫ ବର୍ଷ ଯଥା ୧୧.୦୩.୨୦୨୪ ପର୍ଯ୍ୟନ୍ତ ଠିକାଦାରଙ୍କ ମରାମତି ଦାୟିତ୍ୱ ରହିଥିଲା। ହେଲେ ଠିକାଦାର ଜଣକ ଏହି ରାସ୍ତା କାର୍ଯ୍ୟ ଢ଼େର ବିଳମ୍ବରେ ସାରିଥିଲେ ମଧ ଏହାର ପଞ୍ଚମ ବର୍ଷର ରକ୍ଷଣାବେକ୍ଷଣ କାର୍ଯ୍ୟ ଆଦୌ କରିନଥିବା ଅଞ୍ଚଳବାସୀ ପ୍ରକାଶ କରିଛନ୍ତି। ରାସ୍ତାର ରକ୍ଷଣାବେକ୍ଷଣ କାର୍ଯ୍ୟ ମଧରେ ବର୍ଷା ଋତୁପରେ ଥରେ ଘାସ, ଡାଳପତ୍ର କାଟି ସଫା କରିବା, ପାଣି, କଟାଧାର ପୁନଃ





ମରାମତି କରିବା, ଦରକାର ଅନୁସାରେ ପିଚୁ ରାସ୍ତାର ଉଭୟ ପାର୍ଶ୍ୱ ମାଟି ସେକ୍ଟର ମରାମତି କରିବା, ରାସ୍ତା ଉପର ଗର୍ତ୍ତ ଓ ଫାଟ ମରାମତି କରିବା, ବର୍ଷକୁ ଦୁଇଥର ରାସ୍ତା ପାଶ୍ୱର୍ରେ ନିର୍ମିତ ନାଳର ମରାମତି କରିବା, ତିଆରି ହୋଇଥିବା ଶଙ୍ଖ ଓ ପୋଲ ମରାମତି କାର୍ଯ୍ୟ କରିବା, ଦରକାର ଅନୁସାରେ ରାସ୍ତାରେ ଲଗାଯାଇଥିବା ସାଇନ୍‌ବୋଡର୍ ମରାମତି କରିବା ଓ ବର୍ଷକୁ ଥରେ ଶଙ୍ଖ, ପୋଲରେ ଧଳାରଙ୍ଗ ମାରିବା କାର୍ଯ୍ୟ କରିବା ପାଇଁ ନିୟମ ରହିଛି। ଏଥିପାଇଁ ୨୦୨୩-୨୪ ମସିହାରେ ୩୮୮୦୩୩ ଟଙ୍କା ବ୍ୟୟ ବରାଦ ପାଇଁ ରହିଛି। ହେଲେ ଠିକାଦାର ଜଣକ ଏହି କାର୍ଯ୍ୟମାନ କରିନଥିବାରୁ ରାସ୍ତାର ଅବସ୍ଥା ଏପରି ହୋଇଛି ବୋଲି ଅଞ୍ଚଳବାସୀ ପ୍ରକାଶ କରିଛନ୍ତି। ତେଣୁ ବିଭାଗ ପକ୍ଷରୁ ଏହି ରାସ୍ତା ପ୍ରତି ଦୃଷ୍ଟି ଦିଆଯାଇ ତୁରନ୍ତ ନିର୍ମାଣ କରିବା ପାଇଁ ଅଞ୍ଚଳବାସୀ ଦାବି କରିଛନ୍ତି।

## ସେକ୍ସ ର୍‍ୟାକେଟର କିଙ୍ଗପିନ୍‌କୁ ଗିରଫ କଲା ପୁଲିସ

**ପାରାଦୀପ, ୧୩।୬ (ସମିସ):** ପାରାଦୀପ ଉଦୟବିହାର-୧ କଲୋନୀରେ ଚାଲିଥିବା ସେକ୍ସ ର୍‍ୟାକେଟର କିଙ୍ଗପିନଙ୍କୁ ଗିରଫ କରିଛି ଲକଥାନା ପୁଲିସ। ଗତ ଜାନୁଆରୀ ମାସରେ ଚାଲିଥିବା ଏହି ସେକ୍ସ ର୍‍ୟାକେଟ ଉପରେ ଚଢ଼ଉ କରି ପୁଲିସ ୯ ଜଣଙ୍କୁ କୋର୍ଟ ଚାଲାଣ କରିଥିଲା। ଏହି ସେକ୍ସ ର୍‍ୟାକେଟର ମୁଖ୍ୟ ବା କିଙ୍ଗପିନ ରହିଥିବା ଜଣେ ୩୫ ବର୍ଷୀୟ ମହିଳା ଯେକି ବଙ୍ଗୀୟ ଯୁବତୀ ମାନଙ୍କୁ ଆଣି ଏହି ସେକ୍ସ କାର୍ଯ୍ୟରେ ନିୟୋଜିତ କରୁଥିଲା ବାଲେଶ୍ୱର ଅଞ୍ଚଳର ଏହି ମହିଳାଙ୍କୁ ପୁଲିସ ଆଜି ତାର ଗାଁରୁ ତାକୁ ଗିରଫ କରି କୋର୍ଟ ଚାଲାଣ କରିଥିବା ନେଇ ଲକଥାନା ଅଧିକାରୀ କୁଳମଣି ସେଠି ସୂଚନା ଦେଇଛନ୍ତି।

## ବାର୍‌ହା ମାଂସ ଜବତ, ଦୁଇ ଅଟକ

**ମହାକାଳପଡ଼ା,୧୩।୬(ସମିସ):** ମହାକାଳପଡ଼ା ବନାଞ୍ଚଳ ଅଧୀନ ରାମନଗର ଅଞ୍ଚଳରେ ବାରହା ମାଂସ ବିକ୍ରି ହେଉଥିବା ଖବର ପାଇ ବନବିଭାଗ ପକ୍ଷରୁ ଚଢ଼ଉ କରାଯାଇଥିଲା। ରଜ ପର୍ବ ପାଇଁ ବିପୁଳ ପରିମାଣର ବାରହା ମାଂସ ବିକ୍ରି ହେଉଥିବା ଖବର ପାଇ ରେଞ୍ଜର ନଳିନୀକାନ୍ତ ବେହେରାଙ୍କ ନିର୍ଦ୍ଦେଶ କ୍ରମେ ବନବିଭାଗ କର୍ମଚାରୀ ଅଚାନକ ଚଢ଼ଉ କରି ମାଂସ ବିକ୍ରି କରୁଥିବା ଦୁଇଜଣଙ୍କୁ ଅଟକ ରଖିବା ସହିତ ୩୫ କିଗ୍ରା କଟା ମାଂସ ଜବତ କରିଥିଲେ। ବାରହା ମାରି ମାଂସ ବିକୁଥିବାବେଳେ ଦୁଇଜଣଙ୍କୁ ଗିରଫ କରିଛି ବନ ବିଭାଗ। ଅଟକ ଦୁଇଜଣ ହେଲେ ରାମନଗର ଗ୍ରାମର ବୈରାଗୀ ସାମଲ ଓ ବେଣୁ ସାମଲ। ଶୁକ୍ରବାର ସେମାନଙ୍କୁ କୋର୍ଟ ଚାଲାଣ କରାଯିବ ବୋଲି ବନବିଭାଗ ପକ୍ଷରୁ ଜଣାପଡିଛି।

## ଆଜିଠୁ ପିପଳ ରଜ ମହୋତ୍ସବ

**ପାରାଦୀପ, ୧୩।୬ (ସମିସ):** ପାରାଦୀପ ଉପକଣ୍ଠ ପିପଳଠାରେ ଆସନ୍ତାକାଲିଠାରୁ ରଜ ମହୋତ୍ସବ ଆରମ୍ଭ ହେବାକୁ ଯାଉଛି।ଏ ନେଇ ପିପଳ ଗ୍ରାମର ରଜ ମହୋତ୍ସବ ପଡିଆ ଉତ୍ସବ ମୁଖର ହୋଇ ପଡିଛି।ଏହି ରଜ ମହୋତ୍ସବ ତିନିଦିନ ଧରି ଆୟୋଜିତ ହେବ। ତିନିଦିନ ଧରି ପୋଡପିଠା, ଘାଣ୍ଟ ତରକାରୀ, ସିଝା ମଣ୍ଡା, ଆଦି ପ୍ରତିଯୋଗିତା ସହ ସ୍କୁଲ ପିଲା ମାନଙ୍କ ମଧରେ ସାଧାରଣ ଜ୍ଞାନ, ମେହେନ୍ଦୀ, ଝୋଟି, ହୁଳହୁଳି, ଶଙ୍ଖ ପୁଙ୍ଖା, ମ୍ୟୁଜିକ ଚେୟାର, ଚିତ୍ରାଙ୍କନ, ରଜ ପାନ, ଫ୍ୟାନ୍ସି ପୋଷାକ ଓ ପୁଚି ଆଦି ପ୍ରତିଯୋଗିତାମାନ ଅନୁଷ୍ଠିତ ହେବ। ତିନି ଦିନ ଯାକ ଗ୍ରାମର ମହିଳାମାନେ ତା ସହିତ ସ୍ଥାନୀୟ ଗ୍ରାମର ମହିଳାମାନେ ମିଶି ରଜ ପାନ ଖାଇବା ସହିତ ରଜ ଗୀତ ବୋଲି ଆନନ୍ଦ ଉଲ୍ଲାସ କରୁଥିବା ଦେଖିବାକୁ ମିଳିବ। ସେହିପରି ପୁଅ ମାନେ କବାଡି ଓ ତାସ ଖେଳିବାରେ ବ୍ୟସ୍ତ ଥାଆନ୍ତି। ପିପଳ ଗ୍ରାମର ବନବିହାରୀ ସାଂସ୍କୃତିକ ପରିଷଦ ତରଫରୁ ଏହି ରଜ ମହୋତ୍ସବ ପାଳନ କରାଯାଉଛି।ସବୁ ବର୍ଷ ପରି ଚଳିତ ବର୍ଷ ମଧ ବହୁ ଜାକଜକମରେ ଏହାକୁ ପାଳନ କରାଯିବା ନେଇ ଆୟୋଜକମାନେ କହିଛନ୍ତି।ଗ୍ରାମର ଝିଅବୋହୂମାନେ ମଧ ଏହି ପ୍ରତିଯୋଗିତାରେ ଭାଗ ନେଇଥାନ୍ତି। ପ୍ରତ୍ୟେକ ଦିନ ସନ୍ଧ୍ୟାରେ ଅତିଥି ମାନଙ୍କୁ ନେଇ ଏକ ସଭା ଅନୁଷ୍ଠିତ ହେବ। ଉପସ୍ଥିତ ଅତିଥିମାନେ ପ୍ରତିଯୋଗୀମାନଙ୍କୁ ପୁରସ୍କୃତ କରିବେ। ଓରମାସ ପକ୍ଷରୁ ବିଭିନ୍ନ ଷ୍ଟଲ୍ ମାନ ଆୟୋଜନ କରାଯାଇଛି।

## ପୂର୍ବତନ ସରପଞ୍ଚଙ୍କ ଶାଶୂଙ୍କ ପରଲୋକ



**କୁଜଙ୍ଗ,୧୩।୬(ସମିସ):** କୁଜଙ୍ଗ ଅଦାଲତର ଦିବଂଗତ କର୍ମଚାରୀ କୁଳମଣି ଦାସଙ୍କ ପତ୍ନୀ ତଥା ପଙ୍କପାଳର ପୂର୍ବତନ ସରପଞ୍ଚ ମିନାକ୍ଷୀ ଦାସଙ୍କ ଶାଶୂ ମନୋରମା ଦାସ(୭୦)ଙ୍କ ପରଲୋକ ହୋଇଯାଇଛି। କୁଜଙ୍ଗ ବ୍ଲକ ପଙ୍କପାଳ ପଞ୍ଚାୟତର ଜନାପାଳ ପଟୁସାହିସ୍ଥ ନିଜ ବାସଭବନରେ ତାଙ୍କର ପରଲୋକ ଘଟିଛି। ସେ ଗତି କିଛିଦିନ ଧରି ଅସୁସ୍ଥ ଥିଲେ। ମୃତ୍ୟୁଶଯ୍ୟା ନିକଟରେ ଜ୍ୟେଷ୍ଠ ପୁଅ କୃଷ୍ଣ ପ୍ରସନ୍ନ ଦାସ, କନିଷ୍ଠ ପୁଅ ଶିବ ପ୍ରସନ୍ନ ଦାସ, କନ୍ୟା ମମତା ଦାସ, ସସ୍ମିତା ଦାସ, ବୋହୂ ପଙ୍କପାଳର ପ୍ରାକ୍ତନ ସରପଞ୍ଚ ମିନାକ୍ଷୀ ଦାସ, ସାନ ବୋହୂ ନିର୍ମଳା, ଜ୍ୱାଇଁ ପ୍ରଶାନ୍ତ, ଦେବେନ୍ଦ୍ରଙ୍କ ସହ ସମସ୍ତ ଆତ୍ମୀୟ ସ୍ୱଜନ ଉପସ୍ଥିତ ଥିଲେ। ପଙ୍କପାଳ ସରପଞ୍ଚ ସରୋଜ କୁମାର ସେଠୀ, ପଙ୍କପାଳ ବଣିକ ସଂଘ ସଭାପତି ଫକୀର ଦାସ, ବିଜେପି ନେତା ଶିବ ପାତ୍ର, ତାପସ ଦାଶ ଓ ଗ୍ରାମର ମୁରବୀ ଶେଷ ଦର୍ଶନ କରି ଶ୍ରଦ୍ଧା ସୁମନ ଅର୍ପଣ କରିଥିଲେ। ଗ୍ରାମ ଶ୍ମଶାନରେ ଶେଷକୃତ୍ୟ କରାଯାଇଥିବାବେଳେ ବଡ଼ପୁଅ ମୁଖାଗ୍ନି ଦେଇଥିଲେ।

## ପାରାଦୀପଗଡ଼ ରଜ ମହୋତ୍ସବର ଚତୁର୍ଥ ସନ୍ଧ୍ୟା



**ପାରାଦୀପ, ୧୩।୬ (ସମିସ) :** ପାରାଦୀପ ଗଡ ଗ୍ରାମ ପଞ୍ଚାୟତ ଦ୍ୱାରା ଆୟୋଜିତ ୩ୟ ବାର୍ଷିକ ରଜ ମହୋତ୍ସବର ଚତୁର୍ଥ ସନ୍ଧ୍ୟାରେ ତ୍ରିରଙ୍ଗା ଡାନ୍ସ ଗ୍ରୁପ୍ ଓ ସାଇ କ୍ରିଷ୍ଣା କଳାନିକେତନ୍, ପାରାଦୀପର କଳାକାରମାନଙ୍କ ଦ୍ୱାରା ଚିତ୍ତାକର୍ଷକ ଓଡ଼ିଶୀ, ସମ୍ବଲପୁରୀ, ଲୋକ ନୃତ୍ୟ ଆଦି ନାଚ ଗୀତ ଦର୍ଶକମାନଙ୍କୁ ମତୁଆଲା କରିଥିଲା । ଉକ୍ତ ରଙ୍ଗାରଙ୍ଗ କାର୍ଯ୍ୟକ୍ରମ ରେ ବରିଷ୍ଠ ଆଇନଜୀବୀ ସଞ୍ଜୟ କୁମାର ବେହେରା ସଭାପତିତ୍ୱ କରିଥିଲେ। ଆୟୋଜିତ ସଭାରେ ମୁଖ୍ୟ ଅତିଥି ଭାବେ, ସମାଜସେବୀ ବଲ୍ଲଭ କର, ସମ୍ମାନିତ ଅତିଥିଭାବେ ସରପଞ୍ଚ ସସ୍ମିତା ବେହେରା, ଚନ୍ଦ୍ରଶେଖର ଚୌଧୁରୀ, ବିଷ୍ଣୁ ଚରଣ ସାହୁ, କବୟିତ୍ରୀ ଗୋଲାପ ରାଣୀ ସାହୁ, ପ୍ରମୁଖ ଯୋଗଦେଇ ରଜ ଉତ୍ସବର ଗୁରୁତ୍ୱ ସମ୍ପର୍କରେ ବକ୍ତବ୍ୟ ପ୍ରଦାନ କରିଥିଲେ।ଆଜି ଆୟୋଜିତ ବିଭିନ୍ନ ପ୍ରତିଯୋଗିତାରେ ଯଥା ପୁଚି, ରଙ୍ଗୋଲି, ମ୍ୟୁଜିକ୍ ଚେୟାର, ନୃତ୍ୟ ପ୍ରତିଯୋଗିତାରେ ପ୍ରଥମ, ଦ୍ୱିତୀୟ ଓ ତୃତୀୟ ସ୍ଥାନ ଅଧିକାର କରିଥିବା ପ୍ରତିଯୋଗୀ ମାନଙ୍କୁ ଅତିଥି ମାନେ ପ୍ରମାଣପତ୍ର ସହିତ, ଟ୍ରଫି ପ୍ରଦାନ କରିଥିଲେ । ନାଚ ଗୀତ ସାଙ୍ଗକୁ ମୀନା ବଜାର ରେ ବିଭିନ୍ନ ସାମଗ୍ରୀ କିଣାକିଣି କରିବା ସହିତ ରାମ ଦୋଳି, ଓ ସୁଆଦିଆ ଖାଦ୍ୟ ସାମଗ୍ରୀ ଦର୍ଶକମାନଙ୍କ ମନକୁ ଆନନ୍ଦ ଦେଉଛି। ସମ୍ପାଦକ ଦେବ ଦୁର୍ଲଭ କର ସଭା ସଂଯୋଜନା କରିଥିଲା ବେଳେ ସୁବାସ ସେନାପତି, ନୀଳାଦ୍ରି ବିହାରୀ ମହାନ୍ତି, ଆଲୋକ ସ୍ୱାଇଁ ଓ ରଞ୍ଜନ ସାମଲ, ଜୀବନ ଧନ ବେହେରା ମଞ୍ଚ ପରିଚାଳନା କରିଥିଲେ। ଉତ୍ସବକୁ ସରସ ସୁନ୍ଦର କରିବାକୁ ରଜ ମହୋତ୍ସବ କମିଟିର ସଦସ୍ୟମାନେ ଲାଗିପଡିଥିଲେ।

### ● ମୃତକ ପରିବାରକୁ କ୍ଷତିପୂରଣ ଦାବି

## କଟକ-ପାରାଦୀପ ରାସ୍ତା ଅବରୋଧ

**ତିର୍ତ୍ତୋଲ, ୧୩।୬(ସମିସ):** ତିର୍ତ୍ତୋଲ ଥାନା ଅନ୍ତର୍ଗତ କଟକ-ପାରାଦ୍ୱୀପ ରାସ୍ତାର ନୂଆପଡା ଛକ ନିକଟରେ ଗତକାଲି ସନ୍ଧ୍ୟାରେ କାର ଓ ବାଇକ ମଧରେ ଧକ୍କା ହୋଇଥିଲା। ଏଥିରେ ବାଇକ୍‌ରେ ଥିବା ସ୍ଥାନୀୟ ଅଞ୍ଚଳର ବାପା, ମା ଓ ପୁଅ ଗୁରୁତର ଆହତ ହୋଇ ମେଡିକାଲରେ ଭର୍ତ୍ତି ହୋଇଥିଲେ। ବାପା ରାଜୁ ବାରିକଙ୍କ ଚିକିତ୍ସାଧୀନ ଅବସ୍ଥାରେ ମୃତ୍ୟୁ ହୋଇଯାଇଥଠିଲା। ଏହି ଦୁର୍ଘଟଣାରେ ମାଆ ନିରୁପମା ବାରିକଙ୍କ ଛାତିରେ ଆଘାତ ଲାଗିବା ସହ ଅଣ୍ଟା ଭାଙ୍ଗିଯାଇଛି। ୧୨ ବର୍ଷର ପୁଅ ଅବିନାଶର ହାତ ପାପୁଲି ଫାଟିଯିବା ସହ ଡାହାଣ ଗୋଡ ଭାଙ୍ଗିଯାଇଛି। ଏହାକୁ ନେଇ ଆଜି ଅପରାହ୍ନରେ ସ୍ଥାନୀୟ ଅଞ୍ଚଳରେ ଉତ୍ତେଜନା



ଦେଖାଯିବା ସହ ନୂଆପଡା ଗ୍ରାମବାସୀ କଟକ-ପାରାଦୀପ ରାସ୍ତାକୁ ଅବରୋଧ କରିଥିଲେ। ଆନ୍ଦୋଳନକାରୀ ଗ୍ରାମବାସୀ ମୃତକ ପରିବାରକୁ କ୍ଷତିପୂରଣ ସହାୟତା, ମେଡିକାଲରେ ଚିକିତ୍ସିତ ହେଉଥିବା ମା ଓ ପୁଅଙ୍କ ସମସ୍ତ ଚିକିତ୍ସା ଦାୟିତ୍ୱ ପ୍ରଶାସନ ବହନ କରିବା, ଦୁର୍ଘଟଣା ସ୍ଥାନରେ ହମ୍ପସ ନିର୍ମାଣ ଆଦି ଦାବି କରିଥିଲେ। ଦୀର୍ଘ ୩ ଘଣ୍ଟ ରାସ୍ତା ଅବରୋଧ ପରେ ତିର୍ତ୍ତୋଲ ତହସିଲଦାର ଓ ତିର୍ତ୍ତୋଲ ଥାନା ଅଧିକାରୀ ଘଟଣାସ୍ଥଳରେ ପହଞ୍ଚି ଗ୍ରାମବାସୀଙ୍କୁ ବୁଝାସୁଝା କରିବା ପରେ ରାସ୍ତା ଅବରୋଧ ହଟିଥିଲା।

## ଦୁଃସାହସିକ 'ବାଇସାଇକଲ ଟୁରିଙ୍ଗ୍ ଆଣ୍ଡ ହାଇକିଂ' ଶିବିର ଉଦ୍‌ଯାପିତ





**ଜଗତସିଂହପୁର, ୧୩।୬(ସମିସ):** ନିଳେ ଝଣ୍ଡେୱାଲେ ଓପନ ୟୁନିଟ୍ ଭାରତ ସ୍କାଉଟ୍ ଆଣ୍ଡ ଗାଇଡ ତରଫରୁ ଚାରିଦିନିଆ ବାଇସାଇକଲ ଟୁରିଙ୍ଗ ଆଣ୍ଡ ହାଇକିଂ ଶିବିର ପାଳିତ ହୋଇଯାଇଛି। ଏହି ଶିବିରରେ ୟୁନିଟ୍ ଲିଡର ବିଜୟ କୁମାର ରଥଙ୍କ ପ୍ରତ୍ୟକ୍ଷ ତତ୍ତ୍ୱବଧାନରେ ଭାରପ୍ରାପ୍ତ ରୋଭର୍ ଲିଡର ଆଶୁତୋଷ ପଣ୍ଡାଙ୍କ ନେତୃତ୍ୱରେ ଏକ ଆଠ ଜଣିଆ ରୋଭର ଟିମ୍ (ସୁସ୍ଥ ପରିବେଶ ସୁସ୍ଥ ମନୁଷ୍ୟ )ର ବାର୍ତ୍ତାକୁ ନେଇ ଗତ ୧୦ ତାରିଖ ସୋମବାର ଦିନ ଜଗତସିଂହପୁରର ଅଳକା ଆଶ୍ରମ ଠାରୁ ବାହାରି କୋଣାର୍କ, ପୁରୀ, ସାକ୍ଷୀଗୋପାଳ, ପିପିଲି, ଧଉଳି ଶାନ୍ତି ସ୍ତୁପ, ଭୁବନେଶ୍ୱର ସ୍କାଉଟ୍ ଗାଇଡ ରାଜ୍ୟ ମୁଖ୍ୟାଳୟ ଦେଇ ପୁନଶ୍ଚ ଅଳକା ଆଶ୍ରମରେ ଆଜି ଗୁରୁବାର ଦିନ ପହଞ୍ଚିଥିଲା। ଏହି ରୋଭର ଟିମ୍ କୋଣାର୍କ ମନ୍ଦିର, ରାମଚଣ୍ଡୀ, ପୁରୀ ଜଗନ୍ନାଥ ମନ୍ଦିର, ସାକ୍ଷୀଗୋପାଳ, ସତ୍ୟବାଦୀ ବନ ବିଦ୍ୟାଳୟ, ଉତ୍କଳମଣି ଗୋପବନ୍ଧୁ ଦାସଙ୍କ ଜନ୍ମ ପୀଠ ସୁଆଣ୍ଡୋ ମ୍ୟୁଜିୟମ୍,ଧଉଳି ଶାନ୍ତି ସ୍ତୁପ , ରାମ ମନ୍ଦିର ଇତ୍ୟାଦି ଦୀର୍ଘ ୩୦୦ କିଲୋମିଟର ଦୁଃସାହସିକ ଭାବରେ ସାଇକଲରେ ପରିଭ୍ରମଣ କରିଥିଲେ।ଏହି ଶିବିରରେ ରୋଭର ଆକାଶ, ସନ୍ତୋଷ, ମିତେଶ, ଦେବାଶିଷ, ମାନସ, ବିଶ୍ୱରଞ୍ଜନ, ବିଶ୍ୱଜିତ୍ ସାମିଲ ହୋଇଥିଲେ। ଏହି ଶିବିରକୁ ସଫଳ କରିବା ପାଇଁ ଜଗତସିଂହପୁର ଜିଲ୍ଲା ଶିକ୍ଷା ଅଧିକାରୀ ନିରଞ୍ଜନ ବେହେରା ଓ ଜିଲ୍ଲା ସ୍କାଉଟ୍ ଓ ଗାଇଡର ସଂପାଦକ ତଥା ଜିଲ୍ଲା ଶାରୀରିକ ଶିକ୍ଷା ଅଧିକାରୀ ବିଦ୍ୟାଧର ପ୍ରଧାନ , ଆଡଭାଇଜରି କମିଟିର ସଦସ୍ୟ/ସଦସ୍ୟା ସୁବାସ ଚନ୍ଦ୍ର ରାଉତ, ପ୍ରତାପ ଚନ୍ଦ୍ର ରାଉତରାୟ,ଅମୂଲ୍ୟ କୁମାର ମିଶ୍ର,ଅତୁଳ ବିକ୍ରମ ପ୍ରଧାନ, ଅଞ୍ଜନ୍ କୁମାର ସାହୁ, ସରତ ଚନ୍ଦ୍ର ବାରିକ, ଅଜୟ କୁମାର ଗୋଛାୟତ,ଦାମୋଦର ପଣ୍ଡା, ହରେକୃଷ୍ଣ ଲେଙ୍କା, ସରିତ୍ ମହାପାତ୍ର,ସ୍ମୃତିରଞ୍ଜନ ସ୍ୱାଇଁ,ଅକ୍ଷୟ କୁମାର ଭଦ୍ର,ସନାତନ ଖୁଣ୍ଟିଆ,ରାକେଶ ରୋସନ୍ ସାହୁ, ବାବାଜୀ ଚରଣ ସାହୁ, ସୁଚିସ୍ମିତା ସ୍ୱାଇଁ ପ୍ରମୁଖ ସହାୟତାର ହାତ ବଢ଼େଇ ଥିଲେ।

## ମହିମା ଅଲେଖ ମାନବ ସେବା ସମିତିର ବାର୍ଷିକ ସମାବେଶ

**କୁଜଙ୍ଗ,୧୩।୬(ସମିସ):** ଅସହାୟ ପିଲାଙ୍କୁ ପାଠପଢାରେ ସହଯୋଗ ସହ ଜୀନବ ପାଇଁ ନୂଆ ରାହା ଯୋଗାଇ ଦେଇଆସୁଥିବା ଅଗପାଳର ମହିମା ଅଲେଖ ମାନବ ସେବା ସମିତିର ଏକ ବୈଠକ ଓ ସମାବେଶ ବାଲିଆ ମହିମା ମଠ ପରିସରରେ ସଭାପତି ଶିକ୍ଷାବିତ୍ ଶେଷଦେବ ସ୍ୱାଇଁଙ୍କ ପୌରୋହିତ୍ୟରେ ଅନୁଷ୍ଠିତ ହୋଇଯାଇଛି। ସମିତିର ମୁଖ୍ୟ ଉପଦେଷ୍ଟା ତଥା ମାର୍ଗଦର୍ଶକ ସାଧୁ ସୁଦର୍ଶନ ଦାସ ଯୋଗଦେଇ ସହଯୋଗ, ଭରଷା ଓ ସମର୍ପଣର ପରିଭାଷା



ବୁଝାଇବା ସହ ଆଜିର ସମୟରେ ପ୍ରଚାର ସର୍ବସ୍ୱ ଦୁନିଆରେ ନିରୁତା ସେବା ଓ ତ୍ୟାଗ ସେପରି ଦେଖିବାକୁ ମିଳୁ ନ ଥିବାବେଳେ ସମିତିର ସଦସ୍ୟ ନିରନ୍ତର ଅସହାୟ ଓ ଅନାଥ ପିଲାଙ୍କୁ ସହଯୋଗ କରିବା ସହ ସେମାନଙ୍କ ଭରଷା ପାଲଟିବା ଏକ ଐଶ୍ୱରୀୟ ଅନୁଭୂତି ବୋଲି କହିଥିଲେ। ଏ ଅବସରରେ ସମିତିର ସହସମ୍ପାଦକ ଯୁବ ସମାଜସେବୀ ତପନ କୁମାର ମହାନ୍ତି, ସହ-ଉପଦେଷ୍ଟା ସାଧୁ ଅନମ ଦାସ, ସମିତିର ସଦସ୍ୟ ଗୋପୀନାଥ ଶତପଥୀ, ଧନେଶ୍ୱର ସାହୁ, କ୍ଷୀର ମହାପାତ୍ର, ମମତା ସାହୁ, ଦାମୋଦର ନାଥ, ରାଜେନ୍ଦ୍ର ସାହୁ ସମିତିର ବହୁ ସଦସ୍ୟ ଉପସ୍ଥିତ ଥିଲେ। ସମ୍ପାଦକ ବିଭୂତି ଭୂଷଣ ଦାସ ଗତ ଅଷ୍ଟମ ଅଧିବେଶନର ବିବରଣୀ ପାଠ କରିଥିବାବେଳେ ଆଗାମୀ କାର୍ଯ୍ୟପନ୍ଥା ଓ ଆଜିର ଅଧିବେଶନ ପାଇଁ ଧନ୍ୟବାଦ ଅର୍ପଣ କରିଥିଲେ। ଏ ପରିପ୍ରେକ୍ଷୀରେ ସମିତି ପକ୍ଷରୁ ୧୨ ଜଣ ଅସହାୟ ବିଦ୍ୟାର୍ଥୀଙ୍କୁ ପାଠପଢା ସ୍ଥିତି ନେଇ ସମୀକ୍ଷା କରାଯିବା, ମେଧାବୀ ଅସହାୟ ଛାତ୍ରଛାତ୍ରୀଙ୍କୁ ପାଠ୍ୟ ଉପକରଣ ସହ ପାଠପଢା ଖର୍ଚ୍ଚ ସମିତି ବହନ କରିବ ବୋଲି ସ୍ଥିର କରାଯାଇଥିଲା। ପରିଶେଷରେ ସାଧୁ ସୁଦର୍ଶନ ଦାସ ସେବାକୁ ନେଇ ନିଜର ବହୁ ଅଲୌକିକ ଅନୁଭୂତି କହିବା ସହ ମହିମା ସ୍ୱାମୀ ଓ ଲିଳାମୟ ଇଚ୍ଛା ପୂରଣ ହେଉ ବୋଲି ଆଶୀର୍ବଚନ ସହ ସ୍ୱତନ୍ତ୍ର ପ୍ରାର୍ଥନା ପରେ ସମାବେଶ ଉଦ୍‌ଯାପିତ ହୋଇଥିଲା। ଏହି ଅଧିବେଶନରେ ବରଗଡ ଜିଲ୍ଲା ପାଇକମାଳ ବ୍ଲକ ତେରଗାଁ ଝାଞ୍ଜର ଛାତ୍ର ମାଧବ ପ୍ରଧାନ ଓ ଜିଲ୍ଲାର ଶୁଭସ୍ମିତା ସାହୁ ତାଙ୍କ ପାଠ ପଢାରେ ସହାୟତା ସମିତି ପକ୍ଷରୁ ନୂତନ ସଦସ୍ୟା ରୂପେ ଗ୍ରହଣ କରାଯାଇଥିଲା। ପରେ ପ୍ରତିଟି ସସହାୟ ପିଲାଙ୍କୁ ସମିତିର ପ୍ରତି ସଦସ୍ୟ ପୋଷ୍ୟ ସଦସ୍ୟ ରୂପେ ଗ୍ରହଣ କରିବା ସହ ତାଙ୍କ ପାଠପଢା ଓ ସ୍ୱାସ୍ଥ୍ୟ ସ୍ଥିତି ନେଇ ନଜର ରଖିବାକୁ ନିଷ୍ପତ୍ତି ହୋଇଥିଲା।

## ଆଜିଠୁ ସମୁଦ୍ରକୁ ମାଛ ଧରିବାକୁ ଯିବେ ମତ୍ସ୍ୟଜୀବୀ

**ପାରାଦୀପ, ୧୩।୬ (ସମିସ) :** ୧୪ ଜୁନରୁ ସମୁଦ୍ରରୁ ମାଛ ମାରିବା କଟକଣା ଉଠିଲା।୨ ମାସ ଧରି ବନ୍ଦ ରହିଥିବା ଏହି କଟକଣା ଜୁନ ୧୪ ରାତି ୧୨ ଟା ପର୍ଯ୍ୟନ୍ତ ରହିଥିଲା।ଗତ ଏପ୍ରିଲ ୧୫ ତାରିଖରୁ ଜୁନ ୧୪ ପର୍ଯ୍ୟନ୍ତ ଏହି କଟକଣା ଲାଗୁ ହୁଏ। ଏହା ଭାରତ ସରକାରଙ୍କ ପକ୍ଷରୁ ଲାଗୁ କରାଯାଇଥାଏ।ବଙ୍ଗୋପସାଗରରେ ବେ ଅଫ ବେଙ୍ଗଲର ଯେତେ ମାଛଧରା ବନ୍ଦର ରହିଛି ସବୁ ମାଛଧରା ବନ୍ଦରରେ ଏହା ଲାଗୁ କରାଯାଇଛି।ଆନ୍ଧ୍ର ପ୍ରଦେଶ ନେଇକି ଓଡିଶା ୱେଷ୍ଟ ବେଙ୍ଗଲ ସବୁ ମାଛଧରା ବନ୍ଦରରେ ଏହି ଦୁଇ ମାସ ମାଛଧରା ବନ୍ଦ ରହେ।ପୁଣି ଯେତେବେଳେ କଟକଣା ସମୟ ସରିଯାଏ, ମାଛ ମାରିବାକୁ ମତ୍ସ୍ୟଜୀବୀ ବୋର୍ଟ ବା ଡଙ୍ଗା ନେଇ ସମୁଦ୍ର ମଧକୁ ଯିବା ନେଇ ପ୍ରସ୍ତୁତି ହୁଏ ସେତେବେଳେ ଧନ ଜୀବନ ରକ୍ଷା କରିବା ଓ ବୋର୍ଟ କିଭଳି ସୁରକ୍ଷା ରେ ରହିବ, ମତ୍ସ୍ୟଜୀବୀ କିଭଳି ସୁରକ୍ଷିତ ରହିବେ ସେ ନେଇ ମାଛଧରା ବନ୍ଦର ମଧରେ ମତ୍ସ୍ୟ ବ୍ୟବସାୟୀ ମାନେ ଏକ ଯଜ୍ଞର ଆୟୋଜନ କରିଥାନ୍ତି। ଏହି ଯଜ୍ଞ ତିନିଦିନ ଧରି ଚାଲେ।ଶେଷ ଦିନ ପୂର୍ଣ୍ଣାହୁତି ପରେ ବୋର୍ଟ ବା ଡଙ୍ଗା ଗୁଡିକ ମାଛ ମାରିବା ପାଇଁ ସମୁଦ୍ରକୁ ବାହାରି ଯାନ୍ତି।ଆଜି ହେଉଛି ପୂର୍ଣ୍ଣାହୁତିର ଦିନ। ହଜାର ହଜାର ମତ୍ସ୍ୟଜୀବୀ ଏହି ପୂର୍ଣ୍ଣାହୁତିରେ ଉପସ୍ଥିତ ରହି ସମସ୍ତଙ୍କର ମଙ୍ଗଳ କାମନା କରିଥିଲେ।ପ୍ରାୟ ୧ ଲକ୍ଷରୁ ଉଦ୍ଧ୍ୱର୍ ମତ୍ସ୍ୟଜୀବୀ ସମୁଦ୍ର ମଧକୁ ମାଛ ମାରିବାକୁ ଯିବା ନେଇ ପ୍ରସ୍ତୁତ ହେଉଥିବା ପାରାଦୀପ ମତ୍ସ୍ୟ ବ୍ୟବସାୟୀ ସଂଘର ସଭାପତି ଶ୍ରୀକାନ୍ତ ପରିଡା ସୂଚନା ଦେଇଛନ୍ତି।ସମସ୍ତ ମତ୍ସ୍ୟଜୀବୀଙ୍କ ଶୁଭ କାମନା କରିବା ସହିତ ସମସ୍ତେ ସୁରକ୍ଷିତ ରହିବା ପାଇଁ ସଙ୍ଘର ସଭାପତି ଶ୍ରୀକାନ୍ତ ପରିଡା ଓ ସାଧାରଣ ସମ୍ପାଦକ ଅରବିନ୍ଦ ସ୍ୱାଇଁ ଜଣାଇଛନ୍ତି।



## ପ୍ରଫୁଲ୍ଲ ପାଠାଗାରରେ ଶିଶୁ ଶ୍ରମିକ ନିରୋଧ ଦିବସ ପାଳିତ

**ଜଗତସିଂହପୁର,୧୩।୬(ସମିସ):** ସ୍ଥାନୀୟ ପୁରୁଣାଗଡସ୍ଥିତ ପ୍ରଫୁଲ୍ଲ ପାଠାଗାର ପକ୍ଷରୁ ବିଶ୍ୱ ଶିଶୁ ଶ୍ରମିକ ନିରୋଧ ଦିବସ ପାଳିତ ହୋଇଯାଇଛି। ପାଠାଗାରର ସଭାପତି ଶିକ୍ଷାବିତ୍ ରବୀନ୍ଦ୍ର ନାଥ ତ୍ରିପାଠୀ ଏଥିରେ ସଭାପତିତ୍ୱ କରି ଶିଶୁ ଶ୍ରମିକ ପ୍ରଥା କେବଳ ଆମ ଦେଶ ପାଇଁ ନୁହେଁ , ସାରା ବିଶ୍ୱ ପାଇଁ ଏକ ଆହ୍ୱାନ ବୋଲି କହିଥିଲେ। ମୁଖ୍ୟ ଆଲୋଚକ ଭାବେ ଅବସରପ୍ରାପ୍ତ ଅଧ୍ୟାପକ ହିମାଂଶୁ ଆଚାର୍ଯ୍ୟ ଆଲୋଚନାରେ ଅଂଶଗ୍ରହଣ କରି ପ୍ରତିବର୍ଷ ଜୁନ ୧୨ ତାରିଖକୁ ବିଶ୍ୱ ଶିଶୁ ଶ୍ରମିକ ଦିବସ ପାଳିତ ହୋଇ ଆସୁଅଛି। ଏହି ଦିବସର ମୁଖ୍ୟ ଉଦ୍ଦେଶ୍ୟ ହେଲା ଜନସଚେତନତା ସୃଷ୍ଟି କରି ଶିଶୁମାନଙ୍କ ଦୁର୍ଦ୍ଦଶାକୁ ଲୋକଲୋଚନକୁ ଆଣିବା। ଅନ୍ୟତମ ଆଲୋଚକ ଭାବେ ଶିକ୍ଷାବିତ୍ ବଂଶୀଧର ଆଚାର୍ଯ୍ୟ ତାଙ୍କ ବକ୍ତବ୍ୟରେ ବିଭିନ୍ନ ଯୋଜନା ପ୍ରଣୟନ ସତ୍ତ୍ୱେଓ୍ୱର୍ ଶିଶୁ ଶ୍ରମିକ ବ୍ୟବସ୍ଥା ଅଦ୍ୟାବଧି ଦୂର ହୋଇପାରିନାହିଁ ବୋଲି କହି କ୍ଷୋଭପ୍ରକାଶ କରିଥିଲେ। ଅନ୍ୟମାନଙ୍କ ମଧରେ ଅଧ୍ୟାପକ ଲକ୍ଷ୍ମୀଧର ପ୍ରଧାନ, ଶିକ୍ଷାବିତ୍ ସତ୍ୟବାଦୀ ଦାସ, ରମେଶ ସାହୁ , ବ୍ରହ୍ମାନନ୍ଦ ତ୍ରିପାଠୀ ଓ ପାଠାଗାର ସମ୍ପାଦକ ସୁରେନ୍ଦ୍ର ରାୟ ପ୍ରମୁଖ ଆଲୋଚନାରେ



ଅଂଶ ଗ୍ରହଣ କରି ଶିଶୁମାନଙ୍କ ଠାରୁ ସେମାନଙ୍କ ସ୍ୱପ୍ନକୁ ଛଡାଇ ନଦେବାକୁ ଏ ଦିଗରେ ସମସ୍ତଙ୍କର ସହଯୋଗ ଓ ସହଭାଗିତା ବୋଲି କହିଥିଲେ। ଶେଷରେ ପାଠାଗାରର ଉପଦେଷ୍ଟା ବିଜୟ କୁମାର ପତି ଧନ୍ୟବାଦ ଦେଇଥିଲେ।

## ସଅଁରାରୁ ଶାରଳା ପୀଠକୁ ପ୍ରବେଶ ପଥରେ ଫାଟକ ନିର୍ମାଣ ଦାବି

**ଜଗତସିଂହପୁର,୧୩।୬(ସମିସ):**

ଜଗତସିଂହପୁର -ଜଇପୁର ରାସ୍ତାର ସଅଁରା ଛକରୁ ଶାରଳା ପୀଠକୁ ପ୍ରବେଶ ପଥରେ ଫାଟକ ନିର୍ମାଣ ପାଇଁ ଆଶୀର୍ବାଦ ସେବା ସଂଗଠନ ପକ୍ଷରୁ ଜିଲ୍ଲାପାଳଙ୍କ ନିକଟରେ ଦାବି କରାଯାଇଛି । ଏହାଦ୍ୱାରା ପର୍ଯ୍ୟଟନର ବିକାଶ ହେବା ସହିତ ବହୁ ବ୍ୟକ୍ତିଙ୍କୁ ଏହି ପୀଠକୁ ଆସିବାକୁ ଆକୃଷ୍ଟ କରାଯାଇ ପାରିବ ବୋଲି ସେମାନେ ଦାବି କରିଛନ୍ତି। ସଂଗଠନର ଦାବି ଅନୁସାରେ, ପ୍ରାଚୀନ ଶକ୍ତିପୀଠ ମାନଙ୍କ ମଧରେ ଝଙ୍କଡ଼ର ମା ଶାରଳାଙ୍କ ପୀଠ ରାଜ୍ୟରେ ପ୍ରସିଦ୍ଧି ଲାଭ କରିଛି। ଏହି ପୀଠକୁ ପ୍ରତିଦିନ ଦିନ ବିଭିନ୍ନ ଦିଗରୁ ଶହ ଶହ ଭକ୍ତ ଦର୍ଶନ ପାଇଁ ଆସିଥାନ୍ତି। ଏହି ମନ୍ଦିରକୁ ଦୁଇଟି



ମୁଖ୍ୟ ପ୍ରବେଶ ପଥ ରହିଛି। ଗୋଟିଏ ପଥ କଟକ- ପାରାଦୀପ ଜାତୀୟ ରାଜପଥରେ ହୋଇଥିବା ବେଳେ ଆଉ ଗୋଟିଏ ଜଗତସିଂହପୁର- ଜଇପୁର ରାସ୍ତାର ସଅଁରା ଛକ ନିକଟରେ ଅଛି। ତେବେ ମା ଶାରଳାଙ୍କ ପୀଠକୁ ଜଗତସିଂହପୁର ଜିଲ୍ଲା ସମେତ ପୁରୀ, ଖୋର୍ଦ୍ଧା,କଟକ, ଜିଲ୍ଲାର ଜନସାଧାରଣ ସାଁରା ଛକ ଦେଇ ପ୍ରବେଶ କରନ୍ତି। ତେବେ ଏହିପଥରେ ସଦୃଶ୍ୟ ଫାଟକ ନିର୍ମାଣ ହେଲେ ଏହା ଶ୍ରଦ୍ଧାଳୁ ଭକ୍ତଙ୍କୁ ପର୍ଯ୍ୟଟକ ମାନଙ୍କୁ ଆକର୍ଷିତ କରିପାରିବ।ଏହି ପ୍ରବେଶ ପଥରେ ଫାଟକ ନିର୍ମାଣ ପାଇଁ ଆଜି ଜିଲ୍ଲାର ଅଗ୍ରଣୀ ସ୍ୱେଚ୍ଛାସେବୀ ଅନୁଷ୍ଠାନ ଆଶୀର୍ବାଦ ସେବା ସଂଗଠନର ସଭାପତି ଜଗନ୍ନାଥ ବେହେରାଙ୍କ ସମେତ ଜୟରାମ ସ୍ୱାଇଁ,ସୀମା ଭୋଇ, ସମର ଭୋଇ, ପବିତ୍ର ଦାସ, ଧରଣୀଧର ଦାସ, ସାମାଜିକ କର୍ମୀ ଗୋବିନ୍ଦ ଓଝା, ବ୍ରହ୍ମାନନ୍ଦ ରାଉତ, ପ୍ରମୁଖ ଦାବିପତ୍ର ପ୍ରଦାନ କରି ଥିଲେ।

■ ପ୍ରାକୃତିକ ବିପର୍ଯ୍ୟୟ ମୁକାବିଲା ପ୍ରସ୍ତୁତି ବୈଠକ

# ଯେକୌଣସି ପ୍ରତିସ୍ଥିତିର ମୁକାବିଲା ପାଇଁ ପ୍ରସ୍ତୁତ ରହିବାକୁ ନିର୍ଦ୍ଦେଶ

**ଢେଙ୍କାନାଳ, ୧୩।୬(ସମିସ):** ସ୍ଥାନୀୟ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟସ୍ଥିତ ଓସୱାନ ହଲଠାରେ ଆଭାସୀ ମାଧ୍ୟମରେ ଜିଲ୍ଲାରେ ବନ୍ୟା ଓ ବାତ୍ୟା ଭଳି ପ୍ରାକୃତିକ ବିପର୍ଯ୍ୟୟର ମୁକାବିଲା ନିମନ୍ତେ ଜିଲ୍ଲାସ୍ତରୀୟ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି। ଏହି ବୈଠକରେ ସଦର ବିଧାୟକ ତଥା ମନ୍ତ୍ରୀ କୃଷ୍ଣଚନ୍ଦ୍ର ପାତ୍ରଙ୍କ ପ୍ରତିନିଧି ରାମଚନ୍ଦ୍ର ପାତ୍ର, କାମାକ୍ଷାନଗର ବିଧାୟକ ଶତ୍ରୁଘ୍ନ ଜେନା, ପରଜଙ୍ଗ ବିଧାୟକ ବିଭୂତି ପ୍ରଧାନ, ଜିଲ୍ଲା ପରିଷଦ ଅଧ୍ୟକ୍ଷା ଅର୍ଚ୍ଚନା ପୁହାଣ ଏବଂ ସମ୍ପୃକ୍ତ ଲାଇନ ବିଭାଗର ଅଧିକାରୀମାନେ ଯୋଗଦେଇଥିଲେ। ଜୁନରୁ ଅକ୍ଟୋବର ମାସ ମଧ୍ୟରେ ବିଭିନ୍ନ ପ୍ରକାରର ପ୍ରାକୃତିକ ବିପର୍ଯ୍ୟୟ ଆସିବାର ଆଶଙ୍କା ଥିବାରୁ ପୂର୍ବ ସୂଚନା ଅନୁସାରେ ପ୍ରତ୍ୟେକ ସ୍ତରରେ ସମସ୍ତେ ସତର୍କ ଓ ସଚେତନ ହୋଇ ମୁକାବିଲା କରିବା ନିମନ୍ତେ ପ୍ରସ୍ତୁତ ରହିବାକୁ ଜିଲ୍ଲାପାଳ ଅମ୍ରିତ ରୁତୁରାଜ ନିର୍ଦ୍ଦେଶ ଦେଇଛନ୍ତି। ଆସନ୍ତା ୨୦ତାରିଖ ମଧ୍ୟରେ ସହରାଞ୍ଚଳରେ ଥିବା ସମସ୍ତ ଡ୍ରେନ୍ ଯେପରି ସଫା ହୋଇ ଅବରୋଧମୁକ୍ତ ରହିବ ସେଥିପ୍ରତି ଯତ୍ନବାନ ହେବାକୁ ସମସ୍ତ ଉପଜିଲ୍ଲାପାଳ ଓ ନିର୍ବାହୀ ଅଧିକାରୀଙ୍କୁ ନିର୍ଦ୍ଦେଶ ଦେଇଛନ୍ତି। ଆବଶ୍ୟକ ପରିମାଣର ପଲିଥିନ ମହଜୁଦ ରଖିବା ସହିତ ଗଁଦିଆ ଓ ଭୁବନର ଖାଲୁଆ ଅଞ୍ଚଳରେ ବନ୍ୟାଜଳ ପ୍ରବେଶ କରିବାର ଆଶଙ୍କା ଥିବାରୁ ସେଥିପ୍ରତି ବିଶେଷ ଧ୍ୟାନ ଦେବାକୁ ସେ କହିଛନ୍ତି। ସତର୍କ ସୂଚନା ମିଳିଲେ ଯଥାଶୀଘ୍ର ଲୋକମାନଙ୍କୁ ସ୍ଥାନାନ୍ତରଣ କରିବାର ବ୍ୟବସ୍ଥା କରିବା ସହ ଶୁଖିଲା ଖାଦ୍ୟ, ପାନୀୟ ଜଳ, ଅତ୍ୟାବଶ୍ୟକ ଔଷଧ, କିରାସିନି, ପ୍ରାଣୀ ସମ୍ପଦଙ୍କ ନିମନ୍ତେ ଖାଦ୍ୟ ଆଦି ପୂର୍ବପ୍ରସ୍ତୁତ ବହୁମୁଖୀ ଆଶ୍ରୟସ୍ଥଳୀ ଗୁଡିକରେ ମହଜୁଦ ରଖି ପ୍ରସ୍ତୁତ ରହିବାକୁ ଜିଲ୍ଲାପାଳ ବିଭାଗୀୟ ଅଧିକାରୀମାନଙ୍କୁ ନିର୍ଦ୍ଦେଶ ଦେଇଛନ୍ତି। କୌଣସି ଅଞ୍ଚଳ ବନ୍ୟା କିମ୍ବା ବାତ୍ୟାରେ ପ୍ରଭାବିତ ହେଲେ ତୁରନ୍ତ ରାସ୍ତାଘାଟକୁ ଗମନାଗମନ ଉପଯୋଗ କରିବା ନିମନ୍ତେ ଅଗ୍ନିଶମ ବିଭାଗ ଜରୁରୀକାଳୀନ ସାମଗ୍ରୀ ଓ ଯନ୍ତ୍ରପାତି ସହିତ ପ୍ରସ୍ତୁତ ରହିବାକୁ ନିର୍ଦ୍ଦେଶ ଦେଇଛନ୍ତି। ପ୍ରାକୃତିକ ବିପର୍ଯ୍ୟୟ ଦ୍ୱାରା ଯେପରି କୌଣସି ଧନଜୀବନ କ୍ଷୟକ୍ଷତି ନଘଟେ ସେଥିପାଇଁ ବ୍ଲକ, ଏନଏସି ଏବଂ ଜିଲ୍ଲାସ୍ତରରେ ଜନସାଧାରଣଙ୍କୁ ସଚେତନ କରାଇ ନିଜକୁ ଏବଂ ଅନ୍ୟମାନଙ୍କୁ ସୁରକ୍ଷିତ ରଖିବା ନିମନ୍ତେ ମକ୍ ଡ୍ରିଲ କରାଇ ପ୍ରଶିକ୍ଷଣ ଦିଆଯିବ। ସମ୍ପୃକ୍ତ ଲାଇନ ବିଭାଗ ଅଧିକାରୀ, ବିଡିଓ, ତହସିଲଦାର, ସରପଞ୍ଚ, ପିଆରଆଇ ମେମ୍ବର, ସମ୍ପୃକ୍ତ ଏନଜିଓର କର୍ମକର୍ତ୍ତାମାନେ ପ୍ରସ୍ତୁତ ରହିବାକୁ ଜିଲ୍ଲାପାଳ ନିର୍ଦ୍ଦେଶ ଦେଇଛନ୍ତି। କୌଣସି ପ୍ରକାର ଅସୁବିଧା ଥିଲେ, ସମାଧାନ ପାଇଁ ତୁରନ୍ତ ପ୍ରସ୍ତାବ ଦେବା ନିମନ୍ତେ କହିଛନ୍ତି। ଜିଲ୍ଲାର ସମସ୍ତ ଅଞ୍ଚଳରେ ପାନୀୟ ଜଳ ଯୋଗାଣର ବ୍ୟବସ୍ଥା କରିବା ନିମନ୍ତେ ସେ ବିଭାଗୀୟ ଅଧିକାରୀଙ୍କୁ ନିର୍ଦ୍ଦେଶ ଦେଇଛନ୍ତି। ସହରର ଟାଉନ ପ୍ଲାନିଂ ଅଞ୍ଚଳ ସମେତ ଅନ୍ୟାନ୍ୟ ଅଞ୍ଚଳରେ ବର୍ଷା ସମୟରେ ପାଣି ଜମାହୋଇ ଉପୁଜୁଥିବା ସମସ୍ୟାର ସମାଧାନ କରିବା ନିମନ୍ତେ ବିହିତ ପଦକ୍ଷେପ ଗ୍ରହଣ କରିବାକୁ ନିର୍ଦ୍ଦେଶ ଦେଇଛନ୍ତି। ସମସ୍ତ ପ୍ରକାରର ପ୍ରାକୃତିକ ବିପର୍ଯ୍ୟୟର ମୁକାବିଲା ନିମନ୍ତେ ସମସ୍ତ ବିଭାଗୀୟ ଅଧିକାରୀ ଅଗ୍ରାଧିକାର ଭିତ୍ତିରେ ନିଷ୍ଠାର ସହିତ କାର୍ଯ୍ୟ କରିବାକୁ ଅତିରିକ୍ତ ଜିଲ୍ଲାପାଳ ରମେଶ ଚନ୍ଦ୍ର ସେଠି ପରାମର୍ଶ ଦେଇ ସମସ୍ତଙ୍କୁ ଧନ୍ୟବାଦ ଅର୍ପଣ କରିଥିଲେ।

# ରଜ ପାଇଁ ସଜେଇ ହୋଇଛି ରଞ୍ଜାଗୋଳ ଯାତ୍ରା ପଡ଼ିଆ





ହିନ୍ଦୋଳ,୧୩।୬(ସମିସ)

ରଜ ପାଇଁ ଆରମ୍ଭ ହୋଇଛି ସଜବାଜ। ଗାଁ ଠାରୁ ସହର ସବୁଠି ରଜ ପାଇଁ ଚାଲିଛି ପ୍ରସ୍ତୁତି ଜୋରଦାର। କୁମାରୀମାନେ ରଜ ପାଳନ ପାଇଁ ନୂଆ ପୋଷାକ କିଣିବା, ଦୋଳି ଖେଳିବା,

● ଆକର୍ଷଣ ସାଜିଛି ଭଳିକି ଭଳି ରଜଦୋଳି
● ଉତ୍ସବମୁଖର ହିନ୍ଦୋଳ ଉପଖଣ୍ଡ

ପିଠା ଖାଇବା, ଖେଳକୁଦ କରିବା ଓ ମଉଜ କରିବା ପାଇଁ ସମସ୍ତ ପ୍ରସ୍ତୁତି ଚଳାଇଛନ୍ତି। ରଜରେ କିଣାବିକା ପାଇଁ ଏବେ ବଜାରରେ ଭିଡ଼ ଜମିଥିବା ବେଳେ ଉପଖଣ୍ଡ ରଞ୍ଜାଗୋଳ ରାଜଯାତ୍ରା ଏକ ନିଆରା ପରମ୍ପରା ସୃଷ୍ଟିକରିଛି। ରଜପର୍ବ ଅବସରରେ ହିନ୍ଦୋଳ ଉପଖଣ୍ଡର ପୁରପଲ୍ଲୀ ଉତ୍ସବ ମୁଖର ହୋଇପଡ଼ିଛି। ରଜ ହେଉଛି ଓଡ଼ିଶାର ଗଣପର୍ବ। ଏହାକୁ ସରସ ସୁନ୍ଦର କରିବା ପାଇଁ ଆରମ୍ଭ ହୋଇଛି ସଜବାଜ। ଘରେ ଘରେ ବନ୍ଧୁବାନ୍ଧବ ପହଞ୍ଚି ସାରିଥିବା ବେଳେ ରଜପାନ, ରଜପିଠା ଖାଇ ଆନନ୍ଦ ଉଲ୍ଲାସର ସହିତ ପାଳନ କରୁଛନ୍ତି ଉପଖଣ୍ଡବାସୀ। କେଉଁ ଆବାହମାନ କାଳରୁ ରଞ୍ଜାଗୋଳ ଧୂନି ଘରଠାରେ ପାଳନ ହେଉଛି ରଜପର୍ବ। ଏହି ରାଜଯାତ୍ରା ଚାରିଦିନ ବ୍ୟାପୀ ଅନୁଷ୍ଠିତ ହେବାକୁ ଥିବାବେଳେ ଶୁକ୍ରବାର ହେଉଛି ପହିଲି ରଜ। ଶୁକ୍ରବାରଠାରୁ ଚାରିଦିନ ରାଜଯାତ୍ରା ପାଳନ ହେବ। ରଞ୍ଜାଗୋଳ ଗ୍ରାମ ମୁଣ୍ଡରେ ଥିବା ଧୂନିଘର ଠାରେ ଆଜକୁ ୧ ଶହ ବର୍ଷ ପୂର୍ବରୁ ପାଳନ ହୋଇଆସୁଛି ରଜପର୍ବ। ଏବେବି ଏହି ଯାତ୍ରା ଲୋକଙ୍କୁ ଆକର୍ଷିତ କରିଆସୁଛି। ଏହି ଯାତ୍ରା ଦେଖିବା ପାଇଁ ରାଜ୍ୟ ତଥା ରାଜ୍ୟ ବାହାରୁ ବହୁ ଜନସାଧାରଣଙ୍କ ସମାଗମ ହୁଏ। ଏହି ଯାତ୍ରା ଦେଖିବା ପାଇଁ ଉପଖଣ୍ଡର ବିଭିନ୍ନ ଗ୍ରାମରେ ବନ୍ଧୁବାନ୍ଧବଙ୍କ ସମାଗମ ହୁଏ। ଲୋକମାନେ ସପରିବାରେ ଯାତ୍ରା ବୁଲିବା ସହ ଯାତ୍ରା ପଡ଼ିଆ ମଝିରେ ଥିବା ରଞ୍ଜାଗୋଳ ଗ୍ରାମର ଧୋନିଘର, ବୃନ୍ଦାବତୀ ମନ୍ଦିର, ତ୍ରିନାଥ ମନ୍ଦିର ଓ ସେଠାରେ ଥିବା ବିରାଟକାୟ ବାମ୍ଫିକୁ ମନୋଭରୀ ଉପଭୋଗ କରନ୍ତି। ଯାତ୍ରାରେ କୃଷିଭିତ୍ତିକ, ଝାମ୍ପି, ବାଡ଼ି, କଟୁରୀ ଓ ବିଭିନ୍ନ ପ୍ରକାର କୃଷି ଯନ୍ତ୍ରପାତି ସାଙ୍ଗକୁ ଅଞ୍ଚଳର ମୁଖ୍ୟ ଆକର୍ଷଣ ଆମ୍ବ, ପଣସ, ସପୁରୀ, ତାଳ ଲୋକମାନେ କିଣନ୍ତି। ଯାତ୍ରାରେ ପଡ଼ିଥିବା ମିନାବଜାର ଓ ଯାତ୍ରାରେ ପଡ଼ିଥିବା ବିଭିନ୍ନ ପ୍ରକାର ଦୋଳିକୁ ଲୋକମାନେ ମନୋଭାରୀ ଉପଭୋଗ କରନ୍ତି। ରଜପାନ ଖାଇ ଯୁବକ ଯୁବତୀଙ୍କଠାରୁ ଆରମ୍ଭ କରି ବୃଦ୍ଧ ପର୍ଯ୍ୟନ୍ତ ସମସ୍ତେ ଯାତ୍ରାରେ ମସଗୁଲ ହୁଅନ୍ତି। ରଞ୍ଜାଗୋଳ ଗ୍ରାମର ଯୁବଗୋଷ୍ଠୀ ସମେତ ଉପଖଣ୍ଡର ପ୍ରଶାସନିକ ଅଧିକାରୀ ୩ ଥାନାର ପୁଲିସ ଅଧିକାରୀ ଉପସ୍ଥିତ ରହି କିଭଳି ଯାତ୍ରା ଶାନ୍ତି ଶୃଙ୍ଖଳା ର ସହିତ ଅନୁଷ୍ଠିତ ହୋଇପାରିବ, ସମସ୍ତେ ଲାଗିପଡ଼ିଥିବା ଦେଖିବାକୁ ମିଳିଛି। ଯାତ୍ରା ମଧ୍ୟରେ ଆଲୋକୀକରଣ ବ୍ୟବସ୍ଥା ପଞ୍ଚାୟତ ପକ୍ଷରୁ କରାଯାଇଥିବା ଦେଖିବାକୁ ମିଳିଛି।

■ ପିଲାଙ୍କୁ ମିଳୁନି ଅଣ୍ଡା, ଛତୁଆ

# ଅଙ୍ଗନବାଡ଼ି କର୍ମୀଙ୍କ ବିରୋଧରେ ବିଡିଓଙ୍କୁ ଫେରାଦ

**ଭୁବନ, ୧୩।୬(ସମିସ):** ଢେଙ୍କାନାଳ ଜିଲ୍ଲାର ଭୁବନ ବ୍ଲକ ମାର୍ଥାପୁର ପଞ୍ଚାୟତର ୫ନଂ ଅଙ୍ଗନାବାଡ଼ିର ସାହି ବାସିନ୍ଦା ଅଙ୍ଗନବାଡ଼ି କର୍ମୀ ରତ୍ନାପ୍ରଭା ଦ୍ୱିବେଦୀଙ୍କ କାର୍ଯ୍ୟକଳାପ ତଥା ବ୍ୟବହାରରେ ଅସନ୍ତୋଷ ହୋଇ ଶେଷରେ ତାଙ୍କ ବିରୁଦ୍ଧରେ ଭୁବନ ଗୋଷ୍ଠୀ ଉନ୍ନୟନ ଅଧିକାରୀ କଲ୍ୟାଣ ସୌରଭ ଦାସଙ୍କ ନିକଟରେ ଦରଖାସ୍ତ ପ୍ରଦାନ କରି ତାଙ୍କୁ ବରଖାସ୍ତ ପାଇଁ ଦାବି କରିଛନ୍ତି। ୫ ନଂ. ଅଙ୍ଗନବାଡ଼ି କେନ୍ଦ୍ରଟି ଅନୁସୂଚିତ ଜାତି ତଥା ଅନୁସୂଚିତ ଜନଜାତିର ସାହି



ମଧ୍ୟରେ ଅଛି। ଏହି ସାହିର ଅନେକ ଜନସାଧାରଣ ଦିନ ମଜୁରିଆ ଓ ନିରକ୍ଷର, ଯାହାର ଫାଇଦା ଦୀର୍ଘଦିନ ହେବ ଏହି ଆଙ୍ଗାନାବାଡ଼ି କର୍ମୀ ନେଉଛନ୍ତି ବୋଲି ସାହିବାସିନ୍ଦା ଅଭିଯୋଗ କରିଛନ୍ତି। ସରକାର ଦେଉଥିବା ଅଣ୍ଡା ଓ ଛତୁଆ ଆସୁଥିବା ବେଳେ ସେମାନଙ୍କ ପିଲାଙ୍କୁ ସେଥିରୁ ବଞ୍ଚିତ କରୁଛନ୍ତି। ସେମାନେ ସାଧାରଣ ଅନୁସୂଚିତ ଜାତି ହୋଇଥିବାରୁ ପିଲାମାନଙ୍କୁ ଘୃଣାକରିବା ସହିତ ପାତର ଅନ୍ତର କରି କେନ୍ଦ୍ରରେ ପୁରାଇ ଦେଉ ନଥିବା ଅଭିଯୋଗ ପତ୍ରରେ ଲେଖିଛନ୍ତି। ମମତା କାର୍ଡ ପାଇଁ ୧ ହଜାର ଟଙ୍କା, ଜନ୍ମ ପ୍ରମାଣ ପତ୍ର ପାଇଁ ୫୦୦ ଟଙ୍କା ମାଗୁଥିବାର ସଂଗୀନ ଅଭିଯୋଗ ଆଣିଛନ୍ତି। ବିରୋଧ କଲେ କାହିଁକି ଏତେ ପିଲା ଜନ୍ମ କରୁଛ ବରଂ ଗର୍ଭପାତ କରିଦିଅ ବୋଲି ଉତ୍ତେଜିତ ହୋଇ କହୁଥିବାର ଅଭିଯୋଗ କରୁଛନ୍ତି। ଏ ଘଟଣା ସାହିବାସିନ୍ଦା ଶୁଣିବା ପରେ ଉପରିସ୍ଥ ଅଧିକାରୀଙ୍କୁ ଜଣାଇବାକୁ କହିବାରୁ ଉପରିସ୍ଥ ଅଧିକାରୀଙ୍କୁ ବିଭିନ୍ନ ଅଭଦ୍ର ଭାଷାରେ ଗାଳିଗୁଲଜ କରିବାକୁ ବି ପଛେଇ ନାହାନ୍ତି। ଶେଷରେ ବାଧହୋଇସାହିରକିଛିମହିଳାଭୁବନଗୋଷ୍ଠୀଉନ୍ନୟନଅଧିକାରୀକଲ୍ୟାଣ ସୌରଭ ଦାସଙ୍କ ନିକଟରେ ପହଞ୍ଚି ଏକ ଲିଖିତ ଅଭିଯୋଗ କରିଛନ୍ତି। ଗୋଷ୍ଠୀ ଉନ୍ନୟନ ଅଧିକାରୀ ସମସ୍ତ ଘଟଣା ଶୁଣି ଏହାର ନିରପେକ୍ଷ ତଦନ୍ତ କରିବାକୁ ଶିଶୁ ମଙ୍ଗଳ ଅଧିକାରୀ ଭଗବତୀ ଗୁରୁଙ୍କୁ ନିର୍ଦ୍ଦେଶ ଦେଇଛନ୍ତି।

# କ୍ୟାବିନେଟ ମନ୍ତ୍ରୀ କୃଷ୍ଣଚନ୍ଦ୍ରଙ୍କୁ ଶୁଭେଚ୍ଛା

**ଢେଙ୍କାନାଳ,୧୩।୬(ସମିସ):** ଢେଙ୍କାନାଳ ବିଧାୟକ କୃଷ୍ଣଚନ୍ଦ୍ର ପାତ୍ର ରାଜ୍ୟ ମନ୍ତ୍ରିମଣ୍ଡଳରେ କ୍ୟାବିନେଟ୍ ମନ୍ତ୍ରୀ ପଦ ପାଇଥିବାରୁ ଢେଙ୍କାନାଳ ଜିଲ୍ଲା ବିଜେପି ତରଫରୁ ଲୋକସଭା ସାଂସଦ



ରୁଦ୍ର ନାରାୟଣ ପାଣି, ଜିଲ୍ଲା ସଭାପତି ନରେଶ ଚନ୍ଦ୍ର ମହାପାତ୍ର, ପରଜଙ୍ଗ ବିଧାୟକ ବିଭୂତି ପ୍ରଧାନ, କାମାକ୍ଷାନଗର ବିଧାୟକ ଶତ୍ରୁଘନ ଜେନା, ହିନ୍ଦୋଳ ବିଧାୟିକା ସୀମାରାଣୀ ନାୟକ, ବରିଷ୍ଠ ନେତା ତଥା ପୂର୍ବତନ ମନ୍ତ୍ରୀ ନବୀନ ଚନ୍ଦ୍ର ନାରାୟଣ ଦାସ, ପୂର୍ବତନ ସମବାୟ ରାଜ୍ୟ ସଭାପତି ଅକ୍ଷୟ ମହାନ୍ତି, ପୂର୍ବତନ ଜିଲ୍ଲା ପରିଷଦ ଉପାଧ୍ୟକ୍ଷ କୋଦଣ୍ଡଧର ସାହୁ, ବରିଷ୍ଠ ନେତା ହର୍ଷବର୍ଦ୍ଧନ ସିଂହଦେଓ, ଢେଙ୍କାନାଳ ନଗରପାଳିକା ଜୟନ୍ତୀ ପାତ୍ର, ପୂର୍ବତନ ନଗରପାଳ ସୁନିଲ୍ ଶର୍ମା, ବିଜେପି ରାଜ୍ୟ କୃଷକ ମୋର୍ଚ୍ଚାର ପୂର୍ବତନ ଉପସଭାପତି ରାମଚନ୍ଦ୍ର ପାତ୍ର, ଜିଲ୍ଲା ମିଡିଆ ପ୍ରଭାରୀ ନବକିଶୋର ଗୁରୁ, ଢେଙ୍କାନାଳ ଲୋକସଭା ସଂଯୋଜକ ପ୍ରେମାନନ୍ଦ ଜେନା, ଜିଲ୍ଲା ଉପସଭାପତି ପବିତ୍ର ବିଶ୍ୱାଳ, ମାତୃପ୍ରସାଦ ନନ୍ଦ, ବିଷ୍ଣୁପ୍ରସାଦ ଲେଙ୍କା, ସନାତନ ବେହେରା, ଭାରତୀ ସ୍ୱାଇଁ, ଇତିଶ୍ରୀ ସାହୁ, ଜିଲ୍ଲା ସାଧାରଣ ସମ୍ପାଦକ ରତିକାନ୍ତ ସାହୁ, ରାସବିହାରୀ ବେହେରା, ଜିଲ୍ଲା ଯୁବମୋର୍ଚ୍ଚା ସଭାପତି ମହାଦୀପ ଯଶୋବନ୍ତ ମହିମା, ମହିଳା ମୋର୍ଚ୍ଚା ସଭାନେତ୍ରୀ ମମତା ସ୍ୱାଇଁ, ଓବିସି ମୋର୍ଚ୍ଚା ସଭାପତି ପ୍ରଶାନ୍ତ ପ୍ରଧାନ, କୃଷକ ମୋର୍ଚ୍ଚା ସଭାପତି ସହଦେବ ପୃଷ୍ଟି, ଜିଲ୍ଲା ହରିଜନ ମୋର୍ଚ୍ଚା ସଭାପତି ଲକ୍ଷ୍ମୀଧର ଦଳେଇ, ରାଜ୍ୟ ଯୁବମୋର୍ଚ୍ଚା ସ୍ୱତନ୍ତ୍ର ନିମନ୍ତ୍ରିତ ଅତିଥି ସତ୍ୟ ରଞ୍ଜନ ଭୂୟାଁ, ପୂର୍ବତନ ଜିଲ୍ଲା ସଭାପତି ଦୀପକ ପ୍ରସାଦ ପଟ୍ଟନାୟକ, ବରିଷ୍ଠ ନେତା ରମେଶ ଚନ୍ଦ୍ର ସାମଲ, ପୂର୍ବତନ ଜିଲ୍ଲା ଯୁବମୋର୍ଚ୍ଚା ସଭାପତି ପଦ୍ମଭୂଷଣ ସାହୁ, ନଗରମଣ୍ଡଳ ସଭାପତି ଧ୍ରୁବଚରଣ ସ୍ୱାଇଁ, ପୂର୍ବତନ ସଭାପତି ନିରୋଦ କୁମାର ସାହୁଙ୍କ ସମେତ ବହୁ ନେତୃବୃନ୍ଦ ଓ କାର୍ଯ୍ୟକର୍ତ୍ତା ମନ୍ତ୍ରୀ ଶ୍ରୀ ପାତ୍ରଙ୍କୁ ଅଭିନନ୍ଦନ ଦେବା ସହ ଶୁଭେଚ୍ଛା ଜ୍ଞାପନ କରିଛନ୍ତି।

■ ବିନାନୁମତିରେ କଟାହେଉଛି ବଡ଼ ବଡ଼ ମହୁଲ ଗଛ

# ଠିକାଦାରଙ୍କ ମନମାନି, ଅନ୍ଧାରରେ ବିରାଶାଳ ବନ ବିଭାଗ

**ଢେଙ୍କାନାଳ, ୧୩।୬(ସମିସ):** ବହୁ ପ୍ରତୀକ୍ଷିତ ଡମଶାଳ ନାଳ ଉପରେ ଏକ ନୂତନ ପୋଲ ଏବେ ନିର୍ମାଣାଧୀନ। ଖଣି ଅଞ୍ଚଳକୁ ସଂଯୋଗ କରୁଥିବା ରାସ୍ତା ଅର୍ଥାତ୍ ଯାଜପୁର ଜିଲ୍ଲାର କଳରଙ୍ଗୀ ଖଣିଠାରୁ ଢେଙ୍କାନାଳ ଜିଲ୍ଲାର କାଠପାଳ ମାଇନ୍ସ ପର୍ଯ୍ୟନ୍ତ ରାସ୍ତା ମଧ୍ୟରେ ଏକମାତ୍ର ପ୍ରତିବନ୍ଧକ ଥିବା ବହୁ ପୁରାତନ ଡମଶାଳ ପୋଲ ପ୍ରତିବର୍ଷ ବର୍ଷାଦିନେ ପ୍ରତିବନ୍ଧକ ସୃଷ୍ଟି କରିଆସୁଥିଲା। ଅଳ୍ପକିଛି ବର୍ଷା ହେଲେ ଉପରମୁଣ୍ଡରୁ ଦୁଇଟି ନାଳର ପାଣି ଏହି ପୋଲ ଉପର ଦେଇ ଅତିକ୍ରମ କରିଥାଏ।



ଯାହାଦ୍ୱାରା ପୋଲ ଉପରୁ ବର୍ଷାଜଳ ଅର୍ଥାତ ବଢ଼ିପାଣି ସମ୍ପୂର୍ଣ୍ଣ ନିଷ୍କାସିତ ହେବାଯାଏଁ ଦୁଇ ଜିଲ୍ଲା ମଧ୍ୟରେ ଯୋଗାଯୋଗ ସମ୍ପୂର୍ଣ୍ଣ ବିଚ୍ଛିର୍ଣ୍ଣ ରହିଥାଏ। ଏହାକୁ ନେଇ ସ୍ଥାନୀୟ ଅଧିବାସୀ ବାରମ୍ବାର ରାଜ୍ୟ ସରକାରଙ୍କୁ ଅବଗତି କରିବା ପରେ ରାଜ୍ୟ ସରକାର ଏହି ପୋଲ ବଦଳରେ ଏକ ନୂତନ ପୋଲର ନିର୍ମାଣ ନିମନ୍ତେ ପଦକ୍ଷେପ ନେଇଛନ୍ତି। ଏଠାରେ ଏକ ବିରାଟ ବିଜୁସେତୁ ନିର୍ମାଣ ଚାଲିଛି। ମାତ୍ର ସାଧାରଣ ଲୋକଙ୍କ କହିବା ଅନୁଯାୟୀ ଏହି ପୋଲଟିକୁ ନିର୍ମାଣ କରୁଥିବା ଠିକାଦାର ଏହି ଡମଶାଳ ନାଳ ପଠାରେ ଥିବା ବହୁ ପୁରାତନ ବିଶାଳକାୟ ମହୁଲ ଗଛ ଇତ୍ୟାଦିକୁ ଜେସିବି ମେସିନ ଦ୍ୱାରା ଓପାଡ଼ି ଦେଇଛି। ଏହି ବଡ଼ ବଡ଼ ଗଛକୁ କାଟି ଖଣ୍ଡ ଖଣ୍ଡ କରି ସେଠାରୁ ନେଇଯାଇଥିବା ଅଭିଯୋଗ ଆସିଛି। ତେବେ ସବୁଠାରୁ ଆଶ୍ଚର୍ଯ୍ୟର ବିଷୟ ଯେ, ଏହି ଗଛଗୁଡିକ ଦିବାଲୋକରେ କଟାଯାଉଥିଲେ ସୁଦ୍ଧା ବିରାଶାଳ ବନବିଭାଗ ସେକ୍ସନ ୧ ଏବଂ ବିରାଶାଳ ଆରଆଇ ଚୁପଚାପ ହାତବାନ୍ଧି ବସିଛନ୍ତି। ସମ୍ପୃକ୍ତ ବନବିଭାଗ ତଥା ରାଜସ୍ୱ ବିଭାଗର ବିନା ଅନୁମତିରେ ଗଛଗୁଡିକୁ ଦିବାଲୋକରେ କଟାଯିବା ନିଶ୍ଚିତ ବେଆଇନ କାର୍ଯ୍ୟ ହୋଇଥିଲେ ସୁଦ୍ଧା ବିଭାଗୀୟ ଅଧିକାରୀଙ୍କ ଭୂମିକା ସନ୍ଦେହ ସୃଷ୍ଟି କରୁଛି। ଏନେଇ ବିରାଶାଳ ବନ ଉପଖଣ୍ଡର ବନପାଳ ଦୀପକ କୁମାର ସାହୁଙ୍କ ପ୍ରତିକ୍ରିୟା ଥିଲା ଯେ, ସେ ଉକ୍ତ ଗଛକଟା ସମ୍ବନ୍ଧରେ ସବିଶେଷ ତଥ୍ୟ ସଂଗ୍ରହ କରି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବେ।

# ମୌସୁମୀର ଦେଖାନାହିଁ, ଚାଷୀକୁଳ ହତାଶ

**ଗଁଦିଆ, ୧୩।୬(ସମିସ):** ମଣିଷର ଜୀବନଶୈଳୀ ସିଧାସଳଖ ପ୍ରଭାବିତ ହୋଇଥାଏ ପ୍ରାକୃତିକ ପରିବେଶ ଉପରେ। ଯାହାଦ୍ୱାରା ପାଣିପାଗ ଓ ଜଳ ବାୟୁରେ ପରିବର୍ତ୍ତନ ହୋଇଛି। ଏହି ପରିବର୍ତ୍ତନ ଯୋଗୁଁ କୃଷିକ୍ଷେତ୍ର ଗୁରୁତର ଭାବେ ପ୍ରଭାବିତ ହୋଇଥାଏ। ଢେଙ୍କାନାଳ କୃଷି ଜିଲ୍ଲାରେ ବର୍ଷା ଅଭାବରୁ ଚାଷ କାର୍ଯ୍ୟ ଆଗେଇପାରୁନି। ଚାଷୀମାନେ ଜମି ପ୍ରସ୍ତୁତି କରି ବର୍ଷାକୁ ଅନାଇ ରହିଛନ୍ତି। ଢେଙ୍କାନାଳ କୃଷି ଜିଲ୍ଲା ଅନ୍ତର୍ଗତ ଗନ୍ଦିଆ ବ୍ଲକରେ ଖରିଫ ଋତୁରେ ବ୍ୟାପକ ଧାନ ଚାଷ କରାଯାଇଥାଏ। ଧାନଚାଷ ପାଇଁ କୃଷି ବିଭଗ ତରଫରୁ ବିଭିନ୍ନ ପ୍ରାଥମିକ କୃଷି ସେବା ସମବାୟ ସମିତିରେ ଚାଷୀମାନଙ୍କ ପାଇଁ ବିହନ ମହଜୁଦ ରହିଥିଲେ ହିଁ ଚାଷକାମ ଧିମେଇ ଯାଇଛି। ପୂର୍ବରୁ ଚାଷଜମିରେ ଚାଷୀ ଖତ ପକାଇ ବର୍ଷାକୁ ଅପେକ୍ଷା କରିଛନ୍ତି। ରଜ ପୂର୍ବରୁ ଚାଷୀମାନେ ଧାନ ବିଲକୁ ପ୍ରସ୍ତୁତ କରି ବୁଣାବୁଣି କାମ ଶେଷ କରିଥାନ୍ତି। କାଁ ଭାଁ କେତେକ ଅଞ୍ଚଳରେ ଧାନବୁଣା ଆରମ୍ଭ ହୋଇଥିବା ବେଳେ ଏପର୍ଯ୍ୟନ୍ତ କେତେକ ଜାଗାରେ ତାଳି ପଡ଼ିନାହିଁ। ଧାନ ଚାଷ ସହିତ କ୍ଷୁଦ୍ର ଶସ୍ୟଜାତୀୟ ଫସଲ ପାଇଁ କ୍ଷେତ ପ୍ରସ୍ତୁତି ହୋଇଛି। ସମସ୍ତ ପ୍ରକାର ଚାଷ ପାଇଁ ବର୍ଷାଜଳ ଉପରେ ଚାଷୀମାନେ ନିର୍ଭଳଶୀଳ। ଚଳିତ ବର୍ଷ ମୌସୁମୀ ଆସିବାରେ ବିଳମ୍ବ ଯୋଗୁଁ ଚାଷକାମ ବାଧାପ୍ରାପ୍ତ ହୋଇଥିବା ଜଣାପଡ଼ିଛି। କୃଷି ବିଭାଗ ପକ୍ଷରୁ ବିହନ ଓ ସାର ମହଜୁଦ ଥିବା ନେଇ ସୂଚନା ମିଳିଥିବା ବେଳେ ପାଣିପାଗରେ ଅନିୟମିତ ଚାଷୀମାନଙ୍କୁ ଆଶା ଓ ଆଶଙ୍କାରେ ପକାଇଦେଇଛି।

# କର୍ମଚାରୀଙ୍କ ବିୟୋଗରେ ଶୋକ

**ହିନ୍ଦୋଳ, ୧୩।୬(ସମିସ) :** ଢେଙ୍କାନାଳ ଜିଲ୍ଲାର ହିନ୍ଦୋଳ ଉପଖଣ୍ଡର ସର୍ବପୁରାତନ ହିନ୍ଦୋଳ ହାଇସ୍କୁଲର ପୂର୍ବତନ କର୍ମଚାରୀଙ୍କ ବିୟୋଗରେ ହିନ୍ଦୋଳ ସହରରେ ଶୋକର ଛାୟା ଖେଳିଯାଇଛି। ପୂର୍ବରୁ ଥିବା ହିନ୍ଦୋଳ ହାଇସ୍କୁଲ ଓ ବାଳିକା ଉଚ୍ଚବିଦ୍ୟାଳୟ କିଛିବର୍ଷ ପୂର୍ବେ ମିଶି ହିନ୍ଦୋଳ ଉଚ୍ଚ ବିଦ୍ୟାଳୟ ହୋଇଥିଲା ଏବଂ ପୂର୍ବ ବାଳିକା ବିଦ୍ୟାଳୟରୁ



ଚାକିରି ଜୀବନ ଆରମ୍ଭ କରିଥିବା ସୈରୁନ ବିବି(୫୭) ବହୁ ପୁରାତନ ଓ ବୟୋଜ୍ୟେଷ୍ଠ କର୍ମଚାରୀ(ପିଅନ ) ଭାବରେ କାର୍ଯ୍ୟରତ ଥିଲେ। ଗତ କିଛିବର୍ଷ ଧରି ଜରାୟୁ କର୍କଟ ରୋଗରେ ଚିକିତ୍ସାଧୀନ ଥିଲେ। ଗତ ୯/୬/୨୪ରିଖରେ ଚିକିତ୍ସାଧୀନ ଅବସ୍ଥାରେ ଢେଙ୍କାନାଳ ସ୍ଥିତ ନିଜ ଭଉଣୀ ଘରେ ୫୭ବର୍ଷ ବୟସରେ ପରଲୋକ ଗମନ କରିଛନ୍ତି। ସୈରୁନଙ୍କ ମୃତ୍ୟୁ ସମୟରେ ତାଙ୍କ ପୁତ୍ର ଗୋଲାପ ମହମ୍ମଦ, ଝିଅ, ବନ୍ଧୁ ଓ ପରିବାରବର୍ଗ ଉପସ୍ଥିତ ଥିଲେ।

କମିବାରେ ଲାଗିଛି ରଜ ମଉଜର ଚମକ

# ଲୋପ ପାଇଲାଣି କାଠ, ବାଉଁଶ ତିଆରି ପଟାଦୋଳି ଓ ଚକ୍ରଦୋଳି

ଗଁଦିଆ, ୧୩।୬(ସମିସ)

ଦୋଳିର କଟକଟ ଶବ୍ଦ ସାଙ୍ଗକୁ ଝିଅ ବୋହୂଙ୍କ ମନ ମତାଣିଆ ରଜଗୀତ, ନାନା ରକମର ପାନ, ପୁଚି, ବାଗୁଡ଼ି, ବୋହୂଚୋରି ଖେଳ ଆଉ ପୋଡ଼ପିଠାର ବାସ୍ନା ଏବେ ଯେମିତି ଓଡ଼ିଆ ଘରର ରଜ ପରମ୍ପରାରୁ ଦୂରେଇ ଯାଉଛି।

● ହଜିବାକୁ ବସିଲାଣି ପୁରାତନ ସଂସ୍କୃତି ଓ ପରମ୍ପରା
● ପୁଚି, ଲୁଡୁ ଓ ତାସ୍ ଖେଳର ଜାଗା ନେଲାଣି ମୋବାଇଲ, ଟିଭି

ସାଧାରଣତଃ କୃଷିକୁ ନେଇ ଓଡ଼ିଶାରେ ବଭିନ୍ନ ପର୍ବପବାଣୀ, ପରମ୍ପରା କାହିଁ କେତେ କାଳରୁ ରହି ଆସିଛି। ଖରିଫ ଋତୁର ପ୍ରାରମ୍ଭରେ ରଜଭଳି ଏକ ପର୍ବ ୩ ଦିନ ଧରି ବେଶ୍ ଜାକଜମକରେ ପାଳିତ ହୋଇଥାଏ। ଗ୍ରାମୀଣ ଚଳଣୀ ଭିତରେ ଲୋକଶ୍ରୁତିରୁ ଜଣାଯାଏ ଯେ, ଏହି ସମୟରେ ପୃଥିବୀ ମାତା ରଜସ୍ୱଳା ହେଉଥିବାରୁ ଏବଂ ପରବର୍ତ୍ତୀ ସମୟରେ ଭଲ ଚାଷ ହେବା ପାଇଁ ଓଡ଼ିଆ ଜନଜୀବନ ସହିତ ଯୋଡ଼ି ହୋଇଯାଇଛି ଏମିତି ଏକ ନିଆରା ପରମ୍ପରା। ରଜ ପାଳିବା ପାଇଁ ପ୍ରାୟ ମାସେ ଆଗରୁ ଘରେ ଘରେ ଆରମ୍ଭ ହୁଏ ପ୍ରସ୍ତୁତି। ଘର ଅଗଣା ଲିପାପୋଛା କରି



ତାକୁ ଝୋଟିରେ ସଜେଇ ୩ଦିନ ଧରି କାମ ନ କିରବାର ପରମ୍ପରା ରହିଥିବାରୁ ସେଥପାଇଁ ଢେର ଆଗରୁ ବିଭିନ୍ନ ପ୍ରସ୍ତୁତି କାମ ମହିଳାମାନେ ଶେଷ କରିଥାନ୍ତି। ଏହି ତିନିଦିନ ଖୁସି ମନାଇବା ପାଇଁ ବିଭିନ୍ନ ରକମର ଦୋଳି ତିଆରିରେ ମାତିଯାଆନ୍ତି ଗ୍ରାମର ପୁରୁଷମାନେ। ଏହି ପର୍ବର ସାମାଜିକ ଏବଂ ସାଂସ୍କୃତିକ ଦିଗ ଯେତିକି ଗୁରୁତ୍ୱପୂର୍ଣ୍ଣ, ଗ୍ରାମବାସୀଙ୍କ ମଧ୍ୟରେ ଭାଇଚାରା ସୃଷ୍ଟି କରିବାରେ ଏହାର ଅବଦାନ ମଧ୍ୟ ସେତିକି ଗୁରୁତ୍ୱପୂର୍ଣ୍ଣ। ଆଗଭଳି ଆଉ ରଜର ଚମକ ଦେଖିବାକୁ ମିଳୁନାହିଁ। ଜଗତିକରଣ ଓ ପାଶ୍ଚାତ୍ୟ ସଂସ୍କୃତିର ପ୍ରାବଲ୍ୟ ଭିତରେ ଯେମିତି ଦିଗାହରା ହେଇଯାଇଛି ଓଡ଼ିଆ ଘରର ଚାଲିଚଳଣୀ ଓ ପରମ୍ପରା। ଏହା ଚଳିତବର୍ଷ ବିଭିନ୍ନ ଜାଗାରେ ପରିଲକ୍ଷିତ ହୋଇଛି। ଅଳ୍ପ କେତେକ ଗ୍ରାମକୁ ଛାଡିଦେଲେ ଅଧିକାଂଶ ଗ୍ରାମରେ ଆମ୍ବତୋଟାରେ ଆଉ ଦେଖାଯାଉନି ବିଭିନ୍ନ ରକମର ଦୋଳି। ଆମ୍ବ ତୋଟାରେ ବିଭିନ୍ନ ଦୋଳିର କଟକଟ ଶବ୍ଦ ଧାରା ଶ୍ରାବଣରେ ବେଙ୍ଗୁଲି ନାନିର ଶବ୍ଦର ଭ୍ରମ ସୃଷ୍ଟି କରୁଥିବା ବେଳେ ତାହା ଏବେ ଯେମିତି କାହାଣୀ ପାଲଟିଯାଇଛି ଗାଁ ଗଣ୍ଡାରେ। କିଛି କିଛି ଜାଗାରେ ଦଉଡ଼ି ବାନ୍ଧି ଦୋଳି କରାଯାଇଥିବା ବେଳେ କାଠ ଓ ବାଉଁଶ ତିଆରି ପଟାଦୋଳି, ଚକ୍ରଦୋଳି ଆଦି ଗୋଟିଏ ବି ଦେଖାଯାଉନି। ଫଳରେ ଆଗଭଳି ରଜ ମଉଜ ଅନୁଭବ ହେଉନି। ସମ୍ପ୍ରତି ଗ୍ରାମାଞ୍ଚଳଠାରୁ ଆରମ୍ଭ କରି ସହରାଞ୍ଚଳ ପର୍ଯ୍ୟନ୍ତ ଲୋକମାନଙ୍କର ମନୋରଞ୍ଜନର ମାଧ୍ୟମରେ ଯଥେଷ୍ଟ ପରିବର୍ତ୍ତନ ଘଟିଛି। ପୁଚି, ଲୁଡୁ, ପସା ଓ ତାସ୍ ଖେଳର ଜାଗା କମ୍ପ୍ୟୁଟର, ମୋବାଇଲ, ଟେଲିଭିଜନ ଓ ଭିଡିଓ ଗେମ୍ ନେଇଛି। ଫଳସ୍ୱରୂପ ପୁରାତନ ପରମ୍ପରା ଓ ସଂସ୍କୃତି ଧୀରେ ଧୀରେ ହଜିଯିବାକୁ ବସିଲାଣି।

■ ଗ୍ରୀଷ୍ମକାଳୀନ ଶିବିର ଉଦ୍‌ଯାପିତ

# ୫୮ ଜଣଙ୍କୁ ମିଳିଲା ପ୍ରମାଣପତ୍ର

**ଢେଙ୍କାନାଳ, ୧୩।୬(ସମିସ):** ସ୍ଥାନୀୟ ଅଗ୍ରଣୀ ସମରକଳା ଅନୁଷ୍ଠାନ ଆମେଚର ତାଇକୋଣ୍ଡୋ ଆସୋସିଏସନ ଓ ଗୁରୁଦେବଜୀ ଫାଉଣ୍ଡେସନ୍ର ସହଯୋଗରେ ଗୁରୁଦେବଜୀ ଗୁରୁକୁଳ ପକ୍ଷରୁ ୧୧ ଦିନିଆ ନିଃଶୁଳ୍କ ଗ୍ରୀଷ୍ମକାଳୀନ ପ୍ରଶିକ୍ଷଣ ଶିବିର ଓ ମହିଳା ଆତ୍ମରକ୍ଷା କର୍ମଶାଳା ଉଦଯାପିତ ହୋଇଯାଇଛି। ଅନୁଷ୍ଠାନର ସଭାପତି ତଥା ବରିଷ୍ଠ ସାମ୍ବାଦିକ ରତନ ନାୟାରଙ୍କ ସଭାପତିତ୍ୱରେ ଏହି ଶିବିରର ଉଦଯାପନୀ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମରେ ଜିଲ୍ଲା ଆରକ୍ଷୀ ଅଧିକ୍ଷକ ମଡ଼କର ସନ୍ଦୀପ ସମ୍ପତ ଯୋଗଦେଇ ଯୋଗଦେଇ ଛାତ୍ରଛାତ୍ରୀଙ୍କୁ ପ୍ରମାଣ ପତ୍ର ପ୍ରଦାନ କରିବା ସହ କୃତୀ ପ୍ରତିଯୋଗୀଙ୍କୁ ପୁରସ୍କାର ବିତରଣ କରିଥିଲେ। ଏହିଭଳି ସମର କ୍ୟାମ୍ପ ଆୟୋଜନ ନିମନ୍ତେ ପ୍ରତିଷ୍ଠାତା ମାଷ୍ଟର ଇଂ ସୌମ୍ୟବ୍ରତ ସାହୁଙ୍କୁ ପ୍ରଶଂସା କରିଥିଲେ। ଏଥିରେ ଛାତ୍ରଛାତ୍ରୀମାନଙ୍କ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ ସହ ସମସ୍ତ ଏକ୍ସପର୍ଟ କୋଚ୍ ଓ ପ୍ରଶିକ୍ଷକମାନେ ଉପସ୍ଥିତ ରହି ବିଭିନ୍ନ କୌଶଳ ପ୍ରଦାନ କରିଥିଲେ। ଶେଷରେ ମୁଖ୍ୟ ପ୍ରଶିକ୍ଷକ ମାଷ୍ଟର ଇଂ ସୌମ୍ୟବ୍ରତ ସାହୁ ଏହି ଶିବିରର ଉଦ୍ଦେଶ୍ୟ ଓ ଲକ୍ଷ୍ୟ ଉପରେ ଆଲୋକପାତ କରିଥିଲେ। ଉକ୍ତ ଶିବିରରେ କ୍ରୀଡ଼ା ସହ କଳା ଓ ସଂସ୍କୃତିର ଉନ୍ନତି ପାଇଁ ଯୋଗ ଦେଇଥିବା ପ୍ରଶିକ୍ଷାର୍ଥୀମାନଙ୍କୁ ଗୀତା ପାଠ, ଆତ୍ମରକ୍ଷା କୌଶଳ, ଶାରୀରିକ ବାୟାମ, ଯୋଗ, ତାଇକୋଣ୍ଡୋ, ପେନକାକ୍ ସିଲାଟ, ସୁଇମିଂ, ଟ୍ରେକିଙ୍ଗ୍, ସାଇକେଲିଂ, ସ୍କେଟିଂ, ଚିତ୍ରାଙ୍କନ, ରଙ୍ଗୋଲି, ବକ୍ତୃତା, ଅଭିନୟ, ନୃତ୍ୟ, ସଙ୍ଗୀତ, ଦକ୍ଷତା ବିକାଶ ଓ ମାନସିକ ବିକାଶ ପାଇଁ ବିଭିନ୍ନ ପ୍ରଶିକ୍ଷକଙ୍କ ଦ୍ୱାରା ସତନ୍ତ୍ର ଶ୍ରେଣୀରେ ଶିକ୍ଷା ପ୍ରଦାନ



କରାଯାଇଥିଲା ବୋଲି ଆସୋସିଏସନର ସମ୍ପାଦକ ଶ୍ରୀ ସାହୁ ମତ ପ୍ରକାଶ କରିଥିଲେ। ଏହି ଶିବିରରେ ୮୦ଜଣ ଛାତ୍ରଛାତ୍ରୀ ପଞ୍ଜିକୃତ କରିଥିବା ବେଳେ ସଫଳତାର ସହ ୫୮ଜଣ ପ୍ରମାଣପତ୍ର ହାସଲ କରିଛନ୍ତି। ଏହି କାର୍ଯ୍ୟକ୍ରମର ସକାଳ ଅଧିବେଶନରେ ବ୍ଲାକ ବେଲ୍ଟ ହୋଲଡର ରୋଟାରିଆନ ରୁଦ୍ରପ୍ରସାଦ ମହାପାତ୍ର ଅବସରପ୍ରାପ୍ତ ବାୟୁସେନା କର୍ମୀ, ଲେଖକ ସଂସଦର ସଭାପତି ବସନ୍ତ କୁମାର ପଟ୍ଟନାୟକ ଯୋଗଦେଇ ଛାତ୍ରଛାତ୍ରୀ ଉତ୍ସାହିତ କରିଥିଲେ। ଉଦ୍ଯାପନୀ ଉତ୍ସବରେ ଅଭିଭାବକମାନେ ଉପସ୍ଥିତ ରହିଥିଲେ ଏବଂ ପ୍ରଶିକ୍ଷକ ଡାର୍ଲିନ୍ ଡାଲ୍ଟନ୍, ଇନ୍ଦ୍ରଜିତ ସାହୁ, ପ୍ରତାପ ନାଏକ, ଆଦିତ୍ୟ ଘୋଷ ଓ ଗୁରୁଦେବଜୀ ଫାଉଣ୍ଡେସନ୍ର ରବୀନ୍ଦ୍ର ପରିଡ଼ା, ପୂର୍ଣ୍ଣଚନ୍ଦ୍ର ନାୟକ, ସାହିଲ ଖାନ, ଅମ୍ରିତା ସାହୁ ଏବଂ ଅନ୍ୟାନ୍ୟ ସଦସ୍ୟମାନେ ଉପସ୍ଥିତ ରହି ସହଯୋଗ କରିଥିଲେ।

# ସମସ୍ୟାବହୁଳ ଅନୁଗୋଳ ଜିଲ୍ଲା ମନ୍ତ୍ରୀଶୂନ୍ୟ

**ତାଳଚେର ସଦର, ୧୩।୬ (ସମିସ):** ରାଜ୍ୟରେ ବିଧିବଦ୍ଧ ଭାବେ ବୁଧବାର ଠାରୁ ଆରମ୍ଭ ହୋଇଛି ବିଜେପିର ଶାସନ। ତାହା ସହିତ ଆରମ୍ଭ ହୋଇଛି ମୋହନ ମାଝୀଙ୍କ ଯୁଗ। ଜନତା ମଇଦାନରେ ବୁଧବାର ଆୟୋଜିତ ଭବ୍ୟ ଶପଥ ଗ୍ରହଣ ସମାରୋହରେ ରାଜ୍ୟର ନୂଆ ମୁଖ୍ୟମନ୍ତ୍ରୀ ସହିତ ଦୁଇଜଣ ଉପମୁଖ୍ୟମନ୍ତ୍ରୀ, ୮ଜଣ କ୍ୟାବିନେଟ୍ ମନ୍ତ୍ରୀ ଓ ୫ଜଣ ରାଷ୍ଟ୍ରମନ୍ତ୍ରୀ (ସ୍ୱାଧୀନ) ଶପଥ ନେଇଛନ୍ତି। ଢେଙ୍କାନାଳ ଲୋକସଭା କ୍ଷେତ୍ରରେ କେବଳ ତାଳଚେର ବିଧାନସଭା କ୍ଷେତ୍ରଟି ବିଜେଡି ହାତକୁ ଯାଇଥିବା ବେଳେ ବିଜେପି ପକ୍ଷରୁ ୬ଜଣ ବିଧାନସଭା ପ୍ରାର୍ଥୀ ନିର୍ବାଚନ ବୈତରଣୀ ପାର ହୋଇଛନ୍ତି। ଏହି ପରିପ୍ରେକ୍ଷୀରେ ସମସ୍ୟା ବହୁଳ ଓ ସର୍ବାଧିକ ରାଜସ୍ୱ ପ୍ରଦାନ କରୁଥିବା ଅନୁଗୋଳ ଜିଲ୍ଲାକୁ ଆଖି ଆଗରେ ରଖି ଜଣକୁ ମନ୍ତ୍ରୀ ପଦ ପ୍ରଦାନ କରିବା କଥା, ମାତ୍ର ଅନୁଗୋଳ ଜିଲ୍ଲାରୁ ଜଣଙ୍କୁ ହେଲେ ମଧ୍ୟ ମନ୍ତ୍ରୀପଦ ମିଳି ନଥିବାରୁ ଅଞ୍ଚଳର ବହୁବିଧ ସମସ୍ୟାର ସମାଧାନ କରିବା ପାଇଁ ଏକ ମନ୍ତ୍ରୀପଦ ପାଇଁ ଅଂଚଳବାସୀ ଆଶା କରିଥିଲେ। ତେବେ ଅନୁଗୋଳ ଜିଲ୍ଲାର ଏକ ଦକ୍ଷ ସଂଗଠକ ଭାବେ ପରିଚିତ ବିଜେପି ପ୍ରାର୍ଥୀ ପ୍ରତାପ ପ୍ରଧାନ, ପାଲଲହଡ଼ା ବିଧାନସଭା କ୍ଷେତ୍ରର ଅଶୋକ ମହାନ୍ତିଙ୍କ ଦବଦବା ରହିଛି। ଢେଙ୍କାନାଳ ଲୋକସଭା କ୍ଷେତ୍ର ଅଧୀନରେ ୭ଟି ବିଧାନସଭା କ୍ଷେତ୍ର ରହିଥିବା ବେଳେ ନୂତନ ମନ୍ତ୍ରିମଣ୍ଡଳରେ ଢେଙ୍କାନାଳରୁ ଜଣକୁ ମନ୍ତ୍ରିମଣ୍ଡଳରେ ସାମିଲ କରାଯାଇଥିବା ନିଶ୍ଚିତ ଭାବେ ଏକ ସ୍ୱାଗତଯୋଗ୍ୟ ପଦକ୍ଷେପ। ମାତ୍ର ସମସ୍ୟା ବହୁଳ ଅନୁଗୋଳ ଜିଲ୍ଲାରୁ ଅତ୍ୟନ୍ତ ପକ୍ଷେ ଜଣକୁ ମନ୍ତ୍ରୀପଦ ପ୍ରଦାନ କରାଯାଇଥିଲେ ବହୁବିଧ ସମସ୍ୟା ଗୁଡ଼ିକ ସମାଧାନ ହୋଇ ପାରିଥାନ୍ତା ବୋଲି ରାଜନୈତିକ ମହଲରେ ଆଲୋଚନାର ମୁଖ୍ୟ ବିଷୟ ହୋଇଛି। ତେବେ ସେ ଯାହା ହେଉ ନା କାହିଁକି, ଆଗାମୀ ଦିନରେ ଯଦି ମନ୍ତ୍ରିମଣ୍ଡଳ ସଂପ୍ରସାରଣ କରାଯାଏ ତେବେ ଅନୁଗୋଳ ଜିଲ୍ଲାକୁ ପ୍ରାଧାନ୍ୟ ଦେଇ ନୂତନ ମୋହନ ସରକାର ଏଥିପ୍ରତି ଦୃଷ୍ଟି ଦେବାକୁ ସାଧାରଣରେ ଦାବି ହେଉଛି।

# ପବିତ୍ର ପ୍ରଧାନଙ୍କ ଶ୍ରାଦ୍ଧଦିବସ ପାଳିତ

**ତାଳଚେର ସଦର, ୧୩।୬ (ସମିସ):** ତାଳଚେର ଗଡ଼ଜାତ ଆନ୍ଦୋଳନର ମୁଖ୍ୟ ପୁରୋଧା, ଆଜନ୍ମ ବିପ୍ଳବୀ ତଥା ଓଡିଶାର ପୂର୍ବତନ ଉପମୁଖ୍ୟମନ୍ତ୍ରୀ ସ୍ୱର୍ଗତଃ ପବିତ୍ର ପ୍ରଧାନଙ୍କ ୩୭ ତମ ଶ୍ରାଦ୍ଧଦିବସ ପ୍ରଜାମଣ୍ଡଳ ସ୍ମୃତି କମିଟି ଆନୁକୂଲ୍ୟରେ ପାଳିତ ହୋଇଯାଇଛି। ଏହି ଦିବସ ଅବସରରେ ତାଳଚେର ଯୁବନେତା ତଥା ନଗରପାଳ ପବିତ୍ର ଭୂତିଆ ମୁଖ୍ୟ ଅତିଥି ଭାବରେ



ଯୋଗଦେଇ ପବିତ୍ର ବାବୁଙ୍କ ସରଳ ଜୀବନଯାପନ, ଗଡ଼ଜାତ ଆନ୍ଦୋଳନରେ ତାଙ୍କର ଭୂମିକା ବିଷୟରେ ଆଲୋକପାତ କରିଥିଲେ। ଯୁବକମାନେ ତାଙ୍କର ଜୀବନ ଆଦର୍ଶରେ ଅନୁପ୍ରାଣିତ ହୋଇ ବିଭିନ୍ନ କ୍ଷେତ୍ରରେ କାର୍ଯ୍ୟ କରିବା ହିଁ ତାଙ୍କ ପାଇଁ ଶ୍ରେଷ୍ଠ ଶ୍ରଦ୍ଧାଞ୍ଜଳି ହେବ ବୋଲି ଶ୍ରୀ ଭୁତିଆ ବକ୍ତବ୍ୟ ରଖିଥିଲେ। ସମ୍ମାନିତ ଅତିଥି ଭାବରେ ନଗର ସଭାପତି ଆସିଫ ଖାନ୍, ପବିତ୍ର ପ୍ରଧାନଙ୍କ ଜୀବନୀ ଆଦର୍ଶର ଗବେଷକ ଡକ୍ଟର ମହେଶ୍ୱର ପ୍ରଧାନ, ଆବାହକ ତଥା ସାମ୍ବାଦିକ ତପନ ମହାରଣା, ଭାଗ୍ୟରଥି ମହାପାତ୍ରଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଏହି କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା । ଏହି ଦିବସରେ ସ୍ମୃତି କମିଟିର ଅଧ୍ୟକ୍ଷ ସମାଜସେବୀ ଜିତେନ୍ଦ୍ର ମହାପାତ୍ର ଅଧ୍ୟକ୍ଷତା କରିଥିଲେ, ବରିଷ୍ଠ କାଉନସିଲର ଯଶୋବନ୍ତ ମିଶ୍ର, ସଞ୍ଜୀବ ଗଡ଼ନାୟକ, ଯୁବନେତା ବିଶ୍ୱେଶ୍ୱର୍ ସାହୁ, ପ୍ରଦୀପ ମହାପାତ୍ର, ନାରୀନେତ୍ରୀ ନୟନା ଦେହୁରୀ ପ୍ରମୁଖ ଯୋଗଦେଇ ଯୁଗଜନ୍ମା ବିପ୍ଳବୀ ପବିତ୍ର ପ୍ରଧାନଙ୍କୁ ଗଭୀର ଶ୍ରଦ୍ଧାଞ୍ଜଳି ଅର୍ପଣ କରିଥିଲେ। ଶେଷରେ ସୁଲେଖ କ୍ୟାମେସ ବାଇ ଧନ୍ୟବାଦ୍ ଅର୍ପଣ କରିଥିଲେ।

# ଜଳଭଣ୍ଡାର ଶୁଖିଲା; ପାଲଟିଛି ଗୋରୁଗାଈଙ୍କ ଚରାଭୂଇଁ

**ଭୁବନ, ୧୩।୬(ସମିସ)**

- **ଜଳଭଣ୍ଡାର ଖନନ ଓ ପୁନରୁଦ୍ଧାର ଜରୁରୀ**
- **ଆଡ଼ି ଉଚ୍ଚତା ବଢ଼ାଇବା ପାଇଁ ଅଞ୍ଚଳବାସୀଙ୍କ ଦାବି**

ସାରା ରାଜ୍ୟରେ ଗ୍ରୀଷ୍ମର ପ୍ରକୋପ ବୃଦ୍ଧି ପାଇଥିବା ବେଳେ ଢେଙ୍କାନାଳ ଜିଲ୍ଲାର ଭୁବନରେ ସବୁଠାରୁ ଅଧିକ ଉତ୍ତାପ ହେଉଛି। ଚଳିତ ବର୍ଷ ଜିଲ୍ଲାର ଅନେକ ସ୍ଥାନରେ ସର୍ବୋଚ୍ଚ ତାପମାତ୍ରା ୪୦ ଡ଼ିଗ୍ରୀ ଅତିକ୍ରମ କରିଛି। ଖରାଯୋଗୁଁ ଜିଲ୍ଲାର ଅଧିକାଂଶ ଜଳଉତ୍ସ, ନଦୀନାଳ, ଝରଣା, କୂଅ, ପୋଖରୀ ଶୁଖିଗଲାଣି। ସବୁଠୁ ଦୁର୍ଭାଗ୍ୟର କଥା ହେଉଛି, ପୂର୍ବରୁ କୌଣସି ବର୍ଷ ଗ୍ରୀଷ୍ମଋତୁରେ ଜଳାଶୟ ଗୁଡ଼ିକ ଶୁଷ୍କ ହେଉ ନଥିବା ବେଳେ ଚଳିତ ବର୍ଷ ସେସବୁ ଶୁଖି ଫାଟି ଆଁ କରିଛି। ଜଳଭଣ୍ଡାରରେ ଆଦୌ ପାଣି ନଥିବାରୁ ସେଗୁଡ଼ିକ ବର୍ତ୍ତମାନ ଗାଈଗୋରୁଙ୍କ ଚରାଭୂଇଁ ପାଲଟିଛି। ପ୍ରତିଦିନ ଜଳଭଣ୍ଡାର ଗୁଡ଼ିକରେ ଶହ ଶହ ଗାଈଗୋରୁ ଚରୁଥିବାର ଦେଖାଯାଉଛି। ଜଳଭଣ୍ଡାର ପୋତିହୋଇ ଯିବାରୁ ଜଳଧାରଣ କ୍ଷମତା ମଧ୍ୟ ହ୍ରାସ ପାଉଛି। କ୍ଷୁଦ୍ର ଜଳସେଚନ ବିଭାଗ ଦ୍ୱାରା ପରିଚାଳିତ ଜଳଭଣ୍ଡାର ଖନନ ଓ ପୁନରୁଦ୍ଧାର ଜରୁରୀ ହୋଇପଡ଼ିଛି। ପ୍ରତିବର୍ଷ ପୁନରୁଦ୍ଧାର, କେନାଲ ମରାମତି ଓ ପଙ୍କ ଉଦ୍ଧାର ପାଇଁ ସରକାର ଲକ୍ଷଲକ୍ଷ ଟଙ୍କା ଖର୍ଚ୍ଚ କରୁଥିଲେ ମଧ୍ୟ କିଛି ସୁଫଳ ମିଳୁନାହିଁ। ପୁନରୁଦ୍ଧାର ନାଁରେ ଅନୁଦାନ ଟଙ୍କା ଆତ୍ମସାତ ହେଉଛି। ଅଳ୍ପ କାର୍ଯ୍ୟ କରି ଠିକାଦାର ଓ ବିଭାଗୀୟ ଅଧିକାରୀ ମାଲାମାଲ ହେଉଛନ୍ତି ବୋଲି ଅଞ୍ଚଳବାସୀ ଅଭିଯୋଗ କରିଛନ୍ତି। ଯାହାର ପ୍ରଭାବ ଆଜି ଜନସାଧାରଣ ଭୋଗୁଛନ୍ତି। ଜଳଭଣ୍ଡାର ପୋତିହେବା କାରଣରୁ ବର୍ଷାଦିନର ଆଶାନୁରୂପ ପାଣି ଗଚ୍ଛିତ ହୋଇ ରହିପାରୁନାହିଁ। ଜଳଭଣ୍ଡାରର ପୁନରୁଦ୍ଧାର ଏବଂ ଆଡ଼ି ଉଚ୍ଚତା ବଢ଼ାଇବା ପାଇଁ ଅଞ୍ଚଳବାସୀ ଦାବି କରି ଆସୁଥିଲେ ମଧ୍ୟ କେହି କର୍ଣ୍ଣପାତ କରୁନାହାନ୍ତି। ଦୀର୍ଘବର୍ଷ ଧରି ଉକ୍ତ ଜଳାଶୟ ଗୁଡ଼ିକରୁ ପଙ୍କ ଉଦ୍ଧାର ହେଉନଥିବାରୁ ଶର୍ଯ୍ୟା ପୋତି ହୋଇଗଲାଣି। ଗତ ବର୍ଷ ବର୍ଷାରେ ଜଳଭଣ୍ଡାର ଗୁଡ଼ିକରୁ ପାଣି ଉଛୁଳି ପାଣି ବାହାରକୁ ଚାଲିଯାଇଥିବା ଦେଖିବାକୁ ମିଳିଥିଲା। ଚଳିତ ବର୍ଷ ଗ୍ରୀଷ୍ମ ପ୍ରକୋପ ଯୋଗୁଁ ଜଳଭଣ୍ଡାର ସମ୍ପୂର୍ଣ୍ଣ ଶୁଷ୍କ ହୋଇଯାଇଛି। ଉକ୍ତ ଜଳଭଣ୍ଡାର ଗୁଡ଼ିକରୁ ଉଭୟ ଖରିଫ ଓ ରବି ଋତୁରେ ଶହ ଶହ ହେକ୍ଟର ଜମିକୁ ଜଳସେଚନର ବ୍ୟବସ୍ଥା ରହିଥିଲେ ମଧ୍ୟ ଜଳ ଅଭାବରୁ ତାହା କାମରେ ଆସି ପାରୁନାହିଁ।

# ଥାନାରୁ ଅଭିଯୁକ୍ତ ଚମ୍ପଟ

**ତାଳଚେର ସଦର, ୧୩।୬ (ସମିସ):** ତାଳଚେର ଟାଉନ ଥାନା ଅନ୍ତର୍ଗତ ନୂଆପଡ଼ା ଗ୍ରାମର ଜଣେ ଯୁବକ କୌଣସି ଏକ ଅଭିଯୋଗରେ ସମ୍ପୃକ୍ତ ଥିବାରୁ ପୁଲିସ୍ ଉକ୍ତ ଯୁବକଙ୍କୁ ଗ୍ରାମରୁ ଗିରଫ କରି ଥାନାରେ ରଖିଥିଲେ। ଆଜି କୋର୍ଟଚାଲାଣ କରାଯିବାକୁ ଧାର୍ଯ୍ୟ କରାଯାଇଥିଲା। ମାତ୍ର ଆଜି ସକାଳ ପ୍ରାୟ ୫ଟା ସମୟରେ ସମ୍ପୃକ୍ତ ଅଭିଯୁକ୍ତ ପୁଲିସକୁ ଚକମା ଦେଇ ଥାନାର ପାଚେରି ଡେଇଁ ଚତୁରତାର ସହ ଦୌଡ଼ି ପଳାଇଥିଲା। ଏହି ଖବର ଜାଣିବା ପରେ ପୁଲିସ୍ ତାକୁ ଗୋଡ଼ାଇ ଗୋଡ଼ାଇ ତାଳଚେର ଟାଉନ ସ୍ଥିତ ସୌଭାଗ୍ୟ ସାଗର ପୋଖରୀହୁଡ଼ା ପର୍ଯ୍ୟନ୍ତ ଯାଇଥିଲେ ଏବଂ ସହରର ଅନେକ ସ୍ଥାନରେ ଖୋଜାଖୋଜି ନପାଇବା ପରେ ଉକ୍ତ ଅଭିଯୁକ୍ତଙ୍କ ନୂଆପଡ଼ା ଗ୍ରାମର ଘର ଉପରେ ଆତର୍କିତ ଚଢ଼ଉ କରି ପୁନଶ୍ଚ ତାକୁ ଗିରଫ କରି ଥାନାକୁ ଆଣିଥିଲେ। ଏହି ଘଟଣା ପ୍ରଚାରିତ ହେବା ପରେ ସମଗ୍ର ତାଳଚେରରେ ଏହାକୁ ନେଇ ଏବେ ଆଲୋଚନା ହେଉଛି। ପୁଲିସ୍ ଏନେଇ ମୁହଁ ଖୋଲୁ ନଥିବା ଜଣାପଡ଼ିଛି।

# ଅଧିକ ଅମଳକ୍ଷମ ବିହନ ପାଇଁ ଚାଷୀଙ୍କ ଗୁରୁତ୍ୱ

**ଭୁବନ, ୧୩।୬(ସମିସ) :** ଦିନଥିଲା ଚାଷୀମାନେ ପାରମ୍ପରିକ ଦେଶୀଧାନ ବିହନକୁ ନେଇ ଚାଷ କାର୍ଯ୍ୟ କରୁଥିଲେ। ଏବେ ସମୟ ବଦଳି ଯାଇଛି। ଆଜିର ସଭ୍ୟ ଶିକ୍ଷିତ ମଣିଷ ଧୀରେ ଧୀରେ ପୁରାତନ ପଦ୍ଧତିକୁ ଭୁଲିଯିବାକୁ ବସିଲେଣି। ଜମିରେ ଚାଷ କାର୍ଯ୍ୟ ପାଇଁ ହଳ ଲଙ୍ଗଳ ପରିବର୍ତ୍ତେ ଏବେ କଳ ଲଙ୍ଗଳରେ ଚାଷ କରାଯାଉଛି। ପାରମ୍ପରିକ ଦେଶୀ ବିହନ ବଦଳରେ ସରକାରଙ୍କ ପକ୍ଷରୁ ଯୋଗାଣ କରାଯାଉଥିବା ଅଧିକ ଅମଳକ୍ଷମ ଧାନ ବିହନକୁ ଚାଷୀ ଅଧିକ ପସନ୍ଦ କରି ଆପଣେଇ ନେଇଛି। ଫଳରେ ପୂର୍ବରୁ ଥିବା ଦେଶୀଧାନ ବିହନ, ଏବେ କ୍ରମଶଃ ଲୁଚିଯିବାକୁ ବସିଲାଣି। ଯଦିଓ ଦେଶୀଧାନ ବିହନ ପ୍ରାକୃତିକ ବିପର୍ଯ୍ୟୟ ସମୟରେ ନିଜର ଗୁଣବତାକୁ ଅକ୍ଷୁର୍ଣ୍ଣ ରଖିଛି, ତଥାପି ଚାଷୀ ଅଧିକ ଉତ୍ପାଦନ ଆଶାରେ ଦେଶୀ ବିହନ ବଦଳରେ ବିଦେଶୀ ବିହନକୁ ଅଧିକ ଗୁରୁତ୍ୱ ଦେଉଛି। କିଛି ବର୍ଷ ପୂର୍ବେ କେବଳ ଭୁବନ ଅଞ୍ଚଳ ନୁହେଁ, ଢେଙ୍କାନାଳ ଜିଲ୍ଲାର ବିଭିନ୍ନ ବ୍ଲକରେ ମଧ ଶାରଦ କିସମର ଦେଶୀ ଧାନ ଯଥା-ସରଚୁନା, ବାସୁଆଭୋଗ, ୧୨୪୨, କଳାଜିରା, ଦାମଦାରଭୋଗ, ଜଡ଼ା, ମହଲୁଠୁମା, ରନଣ୍ଡା, ଭବେଇମୁଡି, ପାଣିକୋଇଲି, ରାବଣା, ହମିରା, କଟକଚାନ୍ଦି, କୁସୁମା, ରାଜମଲି, ବେଲନ୍ଦି, ଦାଣ୍ଡି, ଜଣାକମଳ ଇତ୍ୟାଦି ଦେଶୀ ଧାନ ବିହନକୁ ଚାଷୀ ଅମଳ କରୁଥିଲା। ଏବେ ଏହି ଧାନ ବିହନ ଚାଷ କ୍ଷେତ୍ରରୁ ପ୍ରାୟ ଲୁଚିଯିବାକୁ ବସିଲାଣି। ପ୍ରତ୍ୟେକ ଚାଷୀ ଯେପରି ଅଳ୍ପ ଖର୍ଚ୍ଚରେ ଅଧିକ ଧାନ ଅମଳ କରିପାରିବ, ସେଥିନେଇ କୃଷି ବିଭାଗ ପକ୍ଷରୁ ମିଳୁଥିବା ଅଧିକ ଅମଳକ୍ଷମ ଧାନ ବିହନକୁ ଚାଷ କ୍ଷେତ୍ରରେ ବ୍ୟବହାର କରୁଛି। କିନ୍ତୁ ଦେଶ ଧାନ ବିହନରୁ ଉତ୍ପାଦିତ ହେଉଥିବା ଧାନରୁ ଅମଳ ହେଉଥିବା ଚାଉଳର ସ୍ୱାଦ, ଏବେ ଅମଳ ହେଉଥିବା ଅଧିକ ଅମଳକ୍ଷମ ଧାନର ଚାଉଳରେ ତାହା ମିଳୁନାହିଁ। ବରିଷ୍ଠ ଚାଷୀଙ୍କ ସହିତ ଆଜିର ଯୁବଚାଷୀ ଏ ସମ୍ପର୍କରେ ଜାଣୁଥିଲେ ମଧ୍ୟ ଦେଶୀ ବିହନର କିପରି ବଞ୍ଚାଇ ରଖାଯାଇ ପାରିବ, ସେଥିପ୍ରତି ଉଦ୍ୟମ କରାଯାଉ ନାହିଁ। ପାରମ୍ପରିକ ଧାନ ବିହନରେ ରୋଗପୋକ ନିରାକରଣ କ୍ଷମତା ଯଥେଷ୍ଟ ଅଧିକ ବୋଲି ବରିଷ୍ଠ ଚାଷୀମାନେ ମତ ପ୍ରକାଶ କରିଛନ୍ତି।

# କାଣ୍ଡସର ଗ୍ରାମରେ ଶୀତଳ ଷଷ୍ଠୀ ଉତ୍ସବରେ ବାଦି ଦଣ୍ଡ

**ଅନୁଗୋଳ, ୧୩।୬ (ସମିସ):** ଶୀତଳ ଷଷ୍ଠୀ ଉତ୍ସବ ପାଳନ ଅବସରରେ ନାଲକୋ ନଗର ନିକଟସ୍ଥ କାଣ୍ଡସର ଗ୍ରାମ ରାଜୀବ ଗାନ୍ଧୀ ପଡ଼ିଆ ଠାରେ ତିନିଦିନ ଧରି ବାଦଦଣ୍ଡ ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା। ଏହି ପ୍ରତିଯୋଗିତାରେ ଗୋପିନାଥପୁର, ବ୍ରଜନାଥପୁର, ହେମସରପଡ଼ା, ଲକେଇପଶି ପ୍ରଭୃତି ୪ ଟି ଦଳ ଭାଗନେଇଥିଲେ। ବ୍ରଜନାଥପୁର ଓ ହେମସରପଡ଼ା ମଧ୍ୟରେ ଅନୁଷ୍ଠିତ ଫାଇନାଲ ପ୍ରତିଯୋଗିତାରେ ବ୍ରଜନାପୁରକୁ ହରାଇ ହେମସରପଡା ଚଳିତ ବର୍ଷର ଚାମ୍ପିଅନ ହୋଇଥିଲା।ଚମ୍ପିଅନ ଦଳକୁ ନଗଦ ୭୫ ହଜାର ଟଙ୍କା ସହିତ ଟ୍ରଫି ପ୍ରଦାନ କରାଯାଇଥିଲା ଓ ଉପ ବିଜେତା ଦଳ ବ୍ରଜନାଥପୁରକୁ ନଗଦ ୫୦ ହଜାର ଟଙ୍କା ସହିତ ମଧ ଟ୍ରଫି ପ୍ରଦାନ କରାଯାଇଥିଲା।



କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ଅଲ୍ ଇଣ୍ଡିଆ ସଭାପତି ଏସ୍‌ସି ଏସଟି କୋଅର୍ଡିନେସନ କମିଟି ଏମସିଏଲ୍ ଉଗ୍ରେସେନ ନାଏକ ,ସମ୍ମାନିତ ଅତିଥି ଭାବେ ବାମଦେବ ସେଠ, ଅନିରୁଦ୍ଧ ମହାଳିକ, ଗ୍ରାମର ବହୁ ବୟୋଜ୍ୟେଷ୍ଠ ବ୍ୟକ୍ତି କାଣ୍ଡସର ଗ୍ରାମ ଶୀତଳ ଷଷ୍ଠୀ ପୂଜା କମିଟିର ସଭାପତି ବିଷ୍ଣୁଚରଣ ବେହେରା, ସାଧାରଣ ସମ୍ପାଦକ ସନାତନ ନାଏକ, କୋଷାଧକ୍ଷ ସରୋଜ କୁମାର ସେଠୀ, ସଦସ୍ୟ ରାମଚନ୍ଦ୍ର ପ୍ରଧାନ, ଅଜୟ କୁମାର ସାହୁ, କ୍ଷୀତିଷ୍ ବାରିକ, ଶ୍ରୀକାନ୍ତ ସାହୁଙ୍କ ସହିତ ପୂଜା କମିଟିର ସମସ୍ତ ସଦସ୍ୟ ଉପସ୍ଥିତ ଥିଲେ। ଗ୍ରାମର ସମସ୍ତ ଯୁବକ ବନ୍ଧୁ ଏଥିରେ ସହଯୋଗ କରିଥିଲେ।

# କୃଷ୍ଣଚନ୍ଦ୍ର ମନ୍ତ୍ରୀ ହେବା ପରେ ଭୁବନ ଉତ୍ସବମୁଖର

**ଭୁବନ, ୧୩।୬(ସମିସ):** ମନ୍ତ୍ରିମଣ୍ଡଳରେ କ୍ୟାବିନେଟ୍ ମନ୍ତ୍ରୀ ଭାବେ କୃଷ୍ଣଚନ୍ଦ୍ର ପାତ୍ରଙ୍କୁ ସୁଯୋଗ ମିଳିଥିବାରୁ ଢେଙ୍କାନାଳବାସୀ ଖୁସି ମନାଇଛନ୍ତି। ଏହି ଅବସରରେ ଭୁବନ ବିଜ୍ଞାପିତ ଅଞ୍ଚଳ ପରିଷଦ ଅନ୍ତର୍ଗତ ମୁଁ ଭୁବନକୁ ଭଲପାଏ ଫଳକ ସମ୍ମୁଖରେ ବାଣ ଫୁଟାଇ ସମର୍ଥକମାନେ ମିଠା ବାଣ୍ଟି ଉତ୍ସବ ପାଳନ କରିଛନ୍ତି। ଭୁବନରେ ଶ୍ରୀଯୁକ୍ତ ପାତ୍ରଙ୍କ ଶଶୁର ଘର ଅଟେ। ଭୁବନ ଏନଏସିର ପୂର୍ବତନ କାଉସିଲର ମନମୋହନ ନାୟକ, ବିପିନ ବିହାରୀ ଦାସ, ଭାରତୀୟ ମାନବାଧିକାର କାଉନସିଲର ଭୁବନ ସଭାପତି ସୁନାକର ବେହେରା, ଜିତୁ ମହାନ୍ତି, ତୃପ୍ତି ପାଠାଗାରର ଅଧ୍ୟକ୍ଷ ପୂର୍ଣ୍ଣଚନ୍ଦ୍ର ସାହୁ, ସିଲୁ ଆଚାର୍ଯ୍ୟଙ୍କ ସମେତ ବହୁ କର୍ମୀ ଉତ୍ସବ ପାଳନ କରିଥିଲେ। ନୂତନ ଓଡ଼ିଶାର ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କୁ ଭୁବନବାସୀଙ୍କ ତରଫରୁ କୃତଜ୍ଞତା ଜ୍ଞାପନ କରାଯାଇଛି।

# ମୁଖ୍ୟମନ୍ତ୍ରୀଙ୍କୁ ଭେଟିଲେ ଭାଜପା ନେତା

ଆଠମଲ୍ଲିକ /ବଇଣ୍ଡା, ୧୩।୬ (ସମିସ): ଅନୁଗୋଳ ଜିଲ୍ଲା ଭାଜପା ଉପସଭାପତି ତଥା ଆଠମଲ୍ଲିକର ଭାଜପା ନେତା ଅର୍ଜୁନ ସାହୁ ଗୁରୁବାର ଦିନ ଭୁବନେଶ୍ୱର ଠାରେ ମୁଖ୍ୟମନ୍ତ୍ରୀ ମୋହନ ମାଝୀଙ୍କୁ ଭେଟିଛନ୍ତି। ସଚିବାଳୟ ଠାରେ ତାଙ୍କୁ ଭେଟିବା ସହ ଶୁଭେଚ୍ଛା ଜଣାଇଛନ୍ତି। ଏଥିସହ ଆଠମଲ୍ଲିକ ବିଧାନସଭା ନିର୍ବଚନ ମଣ୍ଡଳୀରେ କିଭଳି ବିକାଶ ହେବ, ସେ ସମ୍ପର୍କରେ ମୁଖ୍ୟମନ୍ତ୍ରୀଙ୍କ



ସହ ଆଲୋଚନା କରିଛନ୍ତି। ଏଥିସହ ଆଠମଲ୍ଲିକ ଉପଖଣ୍ଡରେ ଥିବା ବିଭିନ୍ନ ସମସ୍ୟା ସମ୍ପର୍କରେ ଅବଗତ କରାଇଛନ୍ତି। ଭାଜପା ସରକାର ଲୋକଙ୍କ ସରକାର ଓ ଶୀଘ୍ର ଗ୍ରାମାଞ୍ଚଳର ବିକାଶ କରାଯିବ ବୋଲି ମୁଖ୍ୟମନ୍ତ୍ରୀ ପ୍ରତିଶ୍ରୁତି ଦେଇଛନ୍ତି। ସେହିପରି ଆଠମଲ୍ଲିକର ପୂର୍ବତନ ବିଧାୟକ ରମେଶ ଚନ୍ଦ୍ର ସାଏ ମୁଖ୍ୟମନ୍ତ୍ରୀଙ୍କୁ ଭେଟି ଶୁଭେଚ୍ଛା ଜଣାଇଛନ୍ତି। ଆଠମଲ୍ଲିକର ବିକାଶ ସମ୍ପର୍କରେ ମୁଖ୍ୟମନ୍ତ୍ରୀଙ୍କ ସହ ଆଲୋଚନା ମଧ କରିଛନ୍ତି।

# ବିଧାୟକଙ୍କ ବ୍ଲକ୍‌ସ୍ତରୀୟ ସମୀକ୍ଷା ବୈଠକ

**ଅନୁଗୋଳ, ୧୩। ୬(ସମିସ):** ସ୍ଥାନୀୟ ସର୍କିଟ ହାଉସଠାରେ ଅନୁଗୋଳ ନିର୍ବାଚନ ମଣ୍ଡଳୀର ନବନିର୍ବାଚିତ ବିଧାୟକ ପ୍ରତାପ ଚନ୍ଦ୍ର ପ୍ରଧାନଙ୍କ



ଅଧ୍ୟକ୍ଷତାରେ ବ୍ଲକସ୍ତରୀୟ ସମୀକ୍ଷା ବୈଠକ ଅନୁଷ୍ଠିତ ହୋଇଯାଇଛି। ଅନୁଗୋଳ ଓ ବଅାଁରପାଳ ବ୍ଲକର ଅଧିକାରୀମାନେ ଶ୍ରୀଯୁକ୍ତ ପ୍ରଧାନଙ୍କୁ ସମ୍ବର୍ଦ୍ଧିତ କରିଥିଲେ । ଶ୍ରୀଯୁକ୍ତ ପ୍ରଧାନ ବ୍ଲକସ୍ତରରେ ସରକାରଙ୍କ ବିଭିନ୍ନ ଯୋଜନା ସଠିକ ଢଙ୍ଗରେ ପଞ୍ଚାୟତବାସୀଙ୍କୁ ଯୋଗାଇଦେବା ପାଇଁ ବ୍ଲକ ଅଧିକାରୀମାନଙ୍କୁ ସଚେତନ କରିବା ସହିତ ବ୍ଲକ ସ୍ତରର କାର୍ଯ୍ୟଗୁଡିକୁ ସମୀକ୍ଷା କରିଥିଲେ। ଉକ୍ତ ବୈଠକରେ ଶ୍ରୀଯୁକ୍ତ ପ୍ରଧାନ ଅନୁଗୋଳ ଓ ବଅାଁରପାଳ ବ୍ଲକ ସ୍ତରରେ ସରକାରଙ୍କ ତରଫରୁ ଯୋଗେଇ ଦିଆଯାଉଥିବା ଯୋଜନା ଗୁଡିକର କାର୍ଯ୍ୟକୁ ସୂଚାରୁ ରୂପେ ସମ୍ପାଦନ କରିବା ନେଇ ଅଧିକାରୀମାନଙ୍କୁ ନିର୍ଦ୍ଦେଶ ଦେଇଥିଲେ। ତତସହିତ ବ୍ଲକ ସ୍ତରରେ ଉଦ୍ଦିଷ୍ଟ ଯୋଜନାକୁ ସରକାରଙ୍କ ନିର୍ଦ୍ଦେଶ ମତେ କାର୍ଯ୍ୟକାରୀ କରିବାକୁ ଓ କାର୍ଯ୍ୟଗୁଡିକର ତ୍ୱରାନ୍ୱିତ କରିବା ନେଇ ଏହି ସମୀକ୍ଷା ବୈଠକରେ ଆଲୋଚନା କରିଥିଲେ। ବିଗତ ଦିନରେ ବ୍ଲକ ସ୍ତରରେ ଓ ପଞ୍ଚାୟତ ସ୍ତରରେ ଉପୁଜିଥିବା ସମସ୍ୟା ଗୁଡିକର ସମାଧାନ ନିମନ୍ତେ କାର୍ଯ୍ୟ ତ୍ୱରାନ୍ୱିତ କରିବା ସହିତ ଉପଯୁକ୍ତ ପଦକ୍ଷେପ ନେବା ସକାଶେ ଅଧିକାରୀମାନଙ୍କ ସହିତ ଏହି ସମୀକ୍ଷା ବୈଠକରେ ଆଲୋଚନା କରିଥିଲେ। ଏହି ସମୀକ୍ଷା ବୈଠକରେ ଅନ୍ୟମାନଙ୍କ ମଧ୍ୟରେ ଜିଲ୍ଲା ସମ୍ପାଦକ ପ୍ରଭାତ ପ୍ରଧାନ, ବିଜେପି ନେତା ଦିଲ୍ଲୀପ ପ୍ରଧାନ, ଅନୁଗୋଳର ପୂର୍ବତନ ନଗରପାଳ ତଥା ବରିଷ୍ଠ ଓକିଲ ଭକ୍ତି ପ୍ରସାଦ ଦାସ, ମହୀଧରପୁର ମଣ୍ଡଳର ଜିଲ୍ଲା ପରିଷଦ ସଦସ୍ୟା ମୀରା ଗଡ଼ନାୟକ, ଦୁଃଖବନ୍ଧୁ ସାହୁ, ଶେଷଦେବ ସାହୁ, ଅନୁଗୋଳ ଓ ବଅାଁରପାଳ ବ୍ଲକର ସମସ୍ତ ସରପଞ୍ଚ ଓ ସମିତି ସଭ୍ୟସଭ୍ୟା ଉପସ୍ଥିତ ରହି ବ୍ଲକ ସ୍ତରର ବିକାଶ ନିମନ୍ତେ ବିଭିନ୍ନ ଦିଗ ଉପରେ ଆଲୋଚନା କରିଥିଲେ।

# ଉଡ଼ିଲା ପାଉଁଶ; ଜନଜୀବନ ଅତିଷ୍ଠ



**କଣିହାଁ, ୧୩।୬(ସମିସ):** କଣିହା ବ୍ଲକ ଅଞ୍ଚଳରେ ଗୁରୁବାର ଅପରାହ୍ନରେ ଶିଳ୍ପ ଓ ଖଣି ଖାଦାନ ସହିତ ବିଦ୍ୟୁତ ପ୍ରକଳ୍ପ ପାଉଁଶ ପୋଖରୀରୁ ପ୍ରବଳ ମାତ୍ରାରେ କୋଇଲା ଓ ପାଉଁଶ ଗୁଣ୍ଡ ଧୂଳିଧୂଆଁ ଉଡ଼ିଥିଲା । ଏଥିଯୋଗୁଁ ବିଭିନ୍ନ ଅଞ୍ଚଳର ପଥଚାରୀଙ୍କ ସହିତ ସ୍ଥାନୀୟ ଅଞ୍ଚଳର ୨୦ ରୁ ଅଧିକ ଗ୍ରାମ ବାସିନ୍ଦା ଅତିଷ୍ଠ ହୋଇଥିଲେ। ଦୀର୍ଘବର୍ଷ ହେଲା ଏହି ସମସ୍ୟାର ସମାଧାନ ହେଉ ନଥିବା ବେଳେ ପ୍ରାକ୍ ମୌସୁମୀ ବର୍ଷା ଚାଷ ଅନୁକୂଳ ସହିତ ପ୍ରଦୂଷଣ ମୁକ୍ତରେ ସହାୟକ ହୋଇଥାଏ । ଗତ ୮ ତାରିଖରୁ ମୌସୁମୀ ଓଡ଼ିଶାରେ ପାଦ ଥାପି ଥିବା ବେଳେ ଏବେ ଲୁଚକାଳି ଖେଳି ଆଗକୁ ଆସୁନାହିଁ। ଏହିପରି କ୍ଷେତ୍ରରେ ବର୍ଷା ଅଭାବ ସହିତ ବରମ୍ବାର ବିଦ୍ୟୁତ କାଟ ସମସ୍ୟା ଯୋଗୁଁ ଗୁଳଗୁଳିରେ ଲୋକେ ତ୍ରାହି ତ୍ରାହି ଡାକୁଛନ୍ତି। ଗୁରୁବାର ସନ୍ଧ୍ୟା ପୂର୍ବରୁ ସାମାନ୍ୟ ଝଡ଼ ପବନ ସହିତ ଆକାଶରେ ବିଜୁଳିର ଝଲକ ଦେଖିବାକୁ ମିଳିଥିଲା। ଏହାକୁ ନେଇ ବର୍ଷାର ସମ୍ଭାବନା ଦୂରେଇ ଯାଇଥିବା ନେଇ ଚାଷୀ ମହଲରେ ନାନା ଆଶଙ୍କା ବୃଦ୍ଧିପାଇଛି ।

# ଏକଲ ଅଭିଯାନ; ନୈପୁଣ୍ୟ ବର୍ଗର ତିନିଦିନିଆ ପ୍ରଶିକ୍ଷଣ କାର୍ଯ୍ୟକ୍ରମ

**ଅନୁଗୋଳ ,୧୩।୬ (ସମିସ)**



ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିର ,ଗାନ୍ଧୀମାର୍ଗ ଅନୁଗୋଳଠାରେ ଏକଲ ଅଭିଯାନ ନୈପୁଣ୍ୟ ବର୍ଗ, ଓଡିଶା ସମ୍ଭାଗର ୩ଦିନିଆ ପ୍ରଶିକ୍ଷଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ବନବାସୀ ତଥା ଗିରିବାସୀ ଅଞ୍ଚଳରେ ଶିକ୍ଷାର ବିକାଶ ଦୃଷ୍ଟିରୁ ଏକଲ ଅଭିଯାନ ତରଫରୁ ଓଡିଶାରେ ୫୧୩୦ ଏକଲ ବିଦ୍ୟାଳୟ କାର୍ଯ୍ୟରତ ଅଛି । ବିଦ୍ୟାଳୟ ଏବଂ ଆଚାର୍ଯ୍ୟମାନଙ୍କର ଗୁଣବତ୍ତା ଦୃଷ୍ଟିରୁ ଅଞ୍ଚଳସ୍ତରୀୟ ସେବବ୍ରତୀମାନଙ୍କ ଏକ ନୈପୁଣ୍ୟ ବର୍ଗ ପ୍ରଶିକ୍ଷଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା । ମୁଖ୍ୟଅତିଥି ଅଶୋକ ମୁରାରକା ଏବଂ ସମ୍ମାନିତ ଅତିଥି ଭାବେ ବଜରଂଗୀ ଅଗ୍ରୱାଲ, ସମ୍ଭାଗ ସଭାପତି ଡା .ସୁଧାକର ପାଳ, କୋଷାଧ୍ୟକ୍ଷ କ୍ଷୀରୋଦ ଚନ୍ଦ୍ର ପ୍ରଧାନ, ସମ୍ଭାଗ ସମିତି ଶ୍ରୀପତି ପ୍ରଧାନ ପ୍ରମୁଖ ଉପସ୍ଥିତ ଥିଲେ । ବର୍ଗରେ ଓଡିଶାର ବିଭିନ୍ନ ଜିଲ୍ଲାରୁ ୨୪ ଜଣ ଶିକ୍ଷାର୍ଥୀ ଅଂଶଗ୍ରହଣ କରିଥିଲେ। ପ୍ରଶିକ୍ଷଣ ଦୃଷ୍ଟିରୁ କେନ୍ଦ୍ରୀୟ କାର୍ଯ୍ୟକର୍ତ୍ତା ରଞ୍ଜନ କୁମାର ବାଗ, ଶମ୍ଭୁନାଥ ସିଂ, ପ୍ରଭାଗ ଅଭିଯାନ ପ୍ରମୁଖ ରଂଜିତ କୁମାର ସ୍ୱାଇଁ, ପ୍ରଭାଗ ପ୍ରଶିକ୍ଷଣ ପ୍ରମୁଖ ଜୀବର୍ଦ୍ଧନ ସାହୁ, ସମ୍ଭାଗ ପ୍ରଶିକ୍ଷଣ ଟୋଲୀ ସୁକେଶ କୁମାର ବେହେରା, ଅନ୍ତର୍ଯ୍ୟାମୀ ସାହୁ, ଦେବରାଜ ଧଳ, ରାଜୀବ ପାତ୍ର, ଚିନ୍ତାମଣି ସାହୁ, ସୁଶ୍ରୀ ଇତି ମିଶ୍ର ପ୍ରଶିକ୍ଷଣ ଦେଇଥିଲେ। ବୁଧବାର ପ୍ରଶିକ୍ଷଣ ବର୍ଗର ସମାପନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା । ସମାପନ କାର୍ଯ୍ୟକ୍ରମରେ ମୁଖ୍ୟ. ଅତିଥି ଶ୍ରୀଯୁକ୍ତ ପ୍ରଫେସର ଶାନ୍ତନୁ ଶର, ସମ୍ମାନିତ ଅତିଥି ଡାକ୍ତର ଜଳନ୍ଧର ମେହେର, ମୁଖ୍ୟ ବକ୍ତା ରଞ୍ଜନ କୁମାର ବାଗ, ସମ୍ଭାଗ ସଭାପତି ଡା.ସୁଧାକର ପାଳ, ସମ୍ଭାଗ ସମିତି ଡା. ସିଦ୍ଧନାଥ ସାହୁ, ହରିହର ଭାଇ,ପଠାଣି ବରିହା, କ୍ଷୀରୋଦ ଚନ୍ଦ୍ର. ପ୍ରଧାନ, ହରମୋହନ. ଦାସ, ମହିଳା ସମିତି ବୈଜୟନ୍ତୀ. ପାଣିଗ୍ରାହୀ, ଗୋଲାପ ନନ୍ଦ, ସିପ୍ରା ରାଉତରାୟ, ସାଗରିକା ମୁଦୁଲି ପ୍ରମୁଖ ଉପସ୍ଥିତ ଥିଲେ।

# ବିଭିନ୍ନ ସ୍ଥାନରେ ପବିତ୍ରମୋହନ ପ୍ରଧାନଙ୍କ ଶ୍ରାଦ୍ଧବାର୍ଷିକ ପାଳିତ

**କଣିହାଁ / ପବିତ୍ର ନଗର, ୧୩।୬ (ସମିସ):** କଣିହାଁ ବ୍ଲକ ସମଲ ଥାନା ପରାବିଲ ପଞ୍ଚାୟତ ପବିତ୍ର ନଗର ବଜାର ସ୍ଥିତ ପବିତ୍ର ମୋହନ ସ୍ମୃତି ସଂସଦର ସଭାପତି ପ୍ରଦୀପ କୁମାର ସାହୁଙ୍କ ଅଧ୍ୟକ୍ଷତାରେ ମୁଖ୍ୟ ଅତିଥି ଭାବେ ପାଲଲହଡ଼ା ବିଧାୟକ ଅଶୋକ ମହାନ୍ତି, ଅନ୍ୟତମ ଅତିଥି ଭାବେ ସମାଜସେବୀ ଶ୍ୟାମସୁନ୍ଦର ସାହୁ, କେନ୍ଦ୍ରୀୟ ଚାଷକ୍ ସମାଜ ସଭାପତି ମୁକୁନ୍ଦ ଚନ୍ଦ୍ର ସାହୁ, ସରପଞ୍ଚ ଦୁଃଖବନ୍ଧୁ ବେହେରା, ଧରଣୀଧର ବେହେରା, ରମେଶ ଚନ୍ଦ୍ର ପ୍ରଧାନ, ହୃଷୀକେଶ ସାମଲ ପ୍ରମୁଖ ଯୋଗଦାନ କରିଥିଲେ। ଏହି କାର୍ଯ୍ୟକ୍ରମରେ ସ୍ମୃତି ସଂସଦ ପକ୍ଷରୁ ଏକ ବିରାଟ ଶୋଭାଯାତ୍ରାରେ ବଜାର ସ୍ଥିତ ଉତ୍କଳମଣି ଗୋପବନ୍ଧୁ ଦାସଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରାଯାଇଥିଲା। ସେଠାରୁ ପରିକ୍ରମା କରି ପବିତ୍ର ନଗର ମିନି ଷ୍ଟାଡିୟମ ପରିସରରେ ଥିବା ପବିତ୍ର ମୋହନ ପ୍ରଧାନଙ୍କ ପ୍ରତିମୂର୍ତ୍ତିରେ ମୁଖ୍ୟ ଅତିଥି ବିଧାୟକ ଶ୍ରୀ ମହାନ୍ତି ମାଲ୍ୟାର୍ପଣ କରିଥିଲେ। ସ୍ୱାଧୀନତା ସଂଗ୍ରାମୀ ପବିତ୍ର ମୋହନ ପ୍ରଧାନଙ୍କ ପୁଣ୍ୟ ଆତ୍ମା ଉଦ୍ଦେଶ୍ୟରେ ସଂସଦ ପକ୍ଷରୁ ହୋମଯଜ୍ଞ କାର୍ଯ୍ୟକ୍ରମ କରିବା ସହିତ ମିଷ୍ଟାନ୍ନ ବଣ୍ଟନ କରାଯାଇଥିଲା। ଏହି କାର୍ଯ୍ୟକ୍ରମରେ ସଂସଦ ପକ୍ଷରୁ ରଘୁନାଥ ପ୍ରଧାନ, ଘନଶ୍ୟାମ ସାହୁ, ଗିରୀଶ ଚନ୍ଦ୍ର ସାହୁ, ବୃନ୍ଦାବନ ପ୍ରଧାନ, ଗଗନ ପ୍ରଧାନ, ଯୋଗେଶ୍ୱର ସାହୁ, ପଙ୍କଜ ସାହୁ, ଦିଲ୍ଲୀପ ବିଶ୍ୱାଳ, ଲୋକନାଥ ସାହୁ, କପିଳେଶ୍ୱର ପ୍ରଧାନ, ଶରତ ସାହୁ, ପ୍ରଶ୍ନ ସାହୁ, ଦୀପୁ ସାହୁ, ବିନୋଦ ଜେନା, ଅକ୍ଷୟ ସାହୁ, ପୀତବାସ ସାହୁ, ବିଜୟ ପ୍ରଧାନ, ସୁନୀଲ ବେହେରା, ରାଜେଶ ପ୍ରଧାନ ପ୍ରମୁଖ ଉପସ୍ଥିତ ରହି ସହଯୋଗ କରିଥିଲେ।



ସେହିପରି କଣିହାଁ ପବିତ୍ର ମୋହନ ସରକାରୀ ଉଚ୍ଚ ବିଦ୍ୟାଳୟ କଣିହାଁ ପରିସରରେ ମୁକ୍ତି ପଥର ସୈନିକ, କବି ତଥା ଓଡ଼ିଶାର ପ୍ରାକ୍ତନ ଉପମୁଖ୍ୟମନ୍ତ୍ରୀ ପବିତ୍ର ମୋହନ ପ୍ରଧାନଙ୍କ ୩୭ତମ ଶ୍ରାଦ୍ଧବାର୍ଷିକ ପାଳିତ ହୋଇଯାଇଛି। ବିଦ୍ୟାଳୟର ଭାରପ୍ରାପ୍ତ ପ୍ରଧାନଶିକ୍ଷକ ସିଦ୍ଧି ପ୍ରସାଦ ସାହୁଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସଭାରେ ଆଲୁମିନିର ସଭାପତି ସୁକାନ୍ତ ଚନ୍ଦ୍ର ପ୍ରଧାନ, ସମ୍ପାଦକ ଭୂପେନ ଗଡ଼ନାୟକ, ଏସଏମସିର ସଭାପତି ଅଭିନ୍ନ ଚନ୍ଦ୍ର ପ୍ରଧାନ, ସୁଧାକର ପ୍ରଧାନ, ପୂର୍ବତନ ପଞ୍ଚାୟତ ସମିତି ଅଧ୍ୟକ୍ଷ ମଞ୍ଜୁଲତା ପ୍ରଧାନ, ପୂର୍ବତନ ପଞ୍ଚାୟତ ସମିତି ଉପାଧ୍ୟକ୍ଷ ତ୍ରିପୁରାରୀ ପ୍ରଧାନ, ପୂର୍ବତନ ଜିଲ୍ଲା ପରିଷଦ ସଭ୍ୟ କ୍ଷୀରସିନ୍ଧୁ ସେଠି, ପ୍ରାକ୍ତନ ପ୍ରଧାନଶିକ୍ଷକ ଦାଶରଥି ଜେନା, ଶିକ୍ଷାବିତ ବୀରବର ସାହୁ, ପ୍ରଦୀପ କୁମାର ପ୍ରଧାନ, କୁଳମଣି ସାମଲ, ମଛିନ୍ଦ୍ର ସାହୁ, ବିଦ୍ୟାଳୟର ଶିକ୍ଷକ ଅମିତା ଦେହୁରୀ, ବୀଣାପାଣି ସାହୁ, ସନ୍ତୋସିନୀ ସାହୁ, ବିନାୟକ ପ୍ରଧାନ, ଭୀମସେନ ସାମଲ, ଗୋଦାବରୀ ଗଡନାୟକ୍, ଇନ୍ଦ୍ରଜିତ ପ୍ରଧାନ ଅଞ୍ଚଳ ର ବିଶିଷ୍ଟ ବ୍ୟକ୍ତି ସାମ୍ବାଦିକ କଷ୍ଟୁ ସାମଲ, କର୍ଣ୍ଣ ଭୂତିଆ, ସମର ବଲ୍ଲଭ ପ୍ରଧାନ ପ୍ରମୁଖ ଯୋଗଦାନ କରି ପବିତ୍ର ମୋହନ ପ୍ରଧାନଙ୍କ ସରଳ ନିରାଡ଼ମ୍ବର ସାମାଜିକ ଜୀବନୀ ରାଜନୈତିକ ଜୀବନୀ ତଥା କାବ୍ୟିକ ଦିଗ୍ ଉପରେ ଆଲୋଚନା କରିଥିଲେ। ବିଦ୍ୟାଳୟ ପରିସର ସ୍ଥିତ ପବିତ୍ର ମୋହନ ପ୍ରଧାନଙ୍କ ପ୍ରତିମୂର୍ତ୍ତିରେ ପୁଷ୍ପମାଲ୍ୟ ଦେଇ ଶ୍ରାଦ୍ଧ ସୁମନ ଅର୍ପଣ କରିଥିଲେ। ବିଦ୍ୟାଳୟର କାର୍ଯ୍ୟାଳୟରେ ପବିତ୍ର ମୋହନ ପ୍ରଧାନ ଓ ଛାତ୍ର ବତ୍ସଳ ପ୍ରଧାନ ଶିକ୍ଷକ ରମେଶ ଚନ୍ଦ୍ର ପ୍ରଧାନ ଙ୍କ ତୈଳ ଚିତ୍ର ଉନ୍ମୋଚନ କରାଯାଇଥିଲା।ସମଗ୍ର ତାଳଚେର ର ବିଭିନ୍ନ ସ୍ଥାନ ରେ ପବିତ୍ର ମୋହନ ପ୍ରଧାନ ଙ୍କ ଶ୍ରାଦ୍ଧ ବାର୍ଷିକ ପାଳିତ ହୋଇଯାଇଛି। ତାଳଚେର ପ୍ରଜାମଣ୍ଡଳ ମେମୋରିଆଲ ଟ୍ରଷ୍ଟ କଣିହାଁ, କାକୁଡିଆ ଉଚ୍ଚ ବିଦ୍ୟାଳୟ, ପବିତ୍ର ମୋହନ ମେମୋରିଆଲ କଲେଜ୍ ରେଙ୍ଗାଲି, ପବିତ୍ର ନଗର କଲେଜ, ସଂଗ୍ରାମୀ ଙ୍କ ଜନ୍ମ ସ୍ଥାନ ପୋଇପାଲ, ଟାକୁଆ ଠାରେ ମହା ଆଡ଼ମ୍ବରରେ ଶ୍ରାଦ୍ଧ ଦିବସ ପାଳିତ ହୋଇଯାଇଛି।



## ମୁଦ୍ରା ବିନିମୟ ମୂଲ୍ୟ



ମୁଦ୍ରା ବିନିମୟ ମୂଲ୍ୟ (ଟଙ୍କାରେ)

- ଡଲାର ୮୩.୫୬ ● ପାଉଣ୍ଡ ୧୦୬.୯୧
- ୟୁରୋ ୯୦.୪୮ ● ୟେନ୍ ୦.୫୩

## ସୁନା, ରୁପା ଦର



୧୦ ଗ୍ରାମ ପିଛା (ଟଙ୍କାରେ)

- ସୁନା : ୬୫,୬୦୦ (ଭୁବନେଶ୍ୱର)
- ରୁପା : ୯୨,୦୦୦ (କେଜି)

## ଷ୍ଟକ୍ ମାର୍କେଟ୍

ବଜାର କାରବାର (ପଏଣ୍ଟରେ)

- ସେନ୍‌ସେକ୍ସ ୭୬,୮୧୦.୦୦
- ନିଫ୍ଟି ୨୩,୩୯୮.୦୦



## ପେଟ୍ରୋଲ-ଡିଜେଲ୍

ଲିଟର ପିଛା (ଟଙ୍କାରେ)

- ପେଟ୍ରୋଲ୍- ୧୦୧.୩୭ (ଭୁବନେଶ୍ୱର)
- ଡିଜେଲ୍ - ୯୨.୮୬



# ଅଷ୍ଟମ ବେତନ ଆୟୋଗ ଖୁବ୍‌ଶୀଘ୍ର

**ନୂଆଦିଲ୍ଲୀ,୧୩।୬(ଏଜେନ୍ସି):** କେନ୍ଦ୍ର ସରକାର ୨୦୨୬ ଜାନୁଆରୀରେ ଅଷ୍ଟମ ବେତନ ଆୟୋଗ କାର୍ଯ୍ୟକାରୀ କରିପାରନ୍ତି। ପ୍ରତି ୧୦ ବର୍ଷରେ କେନ୍ଦ୍ର ସରକାର ଏକ ନୂଆ ବେତନ ଆୟୋଗ ଗଠନ କରିଥାନ୍ତି। ଏଠାରେ ସୂଚନାଯୋଗ୍ୟ ଯେ, ଶେଷଥର ପାଇଁ ୨୦୧୬ ଜାନୁଆରୀରେ କେନ୍ଦ୍ର ସରକାର ୭ମ ବେତନ ଆୟୋଗ କାର୍ଯ୍ୟକାରୀ କରିଥିଲେ। ଏଭଳି ପରିସ୍ଥିତିରେ ଖୁବ୍ ଶୀଘ୍ର ନୂଆ ସରକାର ଏକ ନୂତନ ବେତନ ଆୟୋଗ କାର୍ଯ୍ୟକାରୀ କରିବାକୁ ଯୋଜନା କରିପାରନ୍ତି । କେନ୍ଦ୍ର ସରକାରରେ ଏକ କୋଟିରୁ ଅଧିକ ସରକାରୀ କର୍ମଚାରୀ ଏବଂ ପେନସନଭୋଗୀ ରହିଛନ୍ତି। ଏହି କର୍ମଚାରୀମାନେ ଅଷ୍ଟମ ବେତନ ଆୟୋଗ ଗଠନ ପାଇଁ ଅପେକ୍ଷା କରିଛନ୍ତି। କର୍ମଚାରୀଙ୍କ ଦରମା ବୃଦ୍ଧି ସମ୍ପର୍କରେ ଅଷ୍ଟମ ବେତନ ଆୟୋ ଇତି ମଧ୍ୟରେ ସରକାରଙ୍କୁ ସୁପାରିଶ ଦାଖଲ କରିସାରିଛନ୍ତି। କର୍ମଚାରୀଙ୍କ ସୁପାରିସ ଜାନୁୟାରୀ ୨୦୨୬ ରୁ ଅଷ୍ଟମ ବେତନ ଆୟୋଗରେ ଦାଖଲ କରାଯାଇପାରିବ। ତେବେ ଜାନୁଆରୀ ୧୯୪୬ ରେ ଦେଶରେ ପ୍ରଥମ ବେତନ ଆୟୋଗ ଗଠନ କରାଯାଇଥିଲା। ଅଷ୍ଟମ ବେତନ ଆୟୋଗ ଗଠନ ଗଂନ ହେଲେ ମୋଟ ୪୯ ଲକ୍ଷ ସରକାରୀ କର୍ମଚାରୀ ଏବଂ ୬୮ ଲକ୍ଷ ପେନସନଭୋଗୀଙ୍କ ଦରମା ବୃଦ୍ଧି ହୋଇପାରେ।

# ଲାଲ୍‌ଚାନ୍ଦ୍ ଜୁଏଲର୍ସର ସ୍ୱତନ୍ତ୍ର ରଜ ରୂପବତୀ ଅଫର୍

**ଭୁବନେଶ୍ୱର,୧୩।୬(ସମିସ):** ଗଣପର୍ବ ରଜକୁ ଦୃଷ୍ଟିରେ ରଖି ପୂର୍ବଭାରତର ସର୍ବାଧିକ ଲୋକପ୍ରିୟ ଅଳଙ୍କାର ପ୍ରତିଷ୍ଠାନ ଲାଲ୍‌ଚାନ୍ଦ୍ ପକ୍ଷରୁ ସ୍ୱତନ୍ତ୍ର ଅଫର୍ ଘୋଷଣା କରାଯାଇଛି। ସୁନା, ରୁପା ଏବଂ ହୀରାର ସର୍ବୋତ୍କୃଷ୍ଟ ସଂଗ୍ରହରେ ଲାଲ୍‌ଚାନ୍ଦ୍ ଜୁଏଲର୍ସ ଅନେକ ଆକର୍ଷଣୀୟ ଅଫର୍ ଆଣିଛି। ଏହି ଅନୁକ୍ରମରେ ସମସ୍ତ ଏଚ୍‌ୟୁଆଇଡି ହଲ୍‌ମାର୍କଯୁକ୍ତ ସୁନା ଗହଣାର ଗଢ଼ାମୂଲ୍ୟ ପ୍ରତି ଗ୍ରାମ୍ ପିଛା ଫ୍ଲାଟ୍ ୭୯୯ଟଙ୍କା ରହିଥିବା ବେଳେ ହୀରା ମୂଲ୍ୟ ଉପରେ ଫ୍ଲାଟ୍ ୨୦% ରିଆତି ପ୍ରଦାନ କରାଯାଉଛି। ଏହାସହ ରୁପା ଗହଣାର ଗଢ଼ା ମୂଲ୍ୟ ଉପରେ ଫ୍ଲାଟ୍ ୫୦%, ରୁପା ଉପହାର ସାମଗ୍ରୀର ଏମ୍‌ଆର୍‌ପି ଉପରେ ଫ୍ଲାଟ୍ ୧୦% ଏବଂ ମନୋନୀତ ଅନ୍ତର୍ଜାତୀୟ ହାତଘଣ୍ଟା ବ୍ରାଣ୍ଡଗୁଡ଼ିକ ଉପରେ ଫ୍ଲାଟ୍ ୨୦% ରିଆତି ରଖାଯାଇଛି। ଏହି ଅଫରଗୁଡ଼ିକ ୧୪ରୁ ୨୨ ଜୁନ୍ ୨୦୨୪ ପର୍ଯ୍ୟନ୍ତ କଟକର ସିଡିଏସ୍ଥିତ ଲାଲ୍‌ଚାନ୍ଦ୍ ଜୁଏଲର୍ସର ନୂଆ କରି ଖୋଲିଥିବା ଷ୍ଟୋର ସମେତ ସବୁ ଷ୍ଟୋରରେ ଉପଲବ୍ଧ। ଏହାସହ ଲାଲ୍‌ଚାନ୍ଦ୍ ପ୍ରତ୍ୟେକ ଶୋ'ରୁମ୍‌ରେ ବିଆଇଏସ୍ ହଲ୍‌ମାର୍କଯୁକ୍ତ ପୁରୁଣା ସୁନାର ଏକ୍ସଚେଞ୍ଜ ଉପରେ ୧୦୦% ସୁନା ମୂଲ୍ୟ ମିଳୁଥିବା ନେଇ ସୂଚନା ଦିଆଯାଇଛି। ଏଠାରେ ଉଲ୍ଲେଖଯୋଗ୍ୟ ଯେ, ଅଳଙ୍କାର ଶିଳ୍ପ ଜଗତରେ ଦୀର୍ଘ ୩୫ବର୍ଷର ଭରସାଯୋଗ୍ୟ ବ୍ରାଣ୍ଡ ପାଳଟିଥିବା ଲାଲ୍‌ଚାନ୍ଦ୍ ଜୁଏଲର୍ସ ପ୍ରାରମ୍ଭରୁ ଗ୍ରାହକଙ୍କ ସଚେତନତା ପାଇଁ ମିଡିଆ କ୍ୟାମ୍ପେନ୍ ଚଳାଇ ଆସୁଛି। ଏଥିସହ ସୁନାର ଗୁଣବତ୍ତା ସହ ଲାଲ୍‌ଚାନ୍ଦ୍ ଜୁଏଲର୍ସ ଗ୍ରାହକଙ୍କୁ 'ଅପ୍ ଟୁ' ସ୍କାମ୍‌ରୁ ବର୍ତ୍ତି ସର୍ବଦା ଫ୍ଲାଟ୍ ଓ ସ୍ୱଚ୍ଛ ଗଢ଼ା ମଜୁରୀକୁ ଚୟନ କରିବା ଏବଂ ସର୍ତ୍ତମୂଳକ ଅଫରରୁ ବିରତ ରହିବା ନେଇ ପରାମର୍ଶ ଦେଇଆସୁଛି।




# ଘରୋଇ ପୁଞ୍ଜିବଜାରରେ ସର୍ବକାଳୀନ ରେକର୍ଡ

## ସେନ୍‌ସେକ୍ସ ୭୭ ହଜାର ପଏଣ୍ଟ ଟପିଲା

**ମୁମ୍ବାଇ ୧୩।୬(ଏଜେନ୍ସି)**

ବମ୍ବେ ଷ୍ଟକ୍ ଏକ୍ସଚେଞ୍ଜ (ବିଏସଇ) ସେନସେକ୍ସ ଗୁରୁବାର ସର୍ବକାଳୀନ ଉଚ୍ଚତମ ସ୍ତର ଛୁଇଁଛି। ଫଳରେ ବିଏସଇରେ ସୂଚୀବଦ୍ଧ କମ୍ପାନୀମାନଙ୍କ ସାମୂହିକ ବଜାର ପୁଞ୍ଜିଣ (ଏମକ୍ୟାପ) ୪୩୧.୬୭ ଲକ୍ଷ କୋଟି ଟଙ୍କାର ନୂଆ ରେକର୍ଡ ସ୍ତରରେ ପହଞ୍ଚିଛି। ଲଗାତାର ଦ୍ୱିତୀୟ ଦିନ ଅଭିବୃଦ୍ଧି ସହିତ ୩୦ ସେୟାରର ବିଏସଇ ସେନସେକ୍ସ ୫୩୮.୮୯ ପଏଣ୍ଟ ଅର୍ଥାତ ୦.୭୦ ପଏଣ୍ଟ ବଢି ୭୭,୧୪୫.୪୬ ପଏଣ୍ଟର ସର୍ବକାଳୀନ ଉଚ୍ଚତମ ସ୍ତରକୁ ପହଞ୍ଚିଛି।

ଗୁରୁବାର କାରବାର ଶେଷ ବେଳକୁ ସେନସେକ୍ସ ୨୦୪.୩୩ ପଏଣ୍ଟ ଅର୍ଥାତ ୦.୨୭ ପ୍ରତିଶତ ବୃଦ୍ଧି ସହ ୭୬,୮୧୦.୯୦ ପଏଣ୍ଟର ନୂଆ ରେକର୍ଡ ସ୍ତରରେ ବନ୍ଦ ହୋଇଛି। ଫଳରେ ବିଏସଇରେ ସୂଚୀବଦ୍ଧ କମ୍ପାନୀଗୁଡିକ ବଜାର ପୁଞ୍ଜି ୪,୩୧,୬୭,୫୪୧. ୮୧ କୋଟି ଟଙ୍କା ଅର୍ଥାତ ୫.୧୭ ଲକ୍ଷ କୋଟି ଡଲାରର ସର୍ବକାଳୀନ ଉଚ୍ଚତମ ସ୍ତରକୁ ଛୁଇଁଛି। ସେୟାର ବଜାରରେ ଏପରି ଅଭିବୃଦ୍ଧି ଦୁଇ ଦିନରେ ନିବେଶକଙ୍କୁ ସେମାନଙ୍କ ସମ୍ପତ୍ତିରେ ୪.୭୨ ଲକ୍ଷ କୋଟି ଟଙ୍କା ବୃଦ୍ଧି କରିବାକୁ ସୁଯୋଗ ଦେଇଛି।

ଆଜିର କାରବାରରେ ସେନସେକ୍ସର ୩୦ କମ୍ପାନୀ ମଧ୍ୟରେ ମହିନ୍ଦ୍ରା ଆଣ୍ଡ ମହିନ୍ଦ୍ରା, ଟାଇଟନ, ଲାର୍ସନ ଆଣ୍ଡ ଟୁବ୍ରୋ, ଇଣ୍ଡସଇଣ୍ଡ ବ୍ୟାଙ୍କ, ଟେକ୍ ମହିନ୍ଦ୍ରା, ଅଲ୍ଟ୍ରାଟେକ୍ ସିମେଣ୍ଟ, ୱିପ୍ରୋ, ଟାଟା କନସଲଟାନ୍ସୀ ସର୍ବିସେସ୍, ବଜାଜ ଫାଇନାନ୍ସ ଓ ନେସ୍‌ଲେର ଶେୟାର ମୂଲ୍ୟରେ ବେଶ୍ ଅଭିବୃଦ୍ଧି ପରିଲକ୍ଷିତ ହୋଇଛି। କ୍ରମାଗତ ଭାବେ ଦୁଇଦିନର ସଫଳତା ଘରୋଇ ଷ୍ଟକ୍‌ଗୁଡିକର ବଜାର ପୁଞ୍ଜି ବୃଦ୍ଧିରେ ବେଶ ସହାୟକ ହୋଇଛି।



**● ବିଏସ୍‌ଇ ସୂଚୀବଦ୍ଧ କମ୍ପାନୀଙ୍କ ଏମ୍ କ୍ୟାପ୍ ୫.୧୭ ଲକ୍ଷ କୋଟି ଡଲାର**

# ୨୨ରେ ଜିଏସ୍‌ଟି ପରିଷଦ ବୈଠକ

**ନୂଆଦିଲ୍ଲୀ,୧୩।୬(ଏଜେନ୍ସି)**

ଅର୍ଥମନ୍ତ୍ରୀ ନିର୍ମଳା ସୀତାରମଣଙ୍କ ଅଧ୍ୟକ୍ଷତାରେ ଜିଏସଟି କାଉନସିଲର ବୈଠକ ଜୁନ୍ ୨୨ରେ ହେବ । ଅର୍ଥମନ୍ତ୍ରୀ ନିର୍ମାଳା ସୀତାରମଣଙ୍କ ଅଧ୍ୟକ୍ଷତାରେ ଜିଏସ୍‌ଟି ପରିଷଦର ୫୩ତମ ବୈଠକ ନୂଆଦିଲ୍ଲୀରେ ଅନୁଷ୍ଠିତ ହେବ। ଉଲ୍ଲେଖଯୋଗ୍ୟ ଯେ ଲୋକସଭା ନିର୍ବାଚନ ପରେ ଏହା କାଉନସିଲର ପ୍ରଥମ ବୈଠକ ହେବ। ଏହା ପୂର୍ବରୁ ପରିଷଦର ୫୨ତମ ବୈଠକ ୨୦୨୩ ଅକ୍ଟୋବର ୨୩ରେ ଅନୁଷ୍ଠିତ ହୋଇଥିଲା, ଯେଉଁଥିରେ ସବୁ ରାଜ୍ୟ ଏବଂ କେନ୍ଦ୍ର ଶାସିତ ଅଞ୍ଚଳର ଅର୍ଥମନ୍ତ୍ରୀ ସାମିଲ ହୋଇଥିଲେ।

ବୈଠକର ଏଜେଣ୍ଡା ବାବଦରେ ସୂଚନା ବର୍ତ୍ତମାନ ସମୟରେ କାଉନସିଲ ସଦସ୍ୟଙ୍କୁ ଦିଆଯାଇନାହିଁ। ଦେଶର ମୋଟ ଜିଏସଟି ସଂଗ୍ରହ ମେ' ମାସରେ ୧୦% ବୃଦ୍ଧି ପାଇ ୧.୭୩ ଲକ୍ଷ କୋଟି ଟଙ୍କା ହୋଇଛି। ମେ' ମାସରେ ଜିଏସଟି ସଂଗ୍ରହ ବାର୍ଷିକ ଆଧାରରେ ୧୦ ପ୍ରତିଶତ ବୃଦ୍ଧି ହୋଇଥିଲା। ସେହିପରି ଏପ୍ରିଲ ମାସରେ ପ୍ରଥମ ଥର ପାଇଁ ଜିଏସ୍‌ଟି ସଂଗ୍ରହ ୨ ଲକ୍ଷ କୋଟି ଟଙ୍କା ପାର କରିଥିଲା। ଚଳିତ ବର୍ଷ ଜିଏସ୍‌ଟି ପରିଷଦର ବୈଠକ ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ ହେବାକୁ ଯାଉଛି। ନିକଟରେ ବ୍ରୋକରେଜ୍ ହାଉସ ଏମ୍ବିଟ୍ କ୍ୟାପିଟାଲ ଜିଏସ୍‌ଟିକୁ ନେଇ ଏକ ରିସର୍ଚ୍ଚ ପେପର ଜାରି କରିଛନ୍ତି ଯେଉଁଥିରେ କୁହାଯାଇଛି ଯେ ଜିଏସଟି ହାରକୁ ଯୁକ୍ତିଯୁକ୍ତ କରିବା ପାଇଁ ଏହା ହେଉଛି ଉପଯୁକ୍ତ ସମୟ।




# ଜିନ୍ଦଲ୍ ଷ୍ଟେନଲେସ୍ ପକ୍ଷରୁ ଜଙ୍ଗ ୱାରିଅର ଅଭିଯାନ ଆରମ୍ଭ



**ଭୁବନେଶ୍ୱର, ୧୩।୬(ସମିସ):** ଷ୍ଟେନଲେସ୍ ଷ୍ଟିଲ୍ ଉତ୍ପାଦନକାରୀ ଜିନ୍ଦଲ ଷ୍ଟେନଲେସ୍ ଆଜି ବିଶ୍ୱ ଶିଶୁ ଶ୍ରମିକ ବିରୋଧୀ ଦିବସ ଅବସରରେ ଜଙ୍ଗ ୱାରିୟର ନାମରେ ଏକ ବ୍ରାଣ୍ଡ ଅଭିଯାନ ଆରମ୍ଭ କରିଛି। କମ୍ପାନୀର ଷ୍ଟେନଲେସ୍ ଏକାଡେମୀ ମାଧ୍ୟମରେ ଫେବ୍ରିକେଟରମାନଙ୍କ ଜୀବନ ଉପରେ ସକାରାତ୍ମକ ପ୍ରଭାବ ଆଣିବା ତଥା ସ୍ଥାୟୀ ସାମାଜିକ ପରିବର୍ତ୍ତନ ପାଇଁ ଦକ୍ଷତା ସୃଷ୍ଟି କରିବା ଏହି ଅଭିଯାନର ଉଦ୍ଦେଶ୍ୟ। ଏହି ପଦକ୍ଷେପ ଷ୍ଟେନଲେସ୍ ଷ୍ଟିଲରବ୍ୟବହାରକୁ ପ୍ରୋତ୍ସାହିତ କରେ, ବିଶେଷକରି ଡାଉନଷ୍ଟ୍ରିମ୍ ଶିଳ୍ପ ଅଧୀନରେ ଜିନ୍ଦଲ ଷ୍ଟେନଲେସ୍ ଫେବ୍ରିକେଟରମାନଙ୍କୁ ମାଗଣାରେ ଫେବ୍ରିକେସନ ପ୍ରଶିକ୍ଷଣ ପ୍ରଦାନ କରେ। ଜିନ୍ଦଲ ସାଥୀ ପ୍ରକଳ୍ପ ଅନ୍ତର୍ଗତ ଜଙ୍ଗ ୱାରିୟର ବ୍ରାଣ୍ଡ ଅଭିଯାନରେ ତିନୋଟି ହୃଦୟସ୍ପର୍ଶୀ ଭିଡିଓ ରହିଛି, ଯାହା ଶିଶୁ ଶ୍ରମିକ ସହ ଭାରତରେ ପ୍ରଚଳିତ ସାମାଜିକ ସମସ୍ୟା ଯଥା ଲିଙ୍ଗଗତ ଅସମାନତା ଏବଂ ସାମାଜିକ ନ୍ୟାୟ ଉପରେ ଆଲୋକପାତ କରେ। ଷ୍ଟେନଲେସ୍ ଏକାଡେମୀ ମାଧ୍ୟମରେ ଅର୍ଥନୈତିକ ସ୍ୱାଧୀନତା ଏବଂ ଆତ୍ମନିର୍ଭରଶୀଳତାର ମାର୍ଗ ଖୋଜିଥିବା ବ୍ୟକ୍ତିବିଶେଷଙ୍କ ଭାବପ୍ରବଣ କାହାଣୀକୁ ଏହି ଭିଡିଓରେ ଦର୍ଶାଯାଇଛି। ପ୍ରଥମ ଭିଡିଓରେ ଦର୍ଶାଯାଇଛି ଯେ ଏହି କାର୍ଯ୍ୟକ୍ରମ କିପରି ମହିଳାମାନଙ୍କୁ ଅର୍ଥନୈତିକ ସ୍ୱାଧୀନତା ହାସଲ କରିବା ଏବଂ ଫେବ୍ରିକେସନ୍ ଶିଳ୍ପରେ ଲିଙ୍ଗଗତ ପ୍ରତିବନ୍ଧକକୁ ଭାଙ୍ଗିବା ପାଇଁ ସଶକ୍ତ କରିଥାଏ। ଦ୍ୱିତୀୟ ଭିଡିଓରେ ଶିଶୁ ଶ୍ରମିକ ପ୍ରସଙ୍ଗ ଉପରେ ଗୁରୁତ୍ୱାରୋପ କରାଯାଇଛି। ଅନ୍ୟପକ୍ଷରେ ତୃତୀୟ ଭିଡିଓରେ ଅବହେଳିତ ବର୍ଗର ଲୋକଙ୍କୁ ଉନ୍ନତ ସୁଯୋଗ ମିଳିବା ସହ ସମାଜରେ ସ୍ୱୀକୃତି ଓ ସମ୍ମାନ ମିଳିବାରେ ପ୍ରଶିକ୍ଷଣ କାର୍ଯ୍ୟକ୍ରମ କିଭଳି ସହାୟକ ହୋଇଛି, ସେ କଥା ଦର୍ଶାଯାଇଛି।

# ଏଏମ୍/ ଏନ୍‌ଏସ୍ ଇଣ୍ଡିଆ ପକ୍ଷରୁ ଓଡ଼ିଶାରେ ସ୍ଥିରତା ସପ୍ତାହ ପାଳିତ



**ଭୁବନେଶ୍ୱର, ୧୩।୬(ସମିସ)**

ଆର୍ସେଲରମିତ୍ତଲ ନିପ୍ପନ୍ ଷ୍ଟିଲ୍ ଇଣ୍ଡିଆ (ଏଏମ/ଏନଏସ ଇଣ୍ଡିଆ) ଓଡିଶାରେ ସ୍ଥିରତା ସପ୍ତାହ (ସଷ୍ଟେନାବିଲିଟି ଉଇକ) ଅବସରରେ #ଜେନେରେସନ୍ ରେଷ୍ଟୋରେସନ୍ ହ୍ୟାସଟ୍ୟାଗ୍ ସହିତଜମି ପୁନରୁଦ୍ଧାର, ମରୁଭୂମି ଏବଂ ମରୁଡ଼ି ସ୍ଥିରତାର ବିଷୟବସ୍ତୁ ନେଇ ବିଭିନ କାର୍ଯ୍ୟକ୍ରମ ଆୟୋଜନ କରିଥିଲା। ପାରାଦୀପରେ ଏହି କାର୍ଯ୍ୟକ୍ରମଗୁଡିକ ପରିବେଶ ସୁରକ୍ଷା, ଜମି ସମ୍ବନ୍ଧୀୟ ସମସ୍ୟା ଉପରେ ସଚେତନତା ସୃଷ୍ଟି କରିବାକୁ ଲକ୍ଷ୍ୟ ରଖାଯାଇଥିଲା। କର୍ମଚାରୀ ଏବଂ ସେମାନଙ୍କ ପରିବାର ପାଇଁ ବିଭିନ୍ନ ପ୍ରତିଯୋଗିତା ଯେପରିକି କୁଇଜ୍, ପୋଷ୍ଟର ତିଆରି ଏବଂ ଭିଡିଓ ବାର୍ତ୍ତା ରେକର୍ଡିଂ ଆଦିର ଆୟୋଜନ କରାଯାଇଥିଲା। ଏହି ଅବସରରେ ଏଏମ/ଏନଏସ ଇଣ୍ଡିଆ ଓଡିଶା ଅପରେସନ୍ କାର୍ଯ୍ୟନିର୍ବାହୀ ନିର୍ଦ୍ଦେଶକ ସୁରେଶା ଜି କହିଛନ୍ତି, ଆମ ପରିବେଶର ସୁରକ୍ଷା ଆମ ସମସ୍ତଙ୍କର ଦାୟିତ୍ୱ। ଆମେ ପାରାଦୀପରେ ପେଲେଟ୍ ଉତ୍ପାଦନ ପାଇଁ ପ୍ରାକୃତିକ ଗ୍ୟାସ୍ ପ୍ରୟୋଗ କରିଛୁ ଯାହା ପ୍ରକୃତିର ପରିବେଶ ପ୍ରତି ଅନୁକୂଳ ଅଟେ। ଗତ ଦୁଇ ବର୍ଷ ମଧ୍ୟରେ ଆମେ ପ୍ଲାଣ୍ଟ ପରିସରରେ ୩୦,୦୦୦ ରୁ ଅଧିକ ଚାରା ରୋପଣ କରିଛୁ, ଯାହା ଗ୍ରୀନବେଲ୍ଟର ବିକାଶକୁ ୩୩% ରୁ ୪୨% କୁ ନେଇଛି। କାର୍ବନ ଫୁଟ୍ ପ୍ରିଣ୍ଟକୁ ହ୍ରାସ କରି ସବୁଜ ପରିବେଶକୁ ବଜାୟ ରଖିବା ନିମନ୍ତେ ଏହି ବର୍ଷ ଆମେ ପ୍ଲାଣ୍ଟ ଭିତରେ ୧୦,୦୦୦ ରୁ ଅଧିକ ବୃକ୍ଷ ରୋପଣ କରିବା ସହିତ ଆମ ପ୍ଲାଣ୍ଟ ବାହାରେ ୧୦୦୦ ରୁ ଅଧିକ ବୃକ୍ଷ ବଣ୍ଟନ କରିବାର ଲକ୍ଷ୍ୟ ରଖିଛୁ।

# ଫଗ୍‌ସି ପକ୍ଷରୁ ମହିଳାଙ୍କ ପାଇଁ ଟିକାକରଣ କାର୍ଯ୍ୟକ୍ରମ ଆରମ୍ଭ




**ଭୁବନେଶ୍ୱର, ୧୩।୬ (ସମିସ):** ଫେଡ଼େରେଶନ ଅଫ ଓବେଷ୍ଟ୍ରିକ୍ ଆଣ୍ଡ ଗାଇନାକୋଲୋଜିକାଲ ସୋସାଇଟି ଅଫ୍ ଇଣ୍ଡିଆ (ଫଗସି) ପକ୍ଷରୁ ନିକଟରେ ମହିଳା ମାନଙ୍କ ପାଇଁ ଏକ ବ୍ୟାପକ ଟିକାକରଣ କାର୍ଯ୍ୟସୂଚୀ ଶୁଭାରମ୍ଭ କରାଯାଇଛି, ଯାହା ବୟସ୍କ ମହିଳା ମାନଙ୍କୁ ମିଳିବା ନିତାନ୍ତ ଆବଶ୍ୟକ ଏବଂ ପ୍ରତ୍ୟେକ ଟିକାକୁ ନିର୍ଦ୍ଦିଷ୍ଟ ସମୟ ବ୍ୟବଧାନରେ ନେବା ପାଇଁ ପରାମର୍ଶ ଦିଆଯାଇଛି। ଫଗସି ଏବଂ ଏମଏସଡ଼ି ଫାର୍ମା ସମଗ୍ର ଭାରତରେ ମହିଳାଙ୍କ ଟିକାକରଣ ବିଷୟରେ ସଚେତନତା ସୃଷ୍ଟିକରିବା ଏବଂ ମହିଳା ମାନଙ୍କ ମଧ୍ୟରେ ସଂକ୍ରମଣ ଜନିତ ରୋଗକୁ ରୋକିବାରେ ସହାୟକ ହୋଇଥାଏ। ଅଭିନେତ୍ରୀ ତଥା ମହିଳା ସ୍ୱାସ୍ଥ୍ୟ ଚମ୍ପିୟାନ୍, କାଜଲ ଅଗ୍ରୱାଲ ନିକଟରେ ମୁମ୍ବାଇରେ ଏକ କାର୍ଯ୍ୟକ୍ରମରେ ଟିକାକରଣ କାର୍ଯ୍ୟସୂଚୀ ଉନ୍ମୋଚନ କରିଛନ୍ତି। ତାଙ୍କ ସହ ଫଗସିର ସଭାପତି, ଡ଼. ଜୟଦୀପ୍ ଟ୍ୟାଙ୍କ, ଫଗସିର ସାଧାରଣ ସଚିବ, ଡ଼ ମାଧୁରୀ ପଟେଲ, ଫୋଗସିର ତôତାଳୀନ ପୂର୍ବତନ ସଭାପତି ତଥା ଫିଗୋ (ଏସିଆ-ଓସେନିଆ)ର ବର୍ତମାନର ଟ୍ରଷ୍ଟି ପ୍ରଫେସର, ଡ଼ ହୃଷିକେଶ ପାଇ, ଫୋଗସିର ପୂର୍ବତନ ସଭାପତି, ଡ଼. ରେଶମା ପାଇ, ଫଗସିର ପୂର୍ବତନ ସଭାପତି ତଥା ଆଇଏସଏଆର (ଇଣ୍ଡିଆନ୍ ସୋସାଇଟି ଅଫ ଆର୍ଟିଫିସିଆଲ ରିପ୍ରଡକ୍ସନ)ର ପୂର୍ବତନ ସଭାପତି, ଡ଼ ନନ୍ଦିତା ପାଲଶେଟକର, ଡ଼. ପ୍ରିୟ ଗଣେଶ କୁମାର, ଫଗସି ଅଙ୍କୋଲୋଜି କମିଟିର ଅଧ୍ୟକ୍ଷ, ଯିଏକି ଫଗସି ପ୍ରକଳ୍ପର ନେତୃତ୍ୱ ନେଇଆସୁଛନ୍ତି।

# ମୁଭ୍‌ର କୋଲ୍ଡ ଥେରାପି 'ମୁଭ୍ କୁଲ୍'

**ମୁମ୍ବାଇ, ୧୩।୬:** ଯନ୍ତ୍ରଣା ମୁକ୍ତି ବ୍ରାଣ୍ଡ ମୁଭ୍ ଏହାର କୋଲ୍ଡ ଥେରାପି ଦ୍ୱାରା ଅନୁପ୍ରେରିତ ଏକ ବୈପ୍ଳବିକ ଉଦ୍ଭାବନ 'ମୁଭ୍ କୁଲ୍'କୁ ବଜାରକୁ ଆଣିଛି। ଏକ ସକ୍ରିୟ ଜୀବନଶୈଳୀ ସହିତ ଜଡିତ ଆଘାତ, ମକଚି ହେବା, ମୋଡ଼ି ହେବା ଏବଂ ମାଂସପେଶୀ ଯନ୍ତ୍ରଣା କାରଣରୁ ମାଂସପେଶୀ ଏବଂ ଗଣ୍ଠି ଯନ୍ତ୍ରଣାରୁ ମୁକ୍ତି ପ୍ରଦାନ କରିବା ପାଇଁ ଡିଜାଇନ୍ କରାଯାଇଛି। ରେକିଟ୍ ପେନ୍ ଇଣ୍ଡିଆ ଡିସିଜି ଡିମାଣ୍ଡ ସର୍ଭେ ଅନୁଯାୟୀ, ଭାରତରେ ୪୦୦୦ ରୁ ଅଧିକ ଉତରଦାତାଙ୍କ ସହିତ, ପାଖାପାଖି ୮% ଯନ୍ତ୍ରଣା ଘଟଣା କ୍ରୀଡ଼ା କିମ୍ବା ବ୍ୟାୟାମ ସମ୍ବନ୍ଧୀୟ। ମୁଭ କୁଲ୍ ମାଂସପେଶୀ ଯନ୍ତ୍ରଣା, ଚର୍ମ ଏବଂ ମକଚି ହେବା ସମେତ ଫିଟନେସ୍ ସମ୍ବନ୍ଧୀୟ ଆଘାତର ସମାଧାନ କରନ୍ତି। ମେନ୍‌ଥୋଲ ଦ୍ୱାରା ଚାଳିତ, ମୁଭ୍ କୁଲ୍ ଏକ ବରଫ ପରି ଶୀତଳ ଅନୁଭବ ପ୍ରଦାନ କରେ ଯାହା ପ୍ରଭାବିତ ସ୍ଥାନକୁ ଉପଶମ ପ୍ରଦାନ କରିବାରେ ସାହାଯ୍ୟ କରେ ଏବଂ ୧୫ ସେକେଣ୍ଡରେ କାମ କରିବା ଆରମ୍ଭ କରେ।

# ମାଗଣାରେ ଆଧାର ଅପ୍‌ଡେଟ୍ ସମୟସୀମା ବଢ଼ିଲା

**ନୂଆଦିଲ୍ଲୀ,୧୩।୬(ଏଜେନ୍ସି)**

ୟୁନିକ୍ ଆଇଡେଣ୍ଟିଫିକେସନ୍ ଅଥରିଟି ଅଫ୍ ଇଣ୍ଡିଆ (ୟୁଆଇଡିଏଆଇ) ପୁଣିଥରେ ଆଧାର ଅପ୍‌ଡେଟ୍ ସମୟସୀମା ବୃଦ୍ଧି କରିଛି। ଚଳିତଥର ଏହି ସମୟସୀମାକୁ ୩ ମାସ ପାଇଁ ବୃଦ୍ଧି କରାଯାଇଛି। ଏହାଫଳରେ ବର୍ତ୍ତମାନ ଜଣେ ନିଜର ଆଧାରକୁ ୧୪ ସେପ୍ଟେମ୍ବର ପର୍ଯ୍ୟନ୍ତ ମାଗଣାରେ ଅପଡେଟ୍ କରିବାକୁ ସକ୍ଷମ ହେବେ ଏବଂ ଏଥିପାଇଁ ଆପଣଙ୍କୁ କୌଣସି ଦେୟ ବା ଫି' ଦେବାକୁ ପଡିବନାହିଁ। ହେଲେ ଏହାପରେ ଆଧାର ଅପଡେଟ୍ କରିବା ପାଇଁ ଚାର୍ଜ ଦେବାକୁ ପଡିବ।

ଏହାପୂର୍ବରୁ ଆଧାର ଅପଡେଟ୍ ସମୟସୀମା ୨୦୨୩ ଡିସେମ୍ବର ୧୪ ପର୍ଯ୍ୟନ୍ତ ରହିଥିଲା, କିନ୍ତୁ ଏହାକୁ ୧୪ ଜୁନ୍ ପର୍ଯ୍ୟନ୍ତ ବୃଦ୍ଧି କରାଯାଇଥିଲା। ୟୁଆଇଡିଏଆଇ ଦ୍ୱାରା ୨୦୨୩ ସେପ୍ଟେମ୍ବର ୬ରେ ଜାରି କରାଯାଇଥିବା ସର୍କୁଲାର ଅନୁଯାୟୀ, ଏହି ପଦକ୍ଷେପ ବିଶେଷ ଭାବରେ ସେହି ଲୋକମାନଙ୍କ ପାଇଁ ଆରମ୍ଭ ହୋଇଛି ଯେଉଁମାନେ ୧୦ ବର୍ଷ ପୂର୍ବେ ଆଧାର କାର୍ଡ ପାଇଥିଲେ ଏବଂ ଏହାକୁ ଥରେ ମଧ ଅପଡେଟ୍ କରିନାହାଁନ୍ତି।

ଆଧାର ଅପଡେଟ୍ କରିବା ପାଇଁ ୟୁଜରମାନେ ୟୁଆଇଡିଏଆଇର ଅଫିସିଆଲ୍ ୱେବସାଇଟ୍, 'ମାଇଁଆଧାର/ myAadhaar' ପରିଦର୍ଶନ କରି ନିଜେ ସେମାନଙ୍କର ବିବରଣୀ ଅପଡେଟ୍ କରିପାରିବେ। ଏଥିରେ କେବଳ ଡେମୋଗ୍ରାଫିକ୍ ବା ଜନସଂଖ୍ୟକ ତଥ୍ୟ ଅନ୍‌ଲାଇନ୍‌ରେ ଅପଡେଟ୍ ହୋଇପାରିବ। ଯଦି ଆପଣ ନିଜେ ଆଧାରକୁ ଅପଡେଟ୍ କରିପାରିବେ ନାହିଁ, ତେବେ ଆପଣ ନିକଟସ୍ଥ ଆଧାର କେନ୍ଦ୍ରକୁ ଯାଇ ଏହି କାର୍ଯ୍ୟ କରିପାରିବେ, କିନ୍ତୁ ଏଠାରେ ପ୍ରତ୍ୟେକ ବିବରଣୀ (ଜନସଂଖ୍ୟା ଏବଂ ବାୟୋମେଟ୍ରିକ୍ ଡାଟା) ଅପଡେଟ୍ କରିବା ପାଇଁ ଆପଣଙ୍କୁ ୫୦ ଟଙ୍କା ଫି' ଦେବାକୁ ପଡିବ।

ଅନ୍‌ଲାଇନ୍‌ରେ ଆଧାର ଅପଡେଟ୍ କରିବାକୁ, ଆପଣଙ୍କର ମୋବାଇଲ୍ ନମ୍ବର ଅପଡେଟ୍ କରିବା ଆବଶ୍ୟକ। ନଚେତ୍ ଆଧାର ଅନ୍‌ଲାଇନରେ ଅପଡେଟ୍ ହେବ ନାହିଁ। କେବଳ ଆଧାର କେନ୍ଦ୍ରରେ ମୋବାଇଲ୍ ନମ୍ବର ଅପଡେଟ୍ ହୋଇପାରିବ। ସବିଶେଷ ତଥ୍ୟ ଅପଡେଟ୍ କରିବା ପରେ, ଆପଣ ଏକ ସେବା ଅନୁରୋଧ ନମ୍ବର ମଧ ପାଇବେ। ଏହା ମାଧ୍ୟମରେ ଆପଣ ଯାଞ୍ଚ କରିପାରିବେ ଯେ ସବିଶେଷ ତଥ୍ୟ ଆପଣଙ୍କ ଆଧାରରେ କେବେ ଅପଡେଟ୍ ହେବ।




**● ୧୪ ସେପ୍ଟେମ୍ବର ପର୍ଯ୍ୟନ୍ତ ଫି' ଦେବାକୁ ପଡ଼ିବ ନାହିଁ**

**● ୧୦ ବର୍ଷ ପୂର୍ବେ ଆଧାର କାର୍ଡ ପାଇଥିଲେ ଅପଡେଟ୍ ଜରୁରୀ**

# ଟିପିସିଓଡିଏଲ୍ ପକ୍ଷରୁ କର୍ମଶାଳା



**ଭୁବନେଶ୍ୱର,୧୩।୬(ସିମସ):** ଟାଟା ପାୱାର ଓ ଓଡ଼ିଶା ସରକାରଙ୍କ ଏକ ଯୌଥ ଉଦ୍ୟୋଗ ଟିପି ସେଣ୍ଟ୍ରାଲ୍ ଓଡ଼ିଶା ଡିଷ୍ଟ୍ରିବ୍ୟୁସନ୍ ଲିମିଟେଡ୍ (ଟିପିସିଓଡିଏଲ୍) ପକ୍ଷରୁ ମ୍ୟାନେଜମେଣ୍ଟ ଡେଭେଲପମେଣ୍ଟ ସେଣ୍ଟରରେ ଏକ ଟୋଟାଲ କ୍ୱାଲିଟି ମ୍ୟାନେଜମେଣ୍ଟ (ଟିକ୍ୟୁଏମ୍) କର୍ମଶାଳା ସଫଳତାର ସହ ଅନୁଷ୍ଠିତ ହୋଇଯାଇଛି। କମ୍ପାନୀ ଦ୍ୱାରା ପରିଚାଳିତ ବିଭିନ୍ନ କାର୍ଯ୍ୟକଳାପ କିଭଳି ପ୍ରଭାବଶାଳୀ ଢ଼ଙ୍ଗରେ ଏବଂ ଦକ୍ଷତାର ସହ ଉତ୍ପାଦ ଏବଂ ସେବାଗୁଡିକ ଗୁଣବତ୍ତା, ସମୟୋପଯୋଗୀତା ଏବଂ ସୁଲଭ ମୂଲ୍ୟରେ ଗ୍ରାହକଙ୍କ ଆବଶ୍ୟକତା ପୂରଣ କରୁଛି ତାହା ଟିକ୍ୟୁଏମ୍ କର୍ମଶାଳାରେ ଆଲୋଚନା କରାଯାଇଥିଲା। ଟାଟା ପାୱାରର ସଭାପତି (ଟ୍ରାନ୍ସମିସନ ଆଣ୍ଡ ଡିଷ୍ଟ୍ରିବ୍ୟୁସନ) ସଞ୍ଜୟ କୁମାର ବାଙ୍ଗା ଅଂଶଗ୍ରହଣକାରୀମାନଙ୍କୁ ଏକ ଗୁରୁତ୍ୱପୂର୍ଣ୍ଣ ବାର୍ତ୍ତା ଦେଇ କର୍ମଶାଳା ଆରମ୍ଭ କରିଥିଲେ। ସେ ଟିକ୍ୟୁଏମ୍ର ଗୁରୁତ୍ୱ ଉପରେ ଆଲୋକପାତ କରିଥିଲେ ଏବଂ ଆଗାମୀ ପରିବର୍ତ୍ତନ ଏବଂ ଉନ୍ନତିକୁ ଗ୍ରହଣ କରିବାକୁ ସମସ୍ତ ଅଂଶଗ୍ରହଣକାରୀଙ୍କୁ ଅନୁରୋଧ କରିଥିଲେ। ଟିପିସିଓଡିଏଲର ସିଇଓ ଅରଭିନ୍ଦ୍ ସିଂ କହିଛନ୍ତି ଯେ, ଆମର ମହତ୍ୱାକାଂକ୍ଷୀ ଲକ୍ଷ୍ୟ ହାସଲ ଏବଂ ଶିଳ୍ପରେ ନୂତନ ମାନଦଣ୍ଡ ସ୍ଥାପନ କରିବା ପାଇଁ ଆମ କାର୍ଯ୍ୟରେ ଟିକ୍ୟୁଏମ୍ ନୀତିକୁ ସମନ୍ୱିତ କରିବା ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ। ଆମର ବରିଷ୍ଠ ନେତୃତ୍ୱ ଦଳ ଏବଂ କର୍ମଚାରୀଙ୍କ ସମର୍ପଣ ଏବଂ ସହଯୋଗ ଏହି ପରିବର୍ତ୍ତନକୁ ପ୍ରୋତ୍ସାହିତ କରିବାରେ ପ୍ରମୁଖ ଭୂମିକା ଗ୍ରହଣ କରିଛି।

## ଜର୍ମାନୀ-ସ୍କଟଲାଣ୍ଡ ଉଦ୍‌ଘାଟନୀ ମୁକାବିଲା

# ଆଜିଠୁ ୟୁରୋ କପ୍



**ମ୍ୟୁନିକ୍,୧୩।୬(ଏଜେନ୍ସି):** ୟୁରୋପ ମହାଦେଶର ଶ୍ରେଷ୍ଠ ଫୁଟବଲ ଟୁର୍ଣ୍ଣାମେଣ୍ଟ ୟୁରୋ କପ୍ ଶୁକ୍ରବାରଠାରୁ ଆରମ୍ଭ ହେବ। ଏଥର ଏହି ମେଗା ଇଭେଣ୍ଟ ଜର୍ମାନୀରେ ଆୟୋଜନ ହେବ। ୟୁରୋ କପ୍‌ର ଏହି ୧୭ତମ ସଂସ୍କରଣ ଆଉ ଗୋଟିଏ ଦିନ ପରେ ଆରମ୍ଭ ହେବାକୁ ଯାଉଥିବାବେଳେ ୟୁରୋପ ଓ ଜର୍ମାନରେ ଏହି ହାଇପ୍ରୋଫାଇଲ ଟୁର୍ଣ୍ଣାମେଣ୍ଟ ନେଇ ବେଶ୍ ଉତ୍ସାହ ଦେଖିବାକୁ ମିଳିଛି। ଜୁନ୍ ୧୪ରୁ ଆରମ୍ଭ ହୋଇ ଏହି ଟୁର୍ଣ୍ଣାମେଣ୍ଟ ଜୁଲାଇ ୧୪ରେ ଶେଷ ହେବ। ମାସେ ବ୍ୟାପୀ ଚାଲିବାକୁ ଥିବା ଏହି ଟୁର୍ଣ୍ଣାମେଣ୍ଟରେ ୟୁରୋପ୍ ମହାଦେଶର ଶ୍ରେଷ୍ଠ ଦେଶଗୁଡିକ ଏଥିରେ ଅଂଶଗ୍ରହଣ କରିବେ। ଘରୋଇ ପରିବେଶରୁ ଫାଇଦା ଉଠାଇ ଜର୍ମାନୀ ଏଥର ବାଜି ମାରିବା ଲକ୍ଷ୍ୟରେ ରହିଛି। ଏଥର ଇଂଲଣ୍ଡ ଓ ଫ୍ରାନ୍ସ ଫେବରାଇଟ୍ ବିବେଚିତ ହେଉଛନ୍ତି। ତେବେ ଇଟାଲୀ, ପର୍ତ୍ତୁଗାଲ ଭଳି ଅନ୍ୟ କେତୋଟି ଦଳ ମଧ୍ୟ ଟାଇଟଲ ଦୌଡ଼ରେ ରହିଛନ୍ତି। ୨୦୨୦ରେ ଅନୁଷ୍ଠିତ ଗତ ସଂସ୍କରଣରେ ଇଟାଲୀ ଫାଇନାଲ ମୁକାବିଲାରେ ଘରାଇ ଇଂଲଣ୍ଡକୁ ୩-୨ ପେନାଲ୍ଟି ସୁଟ୍‌ଆଉଟ୍‌ରେ ପରାସ୍ତ କରି ଦ୍ୱିତୀୟଥର ପାଇଁ ଟାଇଟଲ ଜିତିଥିଲା। ସ୍ପେନ୍ ଓ ଆୟୋଜକ ଜର୍ମାନୀ କିନ୍ତୁ ୩ଥର ଟାଇଟଲ ହାସଲ କରି ସଫଳତମ ଦଳ ବିବେଚିତ ହେଉଛନ୍ତି। ୬୬ ବର୍ଷତଳେ ୧୯୫୮ରେ ପ୍ରଥମଥର ପାଇଁ ୟୁରୋ କପ୍ ଖେଳାଯାଇଥିଲା।

## ଗ୍ରୁପ୍ ତାଲିକା

**ଏ:** ଜର୍ମାନୀ, ସ୍କଟଲାଣ୍ଡ, ହଙ୍ଗେରୀ, ସ୍ୱିଜରଲାଣ୍ଡ।
**ବି:** ସ୍ପେନ୍, କ୍ରୋଏସିଆ, ଇଟାଲୀ, ଆଲବାନିଆ।
**ସି:** ସ୍ଲୋଭେନିଆ, ଡେନମାର୍କ, ସର୍ବିଆ, ଇଂଲଣ୍ଡ।
**ଡି:** ପୋଲାଣ୍ଡ, ନେଦରଲାଣ୍ଡସ, ଅଷ୍ଟ୍ରିଆ, ଫ୍ରାନ୍ସ।
**ଇ:** ବେଲଜିୟମ, ସ୍ଲୋଭାକିଆ, ରୋମାନିଆ, ୟୁକ୍ରେନ୍।
**ଏଫ୍:** ତୁର୍କୀ, ଜର୍ଜିଆ, ପର୍ତ୍ତୁଗାଲ, ଚେକ୍ ଗଣରାଜ୍ୟ।




### ଜର୍ମାନୀର ରେକର୍ଡ ଭଲ

ଶୁକ୍ରବାର ଉଦ୍‌ଘାଟନୀ ମୁକାବିଲାରେ ଆୟୋଜକ ଜର୍ମାନୀ ଓ ସ୍କଟଲାଣ୍ଡ ପରସ୍ପରକୁ ଭେଟିବେ। ଏହି ମ୍ୟାଚ୍ ମ୍ୟୁନିକ୍‌ର ୭୦ ହଜାର ଦର୍ଶକ କ୍ଷମତା ବିଶିଷ୍ଟ ଅଲିଆଞ୍ଜ ଏରିନାରେ ଖେଳାଯିବ। ଉଭୟ ଦଳ ବିଜୟରୁ ଅଭିଯାନ ଆରମ୍ଭ କରିବା ଲକ୍ଷ୍ୟରେ ରହିଛନ୍ତି। କ୍ୱାଲିଫିକେସନ ଷ୍ଟାଣ୍ଡିଂରେ ଦ୍ୱିତୀୟ ସ୍ଥାନରେ ରହି ଜର୍ମାନୀ ଟୁର୍ଣ୍ଣାମେଣ୍ଟ ଖେଳିବାକୁ ଯୋଗ୍ୟତା ଅର୍ଜନ କରିଥିଲା। ଅନ୍ୟପଟେ ଜର୍ମାନୀ ଆୟୋଜକ ଭାବେ ସ୍ୱତଃ ଯୋଗ୍ୟତା ଅର୍ଜନ କରିଛି। ଜର୍ମାନୀ ଓ ସ୍କଟଲାଣ୍ଡ ଏପର୍ଯ୍ୟନ୍ତ ପରସ୍ପରକୁ ୧୭ଥର ଭେଟିଛନ୍ତି। ଏଥିରେ ଜର୍ମାନୀ ୮ଥର ଓ ସ୍କଟଲାଣ୍ଡ ୪ଥର ବିଜୟୀ ହୋଇଛି। ଜର୍ମନୀର ଟୋନି କ୍ରୁଜ୍ ଓ ସ୍କଟଲାଣ୍ଡର ସ୍କଟ ମ୍ୟାକ୍ ଟୋମିନେଙ୍କ ଉପରେ ସମସ୍ତଙ୍କ ନଜର ରହିଛି।

### ଜର୍ମାନୀ ଦ୍ୱିତୀୟଥର ଆୟୋଜକ

ଜର୍ମାନୀ ଏଥିସହ ଦ୍ୱିତୀୟଥର ପାଇଁ ଏହି ଟୁର୍ଣ୍ଣାମେଣ୍ଟ ଆୟୋଜନ କରିବ। ପ୍ରଥମଥର ପାଇଁ ଜର୍ମାନୀ ୧୯୮୮ରେ ୟୁରୋ କପ୍ ଆୟୋଜନ କରିଥିଲା। ସେତେବେଳେ ପଶ୍ଚିମ ଜର୍ମାନୀରେ ଏହି ଟୁର୍ଣ୍ଣାମେଣ୍ଟ ଆୟୋଜିତ ହୋଇଥିଲା। କିନ୍ତୁ ପୂର୍ବ ଓ ପଶ୍ଚିମ ଜର୍ମାନୀ ଏକାଠି ହେବା ପରେ ପ୍ରଥମଥର ପାଇଁ ଏହି ଦେଶରେ ୟୁରୋ କପ୍ ଖେଳାଯିବ। ଅବଶ୍ୟ ଗତ ୨୦୨୦ ୟୁରୋ କପ୍ ୧୧ ଟି ଦେଶରେ ଆୟୋଜନ ହୋଇଥିଲା ଓ ଜର୍ମାନୀରେ ସେତେବେବେଳ ୪ଟି ମ୍ୟାଚ୍ ଖେଳାଯାଇଥିଲା।

### ସ୍ପେନ୍, ଜର୍ମାନୀ ସଫଳତମ ଦଳ

ଜର୍ମାନୀ ମୋଟ୍ ଉପରେ ୩ଥର ୟୁରୋ କପ୍ ଟାଇଟଲ ଜିତି ସ୍ପେନ୍ ସହ ଯୁଗ୍ମ ଭାବେ ସଫଳତମ ଦଳ ବିବେଚିତ ହେଉଛି। ଜର୍ମାନୀ ୧୯୭୨ରେ ବେଲଜିୟମରେ, ୧୯୮୦ରେ ଇଟାଲୀରେ ଓ ୧୯୯୬ରେ ଇଂଲଣ୍ଡରେ ଚାମ୍ପିଅନ ହେବାର ଗୌରବ ଅର୍ଜନ କରିଥିଲା। ୧୯୭୨ ଓ ୧୯୮୦ରେ ପଶ୍ଚିମ ଜର୍ମାନୀ ଟାଇଟଲ ଜିତିଥିଲେ। କିନ୍ତୁ ପୂର୍ବ ଓ ପଶ୍ଚିମ ଜର୍ମାନୀ ଏକାଠି ହେବା ପରେ ୧୯୯୬ରେ ୟୁରୋ କପ୍ ଜିତିଥିଲେ।

### ୨୪ଟି ଦେଶ ୬ଟି ଗ୍ରୁପ୍‌ରେ ବିଭକ୍ତ

ୟୁରୋ କପ୍‌ରେ ଏଥର ୨୪ଟି ଦେଶ ଭାଗନେବେ। ପ୍ରତ୍ୟେକ ୪ଟି ଦେଶକୁ ନେଇ ମୋଟ୍ ୬ଟି ଗ୍ରୁପ୍ ଗଠନ କରାଯାଇଛି। ଦକ୍ଷତା ଓ ମାନ୍ୟତାକୁ ଦୃଷ୍ଟିରେ ରଖି ଏହି ଗ୍ରୁପ୍ ଗଠନ କରାଯାଇଛି। ଆୟୋଜକ ଜର୍ମାନୀ ଗ୍ରୁପ୍ ଏ'ରେ ସ୍ଥାନ ପାଇଛି। ପୋଲାଣ୍ଡ, ୟୁକ୍ରେନ୍ ଓ ଜର୍ଜିଆ ପ୍ଲେ- ଅଫ୍ ଖେଳି ଏଥର ୟୁରୋ କପ୍ ଖେଳିବାକୁ ଯୋଗ୍ୟତା ଅର୍ଜନ କରିଛନ୍ତି। ଗ୍ରୁପ୍ ବିଜେତା, ଉପ- ବିଜେତା ଓ ତୃତୀୟ ସ୍ଥାନରେ ରହିବାକୁ ଥିବା ଶ୍ରେଷ୍ଠ ୪ଟି ଦଳ ପ୍ରି- କ୍ୱାର୍ଟର ଫାଇନାଲ ଅର୍ଥାତ୍ ନକ୍‌ଆଉଟ ପର୍ଯ୍ୟାୟକୁ ଉତ୍ତୀର୍ଣ୍ଣ ହେବେ।

### ଜର୍ମାନୀର ୧୦ଟି ସହରରେ ଖେଳାଯିବ ମ୍ୟାଚ୍

ଜର୍ମାନୀ ୧୦ଟି ଭେନ୍ୟୁ ତଥା ସହରରେ ୟୁରୋ କପ୍‌ର ମ୍ୟାଚ୍‌ଗୁଡିକ ଖେଳାଯିବ। ଏଥିମଧ୍ୟରୁ ୯ଟିରେ ୨୦୦୬ ଫିଫା ବିଶ୍ୱକପ୍ ମ୍ୟାଚ୍ ଖେଳାଯାଇଛି। ଜର୍ମାନୀର ଏହି ଆୟୋଜକ ସହରଗୁଡିକ ହେଲା ବର୍ଲିନ, କୋଲୋଙ୍ଗ, ଲିପ୍‌ଚିଗ୍, ଡସେଲଡୋର୍ଫ, ଫ୍ରାଙ୍କଫର୍ଟ, ଗେଲସେନକିର୍ଚେନ, ହାମବର୍ଗ, ଲେପ୍‌ଜିଗ୍, ମ୍ୟୁନିକ ଓ ଷ୍ଟର୍ଟଗାର୍ଟ।




## ୟୁରୋ କପ୍ ଗ୍ରୁପ୍ ପର୍ଯ୍ୟାୟ କାର୍ଯ୍ୟସୂଚୀ

| ତାରିଖ | ମ୍ୟାଚ୍ | ଭେନ୍ୟୁ | ସମୟ (ଭାରତୀୟ) |
|---|---|---|---|
| ୧୪/୬ | ଜର୍ମାନୀ- ସ୍କଟଲାଣ୍ଡ | ମ୍ୟୁନିକ | ରାତି ୧୨ଟା ୩୦ |
| ୧୫/୬ | ହଙ୍ଗେରୀ- ସ୍ୱିଜରଲାଣ୍ଡ | କୋଲୋଙ୍ଗ୍ | ସନ୍ଧ୍ୟା ୬.୩୦ |
| ୧୫/୬ | ସ୍ପେନ୍- କ୍ରୋଏସିଆ | ବର୍ଲିନ | ରାତି ୯.୩୦ |
| ୧୫/୬ | ଇଟାଲୀ- ଆଲବାନିଆ | ଲିପ୍‌ଚିଗ୍ | ରାତି ୧୨.୩୦ |
| ୧୬/୬ | ପୋଲାଣ୍ଡ- ନେଦରଲାଣ୍ଡସ | ହାମ୍ବର୍ଗ | ସନ୍ଧ୍ୟା ୬.୩୦ |
| ୧୬/୬ | ସ୍ଲୋଭେନିଆ- ଡେନମାର୍କ | ଷ୍ଟର୍ଟଗାର୍ଟ | ରାତି ୯.୩୦ |
| ୧୬/୬ | ସର୍ବିଆ- ଇଂଲଣ୍ଡ | ଗେଲସେନକିର୍ଚେନ୍ | ରାତି ୧୨.୩୦ |
| ୧୭/୬ | ରୋମାନିଆ- ୟୁକ୍ରେନ୍ | ମ୍ୟୁନିକ୍ | ସନ୍ଧ୍ୟା ୬.୩୦ |
| ୧୭/୬ | ବେଲଜିୟମ- ସ୍ଲୋଭାକିଆ | ଫ୍ରାଙ୍କଫର୍ଟ | ରାତି ୯.୩୦ |
| ୧୭/୬ | ଅଷ୍ଟ୍ରିଆ- ଫ୍ରାନ୍ସ | ଡସେଲଡୋର୍ଫ | ରାତି ୧୨.୩୦ |
| ୧୮/୬ | ତୁର୍କି- ଜର୍ଜିଆ | ଲିପ୍‌ଚିଗ୍ | ରାତି ୯.୩୦ |
| ୧୮/୬ | ପର୍ତ୍ତୁଗାଲ- ଚେକ୍ ଗଣରାଜ୍ୟ | ଲିପ୍‌ଚିଗ୍ | ରାତି ୧୨.୩୦ |
| ୧୯/୬ | କ୍ରୋଏସିଆ- ଆଲବାନିଆ | ହାମ୍ବର୍ଗ | ସନ୍ଧ୍ୟା ୬.୩୦ |
| ୧୯/୬ | ଜର୍ମାନୀ- ହଙ୍ଗେରୀ | ଷ୍ଟର୍ଟଗାର୍ଟ | ରାତି ୯.୩୦ |
| ୧୯/୬ | ସ୍କଟଲାଣ୍ଡ- ସ୍ୱିଜରଲାଣ୍ଡ | କୋଲୋଙ୍ଗ୍ | ରାତି ୧୨.୩୦ |
| ୨୦/୬ | ସ୍ଲୋଭେନିଆ- ସର୍ବିଆ | ମ୍ୟୁନିକ୍ | ସନ୍ଧ୍ୟା ୬.୩୦ |
| ୨୦/୬ | ଡେନମାର୍କ- ଇଂଲଣ୍ଡ | ଫ୍ରାଙ୍କଫର୍ଟ | ରାତି ୯.୩୦ |
| ୨୦/୬ | ସ୍ପେନ୍- ଇଟାଲୀ | ଗେଲସେନକିର୍ଚେନ୍ | ରାତି ୧୨.୩୦ |
| ୨୧/୬ | ସ୍ଲୋଭାକିଆ-ୟୁକ୍ରେନ୍ | ଡସେଲଡୋର୍ଫ | ସନ୍ଧ୍ୟଳା ୬.୩୦ |
| ୨୧/୬ | ପୋଲାଣ୍ଡ- ଅଷ୍ଟ୍ରିଆ | ବର୍ଲିନ | ରାତି ୯.୩୦ |
| ୨୧/୬ | ନେଦରଲାଣ୍ଡସ- ଫ୍ରାନ୍ସ | ଲେପ୍‌ଜିଗ୍ | ରାତି ୧୨.୩୦ |
| ୨୨/୬ | ଜର୍ଜିଆ- ଚେକ ଗଣରାଜ୍ୟ | ହାମ୍ବର୍ଗ | ସନ୍ଧ୍ୟା ୬.୩୦ |
| ୨୨/୬ | ତୁର୍କୀ- ପର୍ତ୍ତୁଗାଲ | ଲିପ୍‌ଚିଗ୍ | ରାତି ୯.୩୦ |
| ୨୨/୬ | ବେଲଜିୟମ- ରୋମାନିଆ | କୋଲୋଙ୍ଗ୍ | ରାତି ୧୨.୩୦ |
| ୨୩/୬ | ସ୍ୱିଜରଲାଣ୍ଡ-ଜର୍ମାନୀ | ଫ୍ରାଙ୍କଫର୍ଟ | ରାତି ୧୨.୩୦ |
| ୨୩/୬ | ସ୍କଟଲାଣ୍ଡ- ହଙ୍ଗେରୀ | ଷ୍ଟର୍ଟଗାର୍ଟ | ରାତି ୧୨.୩୦ |
| ୨୪/୬ | ଆଲବାନିଆ- ସ୍ପେନ୍ | ଡସେଲଡୋର୍ଫ | ରାତି ୧୨.୩୦ |
| ୨୪/୬ | କ୍ରୋଏସିଆ- ଇଟାଲୀ | ଲେପ୍‌ଜିଗ୍ | ରାତି ୧୨.୩୦ |
| ୨୫/୬ | ଫ୍ରାନ୍ସ- ପୋଲାଣ୍ଡ | ଲିପ୍‌ଚିଗ୍ | ରାତି ୯.୩୦ |
| ୨୫/୬ | ନେଦରଲାଣ୍ଡସ- ଅଷ୍ଟ୍ରିଆ | ବର୍ଲିନ | ରାତି ୯.୩୦ |
| ୨୫/୬ | ଡେନମାର୍କ- ସର୍ବିଆ | ମ୍ୟୁନିକ୍ | ରାତି ୧୨.୩୦ |
| ୨୫/୬ | ଇଂଲଣ୍ଡ- ସ୍ଲୋଭେନିଆ | କୋଲୋଙ୍ଗ | ରାତି ୧୨.୩୦ |
| ୨୬/୬ | ସ୍ଲୋଭାକିଆ- ରୋମାନିଆ | ଫ୍ରାଙ୍କଫର୍ଟ | ରାତି ୯.୩୦ |
| ୨୬/୬ | ୟୁକ୍ରେନ- ବେଲଜିୟମ | ଷ୍ଟର୍ଟଗାର୍ଟ | ରାତି ୯.୩୦ |
| ୨୬/୬ | ଜର୍ଜିଆ- ପର୍ତ୍ତୁଗାଲ | ଗେଲସେନକିର୍ଚେନ | ରାତି ୧୨.୩୦ |
| ୨୬/୬ | ଚେକ ଗଣରାଜ୍ୟ-ତୁର୍କୀ | ହାମବର୍ଗ | ରାତି ୧୨.୩୦ |

ସିଧା ପ୍ରସାରଣ: ସୋନୀ ସ୍ପୋର୍ଟ୍ସ ନେଟ୍‌ୱର୍କ

# ଜାତୀୟ ଉଶୁରେ ଓଡ଼ିଶା ତୃତୀୟ

## ଜିତିଛି ୮ ସ୍ୱର୍ଣ୍ଣ ସହ ୧୯ ପଦକ

**ଭୁବନେଶ୍ୱର, ୧୩।୬ (ସମିସ) :** କର୍ଣ୍ଣାଟକ ବିଦ୍ୟାଗିରିସ୍ଥିତ ବିଭିଭି ସଂଘ କ୍ୟାମ୍ପସରେ ଗୁରୁବାର ଶେଷ ହୋଇଥିବା ଖେଲୋ ଇଣ୍ଡିଆ ମହିଳା ଉଶୁ ଲିଗ୍ (ଦକ୍ଷିଣ ଜୋନ୍)ରେ ଓଡ଼ିଶା ଦଳ ଦ୍ୱିତୀୟ ରନର୍ସଅପ୍ ହୋଇଛି। କେରଳ ଚାମ୍ପିଅନ ଓ ତାମିଲନାଡୁ ପ୍ରଥମ ରନର୍ସଅପ୍ ଟ୍ରଫି ହାସଲ କରିଛି। ଏହି ପ୍ରତିଯୋଗିତାରେ ଏକ ୩୦ ଜଣିଆ ରାଜ୍ୟ ଉଶୁ ଦଳ ଅଂଶଗ୍ରହଣ କରିଥିବାବେଳେ ସେମାନେ ମୋଟ୍ ୧୯ଟି ପଦକ ଜିତି ରାଜ୍ୟ ପାଇଁ ସଫଳତା ଆଣିଛନ୍ତି। ଏଥିରେ ୮ଟି ଲେଖାଏ ସ୍ୱର୍ଣ୍ଣ ଓ ୩ଟି ରୌପ୍ୟ ପଦକ ରହିଛି। ସ୍ୱର୍ଣ୍ଣ ପଦକ ବିଜୟୀ ପ୍ରତିଯୋଗୀମାନେ ହେଲେ ଇତିଶ୍ରୀ ପ୍ରିୟଦର୍ଶିନୀ, ସୁମନ ପାତ୍ର, ଶ୍ୱେତାରାଣୀ ମହନ୍ତ, ସବିତା ମୁଣ୍ଡା, ମଞ୍ଜୁ ମୁଣ୍ଡା, ଜ୍ୟୋତ୍ସ୍ନାରାଣୀ ଜେନା, ଜ୍ୟୋତ୍ସ୍ନାରାଣୀ ମୁଦୁଲି ଓ କୌଶିକ ରାଉତରାୟ। ସେହିଭଳି ନୁପୁର ପଟ୍ଟନାୟକ, ପାୟଲ ପଟ୍ଟନାୟକ ଓ ଆର୍ ମାରାଣ୍ଡି ରୌପ୍ୟ ପଦକ ହାସଲ କରିଥିଲେ। ଏହାବାଦ୍ ୮ କାଂସ୍ୟ ପଦକ ଜିତିଥିବା ଖେଳାଳି ହେଲେ ରୀତା ସେଠୀ, ଅନସୂୟା ବାରିକ, ଅନ୍ୱେଷା ପଲାଇ, ମାମାଲି ଜେନା, ଦିବ୍ୟକାନ୍ତି ଓରାମ, ଆର୍ ପଦ୍ମା, ଅର୍ପିତା ପ୍ରଧାନ ଓ ଲକ୍ଷ୍ମୀ ମୁଣ୍ଡା।

ଓଡ଼ିଶାର ୪ଜଣ ଜଜ୍ ଏହି ପ୍ରତିଯୋଗିତାରେ ମ୍ୟାଚ୍ ପରିଚାଳନା କରିଥିଲେ। ପ୍ରଦ୍ୟୁମ୍ନ ବେହେରା ମୁଖ୍ୟ ଜଜ୍ ଏବଂ ଅନୁରାଧା ଦୋରା, ସୁସ୍ମିତା ପଣ୍ଡା ଓ ଇଶ୍ୱର ଚନ୍ଦ୍ର ମହନ୍ତ ଜଜ ଭାବେ କାର୍ଯ୍ୟ ତୁଲାଇଥିଲେ। ରାଜ୍ୟ ଦଳର ଏହି ସଫଳତା ଓଡ଼ିଶା ଉଶୁ ସଂଘର ଅଧ୍ୟକ୍ଷ ସୁଧାଂଶୁ ଶେଖର ହରିଚନ୍ଦନ, ସଭାପତି ବିଷ୍ଣୁ ମୋହନ ମହାନ୍ତି, ଉପସଭାପତି ବିକାଶ ଚନ୍ଦ୍ର ପଟ୍ଟନାୟକ, ସାଧାରଣ ସମ୍ପାଦକ ଯୁବରାଜ ହରିଚନ୍ଦନ ପ୍ରମୁଖ ଅଭିନନ୍ଦନ ଜଣାଇଛନ୍ତି।




# ଥ୍ରୀ-ଷ୍ଟାର୍ ଗ୍ରାଁପ୍ରି ଜିତିବାରେ ଶ୍ରୁତି ପ୍ରଥମ ଭାରତୀୟ

**ନୂଆଦିଲ୍ଲୀ, ୧୩।୬ (ଏଜେନ୍ସି):** ଭାରତୀୟ ରାଇଡର୍ (ଅଶ୍ୱଚାଳିକା) ଶ୍ରୁତି ଭୋରା ଇତିହାସ ରଚିଛନ୍ତି। ପ୍ରଥମ ଭାରତୀୟ ଅଶ୍ୱଚାଳିକା ଭାବେ ସେ ଥ୍ରୀ-ଷ୍ଟାର୍ ଗ୍ରାଁପ୍ରି ଇଭେଣ୍ଟ ଜିତି ଐତିହାସିକ ସଫଳତା ପାଇଛନ୍ତି। ସ୍ଲୋଭେନିଆର ଲିପିକାଠାରେ ଅନୁଷ୍ଠିତ ସିଡିଆଇ-୩ ଅଶ୍ୱଚାଳନା ଇଭେଣ୍ଟରେ ଶ୍ରୁତି ୬୭.୭୬୧ ସ୍କୋର ସହ ପ୍ରଥମ ସ୍ଥାନରେ ରହି ଚାମ୍ପିଅନ ହୋଇଥିଲେ। ଏଥିରେ ମାଳଦୀପର ତାତିଆନା ଆଣ୍ଟୋନିକୋ (୬୬.୫୨୨) ଓ ଅଷ୍ଟ୍ରିଆର ଜୁଲିଏନ ଜେରିକ (୬୬.୦୮୭) ଯଥାକ୍ରମେ ପୋଡିୟମର ପରବର୍ତ୍ତୀ ଦୁଇ ସ୍ଥାନରେ ରହିଥିଲେ।

'ଦେଶର ପ୍ରଥମ ରାଇଡର୍ ଭାବେ ଥ୍ରୀ-ଷ୍ଟାର୍ ଇଭେଣ୍ଟ ଜିତିଥିବାରୁ ଫଳାଫଳରେ ବହୁତ ଖୁସି ହୋଇଛି। ଏହା ମୋ ପାଇଁ ଏକ ସ୍ୱତନ୍ତ୍ର ମାଇଲଖୁଣ୍ଟ। ଆଗାମୀ ଦିନରେ ଦେଶ ପାଇଁ ଆହୁରି ଅଧିକ ସଫଳତା ଆଣିବି' ବୋଲି କୋଲକାତାର ଶ୍ରୁତି କହିଛନ୍ତି। ପୂର୍ବରୁ ଶ୍ରୁତି ୨୦୨୨ ବିଶ୍ୱ ଚାମ୍ପିଅନସିପ୍ ଏବଂ ୨୦୧୦ ଓ ୨୦୧୪ରେ ଏସିଆନ୍ ଗେମ୍ସରେ ଭାରତ ପକ୍ଷରୁ ପ୍ରତିନିଧିତ୍ୱ କରିଥିଲେ।



## ଜାତୀୟ ବରିଷ୍ଠ ପେନଚାକ୍ ସିଲାଟ୍ ଉଦ୍‌ଯାପିତ

# ଜାମ୍ମୁ ଚାମ୍ପିଅନ, ଓଡ଼ିଶା ରନର୍ସଅପ୍

**ଭୁବନେଶ୍ୱର, ୧୩।୬ (ସମିସ):** ଓଡ଼ିଶା ପେନଚାକ୍ ସିଲାଟ୍ ସଂଘ ଆନୁକୂଲ୍ୟରେ ପ୍ରଥମଥର ଲାଗି ରାଜ୍ୟରେ ଆୟୋଜିତ ହୋଇଥିବା ଜାତୀୟ ବରିଷ୍ଠ ପେନଚାକ୍ ସିଲାଟ୍ ଚାମ୍ପିଅନସିପ୍‌ର ଦ୍ୱାଦଶ ସଂସ୍କରଣ ଗୁରୁବାର ଉଦ୍‌ଯାପିତ ହୋଇଯାଇଛି। କିଟ୍ ବିଶ୍ୱବିଦ୍ୟାଳୟ କ୍ୟାମ୍ପସ ପରିସରସ୍ଥିତ ବିଜୁ ପଟ୍ଟନାୟକ ଇନଡୋର ଷ୍ଟାଡିୟମରେ ଗତ ସୋମବାରଠାରୁ ଆରମ୍ଭ ହୋଇଥିବା ଏହି ପ୍ରତିଯୋଗିତାରେ ଓଡ଼ିଶା ଉପବିଜେତାରେ ସନ୍ତୁଷ୍ଟ ରହିଛି। ଜାମ୍ମୁ ଓ କାଶ୍ମୀର ଚାମ୍ପିଅନ ହୋଇଥିବାବେଳେ ଉତ୍ତରାଖଣ୍ଡ ୩ୟ ସ୍ଥାନ ହାସଲ କରିଛି। ପ୍ରତିଯୋଗିତାରେ ଦେଶର ସମସ୍ତ ରାଜ୍ୟ ଓ କେନ୍ଦ୍ର ଶାସିତ ଅଞ୍ଚଳର ୯୫୦ରୁ ଊର୍ଦ୍ଧ୍ୱ ଖେଳାଳି ଓ ମ୍ୟାଚ୍ ଅଫିସିଆଲ୍ ଅଂଶଗ୍ରହଣ କରିଥିଲେ।

ଉଦ୍‌ଯାପନୀ ଉତ୍ସବରେ ରାଜ୍ୟସଭା ସାଂସଦ ସୁଲତା ଦେଓ, କ୍ରୀଡ଼ା ବିଭାଗର ଓଏସ୍‌ଡି ଧୀରଜ ପଟ୍ଟନାୟକ, ଭାରତୀୟ ପେନଚାକ୍ ସିଲାଟ୍ ମହାସଂଘର ସାଧାରଣ ସମ୍ପାଦକ ତାରିକ ଅହମ୍ମଦ, ଟୁର୍ଣ୍ଣାମେଣ୍ଟ ନିର୍ଦ୍ଦେଶକ ଇର୍ଫାନ ଅଜିଜ୍ ବୋଟ୍ଟା, ରାଜ୍ୟ ସଂଘର ଉପସଭାପତି ମନୋରଞ୍ଜନ ଭଞ୍ଜ ଓ ଦେବାଶିଷ ସାମନ୍ତରାୟ ପ୍ରମୁଖ ଅତିଥି ଭାବେ ଯୋଗଦେଇଥିଲେ। ମୁଖ୍ୟ ପରାମର୍ଶଦାତା ରୁଦ୍ର ନାରାୟଣ ସାମନ୍ତରାୟ, ଅନୁଗୋଳ-ସୁକିନ୍ଦା ରେଲୱେ ଡିଭିଜନର ଏମ୍‌ଡି ଦିଲୀପ ସାମନ୍ତରାୟ, ବିଏମସି ମେୟର ସୁଲୋଚନା ଦାସ, ବିଧାୟକ ଅନନ୍ତ ନାରାୟଣ ଜେନା, ଚିଫ୍ ପାର୍ଟନ ଦୀପାଳି ଦାସ, ଭାରତୀୟ ଦୃଷ୍ଟିହୀନ କ୍ରିକେଟ୍ ଦଳର ପ୍ରଶିକ୍ଷକ ଜାଫର ଇକବାଲ, ଖୋର୍ଦ୍ଧା ସଂଘର ସଭାପତି ଶାରଦା ପ୍ରସନ୍ନ ଦାସ ଉପସଭାପତି ଶୁଭ୍ରଜିତ୍ ଜେନା ପ୍ରମୁଖ ଉପସ୍ଥିତ ରହିଥିଲେ।







## ଅଷ୍ଟିଓଜେନେସିସ୍ ଇମ୍ପର୍ଫେକ୍ଟା

ସକାଳର ସ୍ୱାସ୍ଥ୍ୟ



**ଅଷ୍ଟିଓଜେନେସିସ୍ ଇମ୍ପର୍ଫେକ୍ଟା ଏକ ବିରଳ ବଂଶାନୁଗତ ବିକାର । ଏହି ରୋଗ ଅସ୍ଥିକୁ ପ୍ରଭାବିତ କରିଥାଏ । ଏହି ରୋଗରେ ହାଡ଼ଗୁଡ଼ିକ ଏତେ ଦୁର୍ବଳ ହୋଇଯାଏ ଯେ, ଛୋଟ ଛୋଟ ଆଘାତରେ ଭାଙ୍ଗିବାକୁ ଲାଗିଥାଏ । ଏହା ଯେକୌଣସି ବୟସର ବ୍ୟକ୍ତିଙ୍କୁ ପ୍ରଭାବିତ କରିଥାଏ । ଏହି ରୋଗର ଟାଇପ୍-୧, ଟାଇପ୍-୨, ଟାଇପ୍-୩, ଟାଇପ୍-୪ ପର୍ଯ୍ୟାୟ ରହିଛି ।**

ଅସ୍ଥିକୁ ମଜଭୁତ ପ୍ରଦାନ କରୁଥିବା ଜିନ୍ ଠିକ୍ ଭାବେ କାମ ନ କଲେ, ତଥା ଯେତେବେଳେ ପ୍ରୋଟିନ୍ ବନାଇବାରେ ସମସ୍ୟା ହୁଏ, ଅସ୍ଥି କମ୍‌ଜୋର ହୋଇ ସହଜରେ ଭାଙ୍ଗିଯାଇଥାଏ । ଯେଉଁ ପିତାମାତାଙ୍କ ଠାରେ ଏହି ସମସ୍ୟା ରହିଥାଏ, ସେମାନଙ୍କ ପିଲାଙ୍କଠାରେ ଏହି ସମସ୍ୟା ପ୍ରାୟତଃ ଦେଖିବାକୁ ମିଳେ । ବାରମ୍ବାର ହାଡ଼ ଭାଙ୍ଗିବା, ଶ୍ୱସନ ସମ୍ବନ୍ଧୀୟ ସମସ୍ୟା, କମ୍ ଶୁଣାଯିବା ଆଦି ଲକ୍ଷଣ ଦେଖିବାକୁ ମିଳେ ।

ଏହି ରୋଗର ଚିକିତ୍ସା ରୋଗୀର ସ୍ୱାସ୍ଥ୍ୟବସ୍ଥା ଉପରେ ନିର୍ଭର କରେ । ଡାକ୍ତରଙ୍କ ପରାମର୍ଶ ନେଇ ଅସ୍ଥିକୁ ମଜଭୁତ କରିବା ସହ ହାଡ଼ ଭାଙ୍ଗିବା ଆଶଙ୍କାକୁ କମ୍ କରିବା ପାଇଁ ଔଷଧ ସେବନ କରିପାରିବେ । କେତେକାଂଶରେ ସର୍ଜରୀର ଆବଶ୍ୟକତା ଥାଏ । ପୀଡ଼ିତ ଛୋଟ ଛୋଟ ପିଲାଙ୍କ ଦୈନିକ ଗତିବିଧି ଉପରେ ନଜର ରଖିବା ସହ ସେମାନଙ୍କୁ ବ୍ୟାୟାମ ଏବଂ ଥେରାପି କରିବାକୁ ଡାକ୍ତର ପରାମର୍ଶ ଦିଅନ୍ତି ।

## "ସ୍ୱେଚ୍ଛାକୃତ ରକ୍ତଦାନ ଜଣଙ୍କ ଜୀବନ ବଞ୍ଚାଇବ"





**ଶରୀରରୁ ରକ୍ତ କମ୍ ହୋଇଗଲେ, ବିଭିନ୍ନ ପ୍ରକାର ରୋଗ ସୃଷ୍ଟି ହୁଏ । ରକ୍ତର ଅଭାବ ଯୋଗୁଁ ଲୋକ ମୃତ୍ୟୁମୁଖରେ ପଡ଼ନ୍ତି । ତେଣୁ ରକ୍ତଦାନର ମହତ୍ତ୍ୱ ଏବଂ ସ୍ୱେଚ୍ଛାକୃତ ରକ୍ତଦାନ କରିବାକୁ ପ୍ରୋତ୍ସାହିତ କରିବା ଉଦ୍ଦେଶ୍ୟରେ ୨୦୦୪ ମସିହାରୁ ବିଶ୍ୱ ସ୍ୱାସ୍ଥ୍ୟ ସଂଗଠନ ଦ୍ୱାରା ପ୍ରତି ବର୍ଷ ଜୁନ୍ ୧୪ ତାରିଖକୁ 'ବିଶ୍ୱ ରକ୍ତଦାତା ଦିବସ' ଭାବେ ପାଳନ କରାଯାଇ ଆସୁଅଛି । ଚଳିତ ବର୍ଷର ବିଷୟବସ୍ତୁ ହେଉଛି "ଟ୍ୱେଣ୍ଟି ଇଅରସ ଅଫ୍ ସେଲିବ୍ରେଟିଂ ଗିଭିଙ୍ଗ: ଥ୍ୟାଙ୍କ୍ ୟୁ ବ୍ଲଡ୍ ଡୋନୋର" । ତେବେ କେତେ ମାସରେ ରକ୍ତଦାନ କରିହେବ, ରକ୍ତଦାନ ପାଇଁ ନିୟମ ଓ ରକ୍ତଗ୍ରହଣ ସମୟରେ ରୋଗୀମୃତ୍ୟୁହାରକୁ କିପରି ରୋକାଯାଇପାରିବ, ସେ ବିଷୟରେ କ୍ଲିନିକାଲ ହେମାଟୋଲୋଜିର ଆସୋସିଏଟ ପ୍ରଫେସର ଡ. ପ୍ରୀତୀଶ ଚନ୍ଦ୍ର ପାତ୍ର ଯାହା କୁହନ୍ତି ।**

### ଶରୀରରେ ରକ୍ତର ମହତ୍ତ୍ୱ କ'ଣ ?

- ରକ୍ତ ହେଉଛି ସଞ୍ଚାଳନ ମାଧ୍ୟମ, ଯାହା ଶରୀରର ବିଭିନ୍ନ ଅଙ୍ଗକୁ ଅମ୍ଳଜାନ ବହନ କରିଥାଏ । ରକ୍ତରେ ଜଳ, ଲିକ୍ୟୁଡି, ପ୍ଲାଜ୍‌ମା, ଏବଂ ଲୋହିତ ରକ୍ତ କଣିକା, ଶ୍ୱେତ ରକ୍ତ କଣିକା, ପ୍ଲେଟଲେଟ୍ ଭଳି ବହୁ ପ୍ରକାର କୋଷ ରହିଛି । ଲୋହିତ ରକ୍ତ କଣିକାରେ ଥିବା ହିମୋଗ୍ଲୋବିନ୍ ଅମ୍ଳଜାନ ପ୍ରବାହ କରିଥାଏ । ପ୍ଲେଟଲେଟ୍ ରକ୍ତସ୍ରାବ ନିୟନ୍ତ୍ରଣ କରୁଥିବାବେଳେ ଶ୍ୱେତ ରକ୍ତ କଣିକା ରୋଗପ୍ରତିରୋଧକ ଶକ୍ତି ବୃଦ୍ଧିରେ ସହାୟକ ହୁଏ ।

### ରକ୍ତ ଦେବାକୁ ଆଉ ନେବାକୁ କିଏ ଯୋଗ୍ୟ?

- ଜଣେ ସୁସ୍ଥ (୧୮ ବର୍ଷରୁ ଊର୍ଦ୍ଧ୍ୱ ଓ ୬୫ ବର୍ଷରୁ କମ୍) ବ୍ୟକ୍ତି, ୬୦ କେଜି ଓଜନରୁ ଅଧିକ, ୧୩ ପ୍ରତିଶତ ହିମୋଗ୍ଲୋବିନ ଥିବ, ମାସେ କି ଦୁଇ ମାସ ମଧ୍ୟରେ କୌଣସି ଟିକା ନେଇ ନ ଥିବେ, ରକ୍ତଦାନ ସମୟରେ ଜ୍ୱର ହୋଇ ନ ଥିବ ତଥା ରକ୍ତକୁ ପତଳା କରିବାକୁ କୌଣସି ପ୍ରକାର ଔଷଧ ଖାଉ ନ ଥିବା ବ୍ୟକ୍ତି ହିଁ ତିନି ମାସରେ ଥରେ ରକ୍ତ ଦାନ ଓ ସପ୍ତାହକୁ ଥରେ ପ୍ଲେଟଲେଟ୍ ଦେଇପାରିବେ । ତେବେ ରୋଗୀଙ୍କ ଆବଶ୍ୟକତା ଅନୁସାରେ ଏବେ ବିଭିନ୍ନ ସେଣ୍ଟରରେ ରକ୍ତକୁ ବିଭକ୍ତିକରଣ କରି ଦିଆଯାଉଛି । ହିମୋଗ୍ଲୋବିନ୍ କମ୍ ଥିବା ବ୍ୟକ୍ତିଙ୍କୁ ପ୍ୟାକ୍ ଲୋହିତ ରକ୍ତ କଣିକା, ରକ୍ତସ୍ରାବ କିମ୍ବା ସଂକ୍ରମଣ ଯୋଗୁଁ ରକ୍ତରେ ପ୍ଲାଜ୍‌ମା ଦରକାର ଥିବା ବ୍ୟକ୍ତିଙ୍କୁ ପ୍ଲାଜ୍‌ମା ଦିଆଯାଏ । ପ୍ଲାଜ୍‌ମାରୁ କ୍ରାୟୋପେସ୍ପିଟ୍ ଫାଇବ୍ରୋଜେନ ପରିମାଣ କମ୍ ଥିଲେ ଦିଆଯାଏ, ପ୍ଲେଟଲେଟ୍ ଆବଶ୍ୟକ ଥିବା ବ୍ୟକ୍ତିଙ୍କୁ ପ୍ଲେଟଲେଟ୍, କେମୋଥେରାପି ନେବା ପରେ ପୀଡ଼ିତଙ୍କୁ ଶ୍ୱେତ ରକ୍ତ କଣିକା ଦିଆଯାଏ ।

### ରକ୍ତ ଭଣ୍ଡାରର ଆବଶ୍ୟକତା କେତେ?

- ଜରୁରିକାଳୀନ ସ୍ଥିତିରେ ରକ୍ତର ଅଭାବ ମେଣ୍ଟାଇ ହୁଏ ନାହିଁ । ଯେହେତୁ ଏହି ସ୍ଥିତି ରୋଗୀ ପାଇଁ ଅଧିକ ଜଟିଳ ହୋଇଥାଏ ତେଣୁ ବ୍ଲଡ୍‌ବ୍ୟାଙ୍କରେ ରକ୍ତ ରହିବା ଜରୁରି । ଅନ୍ୟପଟେ ସବୁସମୟରେ ରୋଗୀକୁ ରକ୍ତଦାନ କରିବାକୁ ଦାତା କି ହସ୍ପିଟାଲରେ କର୍ମଚାରୀ ଉପସ୍ଥିତ ଥିବେ ତାହା କହିହେବ ନାହିଁ ।

### କେଉଁମାନଙ୍କ ପାଇଁ ଅଧିକ ରକ୍ତର ଆବଶ୍ୟକତା ରହୁଛି?

- ଥାଲେସେମିଆ ରୋଗୀଙ୍କୁ ରକ୍ତର ଅଧିକ ଆବଶ୍ୟକତା ଥାଏ । ଥାଲସେମିଆ ରୋଗର ସ୍ଥାୟୀ ବିକଳ୍ପ ବୋନ୍‌ମ୍ୟାରୋ ଟ୍ରାନ୍ସପ୍ଲାଣ୍ଟ । ଯାହାକି ୭ରୁ ୮ବର୍ଷ ବୟସ ମଧ୍ୟରେ ନିଜର ଭାଇ ଭଉଣୀଙ୍କ ବୋନ୍‌ମ୍ୟାରୋ ଟ୍ରାନ୍ସପ୍ଲାଣ୍ଟ ସହିତ ମ୍ୟାଚ୍ କରି ଟ୍ରାନ୍ସପ୍ଲାଣ୍ଟ କରି ରୋଗ ନିୟନ୍ତ୍ରଣ କରାଯାଏ । ସିକଲ୍‌ସେଲ୍, ଆପ୍ଲାଷ୍ଟିକ୍ ଆନେମିଆ, କର୍କଟ, ପ୍ରସବ ସମୟରେ ଅଧିକ ରକ୍ତସ୍ରାବ ହୋଇଥିଲେ କିମ୍ବା ଦୁର୍ଘଟଣାରେ ରକ୍ତସ୍ରାବ ହୋଇଥିବା ବ୍ୟକ୍ତିଙ୍କ ପାଇଁ ଅଧିକ ରକ୍ତର ଆବଶ୍ୟକତା ରହିଛି ।

### ରକ୍ତ ଗ୍ରହଣ ବେଳେ ସତର୍କତା କ'ଣ?

- ରକ୍ତଦାତା ଓ ରୋଗୀଙ୍କ ରକ୍ତଗ୍ରୁପ୍‌କୁ ଲ୍ୟାବରେ କ୍ରସ୍ ମ୍ୟାଚ କରାଯାଏ । ରକ୍ତଦାତାଙ୍କ କିଛି ରୋଗ ଅଛି କି ନାହିଁ ଦେଖାଯାଏ । ରକ୍ତଦାନ ପରେ ରୋଗୀର ଶରୀରରେ ଏଥିରୁ ପ୍ରତିକ୍ରିୟା ହେଉଛି କି ଧ୍ୟାନ ଦିଆଯାଏ । ରକ୍ତଦାନ ସମୟରେ ଉପସ୍ଥିତ କର୍ମଚାରୀ ସତର୍କ ରହିଲେ ପାର୍ଶ୍ୱପ୍ରତିକ୍ରିୟାକୁ ନିୟନ୍ତ୍ରଣ କରାଯାଇପାରିବ ।

### ରକ୍ତ ଭଣ୍ଡାରରେ ଅଧିକ ଦିନ ରକ୍ତ ସଂରକ୍ଷଣ ପାଇଁ କିଛି ବ୍ୟବସ୍ଥା ଅଛି କି ?

- ବ୍ଲଡ୍ କମ୍ପୋନେଟ୍ ଅନୁସାରେ ଅଲଗା ଅଲଗା ତାପମାତ୍ରା ଦରକାର ହୁଏ । ଏହାକୁ ସଂରକ୍ଷଣ କରିବାକୁ ଭିନ୍ନ ଭିନ୍ନ ରେଫ୍ରିଜେରେଟର ଥାଏ । ଯେମିତିକି ପ୍ଲାଜ୍‌ମା ବିଯୁକ୍ତ ୮୦ ଡିଗ୍ରୀ ସେଲ୍‌ସିୟସ୍ ତାପମାତ୍ରାରେ ଏକବର୍ଷ, ସେହିଭଳି ଲୋହିତ ରକ୍ତକଣିକା ଓ ପ୍ଲେଟ୍‌ଲେଟ୍‌କୁ ନିର୍ଦ୍ଦିଷ୍ଟ ତାପମାତ୍ରାରେ ସଂରକ୍ଷଣ କରାଯାଏ ।

### ତୁରନ୍ତ ରକ୍ତ ଆବଶ୍ୟକତା ପୂରଣ ପାଇଁ ଅନ୍ୟ କିଛି ବିକଳ୍ପ ଅଛି କି?

- ଜଣେ ବ୍ୟକ୍ତିଙ୍କର ହିମୋଗ୍ଲୋବିନ୍ ୩ରୁ ୪ ଗ୍ରାମ୍ ଥାଇ, ଚିକିତ୍ସା କଲେ ବି ହିମୋଗ୍ଲୋବିନ ବଢ଼ିବାର ଆଶଙ୍କା କମ୍‌ଥିଲେ, ସେ କ୍ଷେତ୍ରରେ ରକ୍ତ ଚଢ଼ାଯାଏ । ଦୁର୍ଘଟଣାରେ ଅଧିକ ରକ୍ତସ୍ରାବ ଯୋଗୁଁ ରୋଗୀଙ୍କ ଜୀବନ ପ୍ରତି ବିପଦ ଥିବାରୁ, ରକ୍ତର ଭଲ୍ୟୁମ୍ ବଢ଼ାଇବାକୁ 'ହେମାକ୍ସିଲ' ରକ୍ତର ବିକଳ୍ପ ଭାବେ ଦିଆଯାଏ ।

### ଜଣେ ବ୍ୟକ୍ତି ତା' ଶରୀରର ରକ୍ତ ବର୍ଗ ପରିବର୍ତ୍ତନ କରିପାରିବ କି?

- ଯଦି କୌଣସି କ୍ୟାନ୍ସର, ଥାଲାସେମିଆ, କିମ୍ବା ଅନ୍ୟାନ୍ୟ ରୋଗୀଙ୍କ ବୋନ୍ ମ୍ୟାରୋ ଟ୍ରାନ୍ସପ୍ଲାଣ୍ଟ କରାଯାଇଥାଏ, ସେ କ୍ଷେତ୍ରରେ ଡୋନରଙ୍କ ବ୍ଲଡ ଗ୍ରୁପ୍ ଅନୁସାରେ ରୋଗୀର ରକ୍ତ ବର୍ଗ ଅଲଗା ହୋଇଥାଏ ।

### ରକ୍ତଦାତାଙ୍କ ମନୋବଳକୁ ବଢ଼ାଇବାକୁ କ'ଣ କରାଯିବା ଆବଶ୍ୟକ?

- ଜଣେ ସୁସ୍ଥ ବ୍ୟକ୍ତି ସ୍ୱେଚ୍ଛାକୃତ ରକ୍ତଦାନ କରି ଜଣଙ୍କ ଜୀବନ ବଞ୍ଚାଇ ପାରିବେ । ଏ ସମ୍ପର୍କରେ ସୁସ୍ଥ ଲୋକଙ୍କୁ ରକ୍ତଦାନ କରିବାକୁ ପ୍ରୋତ୍ସାହନ ଯୋଗାଇବା ଜରୁରି । ସମାଜସେବୀ ଓ ବିଭିନ୍ନ ଅନୁଷ୍ଠାନର ସଦସ୍ୟଙ୍କ ଦ୍ୱାରା ରକ୍ତଦାନ ଶିବିର ଆୟୋଜନ କରାଯାଉଛି । ଏହାର ଆହୁରି ପ୍ରଚାର ପ୍ରସାର ଆବଶ୍ୟକ । ଯୋଗାଯୋଗର ବଳିଷ୍ଠ ମାଧ୍ୟମ ହିଁ ରକ୍ତ ଅଭାବ ସମସ୍ୟା ଦୂର ହେବ ।

## ଲେଜର୍ ସର୍ଜରୀ

### ପୂର୍ବରୁ ଓ ପରେ ଆଖିର ଯତ୍ନ



**ଆଖିକୁ ସ୍ପଷ୍ଟ ଦେଖା ନ ଯିବା, ମାୟୋପିଆ, ଦୃଷ୍ଟିଶକ୍ତି ହ୍ରାସ ସହ ଅନ୍ୟାନ୍ୟ ଚକ୍ଷୁ ସମ୍ବନ୍ଧୀୟ ସମସ୍ୟାର ସ୍ଥାୟୀ ଚିକିତ୍ସା ପାଇଁ ଲେଜର୍ ବା ଲେସିକ୍ ସର୍ଜରୀ ସବୁଠୁ ଭଲ ବିକଳ୍ପ । ଲେଜର ସର୍ଜରୀ ଏକ ଆଡଭାନ୍ସ ସର୍ଜରୀ । ଯେଉଁଥିରେ ଚଷମା ବା କଣ୍ଟାକ୍ଟ ଲେନ୍ସ ପିନ୍ଧିବାକୁ ପଡ଼ି ନ ଥାଏ । ହେଲେ ଅନେକ ସମୟରେ ସର୍ଜରୀ ପୂର୍ବରୁ ଓ ପରେ ସଠିକ୍ ଯତ୍ନ ନ ନେଲେ, ଆଖି ଉପରେ ବିଭିନ୍ନ ସମସ୍ୟା ସୃଷ୍ଟି ହୋଇଥାଏ । ତେଣୁ ସର୍ଜରୀ ପୂର୍ବରୁ ଓ ପରେ କିପରି ସାବଧାନତା ଅବଲମ୍ବନ କରିବେ, ଜାଣି ରଖନ୍ତୁ ।**

**ସର୍ଜରୀ ପୂର୍ବରୁ:** ଲେଜର ସର୍ଜରୀ ୧୮ ବର୍ଷ ବୟସରୁ ଊର୍ଦ୍ଧ୍ୱ ବ୍ୟକ୍ତିଙ୍କଠାରେ କରାଯାଏ । ଅନେକ କ୍ଷେତ୍ରରେ କୌଣସି ବ୍ୟକ୍ତିଙ୍କଠାରେ ଗମ୍ଭୀର ରୋଗ କିମ୍ବା ସ୍ୱତନ୍ତ୍ର ଔଷଧ ସେବନ କରୁଥିଲେ, ଗର୍ଭବତୀ ତଥା ସ୍ତନ୍ୟପାନ କରାଉଥିବା ମହିଳାଙ୍କୁ ସର୍ଜରୀ କରିବାକୁ ଡାକ୍ତର ବାରଣ କରିଥାନ୍ତି । ତେଣୁ ଏହି ସର୍ଜରୀ କରାଇବା ପୂର୍ବରୁ ଜଣେ ବ୍ୟକ୍ତି ତାଙ୍କର ପୂର୍ବରୁ କେଉଁ ରୋଗ ଥିଲା, ଔଷଧ ସେବନ କରୁଛନ୍ତି କି ନାହିଁ, ସର୍ଜରୀ ପୂର୍ବରୁ କଣ୍ଟାକ୍ଟ ଲେନ୍ସ ଉପଯୋଗ କରୁଛନ୍ତି କି ନାହିଁ ସୂଚନା ଦେବାକୁ ହୁଏ । ଏହି ସର୍ଜରୀରେ ପାର୍ଶ୍ୱପ୍ରତିକ୍ରିୟା ହେବାର ଆଶଙ୍କା ଖୁବ୍ କମ୍ ରହିଥାଏ । ତଥାପି ସର୍ଜରୀ ପରେ କିଛି କଥାକୁ ଧ୍ୟାନ ଦେଲେ ଶୀଘ୍ର ସୁଫଳ ମିଳିଥାଏ ।

**ସର୍ଜରୀ ପରର ସତର୍କତା:** ସର୍ଜରୀ ପରେ ଗୋଟେ ଦିନ ବିଶ୍ରାମ ନେବା ଉଚିତ । ଡାକ୍ତରଙ୍କ ପରାମର୍ଶ ଅନୁଯାୟୀ ସମସ୍ତ ଔଷଧକୁ ନିର୍ଦ୍ଦିଷ୍ଟ ସମୟରେ ସେବନ କରିବା ସହ ସଂକ୍ରମଣରୁ ସୁରକ୍ଷା ପାଇବାକୁ ଆଖିରେ ଡ୍ରପ୍ ପକାଇବା ଜରୁରି । ସର୍ଜରୀ ପରେ ପରେ ଆଖି ଜଳାପୋଡ଼ା କିମ୍ବା କୁଣ୍ଡାଇ ହେବା ସାଧାରଣ କଥା; ହେଲେ ଏହି ସମୟରେ ଆଖିକୁ ଆଦୌ କୁଣ୍ଡାନ୍ତୁ ନାହିଁ । ଏପରି କରିବା ଦ୍ୱାରା କର୍ଣ୍ଣିଆ ନଷ୍ଟ ହୋଇଥାଏ । ଏହାସହ ଆଖିରେ ଅନ୍ୟ ସମସ୍ୟା ସୃଷ୍ଟି ହୁଏ । ତେଣୁ ସୁରକ୍ଷା ପାଇଁ ଚଷମା ପିନ୍ଧି ପାରିବେ । କିଛିଦିନ ପାଇଁ ଖରାକୁ ବାହାରନ୍ତୁ ନାହିଁ । କମ୍ପ୍ୟୁଟର, ଟିଭି କିମ୍ବା ମୋବାଇଲ୍ ସ୍କ୍ରିନ୍ ଉପଯୋଗ ସପ୍ତାହ ପାଇଁ ନ କରିବା ଭଲ ।

## ଥକ୍କାପଣ ଦୂର କରେ କ୍ଷୀର ରୁଟି

ଅଧୁନା ଲୋକେ ଅଧିକ ତେଲ ମସଲାଯୁକ୍ତ ଖାଦ୍ୟ ଖାଉଥିବାରୁ ବିଭିନ୍ନ ରୋଗ ସୃଷ୍ଟି ହେଉଛି । ତେଣୁ ସୁସ୍ଥ ଓ ନୀରୋଗ ରହିବା ପାଇଁ କ୍ଷୀର ରୁଟି ସବୁଠୁ ଭଲ ବିକଳ୍ପ । ପୂର୍ବରୁ ଲୋକେ ଶୁଦ୍ଧ ଖାଦ୍ୟ ଖାଇବାକୁ ପସନ୍ଦ କରୁବାରୁ ସେମାନଙ୍କ ଖାଦ୍ୟରେ ଦୁଗ୍ଧ ଏବଂ ରୁଟି ସାମିଲ ରହୁଥିଲା । ରୁଟି ଓ କ୍ଷୀର ଖାଇବା ଦ୍ୱାରା ଶରୀରକୁ ପୌଷ୍ଟିକତତ୍ତ୍ୱ ମିଳିଥାଏ । ରୁଟିରେ ବହୁତ ପ୍ରକାର ଭିଟାମିନ୍ ଏବଂ ଖଣିଜଦ୍ରବ୍ୟ, ପ୍ରୋଟିନ୍, କପର, ଜିଙ୍କ୍, ସଲଫର, କାର୍ବୋହାଇଡ୍ରେଟସ ଆଦି ପୌଷ୍ଟିକ ତତ୍ତ୍ୱ ମିଳୁଥିବାବେଳେ ଦୁଗ୍ଧରେ ସମାନ ପୌଷ୍ଟିକ ଖାଦ୍ୟ ପଦାର୍ଥ ରହିଥାଏ । କ୍ୟାଲସିୟମ୍, ଆୟରନ, ଭିଟାମିନ୍, ପ୍ରୋଟିନ ଏବଂ ପୋଟାସିୟମରେ ଭରପୂର ଦୁଗ୍ଧ ଶରୀରର ସମସ୍ତ ଆବଶ୍ୟକତାକୁ ପୂରଣ କରିଥାଏ । ତେଣୁ ସାରାଦିନ କାମକାର୍ଯ୍ୟ କରିବାପରେ ଥକ୍କାପଣ ଦୂର ପାଇଁ ଦୁଗ୍ଧ ରୁଟି ସେବନ ଅତ୍ୟନ୍ତ ଜରୁରି । ରାତିରେ ଦୁଗ୍ଧ ରୁଟି ଖାଇଲେ, ନିଦ ଭଲ ହୋଇଥାଏ । ଚିନ୍ତା, ଅବସାଦ ଦୂର ହୋଇଥାଏ । ପାଚନ ସମ୍ବନ୍ଧୀୟ ସମସ୍ୟା, ଗ୍ୟାସ୍ ଏବଂ ବାନ୍ତି ଜନିତ ସମସ୍ୟା ଦୂର କରିଥାଏ ରୁଟି କ୍ଷୀର । ଯେଉଁମାନଙ୍କ ଶରୀର ହାଲିଆ ତଥା କମ୍‌ଜୋର ଲାଗିଥାଏ, ସେମାନେ ଦୁଗ୍ଧ ରୁଟି ନିୟମିତ ସେବନ କରିବା ଉଚିତ ।



## ଓଜନ କମାଇବାକୁ ଆସିଲା ନୂଆ ଔଷଧ

ମୋଟାପା ଯୋଗୁଁ ହୃଦ୍‌ଘାତ, ବୃକ୍‌କଜନିତ ରୋଗ, ଯକୃତ୍ କମ୍‌ଜୋର, ମଧୁମେହ ଆଦି ଅନେକ ରୋଗ ଦେଖାଯାଇଥାଏ । ଅନ୍ୟପଟେ ବହୁଜଣ ଔଷଧ ଖାଇ ଓଜନ କମାଇଥାନ୍ତି । ଯଦିଓ ଡାକ୍ତରଙ୍କ ପରାମର୍ଶ ନେଇ ଔଷଧ ସେବନରୁ ଓଜନ ନିୟନ୍ତ୍ରଣ କରାଯାଏ, ଏବେ ବ୍ରିଟେନ୍ ନ୍ୟାଶନାଲ ଇନ୍‌ଷ୍ଟିଚ୍ୟୁଟ ଫର୍ ହେଲ୍ଥ ଆଣ୍ଡ କେୟାର ଏକ୍ସିଲେନ୍ସ ତଥା ନାଇସ ଓଜନ ନିୟନ୍ତ୍ରଣ ପାଇଁ 'ମାଓନଜାରୋ' ଔଷଧକୁ ମଞ୍ଜୁରୀ ଦେଇଛନ୍ତି । ଓଜେମ୍ପିକ ବିଗୋଭି ନାମକ ଔଷଧରେ ସେମାଗ୍ଲୁଟାଇଟ କମ୍ପୋଜିସନ ରହିଥିବାବେଳେ ମାଓନଜାରୋରେ ଟିରଜେପେଟାଇନ୍ କମ୍ପୋଜିସନ ରହିଛି । ଏନେଇ ନାଇସ ପକ୍ଷରୁ କୁହାଯାଇଛି ଯେ, ଯେଉଁ ଲୋକଙ୍କ ବିଏମ୍ଆଇ ୩୫ରୁ ଅଧିକ ସେମାନେ ଏହି ମାଓନଜାରୋ ବ୍ୟବହାର କରିପାରିବେ । ନିକଟରେ ଏହି ଔଷଧର ସଫଳ ପରୀକ୍ଷଣ କରାଯାଇଥିବାବେଳେ ତିନି ମାସ ପରେ ଏହି ଔଷଧ ବ୍ୟବହାର ଯୋଗ୍ୟ ହୋଇପାରିବ । ଏହି ଔଷଧ ସେବନ ସହ ନିୟମିତ ବ୍ୟାୟାମ, ପୋଷକତତ୍ତ୍ୱଯୁକ୍ତ ଖାଦ୍ୟ ଖାଇବା ଦ୍ୱାରା ଓଜନ ନିୟନ୍ତ୍ରଣ ହେବ । ଏହା ବିଗୋଭି ଠାରୁ ଅଧିକ ପ୍ରଭାବୀ । ଗୋଟିଏ ପଟେ ବିଗୋଭିକୁ ଅଧିକ ଦିନ ସେବନ କରିବା ଦ୍ୱାରା ପାର୍ଶ୍ୱପ୍ରତିକ୍ରିୟା ଦେଖିବାକୁ ମିଳୁଥିବାବେଳେ ଏହାକୁ ବାରଣ କରାଯାଇଛି । ହେଲେ ଗାଇଡଲାଇନ୍‌ରେ ମାଓନଜାରୋକୁ ଆବଶ୍ୟକତା ଯାଏଁ ବ୍ୟବହାର କରାଯାଇପାରିବ ବୋଲି କୁହାଯାଇଛି । କେବଳ ସେତିକି ନୁହେଁ, ନାଇସ ଏହା ମଧ୍ୟ କହିଛି ଯେ, ଯେକୌଣସି ବ୍ୟକ୍ତି ଏହାକୁ ଡାକ୍ତରଙ୍କ ପରାମର୍ଶ କରି ଦୁଇ ବର୍ଷ ଯାଏଁ ବ୍ୟବହାର କରିପାରିବେ ।

## ଟୁଥ୍‌ବ୍ରଶ୍‌ରେ ମୁଖଗହ୍ୱର କର୍କଟ ଚିହ୍ନଟ



ପାନ, ବିଡ଼ି, ତମାଖୁ ସେବନ ଖରାପ ଖାଦ୍ୟଶୈଳୀ କାରଣରୁ ମୁଖଗହ୍ୱର କର୍କଟ ରୋଗ ହୋଇଥାଏ । ଉଭୟ ଯୁବକ ଓ ବୟସ୍କ ବ୍ୟକ୍ତି ଏହି ରୋଗରେ ଆକ୍ରାନ୍ତ ହୁଅନ୍ତି । ଏହାକୁ ଧ୍ୟାନ ଦେଲେ, ବିଶ୍ୱର ପ୍ରତିବର୍ଷ ଅଧିକାଂଶ ଲୋକ ଏଥିରେ ମୃତ୍ୟୁବରଣ କରନ୍ତି । ଅଧିକାଂଶ କ୍ଷେତ୍ରରେ ଏହି ରୋଗ ଆରମ୍ଭରୁ ଚିହ୍ନଟ କରାଯାଇ ପାରୁ ନ ଥିବାରୁ ଚିକିତ୍ସାରେ ଅବହେଳା ହୋଇଥାଏ । ଶେଷ ପର୍ଯ୍ୟାୟରେ ଏହି ରୋଗ ବିଷୟରେ ଜଣାପଡ଼ିଥାଏ । ତେଣୁ ମୁଖଗହ୍ୱର କର୍କଟ ଆରମ୍ଭରୁ ଚିହ୍ନଟ କରିବାକୁ ଆଇଆଇଟି କାନପୁରର କେମିକାଲ ଇଞ୍ଜିନିୟରିଂ ବିଭାଗ ଏକ ଉପକରଣ ବିକଶିତ କରିଛନ୍ତି । ଏହା କିଛି ମିନିଟ୍ ମଧ୍ୟରେ ଜଣେ ବ୍ୟକ୍ତିଙ୍କଠାରେ ମୁଖଗହ୍ୱର କର୍କଟ ରହିଛି କି ନାହିଁ, ତାହା କେଉଁ ସ୍ତରରେ ରହିଛି ଓ କେତେ ପ୍ରଭାବିତ ତାହା ଜଣାଇଥାଏ । ଆଇଆଇଟି କାନପୁର ବରିଷ୍ଠ ପ୍ରଫେସର ଜୟନ୍ତ କୁମାର ସିଂହ ଏବଂ ତାଙ୍କ ଟିମ୍ ପ୍ରାୟ ପାଞ୍ଚ ବର୍ଷର ପରୀକ୍ଷଣ ପରେ ଏହି ସ୍ୱତନ୍ତ୍ର ଟୁଥ୍‌ବ୍ରଶ୍ ଆକାରର ଉପକରଣ ବିକଶିତ କରିଛନ୍ତି । ଏହାର ନାଁ ଦିଆଯାଇଛି ମୁଖ ପରୀକ୍ଷକ । କାନପୁରର କ୍ୟାନ୍ସର ହସ୍ପିଟାଲ ସମେତ ଅନ୍ୟାନ୍ୟ ହସ୍‌ପିଟାଲରେ ଏହାର ପରୀକ୍ଷଣ କରାଯାଇଛି । ଏହି ଟୁଥବ୍ରଶ୍‌ରେ ଅନେକ କ୍ୟାମେରା ଲାଗିଛି । ଏଆଇ ସେନ୍ସର ଲାଗିଥିବାବେଳେ ଏହା ପାଟିର ଯେକୌଣସି କୋଣ ଅନୁକୋଣକୁ ଚିହ୍ନଟ କରିଥାଏ । ଏହାର ଫଟୋକୁ ମୋବାଇଲକୁ ପଠାଇଥାଏ । ଏହି ଉପକରଣ ମୂଲ୍ୟ ୫୦ ହଜାରରୁ ୧ ଲକ୍ଷ ଟଙ୍କା ଯାଏଁ ହୋଇଥାଏ । ତେବେ ଗୋଟିଏ ଡିଭାଇସ୍‌ରୁ ପ୍ରାୟ ୫ ଲକ୍ଷ ଯାଏଁ ଟେଷ୍ଟ ସମ୍ଭବ । କର୍କଟ ବିଶେଷଜ୍ଞଙ୍କ ସମେତ ସାଧାରଣ ଲୋକ ମଧ୍ୟ ଏଥିରେ ପରୀକ୍ଷା କରିପାରିବେ । ଖୁବ୍ କମ୍ ସମୟ ମଧ୍ୟରେ ଏହି ଉପକରଣ ବଜାରରେ ଉପଲବ୍ଧ ହେବ ବୋଲି ସୂଚନା ମିଳିଛି ।

### ୧୦ମ ୱିକେଟରେ ରେକର୍ଡ ଭାଗୀଦାରି

# ନ୍ୟୁଜିଲାଣ୍ଡ ପରାସ୍ତ; ସୁପର-୮'ରେ ଇଣ୍ଡିଜ୍




**ତାରୌବା, ତ୍ରିନିଦାଦ୍,୧୩।୬(ଏଜେନ୍ସି):** ବାମହାତୀ ପେସ୍‌ବୋଲିଂ ଅଲରାଉଣ୍ଡର ଶେର୍ଫାନ ରଦରଫୋର୍ଡ (୩୯ବଲ୍‌ରେ ୬୮ରନ୍)ଙ୍କ ଦମ୍‌ଦାର ଅପରାଜିତ ଅର୍ଦ୍ଧଶତକ ଓ ଫାଷ୍ଟ ବୋଲର ଆଲଜରି ଯୋଶେଫ୍ (୧୯ରନ୍‌ରେ ୪ୱିକେଟ)ଙ୍କ ଘାତକ ବୋଲିଂ ବଳରେ ଏଠାରେ ଗୁରୁବାର ସକାଳେ ଅନୁଷ୍ଠିତ ଗ୍ରୁପ୍-ସି'ର ଏକ ଗୁରୁତ୍ୱପୂର୍ଣ୍ଣ ଟି-୨୦ ବିଶ୍ୱକପ୍ ମୁକାବିଲାରେ ୱେଷ୍ଟଇଣ୍ଡିଜ୍ ୧୩ ରନ୍‌ରେ ନ୍ୟୁଜିଲାଣ୍ଡକୁ ପରାସ୍ତ କରିଛି। ଏହା ଫଳରେ ଗ୍ରୁପ୍-ସି'ରେ ଆୟୋଜକ ୱେଷ୍ଟଇଣ୍ଡିଜ୍ କ୍ରମାଗତ ୩ଟି ବିଜୟ ସହ ସୁପର-୮ ପର୍ଯ୍ୟାୟକୁ ଉନ୍ନିତ ହୋଇଛି। ଅନ୍ୟପକ୍ଷରେ ନ୍ୟୁଜିଲାଣ୍ଡ କ୍ରମାଗତ ଦ୍ୱିତୀୟ ପରାଜୟ ସହ ସୁପର-୮ ପର୍ଯ୍ୟାୟରୁ ବିଦା ହେବା ସ୍ଥିତିରେ ପହଞ୍ଚିଛି। ଗାଣିତିକ ହିସାବରେ ଯଦିଓ ନ୍ୟୁଜିଲାଣ୍ଡ ଏବେ ମଧ୍ୟ ସୁପର-୮ ଦୌଡ଼ରେ ତିଷ୍ଠି ରହିଛି। ଏଥିଲାଗି ଯଦି ନ୍ୟୁଜିଲାଣ୍ଡ ତାହାର ଶେଷ ଦୁଇଟି ମ୍ୟାଚ୍ ଯଥାକ୍ରମେ ଉଗାଣ୍ଡା ଓ ପାପୁଆ ନ୍ୟୁ ଗିନିକୁ ବଡ଼ ବ୍ୟବଧାନରେ ପରାସ୍ତ କରେ ଏବଂ ଏହି ସମୟରେ ଆଫଗାନିସ୍ତାନ ତାହାର ଶେଷ ଦୁଇଟି ମ୍ୟାଚ୍‌ରେ ଯଥାକ୍ରମେ ପାପୁଆ ନ୍ୟୁ ଗିନି ଓ ୱେଷ୍ଟଇଣ୍ଡିଜ୍‌ଠାରୁ ପରାଜିତ ହୁଏ, ତେବେ ଉନ୍ନତ ନେଟ୍ ରନ୍ ରେଟ୍‌ରେ ହୁଏତ ନ୍ୟୁଜିଲାଣ୍ଡ ସୁପର-୮'କୁ ଉନ୍ନିତ ହୋଇପାରେ। କିନ୍ତୁ ପାପୁଆ ନ୍ୟୁ ଗିନିକୁ ଆଫଗାନିସ୍ତାନ ପରାସ୍ତ କଲେ (ଅଧିକ ସମ୍ଭାବନା) ତେବେ ନ୍ୟୁଜିଲାଣ୍ଡ ଚଳିତ ବିଶ୍ୱକପ୍‌ର ଗ୍ରୁପ୍ ପର୍ଯ୍ୟାୟରୁ ବିଦା ହେବ। ନ୍ୟୁଜିଲାଣ୍ଡ ବିପକ୍ଷ ମ୍ୟାଚ୍‌ରେ ଘରୋଇ ଦଳ ପକ୍ଷରୁ ୩୯ ବଲ୍‌ରେ ୨ ଚୌକା ଓ ୬ ଛକା ସହ ଆଉଟ ନ ହୋଇ ୬୮ ରନ୍ କରିଥିବା ରଦରଫୋର୍ଡଙ୍କୁ ଏହି ମ୍ୟାଚ୍‌ର ଶ୍ରେଷ୍ଠ ଖେଳାଳି ବିବେଚିତ କରାଯାଇଛି।

## ବିଶ୍ୱକପ୍‌ରେ ରେକର୍ଡ ଭାଗୀଦାରି

ବ୍ରାଏନ ଲାରା ଷ୍ଟାଡିୟମ୍‌ରେ ଖେଳାଯାଇଥିବା ଏହି ମ୍ୟାଚ୍‌ରେ ନ୍ୟୁଜିଲାଣ୍ଡ ଟସ୍ ଜିତିବା ପରେ ପ୍ରଥମେ ବ୍ୟାଟିଂ ଲାଗି ୱେଷ୍ଟଇଣ୍ଡିଜ୍‌କୁ ଆମନ୍ତ୍ରଣ କରିଥିଲା। ୱେଷ୍ଟଇଣ୍ଡିଜ୍ ବ୍ୟାଟିଂ ଆରମ୍ଭ କରି ପ୍ରାରମ୍ଭରୁ ବିପର୍ଯ୍ୟୟର ଶିକାର ହୋଇଥିଲା। ଏପରିକି ଦଳ ୭ମ ଓଭରରେ ମାତ୍ର ୩୦ ରନ୍‌ରେ ୫ ୱିକେଟ ହରାଇ ଦୟନୀୟ ସ୍ଥିତିରେ ପହଞ୍ଚିଯାଇଥିଲା। ଏହା ପରେ ଦଳ ୫୮ ରନ୍‌ରେ ୬ଷ୍ଠ ୱିକେଟ ସମେତ ୧୧୨ ରନ୍‌ରେ ୯ମ ୱିକେଟ ହରାଇ ଏକ ଲୋ ସ୍କୋର କରିବା ରାସ୍ତା ପରିଷ୍କାର ହୋଇଯାଇଥିଲା। ଏହି ସମୟରେ ଭଲ ବ୍ୟାଟିଂ କରୁଥିବା ଶେର୍ଫାନ ରଦରଫୋର୍ଡ ଓ ଗୁଡକେଶ ମୋତି ୧୦ମ ୱିକେଟରେ ଚମତ୍କାର ବ୍ୟାଟିଂ କରି ୧୩ ବଲ୍‌ରୁ ୩୭ ରନ୍ ଉଠାଇଥିଲେ। ଫଳରେ ଦଳ ୯ ୱିକେଟ୍‌ରେ ୧୪୯ ରନ୍ କରିଥିଲା। ଟି-୨୦ ବିଶ୍ୱକପ୍ ଇତିହାସରେ ଏହା ୧୦ମ ୱିକେଟ୍‌ରେ ସର୍ବାଧିକ ରନ୍ ସଂଗ୍ରହ କରିବାର ନୂଆ ରେକର୍ଡ ହୋଇଥିଲା। ଏହି ଭାଗୀଦାରିରେ ମୋତି ମାତ୍ର ଗୋଟିଏ ବଲର ସମ୍ମୁଖୀନ ହୋଇ କୌଣସି ରନ୍ କରି ନଥିଲେ। ଅନ୍ୟପକ୍ଷରେ ରଦରଫୋର୍ଡ ୧୨ଟି ବଲ ଖେଳି ସମସ୍ତ ୩୭ ରନ୍ ସ୍କୋର କରିଥିଲେ। ସେ ମୋଟ ୩୯ ବଲ୍ ଖେଳି ୬୮ ରନ୍‌ରେ ଅପରାଜିତ ରହିଥିଲେ। ଅନ୍ୟମାନଙ୍କ ମଧ୍ୟରେ ନିକୋଲାସ ପୂରନ ୧୭, ଆକିଲ ହୋସେନ ୧୫, ଆନ୍ଦ୍ରେ ରସେଲ ୧୪ ଓ ରୋମାରିଓ ସେଫର୍ଡ ୧୩ ରନ୍ କରିଥିଲେ। ନ୍ୟୁଜିଲାଣ୍ଡ ପକ୍ଷରୁ ଫାଷ୍ଟ ବୋଲରଙ୍କୁ ୯ଟି ମଧ୍ୟରୁ ୮ଟି ୱିକେଟ ମିଳିଥିଲା। ୪ ଓଭର ସ୍ପେଲ୍‌ରେ ଯଥାକ୍ରମେ ଟ୍ରେଣ୍ଟ ବୋଲ୍ଟ ୧୬ ରନ୍‌ରେ ୩ଟି, ଟିମ୍ ସୌଦୀ ୨୧ ଓ ଲକି ଫର୍ଗୁସନ ୨୭ ରନ୍‌ରେ ୨ଟି ଲେଖାଏଁ ୱିକେଟ ମିଳିଥିଲା।

## ମୋତି ଓ ମୁକେଶଙ୍କ ଚମତ୍କାର ବୋଲିଂ

ନ୍ୟୁଜିଲାଣ୍ଡକୁ ଏହି ମ୍ୟାଚ୍ ଜିତିବା ଲାଗି ୧୫୦ ରନ୍‌ର ଲକ୍ଷ୍ୟ ରହିଥିଲା। ବିଶ୍ୱକପ୍‌ରେ ତିଷ୍ଠି ରହିବାକୁ ହେଲେ ଦଳକୁ ଏହି ମ୍ୟାଚ୍ ନିଶ୍ଚିତ ଜିତିବାର ଥିଲା। ଦଳ ଆରମ୍ଭରୁ ଆକ୍ରମଣାତ୍ମକ ଖେଳି ଥିଲେ ମଧ୍ୟ କ୍ରମାଗତ ୱିକେଟ ହରାଇଥିଲା। ଏପରିକି ଦଳ ୬୩ ରନ୍ ୫ମ ଓ ୮୫ ରନ୍‌ରେ ୬ଷ୍ଠ ୱିକେଟ ହରାଇବା ପରେ ଦଳର ବିଜୟ କଷ୍ଟକର ହୋଇପଡ଼ିଥିଲା। ଏହି ସମୟରେ ଗ୍ଲେନ୍ ଫିଲିପ୍ସ ଚମତ୍କାର ବ୍ୟାଟିଂ କରୁଥିବାରୁ ଦଳର ସମସ୍ତ ଆଶା ତାଙ୍କ ପ୍ରଦର୍ଶନ ଉପରେ ନିର୍ଭର କରୁଥିଲା। ସେ ୩୩ ବଲ୍‌ରେ ୩ ଚୌକା ଓ ୨ଛକା ସହ ୪୦ ରନ୍ କରିଥିଲାବେଳେ ଆଲଜରୀ ଯୋଶେଫ୍‌ଙ୍କ ଦ୍ୱିତୀୟ ଶିକାର ବନିଥିଲେ। ତାଙ୍କ ଆଉଟ ହେବା ସହ ନ୍ୟୁଜିଲାଣ୍ଡର ବିଜୟ ଆଶା ମଉଳି ଯାଇଥିଲା। ମିଚେଲ ସାଣ୍ଟନର ୧୨ ବଲ୍‌ରେ ଅପରାଜିତ ୨୧ ରନ୍ କରିଥିଲେ ମଧ୍ୟ ତାହା ଦଳର ବିଜୟ ଲାଗି ପର୍ଯ୍ୟାପ୍ତ ହୋଇ ନ ଥିଲା। ନ୍ୟୁଜିଲାଣ୍ଡ ୨୦ ଓଭରରେ ୯ ୱିକେଟ ହରାଇ ୧୩୬ ରନ୍‌ରେ ଅଟକିଯାଇଥିଲା। ଫିନ୍ ଆଲେନଙ୍କ ୨୬ ରନ୍‌କୁ ବାଦ୍ ଦେଲେ ଅନ୍ୟ ସମସ୍ତ ଟପ୍ ଅର୍ଡର ବ୍ୟାଟର ଫେଲ ମାରିଥିଲେ। ୱେଷ୍ଟଇଣ୍ଡିଜ୍ ପକ୍ଷରୁ ସ୍ପିନର ଗୁଡକେଶ ମୋତି ନ୍ୟୁଜିଲାଣ୍ଡର ପ୍ରଥମ ୫ବ୍ୟାଟରଙ୍କ ମଧ୍ୟରୁ ୩ଜଣଙ୍କୁ ଆଉଟ କରି ବଡ଼ ସଫଳତା ଦେଇଥିଲେ। ତାଙ୍କ ସହ ତାଳଦେଇ ଆଲଜରୀ ଯୋଶେଫ ଘାତକ ବୋଲିଂ କରି ମାତ୍ର ୧୯ ରନ୍‌ରେ ୪ଟି ୱିକେଟ ପାଇଥିଲେ। ଡେଭନ କନୱେ (୫)ଙ୍କୁ ଆଉଟ କରି ଆକିଲ ହୋସେନ ବ୍ରେକ୍ ଥ୍ରୁ ଦେଇଥିଲେ।

# ବାଂଲାଦେଶ ଆଶା ଉଜ୍ଜୀବିତ

**ସେଣ୍ଟ ଭିନସେଣ୍ଟ,୧୩।୬(ଏଜେନ୍ସି):** ଚଳିତ ଟି-୨୦ ବିଶ୍ୱକପର ୨୭ତମ ମୁକାବିଲାରେ ବାଂଲାଦେଶ ୨୫ ରନରେ ନେଦରଲାଣ୍ଡ୍ସକୁ ପରାସ୍ତ କରି ତା'ର ସୁପର-୮ ଆଶାକୁ ଉଜ୍ଜୀବିତ ରଖିଛି। ସ୍ଥାନୀୟ କିଙ୍ଗସଟାଉନସ୍ଥିତ ଆର୍ଣ୍ଣୋସ ଭେଲ ଗ୍ରାଉଣ୍ଡରେ ଖେଳାଯାଇଥିବା ଏହି ଗ୍ରୁପ୍ ଡି ମୁକାବିଲରେ ଟସ ହାରି ବ୍ୟାଟିଂ ପାଇଁ ଆମନ୍ତ୍ରଣ ପାଇଥିବା ବାଂଲାଦେଶ ୫ ୱିକେଟ ହରାଇ ୧୫୯ ରନ ସଂଗ୍ରହ କରିଥିଲା। ଜବାବରେ ନେଦରଲାଣ୍ଡ୍ସ ୨୦ ଓଭରରେ ୮ ୱିକେଟ ହରାଇ ୧୩୪ ରନରେ ସୀମିତ ରହି ପରାସ୍ତ ହୋଇଛି। ନେଦରଲାଣ୍ଡ୍ସ ପକ୍ଷରୁ ସିବ୍ରାଣ୍ଡ ଏନଗେଲବ୍ରେଚ୍ ସର୍ବାଧିକ ୩୩, ବିକ୍ରମଜିତ ସିଂ ୨୬, ଅଧିନାୟକ ସ୍କଟ ଏଡୱାର୍ଡ୍ସ ୨୫, ମାଇକେଲ ଲେଭିଟ୍ ୧୮, ମ୍ୟାକ୍ସ ଓ'ଡୋଡ୍ ୧୨ ରନକରି ଆଉଟ ହୋଇଥିବା ବେଳେ ଆର୍ଯ୍ୟନ ଦତ୍ତ ୧୨ ବଲରୁ ୧୫ ରନକରି ଅପରାଜିତ ରହିଥିଲେ। ବାଂଲାଦେଶ ତରଫରୁ ବୋଲିଂରେ ରିସାଦ ହୋସେନ ସର୍ବାଧିକ ୩, ତାସ୍କିନ ଅହମ୍ମଦ ୨, ମୁସ୍ତାଫିଜୁର ରହମାନ, ତଞ୍ଜିମ ହାସନ ସକିବ ଓ ମହମୁଦୁଲ୍ଲା ଗୋଟିଏ ଲେଖାଏ ୱିକେଟ ଅକ୍ତିଆର କରିଥିଲେ। ନେଦରଲାଣ୍ଡ୍ସ ପରାସ୍ତ ହୋଇଥିଲେ ମଧ୍ୟ ତା'ର ସୁପର-୮ ଆଶ ଉଜ୍ଜୀବିତ ରହିଛି।


ସକିବ ଅଲ ହାସନ

## ସକିବଙ୍କ ଅର୍ଦ୍ଧଶତକ

ଟସ୍ ହାରି ପ୍ରଥମେ ବ୍ୟାଟିଂ କରିବାକୁ ଆମନ୍ତ୍ରଣ ପାଇଥିବା ବାଂଲାଦେଶ ୨୩ ରନରେ ଦୁଇ ୱିକେଟ ହରାଇ ପ୍ରାରମ୍ଭିକ ବିପର୍ଯ୍ୟୟର ସମ୍ମୁଖୀନ ହୋଇଥିଲା। ଅଧିନାୟକ ନାଜମୁଲ ହୋସେନ ସାଣ୍ଟୋ ଓ ୱିକେଟରକ୍ଷକ ବ୍ୟାଟର ଲିଟନ ଦାସ ୧ ରନ ଲେଖାଏ ସଂଗ୍ରହକରି ନେଦରଲାଣ୍ଡସ ସ୍ପିନର ଆର୍ଯ୍ୟନ ଦତ୍ତଙ୍କ ଦ୍ୱାରା ଆଉଟ ହୋଇଥିଲେ। ତୃତୀୟ ୱିକେଟରେ ଅଭିଜ୍ଞ ଅଲରାଉଣ୍ଡର ସକିବ ଅଲ ହାସନ ଓ ଓପନର ତାଞ୍ଜିଦ ହାସନ ୩୨ ବଲରୁ ୪୮ ରନ ସଂଗ୍ରହ କରି ସ୍ଥିତି ସମ୍ଭାଳିଥିଲେ। ତାଞ୍ଜିଦ୍ ୨୬ ବଲରୁ ୫ ଚୌକା ଓ ୧ ଛକା ସହ ୩୫ ରନକରି ପ୍ୟାଭିଲିୟନ ଫେରିଥିଲେ। ସକିବ ୪୬ ବଲର ସମ୍ମୁଖୀନ ହୋଇ ୯ ଚୌକା ସହ ୬୪ ରନର ଅର୍ଦ୍ଧଶତକୀୟ ପାଳି ଖେଳି ଶେଷ ପର୍ଯ୍ୟନ୍ତ ଅପରାଜିତ ରହିଥିଲେ। ଅନ୍ୟମାନଙ୍କ ମଧ୍ୟରେ ତୋହିଦ ହ୍ରିଦୋୟ ୯, ମହମୁଦୁଲ୍ଲା ୨୧ ବଲରୁ ୨ଟି ଲେଖାଏ ଚୌକା ଓ ଛକା ସହ ୨୫ ରନକରି ଆଉଟ ହୋଇଥିବା ବେଳେ ଜାକିର ଅଲି ୧୪ ରନକରି ଅପରାଜିତ ରହିଥିଲେ। ୧୯ତମ ଓଭରରେ ଜାକିର ୩ଟି ଚୌକା ମାରିଥିଲେ। ବୋଲିଂରେ ନେଦରଲାଣ୍ଡ ପାଇଁ ଆର୍ଯ୍ୟନ୍ତ ଦତ୍ତ ଓ ପଲ ଭାନ ମିକେରେନ ଦୁଇଟି ଲେଖାଏ, ଟିମ ପ୍ରିଙ୍ଗଲ ଗୋଟିଏ ୱିକେଟ ଅକ୍ତିଆର କରିଥିଲେ।

## ଟି-୨୦ ବିଶ୍ୱକପ୍ ପଏଣ୍ଟ ସାରଣୀ

**ଗ୍ରୁପ-ଏ**

| ଦେଶ | ମ୍ୟାଚ୍. | ବିଜୟ | ପରାଜୟ | ବାତିଲ. | ପଏଣ୍ଟ | ନେଟରନ୍ |
|---|---|---|---|---|---|---|
| ଭାରତ | ୩ | ୩ | ୦ | ୦ | ୬ | +୧.୧୩୭ |
| ଆମେରିକା | ୩ | ୨ | ୧ | ୦ | ୪ | +୦.୧୨୭ |
| ପାକିସ୍ତାନ | ୩ | ୧ | ୨ | ୦ | ୨ | +୦.୧୯୧ |
| କାନାଡା | ୩ | ୧ | ୨ | ୦ | ୨ | -୦.୪୯୩ |
| ଆୟର୍ଲାଣ୍ଡ | ୨ | ୦ | ୨ | ୦ | ୦ | -୧.୭୧୨ |

**ଗ୍ରୁପ-ବି**

| ଦେଶ | ମ୍ୟାଚ୍. | ବିଜୟ | ପରାଜୟ | ବାତିଲ. | ପଏଣ୍ଟ | ନେଟରନ୍ |
|---|---|---|---|---|---|---|
| ଅଷ୍ଟ୍ରେଲିଆ | ୩ | ୩ | ୦ | ୦ | ୬ | +୩.୫୮୦ |
| ସ୍କଟଲାଣ୍ଡ | ୩ | ୨ | ୦ | ୧ | ୫ | +୨.୧୬୪ |
| ନାମିବ୍ୟା | ୩ | ୧ | ୨ | ୦ | ୨ | -୨.୦୯୮ |
| ଇଂଲଣ୍ଡ | ୨ | ୦ | ୧ | ୧ | ୧ | -୧.୮୦୦ |
| ଓମାନ | ୩ | ୦ | ୩ | ୦ | ୦ | -୧.୬୧୩ |

**ଗ୍ରୁପ-ସି**

| ଦେଶ | ମ୍ୟାଚ୍. | ବିଜୟ | ପରାଜୟ | ବାତିଲ. | ପଏଣ୍ଟ | ନେଟରନ୍ |
|---|---|---|---|---|---|---|
| ୱେଷ୍ଟଇଣ୍ଡିଜ୍ | ୩ | ୩ | ୦ | ୦ | ୬ | +୨.୫୯୬ |
| ଆଫଗାନିସ୍ତାନ | ୨ | ୨ | ୦ | ୦ | ୪ | +୫.୨୨୫ |
| ଉଗାଣ୍ଡା | ୩ | ୧ | ୨ | ୦ | ୨ | -୪.୨୧୭ |
| ପିଏନଜି | ୨ | ୦ | ୨ | ୦ | ୦ | -୦.୪୩୪ |
| ନ୍ୟୁଜିଲାଣ୍ଡ | ୨ | ୦ | ୨ | ୦ | ୦ | -୨.୪୨୫ |

**ଗ୍ରୁପ-ଡି**

| ଦେଶ | ମ୍ୟାଚ୍. | ବିଜୟ | ପରାଜୟ | ବାତିଲ. | ପଏଣ୍ଟ | ନେଟରନ୍ |
|---|---|---|---|---|---|---|
| ଦକ୍ଷିଣ ଆଫ୍ରିକା | ୩ | ୩ | ୦ | ୦ | ୬ | +୦.୬୦୩ |
| ବାଂଲାଦେଶ | ୩ | ୨ | ୧ | ୦ | ୪ | +୦.୪୭୮ |
| ନେଦରଲାଣ୍ଡ୍ସ | ୩ | ୧ | ୨ | ୦ | ୨ | -୦.୪୦୮ |
| ନେପାଳ | ୨ | ୦ | ୧ | ୧ | ୧ | -୦.୫୩୯ |
| ଶ୍ରୀଲଙ୍କା | ୩ | ୦ | ୨ | ୧ | ୧ | -୦.୭୭୭ |

### ପ୍ରବଳ ବର୍ଷା ଯୋଗୁଁ ଲୌଡରହିଲ୍‌ରେ ହୋଇପାରେ ବନ୍ୟା

# ମ୍ୟାଚ୍ ବାତିଲ ହେଲେ ବିଶ୍ୱକପ୍‌ରୁ ବିଦାହେବ ପାକିସ୍ତାନ

**ଲୌଡରହିଲ, ଫ୍ଲୋରିଡା, ୧୩।୬(ଏଜେନ୍ସି):** ସ୍ଥାନୀୟ ଲୌଡରହିଲ୍‌ରେ ଗତ କିଛିଦିନ ଧରି ପ୍ରବଳ ବର୍ଷା ଲାଗି ରହିଛି। ଏହା ଫଳରେ ଗତ ମଙ୍ଗଳବାର ଶ୍ରୀଲଙ୍କା ଓ ନେପାଳ ମଧ୍ୟରେ ହେବାକୁ ଥିବା ମୁକାବିଲାକୁ ବାତିଲ କରାଯାଇଥିଲା। ଯାହା ଫଳରେ ଶ୍ରୀଲଙ୍କା ବିଶ୍ୱକପ୍‌ରୁ ବିଦାୟ ନେବାର ଦ୍ୱାରଦେଶରେ ପହଞ୍ଚିଯାଇଛି। ଏହି ଭେନ୍ୟୁରେ ଭାରତ ଓ ପାକିସ୍ତାନ ସାମିଲ ଥିବା ଗ୍ରୁପ୍ 'ଏ'ର ଶେଷ ୩ଟି ମ୍ୟାଚ୍ ଖେଳାଯିବ। ଏହା ମଧ୍ୟରୁ ଆସନ୍ତାକାଲି ଅର୍ଥାତ୍ ଶୁକ୍ରବାର ଆମେରିକା ବନାମ ଆୟର୍ଲାଣ୍ଡ, ଶନିବାର ଭାରତ ବନାମ କାନାଡା ଓ ରବିବାର ପାକିସ୍ତାନ ବନାମ ଆୟର୍ଲାଣ୍ଡ ମଧ୍ୟରେ ମୁକାବିଲା ହେବ। ପ୍ରବଳ ବର୍ଷା ଓ ବନ୍ୟା ଯୋଗୁ ଏ ସମସ୍ତ ମ୍ୟାଚ୍ ଆୟୋଜନ ନେଇ ଆଶଙ୍କା ସୃଷ୍ଟି ହୋଇଛି। ଏପିରିକି ଭାରତ-କାନାଡା ମ୍ୟାଚ୍ ଦିନ ବନ୍ୟା ହେବାର ସମ୍ଭାବନା ରହିଛି ବୋଲି ସ୍ଥାନୀୟ ପାଣିପାଗ ବିଭାଗ ପକ୍ଷରୁ କୁହାଯାଇଛି। ଏହା ଯଦି ହୁଏ ଅର୍ଥାତ୍ ସବୁ ମ୍ୟାଚ୍ ଯଦି ବାତିଲ ହୋଇଯାଏ, ତେବେ ଭାରତର କୌଣସି ଅସୁବିଧା ହେବନାହିଁ, କିନ୍ତୁ ପାକିସ୍ତାନ ପ୍ରତିଯୋଗିତାରୁ ବାଦ୍ ପଡ଼ିବ। ଏବେ ସୁଦ୍ଧା ଭାରତ ୩ଟି ମ୍ୟାଚ୍ ଖେଳି ୬ ପଏଣ୍ଟ ସହ ପ୍ରଥମ, ଆମେରିକା ୩ଟି ମ୍ୟାଚ୍‌ରୁ ୪ ପଏଣ୍ଟ ପାଇ ଦ୍ୱିତୀୟ, ପାକିସ୍ତାନ ଓ କାନାଡା ୩ଟି ଲେଖାଏଁ ମ୍ୟାଚ୍‌ରୁ ୨ ପଏଣ୍ଟ ଲେଖାଏଁ ସଂଗ୍ରହ କରିଛନ୍ତି। ଆୟର୍ଲାଣ୍ଡ ୨ଟି ମ୍ୟାଚ୍‌ରୁ ୨ଟି ଯାକରେ ପରାଜିତ ହୋଇ କୌଣସି ପଏଣ୍ଟ ପାଇ ନାହିଁ।



ଏଣୁ ଆସନ୍ତାକାଲି ଆମେରିକା-ଆୟର୍ଲାଣ୍ଡ ମ୍ୟାଚ୍ ବାତିଲ ହେଲେ ପାକିସ୍ତାନ ପ୍ରତିଯୋଗିତାରୁ ବିଦାୟ ନେବ। ମ୍ୟାଚ୍ ବାତିଲରୁ ଗୋଟିଏ ପଏଣ୍ଟ ମିଳିଲେ ଆମେରିକାର ପଏଣ୍ଟ ସଂଖ୍ୟା ୫ ହେବ ଓ ଏହା ଭାରତ ପଛକୁ ଦ୍ୱିତୀୟ ଦଳ ଭାବେ ସୁପର-୮'କୁ ଯିବ। ଅନ୍ୟ ଦୁଇଟି ମ୍ୟାଚ୍‌ର ଫଳାଫଳ ଯାହା ହେଲେ ମଧ୍ୟ ପାକିସ୍ତାନ ଆଉ ଆଗକୁ ଯାଇପାରିବ ନାହିଁ। ଯଦି ଆସନ୍ତାକାଲି ମ୍ୟାଚ ହୁଏ ଓ ଆମେରିକା ହାରିଯାଏ ତେବେ ପାକିସ୍ତାନ ନିକଟରେ ସୁଯୋଗ ରହିବ। ସେହିପରି ଆୟର୍ଲାଣ୍ଡ ବିପକ୍ଷ ମ୍ୟାଚ ବାତିଲ ହୁଏ ତେବେ ମଧ୍ୟ ପାକିସ୍ତାନ ୩ ପଏଣ୍ଟ ସହ ବିଦା ହେବ। ଏଣୁ ପାକିସ୍ତାନ ଲାଗି ଆସନ୍ତାକାଲି ଓ ରବିବାର ମ୍ୟାଚ୍ ଦୁଇଟି ଗୁରୁତ୍ୱପୂର୍ଣ୍ଣ। ଅନ୍ୟପକ୍ଷରେ କାନାଡା ବିପକ୍ଷ ମ୍ୟାଚ୍ ବାତିଲ ହେଉ କିମ୍ବା ଆୟୋଜିତ ହେଲେ ଭାରତ ଲାଗି କୌଣସି ଫରକ ପଡ଼ିବ ନାହିଁ।

## ସ୍ୱଦେଶ ଫେରିବେ ଗିଲ, ଆଭେଶ

**ନ୍ୟୁୟର୍କ, ୧୩।୬(ଏଜେନ୍ସି):** ଆମେରିକା ପର୍ଯ୍ୟାୟ ଟି-୨୦ ବିଶ୍ୱକପ୍ ମ୍ୟାଚ୍ ପରେ ଭାରତୀୟ ଦଳରେ ରିଜର୍ଭ ଖେଳାଳିଭାବେ ଥିବା ଓପନର ଶୁବମାନ ଗିଲ ଓ ମିଡିୟମ ଫାଷ୍ଟ ବୋଲର ଆଭେଷ ଖାନ ସ୍ୱଦେଶ ଫେରିଆସିବେ। ଗ୍ରୁପ୍-ଏ'ରେ ଭାରତ ତାହାର ଶେଷ ଲିଗ୍ ମ୍ୟାଚ୍ ଫ୍ଲୋରିଡାରେ ଖେଳିବ। ବର୍ଷା ଯୋଗୁ ଏହି ମ୍ୟାଚ୍ ବାତିଲ ହେବା ପରେ ଜୁନ୍ ୧୫ରେ ଗିଲ୍ ଓ ଆଭେଷ ସ୍ୱଦେଶ ଫେରିବଆସିବେ। ଦଳରେ ଆଉ ଜରେ ଓପନର ଥିବାରୁ ୱେଷ୍ଟଇଣ୍ଡିଜ୍‌ରେ ଗିଲ୍‌ଙ୍କର ଓ ସେଠିକାର ପିଚ୍ ସ୍ପିନରଙ୍କୁ ସହାୟତା ଦେବାକୁ ଥିବାରୁ ଆଭେଷଙ୍କର ଆଉ କିଛି ଦଳରେ ଆବଶ୍ୟକତା ନାହିଁ। କିନ୍ତୁ ଦଳରେ ଥିବା ଅନ୍ୟ ଦୁଇ ରିଜର୍ଭ ଖେଳାଳି ରିଙ୍କୁ ସିଂ ଓ ମହମ୍ମଦ୍ ଖଲୀଲ ଦଳର ସହ ୱେଷ୍ଟଇଣ୍ଡିଜ୍ ଯିବେ। ଭାରତ ୱେଷ୍ଟଇଣ୍ଡିଜ୍‌ରେ ସୁପର-୮' ମ୍ୟାଚ୍ ଯଥାକ୍ରମେ ବାର୍ବାଡୋସ୍‌ରେ ଜୁନ୍ ୨୦, ଆଣ୍ଟିଗୁଆରେ ଜୁନ୍ ୨୨ ଓ ସେଣ୍ଟ ଲୁସିଆରେ ଅଷ୍ଟ୍ରେଲିଆ ସହ ଜୁନ୍ ୨୪ରେ ଖେଳିବ। ଭାରତ ଯଦି ସେମିଫାଇନାଲକୁ ଉନ୍ନୀତ ହେବ ତେବେ ଗୁଏନାର ଜର୍ଜଟାଉନ୍‌ରେ ଏହି ମ୍ୟାଚ୍ ଜୁନ୍ ୨୭ରେ ଖେଳିବ।

## ଏସିଆନ୍ ମହିଳା ଭଲିବଲ୍ ଦଳରେ କ୍ରିତି

**ଭୁବନେଶ୍ୱର, ୧୩।୬ (ସମିସ):** ୧୮ ବର୍ଷରୁ କମ୍ ଏସିଆନ ମହିଳା ଭଲିବଲ୍ ଚାମ୍ପିଅନସିପ୍‌ର ୧୫ତମ ସଂସ୍କରଣ ରବିବାରଠାରୁ ଥାଇଲାଣ୍ଡର ନାଖୋନ ପାଥୋମରେ ଆରମ୍ଭ ହେବ। ଏଥିଲାଗି ଭାରତୀୟ ୧୮ ବର୍ଷରୁ କମ୍ ମହିଳା ଭଲିବଲ୍ ଦଳ ଘୋଷଣା କରାଯାଇଛି। ଏହି ଦଳରେ କିଟ୍ ବିଶ୍ୱବିଦ୍ୟାଳୟର ଛାତ୍ରୀ କ୍ରିତି ତିୱାରୀ ସ୍ଥାନ ପାଇଛନ୍ତି। କ୍ରିତି ବର୍ତ୍ତମାନ କିଟ୍‌ରେ ସ୍ପୋର୍ଟ୍ସ କୋଟାରେ ସମାଜ ବିଜ୍ଞାନ +୩ ପ୍ରଥମ ବର୍ଷରେ ଅଧ୍ୟୟନ କରୁଛନ୍ତି। ଭାରତୀୟ ଦଳର ଚୟନ ଶିବିର ମେ ୨୮ରୁ ଜୁନ ୧୨ ତାରିଖ ପର୍ଯ୍ୟନ୍ତ ବେଙ୍ଗାଲୁରୁସ୍ଥିତ ଭାରତୀୟ କ୍ରୀଡ଼ା ପ୍ରାଧିକରଣ ସେଣ୍ଟରରେ ଅନୁଷ୍ଠିତ ହୋଇଥିଲା। ଏଥିରେ କ୍ରିତି ଅଂଶଗ୍ରହଣ କରି ପ୍ରଭାବୀ ପ୍ରଦର୍ଶନ କରିଥିଲେ।

## ଯୁଗଳରେ ଖେଳିବେ ବୋପାନ୍ନା-ବାଲାଜୀ

**ନୂଆଦିଲ୍ଲୀ,୧୩।୬(ଏଜେନ୍ସି):** ଆଗମୀ ପ୍ୟାରିସ ଅଲିମ୍ପିକ୍ସରେ ୪୪ ବର୍ଷୀୟ ରୋହନ ବୋପାନ୍ନା ଓ ଏନ୍ ଶ୍ରୀରାମ ବାଲାଜୀ ସାଥି ହୋଇ ପୁରୁଷ ଯୁଗଳରେ ଭାରତ ପାଇଁ ପ୍ରତିନିଧିତ୍ୱ କରିବେ। ଏ ନେଇ ସର୍ବ ଭାରତୀୟ ଟେନିସ ମହାସଂଘ (ଏଆଇଟିଏ) ଗୁରୁବାର ଘୋଷଣା କରିଛି। ପୂର୍ବରୁ ଅବଶ୍ୟ ବୋପାନ୍ନା ଏ ନେଇ ଘୋଷଣା କରିଥିଲେ। ଏବେ ତାଙ୍କ ନିଷ୍ପତ୍ତି ଉପରେ ଏଆଇଟିଏ ଏବେ ମୋହର ମାରିଛି। ଏହି ଦୁଇ ଖେଳାଳି ଅଲିମ୍ପିକ୍ସ ଯୁଗଳ ଇଭେଣ୍ଟ ପାଇଁ ଯୋଗ୍ୟତା ଅର୍ଜନ କରିଛନ୍ତି ବୋଲି ଏଆଇଟିଏ ସୂଚନା ଦେଇଛି। ପୂର୍ବତନ ଡେଭିସ କପ୍ ଅଧିନାୟକ ନନ୍ଦନ ବଲଙ୍କ ଅଧ୍ୟକ୍ଷତାରେ ଚୟନ କମିଟି ଏହି ନିଷ୍ପତ୍ତି ନେଇଛି। କ୍ୟାରିୟରରେ ଏଥର ବୋପାନ୍ନା ପ୍ରଥମ ଅଲିମ୍ପିକ୍ସ ପଦକ ହାସଲ କରିବେ ବୋଲି ଆଶା କରାଯାଉଛି।

## ୱିମ୍ବଲଡନ ପୁରସ୍କାର ରାଶିରେ ରେକର୍ଡ ବୃଦ୍ଧି

**ଲଣ୍ଡନ,୧୩।୬(ଏଜେନ୍ସି):** ବର୍ଷର ତୃତୀୟ ଗ୍ରାଣ୍ଡସ୍ଲାମ ଟୁର୍ଣ୍ଣାମେଣ୍ଟ ୱିମ୍ବଲଡନ ଟେନିସ ଟୁର୍ଣ୍ଣାମେଣ୍ଟର ପୁରସ୍କାର ରାଶିରେ ରେକର୍ଡ ବୃଦ୍ଧି କରାଯାଇଛି। ଏ ନେଇ ଗୁରୁବାର ଅଲ ଇଂଲଣ୍ଡ କ୍ଲବ ତରଫରୁ ଘୋଷଣା କରାଯାଇଛି। ଏହି ହାଇପ୍ରୋଫାଇଲ ଗ୍ରାସକୋର୍ଟ ଟୁର୍ଣ୍ଣାମେଣ୍ଟ ପାଇଁ ଏଥର ମୋଟ୍ ପୁରସ୍କାର ରାଶିକୁ ୫ କୋଟି ପାଉଣ୍ଡ ଅର୍ଥାତ୍ ପାଖାପାଖି ୫ ଶହ ୩୩ କୋଟି ଟଙ୍କାକୁ ବୃଦ୍ଧି କରାଯାଇଛି। ଟୁର୍ଣ୍ଣାମେଣ୍ଟର ପ୍ରତ୍ୟେକ ଏକକ ଚାମ୍ପିଅନଙ୍କୁ ପାଖାପାଖି ୨୯ କୋଟି ଟଙ୍କା ପ୍ରଦାନ କରାଯିବ। ମୋଟ ଉପରେ ଗତବର୍ଷର ପୁରସ୍କାର ରାଶିରେ ଏଥର ୧୧.୯ ପ୍ରତିଶତ ଅର୍ଥାତ୍ ୫୬.୬ କୋଟି ଟଙ୍କା ବୃଦ୍ଧି କରାଯାଇଛି। ୧୦ ବର୍ଷ ତଳେ ଦିଆଯାଇଥିବା ପୁରସ୍କାର ରାଶିରେ ଏଥର ଦୁଇଗୁଣ ବୃଦ୍ଧି ହୋଇଛି। ଏକକ ପ୍ରତିଯୋଗିତାର ପ୍ରଥମ ରାଉଣ୍ଡରେ ପରାସ୍ତ ହେଲେ ୬୪ ଲକ୍ଷ ଟଙ୍କା ପ୍ରଦାନ କରାଯିବ। ସେହିପରି ଯୋଗ୍ୟତ ପର୍ଯ୍ୟାୟ ପ୍ରତିଯୋଗିତା ପାଇଁ ୫୧.୨ କୋଟି ଟଙ୍କା ରଖାଯାଇଛି।

### ଅଷ୍ଟ୍ରେଲିଆନ୍ ଓପନ୍ ବ୍ୟାଡ୍‌ମିଣ୍ଟନ

# କ୍ୱାର୍ଟରରେ ପ୍ରଣୟ, ସମୀର, ଆକର୍ଷୀ


ଏଚ୍‌ଏସ୍ ପ୍ରଣୟ

**ସିଡ୍‌ନୀ, ୧୩।୬ (ଏଜେନ୍ସି):** ଭାରତର ଦୁଇ ଶ୍ରେଷ୍ଠ ସଟ୍‌ଲର୍ ଏଚ୍‌ଏସ୍ ପ୍ରଣୟ ଓ ସମୀର ବର୍ମା ଏଠାରେ ଚାଲିଥିବା ଅଷ୍ଟ୍ରେଲିଆନ୍ ଓପନ୍ ବ୍ୟାଡ୍‌ମିଣ୍ଟନ ପ୍ରତିଯୋଗିତାର କ୍ୱାର୍ଟର ଫାଇନାଲରେ ପ୍ରବେଶ କରିଛନ୍ତି। ଗୁରୁବାର ଅନୁଷ୍ଠିତ ପୁରୁଷ ଏକକ ରାଉଣ୍ଡ-୧୬ ମୁକାବିଲାରେ ପ୍ରଣୟ ୨୧-୧୭, ୨୧-୧୫ ସିଧାସଳଖ ଗେମ୍‌ରେ ଇସ୍ରାଏଲ୍‌ର ମିଶା ଜିଲବର୍‌ମାନଙ୍କୁ ପରାସ୍ତ କରିଥିଲେ। ବିଶ୍ୱର ପ୍ରାକ୍ତନ ଏକ ନମ୍ବର ଖେଳାଳି ପ୍ରଣୟ ଏହି ମ୍ୟାଚକୁ ଜିତିବା ଲାଗି ୪୬ ମିନିଟ୍ ସମୟ ଲାଗିଥିଲା। ସେହିଭଳି ଅନ୍ୟ ଏକ ପ୍ରି-କ୍ୱାର୍ଟର ଫାଇନାଲ ମ୍ୟାଚରେ ସମୀର ୨୧-୧୪, ୧୪-୨୧, ୨୧-୧୯ ଗେମ୍‌ରେ ୮ମ ସିଡ୍ ସିଙ୍ଗାପୁରର ଲୋହ କିନ୍ ୟିଉଙ୍କୁ ପରାସ୍ତ କରି କ୍ୱାର୍ଟରରେ ସ୍ଥାନ ସୁରକ୍ଷିତ କରିଛନ୍ତି। ତେବେ କିରଣ ଜର୍ଜ ଏହି ରାଉଣ୍ଡରେ ପରାସ୍ତ ହୋଇ କ୍ୱାର୍ଟର ଫାଇନାଲ ଖେଳିବାରୁ ବଞ୍ଚିତ ହୋଇଛନ୍ତି।

ଅପରପକ୍ଷରେ ମହିଳା ଏକକରେ ୮ମ ସିଡ୍ ଭାରତର ଆକର୍ଷୀ କାଶ୍ୟପ୍ ମଧ୍ୟ କ୍ୱାର୍ଟର ଫାଇନାଲରେ ପ୍ରବେଶ କରିଛନ୍ତି। ରାଉଣ୍ଡ-୧୬ରେ ସେ ୨୧-୧୬, ୨୧-୧୩ ସିଧାସଳଖ ଗେମ୍‌ରେ ଘରୋଇ ଅଷ୍ଟ୍ରେଲିଆ ଖେଳାଳି କାଇ କ୍ୱି ବର୍ନିସଙ୍କୁ ହରାଇଥିଲେ। କ୍ୱାର୍ଟରରେ ଚାଇନିଜ ତାଇପେଇର ୟୁ ପୋ'ଙ୍କ ସହ ଆକର୍ଷୀଙ୍କ ମୁକାବିଲା ହେବ। ତେବେ ଭାରତର ଆଉ ଦୁଇ ଖେଳାଳି ଅନପୂର୍ଣ୍ଣା ଉପାଧ୍ୟାୟ ଓ ମାଳବିକା ବଂଶୋଦ ରାଉଣ୍ଡ-୧୬ରେ ପରାଜୟ ସହ ଅଭିଯାନ ଶେଷ କରିଛନ୍ତି।

## ହାରିଲେ ପଣ୍ଡା ଭଗିନୀ

ଓଡ଼ିଶାର ଦୁଇ ଉଦୀୟମାନ ଖେଳାଳି ତଥା ପଣ୍ଡା ଭଗିନୀ ଋତୁପର୍ଣ୍ଣା ଓ ଶ୍ୱେତପର୍ଣ୍ଣା ପ୍ରି-କ୍ୱାର୍ଟରରେ ୫-୨୧, ୯-୨୧ ଗେମ୍‌ରେ ମାଲେସିଆ ଯୋଡ଼ି ପେଇ ଜିଙ୍ଗ୍ ଓ ଚିଉ ସିଏନ ଲିମ୍‌ଙ୍କ ନିକଟରୁ ହାରିଯାଇଛନ୍ତି। ଏଥିସହ ଋତୁପର୍ଣ୍ଣା ଓ ଶ୍ୱେତପର୍ଣ୍ଣା ଭଗିନୀ ଏଠାରେ ଜିତି ଉନ୍ନତ ର୍‍ୟାଙ୍କ ଆଧାରରେ ପ୍ୟାରିସ ଅଲିମ୍ପିକ୍ସକୁ ଯୋଗ୍ୟତା ଅର୍ଜନ କରିବା ଲାଗି ଯେଉଁ ଲକ୍ଷ୍ୟ ରଖିଥିଲେ ତାହା ଏବେ ମଉଳି ଯାଇଛି।


PRINTED & PUBLISHED BY AMIT KUMAR MALLICK FOR 'THE SAKALA' A UNIT OF NANDIGHOSHA NETWORK PRIVATE LIMITED IN ITS PRESS AT IDCO PLOT NO.90 & 91, BHAGABANPUR INDUSTRIAL ESTATE, BHUBANESWAR-751019, DIST: KHORDHA, ODISHA

ସମ୍ପାଦକ: ଉମାକାନ୍ତ ମିଶ୍ର
EDITOR: UMAKANT MISHRA